ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୧/୨୦୨୫ (୧୬ ପୃଷ୍ଠା) Bhubaneswar,
୫୧ଶ ଭାଗ ୫୯ ସଂଖ୍ୟା www.orissakhabar.com/www.dharitri.com | Printed at Bhu

# ସଞ୍ଜୀୟ ରାୟଙ୍କୁ ମୃତ୍ୟୁ ଯାଏ ଜେଲ

**ବହୁଚର୍ଚ୍ଚିତ କୋଲକାତା ଆର୍‌ଜି କର ମେଡିକାଲ କଲେଜ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ମିଳିଛି ଯାବଜ୍ଜୀବନ କାରାଦଣ୍ଡ। ୧୬୩ ଦିନ ପରେ ହୋଇଥିବା ଶୁଣାଣିରେ ସିଆଲଦହ ଅତିରିକ୍ତ ଜିଲା ଦୌରାଜଜ୍ ଅନିର୍ବାଣ ଦାସ ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ୧୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାକୁ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇ ଏହି ଘଟଣାକୁ ବିରଳରୁ ଅତି ବିରଳ ବୋଲି କହି ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ମାଗିଥିଲା। ମାତ୍ର ବିଚାରପତି ଏହା ବିରଳ ନୁହେଁ ବୋଲି ତାଙ୍କ ରାୟରେ ଦର୍ଶାଇଛନ୍ତି। ଏହି ଦଣ୍ଡାଦେଶରେ ପୀଡ଼ିତାଙ୍କ ପରିବାର ଅସନ୍ତୋଷ ପ୍ରକାଶ କରିବା ସହ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ନ ମିଳିବା ପଛରେ ସିବିଆଇର ଦୁର୍ବଳ ଓ ଆନ୍ତରିକତାହୀନ କାର୍ଯ୍ୟଶୈଳୀକୁ ଦାୟୀ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ସିବିଆଇକୁ ଦୋଷାରୋପ କରିଛନ୍ତି।**

**କୋଲକାତା,୨୦।୧(ପି.ଟି.)**

କୋଲକାତାର ଆର୍‌.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ କର୍ତ୍ତବ୍ୟରତ ୩୧ ବର୍ଷୀୟା ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ସଞ୍ଜୟ ରାୟଙ୍କୁ ସିଆଲଦା କୋର୍ଟ ସୋମବାର ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫୦,୦୦୦ ଟଙ୍କା ଜରିମାନା ଭରିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସଞ୍ଜୟଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ସିବିଆଇ ପକ୍ଷରୁ ଦାବି ହୋଇଥିବାବେଳେ ମାମଲା ବିରଳରୁ ବିରଳତମ ବର୍ଗରେ ଆସୁନାହିଁ ବୋଲି ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅନିର୍ବାଣ ଦାସ କହିଛନ୍ତି। ଗତବର୍ଷ ଅଗଷ୍ଟ ୮ ତାରିଖ ବିଳମ୍ବିତ ରାତିରେ ହସ୍ପିଟାଲ ପରିସରରେ ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ନେଇ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇବା ସହ ଡାକ୍ତରଙ୍କ ପରିବାରକୁ ନ୍ୟାୟ ଦାବିରେ ମାସାଧିକ କାଳ ଆନ୍ଦୋଳନ ଚାଲିଥିଲା। ଗତ ଶନିବାର ଅଦାଲତ ସଞ୍ଜୟଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ମୃତା ଡାକ୍ତରଙ୍କ ପରିବାରକୁ କ୍ଷତିପୂରଣ ସ୍ୱରୂପ ୧୭ ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୋଲକାତା ପୋଲିସ ପାଇଁ ସିଭିକ୍ ଭଲ୍ୟୁଣ୍ଟିର ଭାବେ କାର୍ଯ୍ୟ କରୁଥିବା ସଞ୍ଜୟଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତାର ଦଫା ୬୪(ବଳାତ୍କାର), ୬୬(ମୃତ୍ୟୁ ଘଟାଇବା ପାଇଁ ଦଣ୍ଡ' ଏବଂ ୧୦୩(୧)(ହତ୍ୟା) ମାମଲା ରୁଜୁ ହୋଇଥିବାବେଳେ ତାଙ୍କ ବିରୋଧରେ ସମସ୍ତ ଅଭିଯୋଗ ପ୍ରମାଣିତ ହୋଇଥିଲା। ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ସିବିଆଇ ନିବେଦନ କରିଥିବାବେଳେ ପ୍ରତିପକ୍ଷ ଓକିଲ ଜେଲଦଣ୍ଡ ଦିଆଯିବା ସପକ୍ଷରେ କହିଥିଲେ। କାର୍ଯ୍ୟରେ ଥାଇ ହସ୍ପିଟାଲରେ ଡାକ୍ତରଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କ ପରିବାରକୁ କ୍ଷତିପୂରଣ ଦେବା ରାଜ୍ୟ ସରକାରଙ୍କ ଦାୟିତ୍ୱ। ତେଣୁ ଡାକ୍ତରଙ୍କ ମୃତ୍ୟୁ ପାଇଁ ୧୦ ଲକ୍ଷ ଏବଂ ବଳାତ୍କାର ଲାଗି ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ନିମନ୍ତେ ବିଚାରପତି କହିଥିଲେ। ଅପରାଧୀ ଚାହିଁଲେ ରାୟ ବିରୋଧରେ କୋଲକାତା ☞ପୃଷ୍ଠା–୨

**ଆର୍‌.ଜି. କର ମାମଲା**






ସଞ୍ଜୟ ରାୟ

## କୋଲକାତା ପୋଲିସଠାରୁ ମାମଲା ଛଡ଼ାଇ ନିଆଯାଇଥିଲା: ମମତା

**କୋଲକାତା,୨୦।୧**

ଆର୍‌.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରେନି ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣାରେ ଅପରାଧୀ ସଞ୍ଜୟ ରାୟଙ୍କୁ ମୃତ୍ୟୁ ଦଣ୍ଡାଦେଶ ମିଳି ନ ଥିବାରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସମାଲୋଚନା କରିଛନ୍ତି। କୋଲକାତା ପୋଲିସଠାରୁ ଏହି ମାମଲାକୁ ଛଡ଼ାଇ ନିଆଯାଇଥିଲା। ପୋଲିସ ତଦନ୍ତ କରିଥିଲେ, ଅପରାଧୀଙ୍କୁ ନିଶ୍ଚୟ ଫାଶୀଦଣ୍ଡ ମିଳିଥାନ୍ତା ବୋଲି ମମତା କହିଛନ୍ତି। ଅଦାଲତଙ୍କ ରାୟରେ ତୃଣମୂଳ ☞ପୃଷ୍ଠା–୨

SIKSHA 'O' ANUSANDHAN
SAAT-2025

APPROVAL & RECOGNITION

Accredited by NAAC with Grade 'A++' | UGC Graded Autonomy(Category-I) | NBA Accredited | ICAR Accredited | NABL Accredited | NABH Accredited
AICTE Approved | NMC Approved | DCI Approved | PCI Approved | BCI Approved | INC Approved | VCI Approved

PROGRAMMES OFFERED

B.TECH PROGRAMMES
Civil Engineering
Electrical Engineering
Mechanical Engineering
Electrical and Electronics Engineering
Electronics and Communication Engineering
Computer Science and Engineering
Computer Science and Information Technology
Computer Science and Engineering (AI and ML)
Computer Science and Engineering (Cyber Security)
Computer Science and Engineering (Data Science)
Computer Science and Engineering (Internet of Things)

M.TECH PROGRAMMES
Structural Engineering
Electric Vehicle Technology
Machine Design and Robotics
Embedded System and VLSI Design
Computer Science and Engineering

MANAGEMENT PROGRAMMES
BBA
MBA
Integrated MBA
MBA (Hospital Administration)
MBA (Artificial Intelligence and Data Science)

M.Sc. PROGRAMMES
Physics
Chemistry
Mathemetics
Biotechnology
Integrated (M.Sc. Biotechnology)

COMPUTER APPLICATIONS PROGRAMMES
Bachelor of Computer Applications (BCA)
Master of Computer Applications (MCA)

PHARMACEUTICAL PROGRAMMES
B.Pharm.
M.Pharm.

LAW PROGRAMMES
BA LLB (H) - Integrated Law
BBA LLB (H) - Integrated Law
LLB (H) - 3 Years Law
LLM

HOTEL MANAGEMENT PROGRAMMES
BHMCT (Bachelor of Hotel Management & Catering Technology)
MBA (Hospitality Management)

NURSING PROGRAMMES
B.Sc. (Nursing) (Basic)
B.Sc. (Nursing) (Post Basic)
M.Sc. (Nursing)

AGRICULTURAL PROGRAMMES
B.Sc. (H) Agriculture
M.Sc. Agriculture

VETERINARY SCIENCE AND ANIMAL HUSBANDRY PROGRAMME
Bachelor of Veterinary Science & Animal Husbandry (B.V.Sc. & A.H.)

nirf National Institutional Ranking Framework 2024
14th in University Category
26th in Engineering Category
21st in Medical Category
09th in Dental Category
09th in Law Category

QS WORLD UNIVERSITY RANKINGS 2025
64 in QS Southern Asia University Ranking
278 in QS Asia University Ranking
1201- 1400 in QS World University Ranking
Instituion of Happiness
Recognized by QS I-Guage

THE WORLD UNIVERSITY RANKINGS 2024
801-1000 in THE World University Ranking
401- 500 in Engineering Technology
601- 800 in Computer Science
801-1000 in Health Sciences

To apply for admission through SAAT 2025,
Visit: www.soa.ac.in

# ଶିଳ୍ପର ହବ୍ ହେବାକୁ ଯାଉଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ




କୋଣାର୍କଠାରେ ଖଣିମନ୍ତ୍ରୀଙ୍କ ସମ୍ମିଳନୀକୁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି କେନ୍ଦ୍ର ଖଣିମନ୍ତ୍ରୀ ଜି.କିଷାନ ରେଡ୍ଡୀ ଓ ଅନ୍ୟ ଅତିଥିଗଣ।

**ଭୁବନେଶ୍ୱର, ୨୦।୧(ସୁନିତ୍ ମିଶ୍ର)**

କୋଣାର୍କଠାରେ ୨ ଦିନିଆ ଖଣି ମନ୍ତ୍ରୀମାନଙ୍କ ସମ୍ମିଳନୀ ଆରମ୍ଭ ହୋଇଛି। କେନ୍ଦ୍ର ଖଣି ମନ୍ତ୍ରୀ ଜି.କିଷାନ ରେଡ୍ଡୀଙ୍କଠାରୁ ଆରମ୍ଭ କରି ୧୪ଟି ରାଜ୍ୟର ମନ୍ତ୍ରୀମାନେ ଏଠାକୁ ଆସିଛନ୍ତି। ଓଡ଼ିଶାରେ ଖଣିମନ୍ତ୍ରୀମାନଙ୍କ ସମ୍ମିଳନୀ ହେବା ସୌଭାଗ୍ୟର ବିଷୟ। ଓଡ଼ିଶା ଏକ ଖଣିପ୍ରବଣ ରାଜ୍ୟ ଭାବେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଖଣି ସମ୍ମିଳନୀର ଏକ ବଡ଼ ପ୍ରଭାବ ରହିବ। ଓଡ଼ିଶାକୁ କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଉଥିବା ଯୋଗୁ ଏଠାରେ ଖଣି ସମ୍ମିଳନୀ ହେଉଛି। ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଖଣି ଅଧିକ କାର୍ଯ୍ୟକାରୀ ହୋଇପାରିବ, ଏହାଦ୍ୱାରା ଅଧିକ ରାଜସ୍ୱ ଆସିପାରିବ ଏବଂ ରାଜ୍ୟକୁ ଅଧିକ ଶିଳ୍ପ ଆସିବାର ବାଟ ଫିଟିବ। ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆଉ ଗୋଟିଏ ସପ୍ତାହ ପରେ ହେବାକୁ ଥିବା କାରଣରୁ ଏହି ସମ୍ମିଳନୀ ଅଧିକ ପ୍ରଭାବ ରଖିବ। ଇନଭେଷ୍ଟର୍ସମାନେ ଅଧିକ ମାତ୍ରାରେ ଏଠାକୁ ଆସିବେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସବୁଠାରୁ ରିଚେଷ୍ଟ ମାଇନିଂ ଷ୍ଟେଟ ହେଉଛି ଓଡ଼ିଶା। ଆଗାମୀ ଦିନରେ ଏଠାରୁ ଅଧିକ ମାଇନିଂ ଏକ୍ସପୋର୍ଟ ହେବ। ଓଡ଼ିଶା ଏକ ଶିଳ୍ପର ହବ୍ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମାଇନିଂ ସେକ୍ଟର ବିନା ଦେଶର ଅର୍ଥନୀତିର ବିକାଶ ଅସମ୍ଭବ। ବିକଶିତ ଭାରତ ପାଇଁ ମାଇନିଂ ସେକ୍ଟରର ବିକାଶ ହେବା ଜରୁରୀ। କୋଣାର୍କରେ ଆୟୋଜିତ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ଏହା କହିଛନ୍ତି। ସେ କହିଛନ୍ତି, ଦେଶର ଅର୍ଥନୀତିର ବିକାଶ କ୍ଷେତ୍ରରେ ଖଣିର

**■ ବିକଶିତ ଭାରତ ପାଇଁ ମାଇନିଂ ସେକ୍ଟରର ବିକାଶ ହେବା ଜରୁରୀ: କେନ୍ଦ୍ରମନ୍ତ୍ରୀ ରେଡ୍ଡୀ**

ପ୍ରମୁଖ ଭୂମିକା ରହିଛି। କେନ୍ଦ୍ରରେ ଥିବା ନରେନ୍ଦ୍ର ମୋଦି ସରକାର ଆତ୍ମନିର୍ଭର ଭାରତ ଗଠନ ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ସେଥିରେ ଖଣି କ୍ଷେତ୍ରର ସିଂହଭାଗ ଅବଦାନ ରହିଛି। ଖଣିଜ ସମ୍ପତ୍ତି ଉପରେ ଦେଶବାସୀଙ୍କର ଅଧିକାର ରହିଛି। ତେଣୁ ଏହି ସମ୍ପତ୍ତି ଦେଶବାସୀଙ୍କ ବିକାଶ କ୍ଷେତ୍ରରେ ବିନିଯୋଗ ହେବା ଆବଶ୍ୟକ। ଦେଶର ଜିଡିପିରେ କୋଇଲା ଓ ମାଇନିଂ ସେକ୍ଟରର ୨ ପ୍ରତିଶତ ଅବଦାନ ରହିଛି। ଆଗାମୀ ଦିନରେ ଏହାକୁ ୨ ଗୁଣା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବିଦ୍ୟୁତ୍, ଶିଳ୍ପ, ନିର୍ମାଣ, ଅଟୋମୋବାଇଲ, ଷ୍ଟିଲ ସିମେଣ୍ଟ, ଅକ୍ଷୟ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଦେଶର ୭୨% ବିଦ୍ୟୁତ୍ ଉତ୍ପାଦନ କୋଇଲା କ୍ଷେତ୍ରରୁ ଆସିଛି। କୋଇଲା ଉତ୍ପାଦନକୁ ବଢ଼ାଇବାର ଆବଶ୍ୟକତା ରହିଛି। ଗତ ୧୦ ବର୍ଷ ଭିତରେ ଦେଶର କୋଇଲା ଉତ୍ପାଦନ ୭୬ ପ୍ରତିଶତ ବଢ଼ିଛି ବୋଲି ସେ କହିଛନ୍ତି।

ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ କହିଛନ୍ତି, ଦେଶରେ ଇଲେକ୍ଟ୍ରୋନିକ୍ସ, ଗ୍ରୀନ୍ ଏନର୍ଜି ପାଇଁ ଲିଥିୟମ ଓ କପରର ଚାହିଦା ବଢ଼ି ଚାଲିଛି। ଦେଶକୁ କୋଇଲା ଆଉ ଖଣି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ସମସ୍ତଙ୍କର ଦାୟିତ୍ୱ ରହିଛି। ୨୦୧୫ ମସିହା ପୂର୍ବରୁ କାଇଲା ଓ ଖଣି କ୍ଷେତ୍ରରେ ଅନେକ ସମସ୍ୟା ରହିଥିଲା। କୋଇଲା ବ୍ଲକ ଆବଣ୍ଟନ କ୍ଷେତ୍ରରେ ଆଇନଗତ ସମସ୍ୟା ଥିଲା। ରାଜ୍ୟଗୁଡ଼ିକୁ ଠିକ୍ ଭାବେ ରାଜସ୍ୱ ମିଳୁ ନ ଥିଲା। ଖଣି ଲିଜ ନବୀକରଣରେ ମଧ୍ୟ ବିଳମ୍ବ ହେଉଥିଲା। କିନ୍ତୁ କେନ୍ଦ୍ରରେ ଭାଜପା ଶାସନକୁ ଆସିବା ପରେ ସ୍ଥିତି ବଦଳିଛି। କୋଇଲା ଓ ଖଣି କ୍ଷେତ୍ର ଏବେ ଦେଶର ଅର୍ଥ ବ୍ୟବସ୍ଥାର ମଜଭୁତ କ୍ଷେତ୍ରରେ ପରିଣତ ହୋଇଛି। ବର୍ତ୍ତମାନ ସୁଦ୍ଧା ୪୪୨ଟି ଖଣି ବ୍ଲକର ନିଲାମ ହୋଇଛି। ଏଥିଲାଗି ରାଜ୍ୟ ସରକାରଙ୍କୁ ଅତିରିକ୍ତ ରାଜସ୍ୱ ମିଳୁଛି ବୋଲି ସେ କହିଛନ୍ତି। ମନ୍ତ୍ରୀ ରେଡ୍ଡୀ ଆହୁରି କହିଛନ୍ତି, ନିଲାମ ପ୍ରିମିୟମ ଓ ରୟାଲଟି ବାବଦରେ ବର୍ତ୍ତମାନ ସୁଦ୍ଧା ରାଜ୍ୟଗୁଡ଼ିକ ୨ ଲକ୍ଷ ୬୯ ହଜାର କୋଟି ଟଙ୍କାର ରାଜସ୍ୱ ପାଇଛନ୍ତି। ୨୦୦୪ରୁ ୨୦୧୪ ଭିତରେ ରାଜ୍ୟଗୁଡ଼ିକ କିନ୍ତୁ ମାତ୍ର ୫୫ ହଜାର କୋଟି ଟଙ୍କାର ରାଜସ୍ୱ ପାଇଥିଲେ। ଖଣି ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ବିକାଶ ଲାଗି ୨୦୧୫ରେ ସ୍ଥାପିତ ଡିଏମ୍‌ଏଫ ଟ୍ରଷ୍ଟକୁ ୧ ଲକ୍ଷ କୋଟିରୁ ଅଧିକ ଟଙ୍କା ଦିଆଯାଇଛି। କୋଇଲାରୁ ରୟାଲଟି ବାବଦକୁ ରାଜ୍ୟଗୁଡ଼ିକୁ ୩୧ ହଜାର କୋଟି ଟଙ୍କା ଦିଆଯାଇଛି। ଖଣି କାର୍ଯ୍ୟକଳାପ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛି। ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରନ୍ତୁ। ଜଙ୍ଗଲ ପରିବେଶ ଲାଇସେନ୍ସକୁ ମିଶନ ମୋଡରେ ଦିଆଯାଉ। ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଲାଗୁ କରନ୍ତୁ। କ୍ରିଟିକାଲ ମିନେରାଲ ଆମ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଏଥିପାଇଁ କେନ୍ଦ୍ର, ରାଜ୍ୟ ଓ ଘରୋଇ ସଂସ୍ଥା ସମସ୍ତେ ମିଶି କାମ କରିବା ଜରୁରୀ। ବେଆଇନ ଖଣି ଖନନ ରୋକିବା ଆମ ପାଇଁ ଚ୍ୟାଲେଞ୍ଜ। ସେ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହାକୁ ରୋକାଯିବା ଦରକାର। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ କହିଛନ୍ତି।

**ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ମାମଲା**

# ଜବାବ ଦାଖଲ ପାଇଁ ସମୟ ନେଲେ ସରକାର

**କଟକ, ୨୦।୧(କାର୍ତ୍ତିକ ସାହୁ)**

ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟରେ ରୁଜୁ ମାମଲାରେ ଜବାବ ଦାଖଲ ନିମନ୍ତେ ରାଜ୍ୟ ସରକାର ପୁଣି ମହଲତ ନେଇଛନ୍ତି। ସୋମବାର ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ତେବେ ସରକାର ଜବାବ ଦାଖଲ ଲାଗି ଅଧିକ ସମୟ ନେଇଥିବାରୁ ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୧୦ ତାରିଖକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଛି। ପାହାଡ଼ିଆ ଅଞ୍ଚଳରେ ପାହାଡ଼ ଉପରକୁ ଗଲେ ଲୋକେ ପାଣି ଟୋପାଏ ପାଉଛନ୍ତି। କଟକ ସହରରେ ଦେୟ ନେବା ପାଇଁ ପାଣିମିଟର ବସାଇ ଜଳଯୋଗାଣ କରାଯାଉଛି, ହେଲେ ଲୋକେ ଗୋଳିଆପାଣି ପିଉଛନ୍ତି। ଆଗରୁ ତିନି ଓଳି ଜଳଯୋଗାଣ ହେଉଥିବାବେଳେ ଏବେ ଦୁଇ ଓଳି ଜଳ ଯୋଗାଇ ଦିଆଯାଉଛି। ପାନୀୟଜଳ କଷ୍ଟ ଦୂର ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ହାଇକୋର୍ଟ ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଥିଲେ। ରାଜ୍ୟ ସରକାର ଏ ସଂକ୍ରାନ୍ତୀୟ ସିଏଜି ରିପୋର୍ଟ ହାଇକୋର୍ଟରେ ଦାଖଲ କରିସାରିଛନ୍ତି। ମାତ୍ର ସିଏଜି ରିପୋର୍ଟ ରାଜ୍ୟ ବିଧାନସଭାରେ ଉପସ୍ଥାପନ ହୋଇଛି କି ନାହିଁ, ତାହା ଉପରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି, ସେ ସମ୍ପର୍କରେ ହାଇକୋର୍ଟଙ୍କୁ ଜଣାଇବା କଥା। ମାତ୍ର ତାହା କରାଯାଇନାହିଁ। ମୈତ୍ରୀ ସଂସଦ ଓ ଆଉ ୩ ଜଣ ଆବେଦନକାରୀଙ୍କ ପକ୍ଷରୁ ସମାନ ସମସ୍ୟାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆବେଦନକାରୀ ମୈତ୍ରୀ ସଂସଦ ପକ୍ଷରୁ ଆଇନଜୀବୀ ଅଜୟ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ପୀଡ଼ିତାଙ୍କ ଆତ୍ମାହୁତି ଉଦ୍ୟମ, କଲେଜରେ ଭଙ୍ଗାରୁଜା




କଲେଜ ପରିସରରେ ଭଙ୍ଗାରୁଜା, ପୀଡ଼ିତାଙ୍କ ଆତ୍ମାହୁତି ଉଦ୍ୟମ ଓ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ।

**ଯାଜପୁର, ୨୦।୧(ହର୍ଷବର୍ଦ୍ଧନ ବେହେରା)**

**କ୍ଲାସ୍‌ରୁମ୍‌ରେ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମାମଲା**

ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ଏକ କଲେଜର ଜଣେ ଛାତ୍ରୀଙ୍କୁ ଅଧ୍ୟାପକ ଯୌନ ନିର୍ଯାତନା ଦେବା ଏବଂ କ୍ଲାସରୁମ୍‌ରେ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସୋମବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅଭିଯୁକ୍ତ ଅଧ୍ୟାପକ ବିଦ୍ୟାଧର ଧଳ ଏବଂ କଲେଜ ଅଧ୍ୟକ୍ଷଙ୍କୁ ତୁରନ୍ତ ଗିରଫ ଦାବିରେ ଛାତ୍ରୀଛାତ୍ରମାନେ କଲେଜ ଗେଟ୍‌ରେ ତାଲା ପକାଇ ଭଙ୍ଗାରୁଜା କରିଛନ୍ତି। ଏପରି କି ପୀଡ଼ିତା ଛାତ୍ରୀ ତୁରନ୍ତ ନ୍ୟାୟ ଦାବିରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଏବଂ ଛାତ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଘଟଣାକୁ ଚାପି ଦେବାକୁ ଏବଂ ଅଧ୍ୟାପକଙ୍କୁ ସୁରକ୍ଷା ଦେବା ପାଇଁ ସହଯୋଗ କରିଥିବା ଅନ୍ୟମାନଙ୍କ ନାମ ମାମଲାରେ ସାମିଲ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଛାତ୍ରୀଛାତ୍ରମାନେ ସନ୍ଧ୍ୟା ୭ଟା ଯାଏ ନିଜ ଜିଦ୍‌ରେ ଅଟଳ ରହି ଆନ୍ଦୋଳନ ଚଳାଇଥିବାବେଳେ ବରୀ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ବିଡିଓ ମହେଶ୍ୱର ସେଠୀ ଓ ଯାଜପୁର ଏସ୍‌ଡିପିଓ କୈଳାସ ସେଠୀ ଛାତ୍ରୀଛାତ୍ରମାନଙ୍କୁ ବୁଝାଇବାକୁ ଉଦ୍ୟମ କରିଛନ୍ତି। ସନ୍ଧ୍ୟା ୭ଟାରେ ଅତିରିକ୍ତ ଏସ୍‌ପି ଶିତିକଣ୍ଠ କାନୁନ୍‌ଗୋ ପହଞ୍ଚି ଅଭିଯୁକ୍ତମାନଙ୍କୁ ୭ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଘଟଣା ନେଇ ବରୀ ଥାନାରେ ୧୬/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଅଧ୍ୟାପକ ଧଳ ଓ ଅଧ୍ୟକ୍ଷ ଫେରାର ରହିଥିବା ପୋଲିସ କହୁଛି।

ଅଭିଯୋଗ ଅନୁସାରେ, ଗତ ୬ ତାରିଖରେ ଛାତ୍ରୀ ଜଣକ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ କଲେଜକୁ ଯାଇଥିଲେ। ପରୀକ୍ଷା ଚାଲିଥିବା ସମୟରେ ଅଧ୍ୟାପକ ଧଳ ଛାତ୍ରୀଙ୍କ ଫୋନ୍ ମାଗିବା ବାହାନରେ କ୍ଲାସ୍‌ରୁମ୍ ଭିତରେ ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଏହାର ବିରୋଧ କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଠେଲି ତଳେ ପକାଇ ଦେଇଥିଲେ। ଛାତ୍ରୀ ଜଣକ ପାଟି କରିବାରୁ କଲେଜର ପିଅନ ଆସି ଦେଖି କିଛି ନ କହି ଚାଲିଯାଇଥିଲେ। ତେବେ ଦ୍ୱିତୀୟଥର ପାଟି କରିବାରୁ କଲେଜର ପ୍ରଥମ ବର୍ଷର କେତେଜଣ ଛାତ୍ର ଆସିଯିବାରୁ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଛାଡ଼ି ସେଠାରୁ ଚାଲି ଯାଇଥିଲେ। ଏନେଇ ଛାତ୍ରୀ ତାଙ୍କ ମା' ଏବଂ କଲେଜ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏହାପରେ ଅଧ୍ୟାପକ ସିଧାସଳଖ ଧମକ ଦେଇଥିଲେ ଯେ ପରୀକ୍ଷା କଣ୍ଟ୍ରୋଲ ରୁମ୍‌ରେ ତାଙ୍କର ନିଜ ଲୋକ ଅଛନ୍ତି, ତାଙ୍କୁ ପରୀକ୍ଷାରେ ଫେଲ୍ କରାଇଦେବେ। ଏହାବାଦ ସେମାନଙ୍କ କଥା ମାନିଲେ ଅଧିକ ମାର୍କ ଦିଆଯିବ ବୋଲି କଲେଜର ଅଧ୍ୟକ୍ଷ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏହାବାଦ୍ ଘଟଣାକୁ ଚାପିଦେବାକୁ ଛାତ୍ରୀଙ୍କୁ ଅର୍ଥଲୋଭ ମଧ୍ୟ ଦେଖାଇଥିଲେ। ହେଲେ ଛାତ୍ରୀ ଜଣକ ରାଜି ନ ହେବାରୁ ତାଙ୍କୁ ମାନସିକ ନିର୍ଯାତନା ଦେଇ ଭୟଭୀତ କରାଇଥିଲେ ବୋଲି ଅଭିଯୋଗ ହୋଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ ଛାତ୍ରୀଛାତ୍ରମାନେ କଲେଜରେ ଆନ୍ଦୋଳନ କରିବା ସହ ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପୀଡ଼ିତା ଛାତ୍ରୀ ବିଚଳିତ ହୋଇ ପ୍ରଥମେ କଲେଜ ଛାତ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ହେଲେ ଛାତକୁ ସଂଯୋଗ ପାହାଚର କବାଟ ବନ୍ଦ ଥିବାରୁ ସେ ଫେରି ଆସିଥିଲେ। ଏହାପରେ ସେ ନିଜ ସ୍କୁଟିରୁ ପେଟ୍ରୋଲ ଆଣି ତାଙ୍କ ଦେହରେ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ପୋଲିସ ତୁରନ୍ତ ତାଙ୍କୁ କାବୁ କରି ଆତ୍ମାହୁତିରୁ ବିରତ କରିଥିଲେ।

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୧/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, January 21/2025 | Page 16 | ₹ 7.00
୫୧ଶ ଭାଗ ୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 59 ମୂଲ୍ୟ₹୭/-



**ପନ୍ତ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ**
ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ ପାଇଁ ରିଷଭ ପନ୍ତଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଅଧିନାୟକ ମନୋନୀତ କରାଯାଇଛି।
୧୪

୦୬
**ବଲିଉଡ୍‌ରେ ଅଭିନେତ୍ରୀଙ୍କୁ ମିଳେ ଅପ୍ରାସଙ୍ଗିକ ଚରିତ୍ର**
ବଲିଉଡ୍ ଇଣ୍ଡଷ୍ଟ୍ରିର କେତେଜଣ ନାମୀ ନିର୍ଦ୍ଦେଶକଙ୍କ ଚଳଚ୍ଚିତ୍ରରେ ଅଭିନେତ୍ରୀମାନଙ୍କର ଚରିତ୍ର ଅପ୍ରାସଙ୍ଗିକ ରହିଥାଏ ବୋଲି ଅଭିନେତ୍ରୀ କଙ୍ଗନା ରାଣାୱତ କହିଛନ୍ତି।



# ରାଷ୍ଟ୍ରପତି ଟ୍ରମ୍ପ୍ @ ୨.୦

**ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ବିବେଚିତ ହେଉଥିବା ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଜେ ଟ୍ରମ୍ପ୍ ସୋମବାର ଶପଥ ନେଇଛନ୍ତି। ରାଜଧାନୀ ଛାଡ଼ିବାର ୪ ବର୍ଷ ପରେ ସେ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଫେରି ଇତିହାସ ରଚିଛନ୍ତି। ଆମେରିକା ଫାଷ୍ଟ (ଆମେରିକା ଆଗ), ଆପ୍ରବାସନ, ଟିକସ ଏବଂ ଶକ୍ତି ସମେତ ଆମେରିକୀୟ ନୀତିରେ ବ୍ୟାପକ ପରିବର୍ତ୍ତନ କରିବା ଲକ୍ଷ୍ୟ ନେଇ ୭୮ ବର୍ଷୀୟ ରିପବ୍ଲିକାନ୍ ନେତା ଦୃଢ଼ ବ୍ୟକ୍ତିତ୍ୱ ଓ ଦୂରଦୃଷ୍ଟି ରଖି ହ୍ୱାଇଟ୍ ହାଉସ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦ ଜାନୁଆରୀ ୨୦୨୫କୁ ଆମେରିକାର ମୁକ୍ତି ଦିବସ ଭାବେ ଅଭିହିତ କରି ଟ୍ରମ୍ପ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।**

ୱାଶିଂଟନ,୨୦।୧(ପି.ଟି.)

ରାଷ୍ଟ୍ରପତି ଭାବେ ଦୁଇଥର ମହାଭିଯୋଗର ସମ୍ମୁଖୀନ ହେବା ସହ ଆପରାଧିକ ମାମଲାରେ ଦୋଷୀସାବ୍ୟସ୍ତ ଏବଂ ଦୁଇଥର ହତ୍ୟା ଉଦ୍ୟମରୁ ବର୍ତ୍ତିବା ପରେ ଟ୍ରମ୍ପ୍ ଗତ ନଭେମ୍ବର ୫ରେ ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ କମଲା ହାରିସ୍‌ଙ୍କଠାରୁ ବହୁ ଭୋଟ ବ୍ୟବଧାନରେ ବିଜୟ ହାସଲ କରିଥିଲେ। କଡ଼ା ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ତାଙ୍କ ବିଜୟ ଆମେରିକା ରାଜନୈତିକ ଇତିହାସରେ ସ୍ମରଣୀୟ ହୋଇରହିବ।

ପ୍ରବଳ ଶୀତ ଯୋଗୁ କ୍ୟାପିଟୋଲର ରୋଟୁଣ୍ଡାରେ ଇନ୍‌ଡୋର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା, ଯାହାକି ଗତ ୪୦ ବର୍ଷ ମଧ୍ୟରେ ପ୍ରଥମ ଘଟଣା। ସେଠାରେ ଟ୍ରମ୍ପଙ୍କ ସ୍ତ୍ରୀ ମେଲାନିଆ, ଝିଅ ଇଭାଙ୍କା, ଜ୍ୱାଇଁ ଜାରେଡ୍ କୁଶନେର, ବିଶିଷ୍ଟ ବ୍ୟବସାୟୀ ଏଲନ୍ ମସ୍କ, ଜେଫ୍ ବେଜୋସ୍ ଏବଂ ଟିମ୍ କୁକ୍ ଉପସ୍ଥିତ ଥିଲେ। ଦେଶର ବହୁ ବିଶିଷ୍ଟ ନେତା, ବ୍ୟବସାୟୀ, ସେଲିବ୍ରିଟିଙ୍କ ସମେତ ବିଦେଶୀ ନେତାଙ୍କ ଗହଣରେ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବକୁ ବିଶ୍ୱବାସୀ ଦେଖିଛନ୍ତି। ଟ୍ରମ୍ପଙ୍କ ପୂର୍ବରୁ ଜେ.ଡି. ଭାନ୍ସ ଉପରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱତନ୍ତ୍ର ପ୍ରତିନିଧି ଭାବେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଉତ୍ସବରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇ, ଚାଇନା ଉପରାଷ୍ଟ୍ରପତି ହାନ୍ ଝେଙ୍ଗ୍, ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ☞ପୃଷ୍ଠା-୨


ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଜେ ଟ୍ରମ୍ପ୍

**ଡୋନାଲ୍ଡଙ୍କ ନୂଆ ନିଷ୍ପତ୍ତି**
- ଆମେରିକା ଆଗ
- ଗଲ୍ଫ ଅଫ୍ ମେକ୍ସିକୋ ହେବ ଗଲ୍ଫ ଅଫ୍ ଆମେରିକା
- ପାନାମା କେନାଲ ଅକ୍ତିଆର
- କେବଳ ରହିବ ୨ ଲିଙ୍ଗ- ମହିଳା ଓ ପୁରୁଷ
- ବେଆଇନ ସୀମା ଅତିକ୍ରମକାରୀଙ୍କୁ ବିରୋଧ
- ପ୍ରତିଷ୍ଠା ହେବ ଡିପାର୍ଟମେଣ୍ଟ ଅଫ୍ ଗଭର୍ନାନ୍ସ ଏଫିକେସି

ଅଧିକ ରିପୋର୍ଟ: ପୃଷ୍ଠା-୬

## ସେପ୍ଟେମ୍ବର ୧ ସୁଦ୍ଧା ୬ ବର୍ଷ ହୋଇଥିଲେ ପ୍ରଥମ ଶ୍ରେଣୀରେ ନାମଲେଖା

### ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୨୦।୧(ସୁଚିସ୍ମିତା ସାହୁ)

୨୦୨୫-୨୬ ଶିକ୍ଷାବର୍ଷରେ ନାମଲେଖା ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଶିକ୍ଷାବର୍ଷର ସେପ୍ଟେମ୍ବର ୧ ସୁଦ୍ଧା ଶିଶୁର ବୟସ ୬ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ପ୍ରଥମ ଶ୍ରେଣୀରେ ନାମ ଲେଖାଇପାରିବେ ବୋଲି ଉଲ୍ଲେଖ ରହିଛି। ଜାତୀୟ ଶିକ୍ଷା ନୀତି-୨୦୨୦' ଅନୁସାରେ ରାଜ୍ୟ ସରକାର ଏହି ନିୟମକୁ ବାଧ୍ୟତାମୂଳକ କରିଛନ୍ତି। ନିର୍ଦ୍ଧାରିତ ସମୟ ସୁଦ୍ଧା ଶିଶୁଙ୍କୁ ୬ ବର୍ଷ ହୋଇ ନ ଥିଲେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଅନୁମତି ମିଳିବ ନାହିଁ ବୋଲି ☞ପୃଷ୍ଠା-୨

## ବାପାଠାରୁ ଭିନ୍ନେ ପୁଅ ଆବାସ ଯୋଜନା ଲାଗି ଆବେଦନ କରିପାରିବେ

ଭୁବନେଶ୍ୱର,୨୦।୧(ସୁନିତ୍ ମିଶ୍ର)

ବାପାଠାରୁ ଭିନ୍ନେ ହୋଇଥିବା ପୁଅ, ସ୍ୱାମୀଠାରୁ ଅଲଗା ରହୁଥିବା ସ୍ତ୍ରୀ ଏବଂ ଦୁଇଚକିଆ ମୋଟର ଯାନ, ଫ୍ରିଜ୍ ରଖିଥିବା ଓ ୧୫ ହଜାର ପର୍ଯ୍ୟନ୍ତ ଦରମା ପାଉଥିବା ବ୍ୟକ୍ତି ଏଣିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ଆବେଦନ କରିପାରିବେ। ଏଭଳି କିଛି କୋହଳ ମାନଦଣ୍ଡ ସହ ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ପକ୍କାଘର ଯୋଗାଇବାକୁ ସର୍ଭେ ଆରମ୍ଭ କରିବେ। ଆସନ୍ତା ୨୪ରୁ ଏନେଇ ଉଭୟ ଅଫ୍‌ଲାଇନ ଏବଂ ଅନ୍‌ଲାଇନରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ମେଳା ବି ଡିଜି

DSPL-332


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**୩,୫୦୦ ଟଙ୍କାକୁ**
**ସାମାଜିକ ସୁରକ୍ଷା ଭତ୍ତା ବଢ଼ିଲା**
**ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ମୁହଁରେ ହସ ଫୁଟିଲା**

**ଯୋଜନାର ବୈଶିଷ୍ଟ୍ୟ**

**୮୦ ବର୍ଷ ବୟସ ଏବଂ ତଦୂର୍ଦ୍ଧ୍ୱ** ନାଗରିକ ଏବଂ **୮୦%**ରୁ ଅଧିକ ଦିବ୍ୟାଙ୍ଗତା ଥିବା ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତ୍ତା ମଧୁବାବୁ ଭତ୍ତା ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ଭତ୍ତା

**୪ ଲକ୍ଷ ୧୫ ହଜାର**ରୁ ଊର୍ଦ୍ଧ୍ୱ ହିତାଧିକାରୀ ହେବେ ଲାଭାନ୍ୱିତ

**୧୫ ଜାନୁଆରୀ ୨୦୨୫** ରୁ ମିଳିଲା ବର୍ଦ୍ଧିତ ଭତ୍ତା



ssepd.gov.in SSEPD SSEPD2 ssepd_odisha @SSEPDDept

OIPR-46001/13/0031/2425

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୨୦ତମ ବାର୍ଷିକ ଯଜ୍ଞର ଜଳଯାତ୍ରା, ସ୍ଥାନ: ବଙ୍ଗୁଆରୀ ଗ୍ରାମର ମା' ଜାଗୁଳାଇ ଦେବୀଙ୍କ ପୀଠ ସ୍ଥଳୀ, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ଇଲେକ୍ଟ୍ରୋହୋମିଓପାଥିକ ସମ୍ମିଳନୀ, ସ୍ଥାନ: ଭେଟେରିନାରୀ ସାଇନ୍ସ କଲେଜ, ଓୟୁଏଟି, ସମୟ: ସକାଳ ୯ଟା ୩୦।
- ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରିତା ନେଇ ତିନି ଦିନିଆ ଜାତୀୟସ୍ତରୀୟ କର୍ମଶାଳା ଶୁଭାରମ୍ଭ, ସ୍ଥାନ: ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜୟଦେବ କଲେଜର ୩୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନହରକଣ୍ଟାସ୍ଥିତ କଲେଜ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସେବାସଂଘର 'ଅଶୀ ମହୋତ୍ସବ', ସ୍ଥାନ: ଓଡ଼େଶା ଭବନ, ଖାରବେଳନଗର, ସମୟ: ପୂର୍ବାହ୍ନ ୧୧ଟା।
- ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଏମ୍‌ବିଏ ଅଧ୍ୟୟନ ପୁସ୍ତିକା (ଓଡ଼ିଆ)ର ଉନ୍ମୋଚନ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ୱେତପଦ୍ମା ଏକାଦଶ ମଞ୍ଚ ନାଟକ ମେଳା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଜିତ୍ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- ପଞ୍ଚାୟତସ୍ତରୀୟ ଲକ୍ଷପତି ଦିଦି ପ୍ରଶିକ୍ଷଣ ଶିବିର, ସ୍ଥାନ: ବୁଦ୍ଧ ମନ୍ଦିର ପରିସର ବୁଦ୍ଧଜୟନ୍ତୀପୁର, ଜେମାଦେଇପୁର, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ଆଶୁତୋଷ ପଟ୍ଟନାୟକଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ଉଦ୍‌ଯାପନୀ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଗୁରୁଜଙ୍ଗ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ୩୪ ତମ ଏଫ୍‌ଏଫ୍‌ସିଏ ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଫିସାରି ପଡ଼ିଆ, ବାହାବଳପୁର, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୧ଟା।
- ହଳଦୀପଦା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ:ହଳଦୀପଦା ପ୍ରାଣୀ ଚିକିତ୍ସାଳୟ, ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- ଏକ୍ସପୋ ଓଡ଼ିଶା-୨୦୨୫ ଉଦ୍‌ଘାଟନୀ ସନ୍ଧ୍ୟା,ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ୭୪ ତମ ବାର୍ଷିକ ସାର୍ବଜନୀନ ଗଙ୍ଗାମାତା ପୂଜା ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ:ରାତି ୮ଟା।

## କେନ୍ଦୁଝର

- ଗ୍ରାମଦେବତୀ ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ବଡ଼ରମ୍ପାସ ଗୁହାଳଗଡିଆ, ସ୍ଥାନ: ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ରନ ଫର୍ ଏଲିଫାଣ୍ଟ, ସ୍ଥାନ: କେନ୍ଦୁଝର ନଗର ଭବନ, ପଡ଼ିଆ, ସମୟ: ସକାଳ ୭ଟା ୩୦।
- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା, ସ୍ଥାନ: ଓରାଳୀ, ଛେନାପଦି ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମର୍ଚ୍ଚେଗାଁ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଡିଓଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ହାଟଡିହୀ, ସମୟ: ମଧ୍ୟାହ୍ନ ୧୨ଟା।

## ଭଦ୍ରକ

- ସାଂସ୍କୃତିକ ଚୟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବେତଡ଼ାସ୍ଥିତ ମହାବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ମା' ଶୀତଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଓ ଦେବୀ ଦର୍ଶନ, ସ୍ଥାନ:ଜଡ଼ିପାଳ, ବଡ଼ସାହି, ସମୟ: ସକାଳ ୮ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।
- ପୂରବୀ ଓ ନୂପୁର ଅନୁଷ୍ଠାନ ପକ୍ଷରୁ ନାଟ୍ୟ ଉତ୍ସବ, ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ଅପରାହ୍ନ୨ଟା।
- ମକର ମେଳା ଓ ଟୁସୁ ପର୍ବ, ସ୍ଥାନ: ଶାକୁଆ, ବଡ଼ସାହି,ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ

- ଶ୍ରୀ ଅରବିନ୍ଦ ପାଠଚକ୍ର, ସ୍ଥାନ: ଢେଙ୍କାନାଳ ବାରଦା ମାତୃଭବନ, ସମୟ: ସକାଳ ୭ଟା।
- ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସିନ୍‌କ୍ରୋନି-୨୦୨୫ ଉତ୍ସବ, ସ୍ଥାନ-ଢେଙ୍କାନାଳ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ଶ୍ରୀ ବିରଞ୍ଚିନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ ବୁଗୁଡ଼ା, ସମୟ: ସକାଳ ୮ଟା।
- ନିୟୁ ଏରା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଏକ ଘରୋଇ ଟେଲିଭିଜନ ଚ୍ୟାନେଲ ପକ୍ଷରୁ ମହିଳା ସଶକ୍ତୀକରଣ ଉପରେ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଶାରଳା ସ୍ପୋର୍ଟସ କ୍ଲବ ପକ୍ଷରୁ ମାନସ ମେମୋରିଆଲ ଚାଲେଞ୍ଜ କପରେ ଭୁବନେଶ୍ୱରର ଜେ. ସି. କ୍ରିକେଟ ଏକାଡେମୀ ବନାମ ଯାଜପୁର ବାଟମଙ୍ଗଳା ମଧ୍ୟରେ ମୁକାବିଲା, ସ୍ଥାନ: ରଙ୍କାଳ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ମା' ଗଙ୍ଗାମାତାଙ୍କ ପୂଜା ଓ ମେଳା ଉତ୍ସବ, ସ୍ଥାନ: ପାଞ୍ଚଗୋଛିଆ, ସୁନିତି, ମହାକାଳପଡ଼ା, ସମୟ: ସକାଳ ୯ଟା।

## ନୟାଗଡ଼

- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ନବମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଗୋଡ଼ିପଡ଼ାରେ ବ୍ଲକ୍ ପ୍ରତିଷ୍ଠା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମାବେଶ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ମଧ୍ୟାହ୍ନ ୧୨ଟା।
- ପାଣିପୋଇଲାଠାରେ ଚିନିକଳ ପାଇଁ ପଦଯାତ୍ରା, ସ୍ଥାନ:ବାଲୁଗାଁ ଚଣ୍ଡୀ ମନ୍ଦିରଠାରୁ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଗୁଡାରି ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ପୁଟାସିଂ ବ୍ଲକ ଗଠନ ଦାବିରେ ଶୋଭାଯାତ୍ରା ଏବଂ ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଉପ ଜିଲାପାଳ କାର୍ଯ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପରାମର୍ଶ ଶିବିର, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ସାଧାରଣ ସେବା, ନାଗରିକ ଅଧିକାର ସମ୍ପର୍କୀୟ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଦକ୍ଷତା ବିକାଶ ଓ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କୋରାପୁଟ

- ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଲିଯାତ୍ରା ଉପଲକ୍ଷେ ଆଞ୍ଚାମାଳ, ସ୍ଥାନ: କୋଟପାଡ଼ ଶୀତଳା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ରୋଟାରୀ କ୍ଲବ ଗଭର୍ନରଙ୍କ ବଣ୍ଡାଘାଟି ପରିଦର୍ଶନ, ଶୀତ ବସ୍ତ୍ର ବଣ୍ଟନ, ସ୍ଥାନ: ଖଇରପୁଟ, ସମୟ: ଅପରାହ୍ନ ୧ଟା।
- ରୋଟାରୀ ଗଭର୍ନରଙ୍କ ଦ୍ୱାରା ଶାନ୍ତିସ୍ତୁପ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ସହର, ସମୟ: ଅପରାହ୍ନ ୪ଟା ୩୦।
- ରୋଟାରୀ ସିଲେଇ ସେଣ୍ଟର ଉଦ୍‌ଘାଟନ ସ୍ଥାନ: ମାଲକାନଗିରି, ସମୟ: ଅପରାହ୍ନ ୪ଟା ୩୦।

## ସମ୍ବଲପୁର

- ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟର ଅଫତାବ କ୍ଲବ ବନାମ ସହଯୋଗ କ୍ଲବ, ସ୍ଥାନ : ରେଲୱେ ମିନି ଷ୍ଟାଡିୟମ, ସମୟ : ସକାଳ ୯ଟା।
- ସମ୍ବଲପୁର ପୁସ୍ତକ ମେଳା-୨୦୨୫, ସ୍ଥାନ: ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୨ଟା।
- ଓଡ଼ିଆ ଚଳଚ୍ଚିତ୍ର କଣ୍ଠଶିଳ୍ପୀ ଦିପ୍ତିରେଖା ପାଢ଼ୀ ଓ ଦଳଙ୍କ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ହନୁମାନପାଲି, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଲାଳମନି କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗୁଡୁଗୁଡା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଛାତ୍ରୀଛାତ୍ରଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: କଟାପାଲି କଲେଜ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା
- ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ, ସ୍ଥାନ:ଟାଉନ ହଲ, ଖଜୁରଟିକ୍ରା ରୋଡ୍, ବରଗଡ଼,ସମୟ:ଅପରାହ୍ନ ୩ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଗାଇସୀମା, ବରଗଡ଼,ସମୟ: ଅପରାହ୍ନ ୪ଟା।

## ଝାରସୁଗୁଡ଼ା

- ନବ ଦାସ ଫାଉଣ୍ଡେସନ ପକ୍ଷରୁ ୨ୟ ଆଥେଲେଟିକ ମିଟ୍, ସ୍ଥାନ: ଶ୍ରୀପୁରା ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ଆ, ଝାରସୁଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭିକମପାଲି କମ୍ୟୁନିଟି ହଲ, ସମୟ: ଅପରାହ୍ନ: ୩ଟା।

## ରାଉରକେଲା

- ଛେଣ୍ଡ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ରାଲି, ସ୍ଥାନ: ଛେଣ୍ଡ ସାଇନ୍ସ ପାର୍କ ସମ୍ମୁଖ, ସମୟ: ସକାଳ ୯ଟା।
- ରେଳବାଇ ଜିଏମ୍‌ଙ୍କ ରାଉରକେଲା ଗସ୍ତ, ସ୍ଥାନ: ରାଉରକେଲା ରେଳବାଇ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡ଼ା ସଂଘ ପ୍ରତିଯୋଗିତାର ୬ଷ୍ଠ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୨ଟା ୩୦।
- ହକି ଇଣ୍ଡିଆ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୮ଟା ୧୫।

## ଦେବଗଡ଼

- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଉଦ୍‌ଯାପିତ ଅବସରରେ କୃଷି ପାଠଶାଳା, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି, ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ ଘୋଷଣା ଦାବିରେ ଦଣ୍ଡପାଟ ଅଞ୍ଚଳବାସୀଙ୍କ ଶୋଭାଯାତ୍ରା, ସ୍ଥାନ: ଧର୍ମଗଡ଼ ତାଚ୍ଛିଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପରେଡ ପ୍ରସ୍ତୁତି, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୭ଟା ୩୦।

## ବୌଦ୍ଧ

- ମା' ବୁଢୀଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଯଜ୍ଞାରମ୍ଭ, ମଣ୍ଡଳପୂଜା, ସ୍ଥାନ: କାଳେଶ୍ୱର ଗ୍ରାମ, ବୌଦ୍ଧ, ସମୟ: ସକାଳ ୯ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମ ପସରା କୁ ସୁଆଁ ଜାଉ**
**ବିଲେଇ ଦି'ହଳ ଦୁହାଁ ହଉ ।**

ମିଛରେ ବହାଦୁରି କରିବା ବା ବଡ଼ପଣିଆ ଦେଖେଇହେବା କେତେକଙ୍କର ମନ୍ଦଭ୍ୟାସ ହୋଇଥାଏ। ନିଜକୁ ବଢେଇ କରି କଥା କହୁଥିବା ବ୍ୟକ୍ତିର ନିତିଦିନିଆ ଚଳଣି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଢଗ ଚାରିପଦ ଥିଲା କି ନ ଥିଲା**
**କଥା ଚାରିପଦ ଥିଲା,**
**ଯେ ଦିନୁ ଡେଇଁଲି ଏରୁଣ୍ଡିବନ୍ଧ**
**ସବୁ ତ ପାସୋର ଗଲା ।**

ବାପଘରେ ଝିଅଟି ବେଶ ଅଲିଅଳରେ ବଢ଼ିଥାଏ। ବାହା ହୋଇ ଯେତେବେଳେ ଶାଶୁଘରକୁ ବୋହୂ ହୋଇ ଆସେ, ସେତେବେଳେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢିଯାଏ। ସେହିପରି ଘର ସଂସାର କରିବା ଭିତରେ ସେ ବାପଘରର ମଧୁର ସ୍ମୃତିଗୁଡ଼ିକୁ ମଧ୍ୟ ପାସୋରି ଦେଇଥାଏ। ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ପଛ ବା ଅତୀତ କଥା ଭାବିବାକୁ ସମୟ ପାଉ ନ ଥିବା ପରି ବାପଘରୁ କିଛି ଢଗ ଭଳି ଶିକ୍ଷଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ି ରହି ସେ ସବୁ ପାସୋରି ଦେଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିଷ ଦେଇଥିବା ପ୍ରେମିକାଙ୍କୁ ଫାଶୀ ଦଣ୍ଡାଦେଶ

**ଥିରୁଭାନନ୍ତପୁରମ,୨୦।୧**



କେରଳର ଥିରୁଭାନନ୍ତପୁରମର ଅତିରିକ୍ତ ଜିଲା ସେଶନ କୋର୍ଟ ସୋମବାର ଜଣେ ୨୪ ବର୍ଷୀୟା ଯୁବତୀ ଗ୍ରୀଷ୍ମାଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଗ୍ରୀଷ୍ମା ୨ ବର୍ଷ ତଳେ ନିଜ ବୟଫ୍ରେଣ୍ଡ ଶାରୋନ ରାଜ୍‌ଙ୍କୁ ବିଷ ଦେଇ ହତ୍ୟା କରିଥିଲେ। ସପ୍ତାହେ ତଳେ ଥିରୁଭାନନ୍ତପୁରମର ଅତିରିକ୍ତ ଜିଲା ସେଶନ କୋର୍ଟ ଏହି ମାମଲାରେ ଗ୍ରୀଷ୍ମା ଓ ତାଙ୍କ ଦାଦାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଅପରାଧର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଅଦାଲତ ଗ୍ରୀଷ୍ମାଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିବା କହିଛନ୍ତି। ଏହାସହ ଗ୍ରୀଷ୍ମା କେରଳରେ ମୃତ୍ୟୁ ଦଣ୍ଡ ପାଇଥିବାର ସବୁଠୁ କନିଷ୍ଠ ମହିଳା। ତେବେ ଗ୍ରୀଷ୍ମାଙ୍କର ଶିକ୍ଷାଗତ ଯୋଗ୍ୟତା, ପୂର୍ବରୁ କୌଣସି ଆପରାଧିକ ଇତିହାସ ନ ଥିବା ଏବଂ ମା'ବାପାଙ୍କର ଏକମାତ୍ର ଝିଅ ହୋଇଥିବା ଦର୍ଶାଇ ଗ୍ରୀଷ୍ମାଙ୍କୁ କୋହଳ ଦଣ୍ଡାଦେଶ ଦେବାକୁ ତାଙ୍କ ଓକିଲ ଅଦାଲତଙ୍କୁ ଅନୁରୋଧ କରିଥିଲେ। ପ୍ରକାଶ ଯେ, ଗ୍ରୀଷ୍ମାଙ୍କର ବୟଫ୍ରେଣ୍ଡ ଶାରୋନ ଥିରୁଭାନନ୍ତପୁରମ ନିକଟସ୍ଥ ପରସାଲା ଅଞ୍ଚଳରେ ରହୁଥିଲେ। ଉଭୟ ଗ୍ରୀଷ୍ମା ଓ ଶାରୋନ ରିଲେସନ୍‌ସିପରେ ଥିଲେ। ତେବେ ଗ୍ରୀଷ୍ମାଙ୍କର ଅଭିଭାବକ ତାଙ୍କର ବିବାହ ଅନ୍ୟ ଏକ ସ୍ଥାନରେ ଠିକ୍ କରିଥିଲେ। ଗ୍ରୀଷ୍ମା ମଧ୍ୟ ଅଭିଭାବକଙ୍କ ନିଷ୍ପତ୍ତିରେ ରାଜି ହୋଇ ସମ୍ପର୍କ ଶେଷ କରିବାକୁ ଶାରୋନଙ୍କୁ କହିଥିଲେ। ଶାରୋନ ଏଥିରେ ସହମତ ନ ହେବାରୁ ଗ୍ରୀଷ୍ମା ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ୨୦୨୨ ଅକ୍ଟୋବର ୪ରେ ଗ୍ରୀଷ୍ମା ଶାରୋନଙ୍କୁ ନିଜ ଘରକୁ ଡକାଇ ତାଙ୍କୁ ଖାଦ୍ୟରେ ବିଷ ମିଶାଇ ଖାଇବାକୁ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ସଞ୍ଜୟ ରାୟଙ୍କୁ...

ହାଇକୋର୍ଟରେ ଅପିଲ୍ କରିପାରିବେ। ଆବଶ୍ୟକ ହେଲେ ତାଙ୍କୁ ଆଇନଗତ ସହାୟତା ଯୋଗାଇ ଦିଆଯିବ ବୋଲି ବିଚାରପତି କହିଛନ୍ତି। ଦଣ୍ଡ ଶୁଣାଣି ପୂର୍ବରୁ ସଞ୍ଜୟ ଅଦାଲତଙ୍କୁ କହିଥିଲେ, ସେ ନିର୍ଦ୍ଦୋଷ ଏବଂ ତାଙ୍କୁ ଭୁଲ୍‌କ୍ରମେ ଦୋଷୀ ସାବ୍ୟସ୍ତ କରାଯାଇଛି। ଅପରାଧ ନ କରି ତାଙ୍କୁ ଫସାଇ ଦିଆଯାଇଛି। ଅନ୍ୟପକ୍ଷରେ ଦଣ୍ଡ ଘୋଷଣାରେ ଡାକ୍ତରଙ୍କ ପରିବାର ଆଦୌ ସନ୍ତୁଷ୍ଟ ନୁହନ୍ତି। ନ୍ୟାୟ ପାଇଁ ଉଚ୍ଚତର ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି ସେମାନେ କହିଛନ୍ତି। ଅପରାଧୀଙ୍କୁ ଫାଶୀଦଣ୍ଡ ମିଳିବା ଆବଶ୍ୟକ ବୋଲି ମୃତା ଡାକ୍ତରଙ୍କ ମାଆ କହିବା ସହ କ୍ଷତିପୂରଣ ବାବଦ ୧୭ ଲକ୍ଷ ଟଙ୍କା ଗ୍ରହଣ କରିବାକୁ ମନା କରିଦେଇଛନ୍ତି।

## କୋଲକାତା ପୋଲିସଠାରୁ...

କଂଗ୍ରେସ ନେତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆମେ ସମସ୍ତେ ମୃତ୍ୟୁଦଣ୍ଡ ଦାବି କରୁଥିବାବେଳେ ଅଦାଲତ ଆଜୀବନ ଜେଲଦଣ୍ଡ ଦେଲେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ କେବଳ ଜଣେ ବ୍ୟକ୍ତିଙ୍କର ନୁହେଁ ବରଂ ଏକାଧିକ ବ୍ୟକ୍ତିଙ୍କର ସମ୍ପୃକ୍ତି ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ ସୁକାନ୍ତ ମଜୁମଦାର କହିଛନ୍ତି। ଦୋଷୀ ସଞ୍ଜୟ ରାୟଙ୍କୁ ଶିଆଲଦା କୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ଆଜୀବନ ଜେଲଦଣ୍ଡକୁ ସେ ନାପସନ୍ଦ କରିବା ସହ ମାମଲାରେ ବିସ୍ତୃତ ଯାଞ୍ଚ ପାଇଁ ଦାବି କରିଛନ୍ତି।

## ରାଷ୍ଟ୍ରପତି ଟ୍ରମ୍ପ୍...

ମେଲୋନି, ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନ ପ୍ରମୁଖ ଶପଥ ଉତ୍ସବରେ ଯୋଗ ଦେଇଥିଲେ। ଶପଥ ଗ୍ରହଣ ପୂର୍ବରୁ ଟ୍ରମ୍ପ୍ ଦମ୍ପତି ୱାଶିଂଟନ ଡିସିସ୍ଥିତ ସେଣ୍ଟ ଜନ୍ସ ଏପିସ୍କୋପାଲ ଚର୍ଚ୍ଚରେ ପହଞ୍ଚିଥିଲେ। ପରେ ସେ ହ୍ୱାଇଟ୍ ହାଉସ୍ ଯାଇ ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଫାଷ୍ଟ ଲେଡି ଜିଲ୍ ବାଇଡେନ୍‌ଙ୍କୁ ଭେଟିବା ସହ ଟି' ପାର୍ଟିରେ ସାମିଲ ହୋଇଥିଲେ। ଦ୍ୱିତୀୟ ଇନିଂସରେ ଟ୍ରମ୍ପ୍ ସରକାରୀ ଅନୁଷ୍ଠାନଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଆମେରିକାରେ ବେଆଇନ ଅନୁପ୍ରବେଶ ରୋକିବା ପାଇଁ ସେ ପ୍ରତିଜ୍ଞାବଦ୍ଧ ଏବଂ ତୃତୀୟ ବିଶ୍ୱଯୁଦ୍ଧ ହେବାକୁ ଦେବେନି ବୋଲି କହିଛନ୍ତି। ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ଟ୍ରମ୍ପ୍ ତାଙ୍କ ପ୍ରଥମ ଦିନର କାର୍ଯ୍ୟସୂଚୀରେ ୨୦୦ ଏକ୍‌ଜିକ୍ୟୁଟିଭ୍ ଅର୍ଡର ସହ ସୀମା ଏମର୍ଜେନ୍ସି କାର୍ଯ୍ୟକାରୀ କରିବେ ବୋଲି କହିଛନ୍ତି। ଏଥିସହ କ୍ୟାପିଟୋଲ ଆକ୍ରମଣ ଘଟଣାରେ ଅଭିଯୁକ୍ତ ତଥା ଦୋଷୀସାବ୍ୟସ୍ତ ୧,୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କ୍ଷମା ପ୍ରଦାନ କରିବା ଉଲ୍ଲେଖନୀୟ ଘଟଣା ହେବାକୁ ଯାଉଛି। ସମ୍ପୃକ୍ତ ଏକ୍‌ଜିକ୍ୟୁଟିଭ୍ ଅର୍ଡର ମାଧ୍ୟମରେ ଟ୍ରମ୍ପ୍ ଦେଶର ବିଫଳ ତଥା ଦୁର୍ନୀତିଗ୍ରସ୍ତ ରାଜନୈତିକ ସଂସ୍ଥାନଗୁଡ଼ିକରେ ସଂସ୍କାର ଆଣିବେ ବୋଲି କହିଛନ୍ତି। ପ୍ରଥମ ଦିନରେ ଜାତୀୟ ସୀମା ଏମର୍ଜେନ୍ସି ଘୋଷଣା ସମେତ ୫୦ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବ। ଟ୍ରମ୍ପ୍ ପ୍ରଥମ ଦିନରେ ଘରୋଇ ଶକ୍ତି ଉତ୍ପାଦନ, ସଂଘୀୟ ଶ୍ରମଶକ୍ତିରେ ସଂସ୍କାର, ନାଗରିକତ୍ୱ ନୀତି ସମେତ ଅନ୍ୟୁନ ୨୫ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିବାକୁ ଯୋଜନା ରଖିଛନ୍ତି, ଯାହା ଏକ ରେକର୍ଡ ସୃଷ୍ଟି କରିବାକୁ ଯାଉଛି। ସାରା ଦେଶରେ ପରିବର୍ତ୍ତନର ଜୁଆର ଆସିଛି। ଏହି ଯୋଜନାଗୁଡ଼ିକ ଜାତୀୟ ସଫଳତାରେ ଏକ ନୂଆ ଯୁଗର ଅୟମାରମ୍ଭ ବୋଲି ଟ୍ରମ୍ପ୍ କହିଛନ୍ତି।

## ବାପାଠାରୁ ଭିନ୍ନ ପୁଅ...

ଲୋକେ ଆବେଦନ କରିପାରିବେ। ଏନେଇ ୨୪ରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଆବାସ ପୋର୍ଟାଲର ଲଞ୍ଚ କରାଯିବ। ଏହାପରେ ଆଶାୟୀ ହିତାଧିକାରୀ ଅନ୍‌ଲାଇନରେ ସାଇଡ୍ ଖୋଲି କିମ୍ବା ମୋବାଇଲ୍‌ରେ ଆପ୍ ଜରିଆରେ ଆବେଦନ କରିପାରିବେ। ଅଫ୍‌ଲାଇନରେ କରିବାକୁ ଚାହିଁଲେ ପଞ୍ଚାୟତ କିମ୍ବା ବ୍ଲକ ଅଫିସ୍‌କୁ ଯାଇ ଫର୍ମ ଜରିଆରେ ଆବେଦନ କରିପାରିବେ ବୋଲି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଆଗରୁ ଯେପରି ଆବାସ ଘର ଦେବା ଲାଗି ଏକାଧିକ ମାନଦଣ୍ଡ ରଖାଯାଇଥିଲା ଏବେ ସେଥିରେ ବହୁମାତ୍ରାରେ କୋହଳ କରାଯିବ। ବାଇକ୍ କିମ୍ବା ଫ୍ରିଜ୍ ରଖିଥିବା ବ୍ୟକ୍ତି ଏବେ ଆବାସ ଯୋଜନା ଲାଗି ଆବେଦନ କରିପାରିବେ। ମାସିକ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତି ମଧ୍ୟ ଆବେଦନ କରିପାରିବେ। ପୂର୍ବରୁ ଏହା ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି, ଭିନ୍ନକ୍ଷମ, ଭିନ୍ନେ ହୋଇସାରିଥିବା ପୁଅ ଯେଉଁମାନେ ଆବେଦନ କରିବେ ସେମାନଙ୍କୁ ମଧ୍ୟ ସାମିଲ କରାଯିବ। ସର୍ଭେ ୨ ମାସ ମଧ୍ୟରେ ଶେଷ କରାଯିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବ ସରକାର ମାରିଥିବା ବିଜୁ ପକ୍କାଘର ପେଷ୍ଟ ଲୋକଙ୍କ ଘରୁ ଉଠାଯିବ। ଲୋକମାନେ ବିଜୁ ପକ୍କାଘର ପେଷ୍ଟ କାଢ଼ିବାକୁ କହୁଛନ୍ତି। ପୂର୍ବ ସରକାର ମାତ୍ର ୩ ଲକ୍ଷ ୧୨ ହଜାର ଘର ଦେଇଥିଲେ। କେବଳ ବିଜୁ ପକ୍କାଘର ନାଁ ନେଉଥିଲେ। କିନ୍ତୁ ଲୋକମାନଙ୍କ ପାଇଁ ସେମାନଙ୍କର ଜମାବି ଆନ୍ତରିକତା ନ ଥିଲା। ନୂଆ ସରକାର ସବୁ ଯୋଗ୍ୟ ହିତାଧିକାରୀଙ୍କୁ ଘର ଦେବାକୁ ଯୋଜନା କରୁଛନ୍ତି ବୋଲି ମନ୍ତ୍ରୀ ନାଏକ କହିଛନ୍ତି।

## ସେପ୍ଟେମ୍ବର ୧ ସୁଦ୍ଧା...

ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି। ଏଥିସହ ଆସନ୍ତା ଶିକ୍ଷାବର୍ଷରୁ ସବୁ ପ୍ରାଥମିକ ସ୍କୁଲରେ 'ଶିଶୁ ବାଟିକା' ଖୋଲାଯିବ। ଏଠାରେ ୫ରୁ ୬ ବର୍ଷ ବୟସର ପିଲାଙ୍କୁ 'ପ୍ରି ସ୍କୁଲ ଶିକ୍ଷା'ରେ ନାମ ଲେଖାଇବାର ସୁଯୋଗ ମିଳିବ। ଆସନ୍ତା ଶିକ୍ଷାବର୍ଷରୁ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ନୂଆ ଜାତୀୟ ଶିକ୍ଷାନୀତି ଲାଗୁ ହେଉଥିବାରୁ ସରକାର ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କାର୍ଯ୍ୟକାରୀ କରିଛନ୍ତି ବୋଲି କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରବି ସ୍ୱନକ୍ଷତ୍ରସ୍ଥ ହୋଇ କର୍ମସ୍ଥାନରେ ଅବସ୍ଥାନ କରିଥିବାରୁ ପ୍ରଶାସନିକ ସ୍ତରରେ ଦୃଢ଼ ସିଦ୍ଧାନ୍ତ ନେବେ। ପାରିବାରିକ ସମସ୍ୟା, ଯାନବାହନରେ ସମସ୍ୟାର ସମାଧାନ ହୋଇଯିବ। ମାଲିମକଦ୍ଦମା କ୍ଷେତ୍ରରେ ମନରେ ସଂଶୟ ଉତ୍ପନ୍ନ ହୋଇପାରେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ବୃଷ**
ସ୍ୱସ୍ଥାନହନ୍ତା ବୃହସ୍ପତି ଧନସ୍ଥାନରେ ଥିବାରୁ ଆଜିର ଯାତ୍ରା ସକାଶେ ଆର୍ଥିକ ପରିସ୍ଥିତି ସମସ୍ୟା ସୃଷ୍ଟି କରିପାରେ। ମାଙ୍ଗଳିକ କାମ ସକାଶେ ବନ୍ଧୁଙ୍କ ସହ ଆଲୋଚନାରେ ସମୟ କାଟିବେ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ହେତୁ ମନ ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ସାମ୍ବାଦିକତା ଦିଗରୁ ଶୁଭଫଳ ପାଇବେ।

**ମିଥୁନ**
ବୃହସ୍ପତି କ୍ଷେତ୍ରରୁ ବୁଧ ନିଜ ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ଭଲ ରହିବ। ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବା ହେତୁ କାର୍ଯ୍ୟ ସାଧନ କରିବା ସହଜସାଧ୍ୟ ହେବ। ଜମିଜମା କାରବାର, ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବା ସୂଚନା ରହିଛି। ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ ନିଜର ପ୍ରତିଦ୍ୱନ୍ଦ୍ୱୀ ସହ ଟକ୍କର ଦେଇ ଚାଲିବାକୁ ପଡ଼ିପାରେ।

**କର୍କଟ**
ନିଜ ରାଶିକୁ ଚନ୍ଦ୍ର ଦୃଷ୍ଟି ଦେଉଥିବାରୁ କର୍ମକ୍ଷେତ୍ର ଓ ପାରିବାରିକ ଜୀବନର ଜଟିଳତାରୁ ଦୂରେଇ ରହିପାରିବେ। ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବାରୁ ଅନ୍ୟ ଉପରେ ନିର୍ଭରକରିବେ। ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ହଡ଼ବଡ଼େଇଯିବା ସୂଚନା ରହିଛି। ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବେ।

**ସିଂହ**
ଶୁକ୍ର ଓ ଶନିଙ୍କ ଦୃଷ୍ଟି ରାଶି ପ୍ରତି ରହିଥିବାରୁ ବହୁ ଦିନରୁ ଦେଖି ନ ଥିବା ବନ୍ଧୁଙ୍କୁ ଦେଖିବା ସକାଶେ ମନ ଛଟପଟ ହେବ। ପରିସ୍ଥିତିରେ ପଡ଼ି ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବାରେ ଅବହେଳା କରିପାରନ୍ତି। କେତେକ ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଅନ୍ୟର ସାହାଯ୍ୟ ନେବେ। ଶିଳ୍ପ, ବାଣିଜ୍ୟ, ସଭାସମିତି ପ୍ରଭୃତିରେ ସମସ୍ୟା ଦୂରହେବ।

**କନ୍ୟା**
ନିକଟ ସମ୍ପର୍କୀୟମାନଙ୍କଠାରୁ ଶୁଭ ଖବର ଶୁଣି ଖୁସି ହେବେ। ରାହୁଙ୍କ ପ୍ରଭାବରୁ ସକାଳୁ ସକାଳୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ଶନି କ୍ଷେତ୍ରରେ ଶୁକ୍ର ଥିବାରୁ ଧର୍ମାନୁଷ୍ଠାନ କିମ୍ବା ସାଙ୍ଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି। ନୂତନ ବସ୍ତ୍ର ଓ ଆଳଙ୍କାରିକ ଜିନିଷ କ୍ରୟକରିବା ସକାଶେ ମନ ବଳାଇବେ।

**ତୁଳା**
ଚନ୍ଦ୍ର ଶିଥିଳ ଗ୍ରହଙ୍କ କ୍ଷେତ୍ରରେ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ କାମ ଡେରିରେ ହେଉଥିବାରୁ ମନ ଭଲ ଲାଗିବ ନାହିଁ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ବିଶ୍ୱସ୍ତବ୍ୟକ୍ତି ନିକଟରୁ ଆସ୍ଥା ହରାଇପାରନ୍ତି। ସଭାସମିତିରେ ଗୁରୁଜନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଘର ସାହସଜ୍ଜା କିମ୍ବା ମରାମତି କାମରେ ସମୟ କଟିବ।

**ବିଛା**
ବୁଧଙ୍କ ପ୍ରଭାବରୁ ନିଜର ଚିନ୍ତାଧାରା ଅନୁଯାୟୀ କାମ ହାସଲ ହେବାରେ ବ୍ୟତିକ୍ରମ ପରିଲକ୍ଷିତ ହେବ। କିନ୍ତୁ ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରିପାରନ୍ତି। ବିବାଦୀୟ ପରିସ୍ଥିତିରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ**
କର୍ମକ୍ଷେତ୍ରରେ ଚନ୍ଦ୍ର ଓ କେତୁ ହେତୁ ବିଭିନ୍ନ ସମସ୍ୟା କାରଣରୁ ମାନସିକ ସ୍ଥିତି ବିଗିଡ଼ିଯିବ। ବୁଝାମଣା ଅଭାବରୁ ଭଲ କଥା କହିଲେ ମଧ୍ୟ ବନ୍ଧୁ ଅସ୍ୱୀକାର କରିପାରନ୍ତି। ନିଜର ଲୋକଟି ଅନ୍ୟ ଦ୍ୱାରା ପ୍ରଭାବିତହୋଇ ଆପଣଙ୍କୁ ପ୍ରତାରିତ କରିପାରେ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବେ।

**ମକର**
ଅଷ୍ଟମାଧିପତି ରବିଙ୍କ ଯୋଗୁ କର୍ମକ୍ଷେତ୍ରରେ ଅଯଥା କଳହରୁ ଦୂରେଇ ରହିବା ଭଲ ହେବ। ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ଉଚ୍ଚବର୍ଗଙ୍କ ସହାୟତା ଲାଭକରି ସ୍ଥିରତା ଫେରିପାଇବେ। ନିଜ କୃତ କର୍ମର ପରିଣାମ ସ୍ୱରୂପ ଲୋକମାନଙ୍କ ଉପରୁ ଆସ୍ଥା ହରାଇପାରନ୍ତି।

**କୁମ୍ଭ**
ସ୍ୱରାଶିସ୍ଥ ଶନି ହେତୁ ଆଜିର କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବେ। ଅନ୍ୟମାନଙ୍କ ଭଲ କରିବାକୁ ଯାଇ ବିନା କାରଣରେ କଳହକୁ ନିୟନ୍ତ୍ରଣ କରିବେ। ହଠାତ୍ କୌଣସି ସ୍ଥାନକୁ ଯିବାକୁ ମନସ୍ଥକରି ବାଟରୁ ଫେରିଆସିବେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବେ।

**ମୀନ**
ବଳହୀନ ମଙ୍ଗଳ ଯୋଗୁ ଅର୍ଥନୈତିକ ପରିସ୍ଥିତି ବିଗିଡ଼ିଯିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହ ଯୁକ୍ତିତର୍କଜନିତ ବିବାଦୀୟ ପରିସ୍ଥିତି ସୃଷ୍ଟିହେବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ଖାଲରେ ପକାଇବାକୁ ଚେଷ୍ଟାକରି ବିଫଳ ହେବେ। ପାରିବାରିକ କ୍ଷେତ୍ରରେ ଲାଗି ରହିଥିବା ଅସଙ୍ଗତି ଦୂରେଇବାରେ ସମର୍ଥ ହେବେ।

ଆଜି ଜାନୁଆରୀ ୨୧ ତାରିଖ, ମାଘ କୃଷ୍ଣପକ୍ଷର ସପ୍ତମୀଯୁକ୍ତ ଅଷ୍ଟମୀ ମଙ୍ଗଳବାର, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମତିଥି, ଶ୍ରୀରାମକୃଷ୍ଣ ବିବେକାନନ୍ଦ ମିଶନ ଓ ମଠରେ ଉତ୍ସବ। ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ.୧୦।୦୩ ଗତେ ତୁଳା ଚନ୍ଦ୍ର, ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ.୦୯।୧୨ ଗତେ, ଘ.୧୦।୫୧ ମଧ୍ୟେ, ଘ.୦୧।୦୪ ଗତେ, ଘ.୦୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୪୩ ଗତେ, ଘ.୦୪।୦୫ ମଧ୍ୟେ ରାହୁକାଳ।




# ବଜେଟ ଖର୍ଚ୍ଚ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

## ମନ୍ତ୍ରୀ ପରିଷଦ ବୈଠକ

**ଭୁବନେଶ୍ୱର, ୨୦।୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ସନ୍ଧ୍ୟାରେ ଖାରବେଳ ଭବନଠାରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ସମସ୍ତ ବିଭାଗର ମନ୍ତ୍ରୀମାନଙ୍କ ଉପସ୍ଥିତିରେ ବିଭାଗଗୁଡ଼ିକର କାର୍ଯ୍ୟ ସମୀକ୍ଷା କରିଛନ୍ତି। ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଜନାଭିମୁଖୀ କାର୍ଯ୍ୟକ୍ରମଗୁଡିକୁ ବ୍ୟାପକ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବଜେଟ ୨୦୨୪-୨୫ ମୁତାବକ ଅଦ୍ୟାବଧି ହୋଇଥିବା ଖର୍ଚ୍ଚ ଉପରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି। ଯେଉଁସବୁ ବିଭାଗରେ ଅଦ୍ୟାବଧି ଖର୍ଚ୍ଚ କମ୍ ହୋଇଛି, ସେହିସବୁ ବିଭାଗକୁ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ସମସ୍ତ ବିଭାଗକୁ ମଧ୍ୟ ଅନୁରୂପ ଭାବେ ଆଗାମୀ ବଜେଟ ପୂର୍ବରୁ ଧାର୍ଯ୍ୟଲକ୍ଷ୍ୟ ଅନୁସାରେ କାର୍ଯ୍ୟ କରି ଖର୍ଚ୍ଚ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମିର ଉନ୍ନତି, ସାମାଜିକ ସୁରକ୍ଷା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ତରଫରୁ ରାସ୍ତା ଓ ସେତୁ ନିର୍ମାଣର ଅଗ୍ରଗତି ସହ ଓଡ଼ିଶାରେ ଜାତୀୟ ରାଜପଥର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରାଯାଇଛି। କୃଷି ବିଭାଗ ତରଫରୁ ଶୀତଳ ଭଣ୍ଡାର ଖୋଲାଯିବା ନେଇ ଆଲୋଚନା କରାଯାଇଛି। ବିଦ୍ୟାଳୟ ଉନ୍ନତୀକରଣ, ଜଳସମ୍ପଦ ବିଭାଗ ପ୍ରକଳ୍ପଗୁଡିକର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି। ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ହିତାଧିକାରୀଙ୍କୁ ଅର୍ଥ ପ୍ରେରଣ ସହିତ ଆଗାମୀ ୨ୟ କିସ୍ତି ପ୍ରଦାନ ସମ୍ପର୍କିତ ଆଲୋଚନା କରାଯାଇଛି। ଆହୁରି ମଧ୍ୟ ପୋଲିସ ସେବା ସୁଦୃଢ଼ୀକରଣକୁ ଗୁରୁତ୍ୱ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ ସଚିବମାନଙ୍କୁ ନୂଆ ନୂଆ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇ କହିଛନ୍ତି, ଅନେକ ବିଭାଗ ଭଲ କାମ କରିଛନ୍ତି। ମୋଟାମୋଟି ଭାବେ କାର୍ଯ୍ୟ ଓ ଖର୍ଚ୍ଚ ଠିକ୍ ଚାଲିଛି। ସମସ୍ତେ ବିଭାଗ ପ୍ରତି ଯତ୍ନବାନ ହେବା ଜରୁରୀ। ଆସନ୍ତା ୨ ମାସ ମଧ୍ୟରେ ବଜେଟ ପୂର୍ବରୁ ବିଭାଗଗୁଡ଼ିକ ଶତପ୍ରତିଶତ ଖର୍ଚ୍ଚ ଲକ୍ଷ୍ୟ ହାସଲ ପ୍ରୟାସ କରିବାକୁ କହିଛନ୍ତି। ଚିରାଚରିତ ଢାଞ୍ଚାରୁ ବାହାରି ନିଜ ନିଜ ବିଭାଗରେ ଦୀର୍ଘ ସୂତ୍ରୀ ଏବଂ ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିକଶିତ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ପାଇଁ ୩ ଲକ୍ଷ ୨୦ ହଜାର ପ୍ରସ୍ତାବ ଆସିଛି। ଆମେ ସେଥିରୁ ଭଲ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉତ୍କର୍ଷ ଓଡ଼ିଶା ଆୟୋଜନ ଏବଂ ଓଡ଼ିଶାରେ ପୁଞ୍ଜିନିବେଶ ପ୍ରତିଶ୍ରୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ନିଜ ନିଜର ବିଭାଗକୁ ଶକ୍ତିଶାଳୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହ ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ସମସ୍ତ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

# ସରକାରୀ ଚାକିରିଆ ହାତେଇଛନ୍ତି ରାଶନ କାର୍ଡ

**ଭୁବନେଶ୍ୱର, ୨୦।୧(ସୁନିତ୍ ମିଶ୍ର)**

ସରକାରୀ ଚାକିରି କରିଥିବା ଅଫିସର ମଧ୍ୟ ରାଶନ କାର୍ଡ ହାତେଇଥିବା ଏବେ ସାମ୍ନାକୁ ଆସିଛି। ଇ-କେୱାଇସି ବ୍ୟବସ୍ଥା ଲାଗୁ ହେବା ପରେ ଏସବୁ କଥା ସାମ୍ନାକୁ ଆସିଛି। ବହୁ ସରକାରୀ ଚାକିରିଆ ନିଜେ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କଣ୍ଟ୍ରୋଲ ଚାଉଳ ଏବଂ ଗହମ ନେଉଛନ୍ତି। ଏହି ସରକାରୀ ହିତାଧିକାରୀମାନଙ୍କ ମଧ୍ୟରେ ବହୁ ଇଞ୍ଜିନିୟର, ଡାକ୍ତର, ଅଧ୍ୟାପକ, ଜିଏସ୍‌ଟି ଅଫିସର ଏବଂ ନର୍ସମାନେ ରହିଛନ୍ତି। ବାଲିଆପାଳ ବ୍ଲକର ରାଶନ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମରୁ ମିଳିଥିବା ତଥ୍ୟ ଅନୁଯାୟୀ ୧୬୫ ସରକାରୀ ଚାକିରିଆ ଘରକୁ ରାଶନ ସାମଗ୍ରୀ ନେଉଛନ୍ତି। ଏନେଇ ତଦନ୍ତ କରିବା ଲାଗି ଜିଲାପାଳଙ୍କୁ ବିଭାଗୀୟ ସଚିବ ଚିଠି କରିଛନ୍ତି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, ସରକାରୀ ଚାକିରି କରିଥିବା କିମ୍ବା ଆୟକରଦାତା ହୋଇଥିବା, ଯେଉଁମାନେ ରାଶନ କାର୍ଡ ହାତେଇଛନ୍ତି ସେମାନଙ୍କୁ କାର୍ଡ ଫେରାଇଦେବାକୁ ଅପିଲ୍ କରାଯାଉଛି। ଇ-କେୱାଇସି ଜରିଆରେ ପ୍ରତ୍ୟେକ ଜିଲାରୁ ଲକ୍ଷାଧିକ ଅଯୋଗ୍ୟ ହିତାଧିକାରୀ ଧରାପଡୁଛନ୍ତି। ସେମାନଙ୍କ ଠାରୁ ରାଶନ କାର୍ଡ ଫେରାଇ ନେବାକୁ ଅପିଲ୍ କରାଯାଉଛି। ଇ-କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେନେଇ ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।






ଆଧାତ୍ମିକ ଦୃଷ୍ଟିରୁ ଦେଖିଲେ- ଗୋଟିଏ ଦେଶର ଗୁରୁତ୍ୱ ବା ମହତ୍ତ୍ୱ ତା'ର ଆକାରର ବିରାଟତ୍ୱ ଉପରେ କିମ୍ବା ତା'ର ବଳ, କ୍ଷମତାଦି ଉପରେ କିମ୍ବା ଅନ୍ୟ ଦେଶଗୁଡିକ ଉପରେ, ତା'ର ପ୍ରଭୁତ୍ୱ ଉପରେ ମଧ୍ୟ ନିର୍ଭର କରେ ନାହିଁ। କିନ୍ତୁ ଏହା ନିର୍ଭର କରେ- ସେ ଦେଶ କେତେଦୂର ସତ୍ୟ ଆଡକୁ ଉନ୍ମୁଖ ଓ ସତ୍ୟକୁ ପ୍ରକାଶ କରିବାରେ ସକ୍ଷମ ତା'ରି ଉପରେ।-ଶ୍ରୀମା



# ମେଳା ବି ଡିଜି

ଉତ୍ତରପ୍ରଦେଶ ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭମେଳାର ସେକ୍ଟର ୧୯ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୧୮ଟି ତମ୍ବୁ ପୋଡ଼ି ପାଉଁଶ ହୋଇଯାଇଛି। ଦେଖିବାକୁ ଗଲେ ଏହି ଘଟଣାକୁ ଏକ ମାରାତ୍ମକ ଘଟଣା ବୋଲି କହିହେବ ନାହିଁ। କିନ୍ତୁ ଆବଶ୍ୟକତାଠାରୁ ଅଧିକ ପ୍ରଚାର ହୋଇଛି ଏହି ନିଆଁ ଲାଗିବା ଘଟଣା, କାରଣ ମନେହେଉଥିଲା ଯେପରି ସବୁଆଡୁ ସୁରକ୍ଷାର ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାରୁ କୌଣସି ଦୁର୍ଘଟଣା ଘଟିବାକୁ ଦିଆଯିବ ନାହିଁ। ଏହି ବିରାଟକାୟ ଡ୍ରାମା ପଛରେ ସରକାରଙ୍କର ସିଧାସଳଖ ସମର୍ଥନ ରହିଥିବାରୁ ସୁରକ୍ଷା ବ୍ୟବସ୍ଥା ଶହେ ପ୍ରତିଶତ ସଫଳ ହେବ ବୋଲି ବିଶ୍ୱାସ କରାଯାଉଥିଲା। କିନ୍ତୁ ତାହା ନ ହୋଇଲା ଯୋଗୁ ଆଜି ଏତେ ପରିମାଣରେ ପ୍ରଚାର କରାଯାଉଛି। ସୂଚନାଯୋଗ୍ୟ ଯେ, ମହାକୁମ୍ଭ ସ୍ଥଳୀକୁ ୨୫ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଏଲ୍‌ପିଜି ବିସ୍ଫୋରଣରୁ ସେକ୍ଟର ୧୯ରେ ଏହି ନିଆଁ ଲାଗିଥିବା ସରକାରୀ ଭାବେ କୁହାଯାଇଛି। ଦେଖିବାକୁ ଗଲେ କୁମ୍ଭମେଳାରେ ଏମିତି ଏକ ବଡ଼ ଧରଣର ଘଟଣା ଘଟିଲା ବୋଲି ତାହା ପଦାକୁ ଆସିଲା। କିନ୍ତୁ ଅନେକ ଛୋଟ ଘଟଣା ଘଟୁଥିବ, ଯାହା ପଦାକୁ ଆସିପାରୁ ନାହିଁ। ଉଲ୍ଲେଖନୀୟ ଯେ, ୧୪୪ ବର୍ଷ ଅର୍ଥାତ୍ ୧୨ କୁମ୍ଭଚକ୍ର ପରେ ପଡ଼ିଥିବା ଏହି ମହାକୁମ୍ଭ ଜାନୁଆରୀ ୧୩ରୁ ଆରମ୍ଭ ହୋଇ ଫେବୃଆରୀ ୨୬ ପର୍ଯ୍ୟନ୍ତ ଚାଲିବ। ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ଲାଗି ଉତ୍ତରପ୍ରଦେଶ ରାଜ୍ୟ ସରକାର ଏହି ମେଳା ସକାଶେ ୬,୪୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ୧୦ ହଜାର ଏକର ଜମିରେ ସୁସଜ୍ଜିତ ଏହି ମେଳାରେ ୫୦ଲକ୍ଷରୁ ୧ କୋଟି ସାଧୁସନ୍ଥ ଏବଂ ଅନ୍ୟ ଶ୍ରଦ୍ଧାଳୁମାନେ ରହିବାର ବ୍ୟବସ୍ଥା କରାଯାଇଛି। ବାସ୍ତବରେ ଏତେବଡ଼ ମେଳାରେ ଅନେକ ଲୋକଙ୍କର ସମାଗମ କରି ସରକାର ସେଥିରେ ପ୍ରଚାରକୁ ବଡ଼ ବୋଲି ଭାବିଛନ୍ତି। କୁମ୍ଭମେଳାକୁ ଭାଜପାଶାସିତ ରାଜ୍ୟମାନେ ଲୋକ ଭର୍ତ୍ତିକରି ବସ୍ ପଠାଉଛନ୍ତି। ଏହା ବ୍ୟତୀତ ଦେଶର ପର୍ଯ୍ୟଟନ ବିଭାଗ ମଧ୍ୟ ସବୁ ରାଜ୍ୟରୁ ପ୍ରୟାଗରାଜକୁ ବିମାନ ଚଳାଚଳ ବ୍ୟବସ୍ଥା କରିବା ସହ ଭାରତୀୟ ରେଳପଥ ୧୦,୦୦୦ ନିୟମିତ ଟ୍ରେନ୍ ଓ ୩,୦୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରିଛି। ଏହିସବୁ ବନ୍ଦୋବସ୍ତ ସାଧାରଣ ଯାତାୟାତ ଉପରେ ନିଶ୍ଚିତ ଭାବେ କୁପ୍ରଭାବ ପକାଉଛି। ଅନ୍ୟ କୌଣସି କାର୍ଯ୍ୟ ସିଦ୍ଧ ହେଉ କି ନ ହେଉ କରଦାତାଙ୍କ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଛି। ସେମାନେ ଜାଣୁ ନାହାନ୍ତି ଯେ, କେତେ ଖର୍ଚ୍ଚ କରାଗଲା। ଯଦି କିଏ କହୁଥାଏ କେବଳ ଉତ୍ତରପ୍ରଦେଶ ଜନସାଧାରଣଙ୍କ ଅର୍ଥ ଖର୍ଚ୍ଚ କରାଯାଉଛି, ତେବେ ତାହା ସମ୍ପୂର୍ଣ୍ଣ ଭ୍ରାନ୍ତ। କାରଣ ସବୁ ରାଜ୍ୟକୁ କେନ୍ଦ୍ର ଅର୍ଥ ଦେଇଥାଏ। ସବୁ ରାଜ୍ୟର ଆଭ୍ୟନ୍ତରୀଣ ଟିକସ ମଧ୍ୟ ରହିଥାଏ। ସେଥିପାଇଁ କୁମ୍ଭମେଳାର ବନ୍ଦୋବସ୍ତରେ କେବଳ ଉତ୍ତରପ୍ରଦେଶ ଅର୍ଥ ଖର୍ଚ୍ଚ କରୁଛି ତାହା ନୁହେଁ, ସେଥିରେ ସମ୍ପୂର୍ଣ୍ଣ ଭାରତୀୟ କରଦାତାଙ୍କ ଅର୍ଥ ଲାଗିଛି।

**ମେଳାରେ ଏକ ବଡ଼ ବିଷୟ ହେଉଛି ବିଦେଶରେ ରହୁଥିବା ଭାରତୀୟଙ୍କ ଉପସ୍ଥିତି। ଆମେରିକା, ଇଂଲଣ୍ଡ ଆଦି ଦେଶରୁ ଅନେକ ଏନ୍‌ଆର୍‌ଆଇ ମହାକୁମ୍ଭକୁ ଆସିଥିବା ବିଷୟକୁ ବଡ଼ କରି ପ୍ରଚାର କରାଯାଉଛି। ପ୍ରକୃତରେ ଏନ୍‌ଆର୍‌ଆଇମାନେ କିଏ ତାହା ମଧ୍ୟ ଦେଶବାସୀ ସଚେତନ ହେବା ଦରକାର।**

ମହାକୁମ୍ଭ ଆରମ୍ଭ ବେଳେ କୁହାଯାଉଥିଲା, ଏହି ବିରାଟକାୟ ମେଳାରେ କୌଣସି ବିଚ୍ୟୁତି ଘଟିବ ନାହିଁ। ମହାକୁମ୍ଭକୁ 'ଡିଜି କୁମ୍ଭ'ରେ ପରିଣତ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ସହାୟତାରେ ବି ଏକ ଆପ୍ ଆରମ୍ଭ କରାଯାଇଥିଲା। ଏହାସହ ମେଳାରେ ୪୫,୦୦୦ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। କିନ୍ତୁ ୧୮ଟି ତମ୍ବୁ ପୋଡ଼ି ପାଉଁଶ ହୋଇଯିବା ଘଟଣା ମହାକୁମ୍ଭର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆମେ ଆଶା କରିବା ଯେ, ମେଳାରେ ଆଉ ଆଗକୁ ଏମିତି କୌଣସି ଅଘଟଣ ନ ଘଟୁ ଏବଂ ତୀର୍ଥଯାତ୍ରୀମାନେ ସମ୍ପୂର୍ଣ୍ଣ ସୁରକ୍ଷିତ ରୁହନ୍ତୁ। ଏହାସହ ମେଳାରେ ଏକ ବଡ଼ ବିଷୟ ହେଉଛି ଏନ୍‌ଆର୍‌ଆଇ ଅର୍ଥାତ୍ ବିଦେଶରେ ରହୁଥିବା ଭାରତୀୟମାନଙ୍କ ଉପସ୍ଥିତି। ଆମେରିକା, ଇଂଲଣ୍ଡ ଆଦି ଦେଶରୁ ଅନେକ ଏନ୍‌ଆର୍‌ଆଇ ମହାକୁମ୍ଭକୁ ଆସିଥିବା ବିଷୟକୁ ବଡ଼ କରି ପ୍ରଚାର କରାଯାଉଛି। ପ୍ରକୃତରେ ଏନ୍‌ଆର୍‌ଆଇମାନେ କିଏ ତାହା ମଧ୍ୟ ଦେଶବାସୀ ସଚେତନ ହେବା ଦରକାର। ଭାରତୀୟ କରଦାତାଙ୍କ ଅର୍ଥରେ ସୃଷ୍ଟି କରାଯାଇଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି), ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (ଏଆଇଆଇଏମ୍‌ଏସ୍) ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ଆଜି ବିଶ୍ୱସ୍ତରୀୟ ହେବା ପଛରେ କେବଳ ଛାତ୍ରୀଛାତ୍ରଙ୍କର ନୁହେଁ, ଏହି ଦେଶର ପ୍ରତ୍ୟେକ ନାଗରିକଙ୍କ ଝାଳବୁହା ଅର୍ଥ ସେହିସବୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଗଢ଼ିତୋଳିବା ପାଇଁ ଖର୍ଚ୍ଚ କରାଯାଇଛି। ସେଠାରେ ପଢୁଥିବା ଛାତ୍ରୀଛାତ୍ର ଦେଶର କାମରେ ଆସିବା ପରିବର୍ତ୍ତେ ତାଙ୍କର ନିଜର ଯୌବନରେ ବିଦେଶ ପଳାଇଥିଲେ। ସ୍ୱଇଚ୍ଛାରେ ଯାଇଥିବାରୁ ସେମାନଙ୍କର ନୂଆ ମାତୃଭୂମି ପାଇଁ ନିୟୋଜିତ ହୋଇଗଲେ। ଏବେ ଯେତେବେଳେ ବୟସ ବଢୁଛି ସେତେବେଳେ ସେମାନଙ୍କର ଧର୍ମ ମନେପଡ଼ିବା ସହିତ ଘରକୁ ଫେରିବାର ଇଚ୍ଛା ମୁଣ୍ଡ ଟେକୁଛି, ଯାହା କୁମ୍ଭରେ ଲକ୍ଷ୍ୟ କରାଯାଉଛି। ସେହିଭଳି ନାଗରିକ ଭାରତର ପ୍ରଗତିରେ ଅଂଶୀଦାରି ହୋଇପାରିବେ କି ନାହିଁ କହିବା କଷ୍ଟକର। କିନ୍ତୁ ବୋଝ ନିଶ୍ଚିତ ଭାବେ ହେବେ।

# ଦକ୍ଷତା ବିକାଶରେ ପାଠାଗାର



ଲୋକନାଥ ପଣ୍ଡା

ନିକଟରେ ପ୍ରାଥମିକ ଶିକ୍ଷକଙ୍କ ନିମନ୍ତେ ପାଠାଗାରର ବ୍ୟବହାର ସମ୍ପର୍କରେ ଏକ ତାଲିମରେ ଯୋଗଦାନ କରିବାର ସୁଯୋଗ ପାଇଥିଲି। ତାଲିମ ଥିଲା ବିଦ୍ୟାଳୟରେ ପାଠାଗାରର ସୃଜନାତ୍ମକ ବ୍ୟବହାରକୁ ନେଇ। ତାଲିମ ପୂର୍ବରୁ ମୋର ଧାରଣା ଥିଲା, ଲାଇବ୍ରେରୀକୁ ନେଇ ଏକ ତାଲିମର ଆବଶ୍ୟକତା କ'ଣ? ଲାଇବ୍ରେରୀକୁ ନେଇ ତ କେବଳ ପୁସ୍ତକ ପଠନ, ପୁସ୍ତକ ତାଲିକା, ପୁସ୍ତକ ସମୀକ୍ଷା, ପୁସ୍ତକ ସମ୍ପର୍କରେ ଆଲୋଚନା ଇତ୍ୟାଦି। ହଁ ଅନେକ ବିଦ୍ୟାଳୟରେ ମାତୃଭାଷା ଆଧାରିତ ବହୁଭାଷୀୟ ଶିକ୍ଷା ବ୍ୟବସ୍ଥାରେ ଶ୍ରେଣୀଗୃହରେ ଭାଷାର ବିକାଶକୁ ନେଇ ଅନେକ ପୁସ୍ତକ ଟଙ୍ଗା ହେବା ଏବଂ ପିଲାଏ ଏହାକୁ ନେଇ ଆଗ୍ରହର ସହିତ ପଠନ କରିବାର ଦେଖୁଥିଲି। ଲାଇବ୍ରେରୀ ବହି ପଠନ, ସଜ୍ଜୀକରଣରେ ମୋର ଧାରଣା ସୀମିତ ଥିଲା। କିନ୍ତୁ ଲାଇବ୍ରେରୀ ମାଧ୍ୟମରେ ପିଲାଙ୍କ ଭିତରେ କଳା, ସୌନ୍ଦର୍ଯ୍ୟ, ସୃଜନାତ୍ମକ ଭାବନା ସୃଷ୍ଟି କରାଯାଇପାଇବ, ଏ ସମ୍ପର୍କରେ ପୂର୍ବରୁ ମୋର ଧାରଣା କମ୍ ଥିଲା।

ତାଲିମ କେନ୍ଦ୍ରଟି ଭ୍ରାମ୍ୟମାଣ ଲାଇବ୍ରେରୀ ଭାବରେ ସଜ୍ଜାଯାଇଥିଲା। ଜଣେ ଅନୁଭବ କରୁଥିଲା ସେ ଏକ ସୃଜନଶୀଳ ପାଠାଗାର ମଧ୍ୟରେ ରହିଛି। ସେଠାରେ ଜଙ୍ଗଲକୁ ନେଇ ଥିବା ପୁସ୍ତକଗୁଡ଼ିକୁ ରଖାଯାଇଥିଲା। ଏକ କୋଣରେ ପରିବାର ସମ୍ବନ୍ଧୀୟ ପୁସ୍ତକଗୁଡ଼ିକୁ ରଖାଯାଇଥିଲା। ଜୀବନ କାହାଣୀକୁ ନେଇ ଥିବା ପୁସ୍ତକଗୁଡ଼ିକୁ ସଜ୍ଜା ଯାଇଥିଲା। ଗଣିତକୁ ନେଇ କିଛି ପୁସ୍ତକ ରହିଥିଲା ଏବଂ ସେଠାରେ ଗଣିତ ସମ୍ବନ୍ଧୀୟ ସାମଗ୍ରୀ ଯଥା ଗୋଲି, କାଠି, ମାଳି ଆଦି ବିଭିନ୍ନ ରଙ୍ଗବେରଙ୍ଗର ସାମଗ୍ରୀ ସ୍ଥାନ ପାଇଥିଲା। ପୁସ୍ତକକୁ ନେଇ ପୁସ୍ତକ ସମ୍ପର୍କରେ ସୂଚନା, ବିଷୟକୁ ଆଧାରକରି ପୁସ୍ତକ ଖୋଜ, ଚିତ୍ରକୁ ଆଧାର କରି କାହାଣୀ ରଚନା କର, କବିତାକୁ ଆଧାର କରି ଚିତ୍ର ପରିକଳ୍ପନା କର, ବିଷୟକୁ ଆଧାର କରି କାହାଣୀ ଗଢ଼ିବା ଆଦି ଛୋଟ ପିଲାଙ୍କୁ ନେଇ କିପରି ଆଗ୍ରହର ସହିତ ବାନ୍ଧି ରହିବେ, ସେହିଭଳି କିଛି ଗତିବିଧି ସ୍ଥାନ ପାଇଥିଲା। ଝୋଟବ୍ୟାଗ୍‌ରେ ସୁନ୍ଦରଭାବରେ ପୁସ୍ତକଗୁଡ଼ିକ ସାଜସଜ୍ଜା ହୋଇ ଶୋଭା ପାଉଥିଲା। ଏହି ତାଲିମରେ ଅନୁଭବ କରୁଥିଲି ଯେ, ତାଲିମଦାତା ପାଠାଗାର ମାଧ୍ୟମରେ ଜଣେ କୁନି ଲେଖକ, କବି, ଗାଳ୍ପିକ, କାହାଣୀ ଲେଖକ, ଆତ୍ମଜୀବନୀ ଲେଖକ ଭାବରେ ନିଜ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିପାରୁଥିଲା।

ପ୍ରାଥମିକ ସ୍ତରରେ ପାଠାଗାରର ଭୂମିକା ହେଉ କିମ୍ବା ପାଠାଗାରରେ ଥିବା ବହିକୁ ନେଇ କିପରି ଅନେକ ଗତିବିଧି କରାଯାଇପାରେ, ତାହାକୁ ସେହି ତାଲିମ ମାଧ୍ୟମରେ ଅନୁଧ୍ୟାନ କରୁଥିଲି। ପିଲାଙ୍କ ମନରେ ପୁସ୍ତକ ପ୍ରତି କିପରି ଆଗ୍ରହ ସୃଷ୍ଟି କରାଯାଇପାରିବ, ଶିଶୁଟିକୁ ଚିତ୍ର ମାଧ୍ୟମରେ କିପରି ସକ୍ରିୟାତ୍ମକ ଭାବରେ ସଂପୃକ୍ତି କରାଇ ଶିଶୁଟି ପ୍ରତି ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରାଯାଇପାରିବ, ତାହା ହୃଦ୍‌ବୋଧ କରୁଥିଲି। କେବଳ ଲାଇବ୍ରେରୀରେ ପୁସ୍ତକ ନୁହେଁ, କବିତା, ଚିତ୍ରାଙ୍କନ, ପୁସ୍ତକ ସମ୍ପର୍କରେ ଚର୍ଚ୍ଚା, ପୁସ୍ତକକୁ ନେଇ କୁଇଜ କରିବା, ବିଷୟକୁ ଆଧାରକରି ପୁସ୍ତକ ଖୋଜିବା, ମଜା ଖେଳ, ପାଠାଗାରରେ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ କିପରି ସୃଜନାତ୍ମକ ଗତିବିଧି କରାଯାଇପାରେ, ତାହାକୁ ଅନୁଭବ କରୁଥିଲି।



ପଠନ ଦକ୍ଷତା ବୃଦ୍ଧି ନିମନ୍ତେ ଲାଇବ୍ରେରୀ ହେଉ କିମ୍ବା ଶ୍ରେଣୀଗୃହରେ ଆମେ ଯଦି ପ୍ରିଣ୍ଟିଂ ବା ମୁଦ୍ରଣ ସାମଗ୍ରୀର ଉପଲବ୍ଧିକୁ ନଜରକୁ ନେବା, ତେବେ ଅନୁଭବ କରିବା ଯେ ଯେଉଁ ଶିଶୁଟି ସହରରେ ବଢୁଛି, ନିଜର ମାତାପିତା, ଘରେ ଯଦି କିଛି ବ୍ୟକ୍ତିଙ୍କ ପଠନର ଅଭ୍ୟାସ ରହିଛି, ତେବେ ସେ ବହି ସମ୍ପର୍କରେ ତାହାର ଧାରଣା ସ୍ୱତଃପ୍ରବୃତ୍ତ ଭାବରେ ଗଢ଼ିଉଠୁଛି। କିନ୍ତୁ ଯଦି ଗ୍ରାମାଞ୍ଚଳ ହୋଇଥିବ ଏବଂ ଯଦି ପରିବାରରେ ପୂର୍ବରୁ ବିଶେଷ ଭାବରେ ପାଠୁଆବର୍ଗ ଥାଇପାରନ୍ତି କିନ୍ତୁ ପଠନ ପ୍ରତି ନିରନ୍ତର ଅଭ୍ୟାସ ନ ଥିବ, ତେବେ ପିଲାଙ୍କ ମଧ୍ୟରେ ପଠନ ସାମଗ୍ରୀ ଉପରେ ବିଶେଷ ଅନୁଭୂତି ପାଇ ନ ଥିବ।

ବର୍ତ୍ତମାନ ସ୍ଥିତିରେ ଦେଖିବାକୁ ଗଲେ, ସହରାଞ୍ଚଳରେ ପ୍ରତ୍ୟେକ ଶିଶୁ ପଠନ ସାମଗ୍ରୀ ହେଉ କିମ୍ବା ଲିଖନ ପଠନ ପାଇଁ ଅନେକ ପ୍ରକାର ପରିବେଶ ପାଉଛନ୍ତି। ଅଧିକାଂଶ ବିଦ୍ୟାଳୟକୁ ଗଲେ ଆଜିକାଲି କାନ୍ଥବାଡ଼ରେ ଲେଖା, ପଠନ ସାମଗ୍ରୀ, ଅଭ୍ୟାସ ସାମଗ୍ରୀ ରହିଛି। ଗ୍ରାମୀଣ କ୍ଷେତ୍ରରେ ଯଦି ଆମେ ଦେଖିବା, ତେବେ ମଧ୍ୟ ରହିଛି କିନ୍ତୁ ଯଦି ଅଧିକ ଅପହଞ୍ଚ ଅଞ୍ଚଳ ହୋଇଛି, ତେବେ ସେଠାରେ ଶିକ୍ଷଣ ସାମଗ୍ରୀ ପାଇବା କଷ୍ଟକର କିମ୍ବା ଉଇ ହେଉ କିମ୍ବା ଅନ୍ୟ କୌଣସି କାରଣ ହେତୁ ତାହା ନଷ୍ଟ ହୋଇଯାଇଥିବ।

ପ୍ରାଥମିକ ସ୍ତରରେ ଶିଶୁଙ୍କୁ ଶିକ୍ଷା ଦୀକ୍ଷାରେ ଆଗ୍ରହ ସୃଷ୍ଟି କରିବା ଏବଂ ଶିଶୁଙ୍କୁ ମନଲାଖି ହେଲାଭଳି ଶିକ୍ଷଣ ସାମଗ୍ରୀ ଯୋଗାଇବା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଶ୍ରେଣୀଗୃହରେ ଗଣିତକୁ ନେଇ ଗଣିତକୋଣ, ଭାଷାକୁ ନେଇ ଭାଷାକୋଣ, ପରିବେଶକୋଣ ଆଦି ଆଜିକାଲି ଅନେକ ବିଦ୍ୟାଳୟରେ ଥିବାର ଦେଖାଯାଉଛି। ଅନେକ ବିଦ୍ୟାଳୟରେ ଲାଇବ୍ରେରୀ ପୁସ୍ତକ ମଧ୍ୟ ଗଚ୍ଛିତ ହୋଇଛି ଏବଂ କେତେକ ବିଦ୍ୟାଳୟରେ ଲାଇବ୍ରେରୀ ନିମନ୍ତେ ଶନିବାର ଦିନ ଶିଶୁମାନଙ୍କୁ ପଠନ କରିବା ପାଇଁ ପୁସ୍ତକ ଦିଆଯାଉଛି। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶିଶୁଟି ବିଦ୍ୟାଳୟକୁ ନିଜର ବୋଲି ଭାବିବ, ନିର୍ଭୟରେ ଶିକ୍ଷଣ ସାମଗ୍ରୀକୁ ବ୍ୟବହାର କରିବ, ପୁସ୍ତକକୁ ସେ ବିନା ଦ୍ୱିଧାରେ ଓ ବିନା ଭୟରେ ଓଲଟାଇବ।

ଅନେକ ସମୟରେ ଶିକ୍ଷକଙ୍କ ଧାରଣା ଯେ ଶିଶୁ ସମସ୍ତ ଅକ୍ଷର, ମାତ୍ରା, ଯୁକ୍ତାକ୍ଷର ପଢ଼ିଲା ପରେ ଏବଂ ହାଇସ୍କୁଲ ସ୍ତରକୁ ଗଲାବେଳେ ପୁସ୍ତକ ଦେବା ଦରକାର। ଅନେକ ପରିବାର ନିଜର ପାଠପଢ଼ା ବହି ବ୍ୟତୀତ ଅନ୍ୟ ବହି ଦେଇ ନ ଥାନ୍ତି। କିନ୍ତୁ ବର୍ତ୍ତମାନ ଲାଇବ୍ରେରୀକୁ ଅନେକ ପୁସ୍ତକ ଦିଆଯାଉଛି। ପୁସ୍ତକକୁ ନେଇ ଉଚ୍ଚ ସ୍ୱରରେ ପଠନ ମାଧ୍ୟମରେ ଅଭ୍ୟାସ କରାଯାଇପାରେ। ଶିଶୁମାନଙ୍କୁ ପୁସ୍ତକକୁ ଦେଖି ଚିତ୍ର କରିବାକୁ ଦିଆଯାଇପାରେ, ଶିଶୁମାନଙ୍କୁ ନେଇ ବିଭିନ୍ନ ରଙ୍ଗର ପୁସ୍ତକ ସମ୍ପର୍କରେ ଆଲୋଚନା କରାଯାଇପାରେ। ଛୋଟ ଛୋଟ କବିତାକୁ ନେଇ ଚିତ୍ର କରାଯାଇପାରେ। ଚିତ୍ରକୁ ନେଇ କବିତା ରଚନା କରାଯାଇପାରେ। ବୟସ ଆଧାରକୁ ନେଇ ଶିଶୁଙ୍କ ନିମନ୍ତେ ବିଭିନ୍ନ ଗତିବିଧି ବା କାର୍ଯ୍ୟକ୍ରମ କରାଯାଇପାରେ। କିନ୍ତୁ ଏଥିରେ ଶିକ୍ଷକଙ୍କ ସହଯୋଗୀର ଭୂମିକା ରହିବା ଦରକାର। ଶିଶୁଟି ସହିତ ଶିକ୍ଷକଙ୍କ ସହଯୋଗୀ ଓ ସଖାର ଭାବ ରହିବା ଦରକାର!

କିଛିଦିନ ତଳେ ରାୟଗଡ଼ା ଜିଲାର ବିଷମକଟକ ବ୍ଲକର ସାହାଡ଼ା ଅଞ୍ଚଳକୁ ଯାଇ କିଛି ପ୍ରାଥମିକ ସ୍ତରର ଶିଶୁଙ୍କ ସହ ପୁସ୍ତକ ପଠନ ନେଇ ପଚାରୁଥିଲି, କିଛି ଶିଶୁ ଆଗ୍ରହରେ କହିଥିଲେ ମୁଁ ଚାରୋଟି ପୁସ୍ତକ ପଢ଼ିଛି, କିଏ ତିନୋଟି ପୁସ୍ତକ ପଢ଼ିଛି, ଲାଇବ୍ରେରୀ କମିଟି ଗଠନ କରିଛୁ ଏହିଭଳି ଆଗ୍ରହର ସହିତ ଅନେକ କଥା। ବଡ଼କଥା ହେଲା ଶିଶୁମାନେ ପୁସ୍ତକର ନାମ, ପୁସ୍ତକର କାହାଣୀର ସାରାଂଶ କହିଦେଉଥିଲେ। କଥା ହେଉଛି ଯଦି ବିଦ୍ୟାଳୟକୁ ସକ୍ରିୟ କରିପାରିବା, ତେବେ ନିଶ୍ଚିତ ଭାବରେ ସେସବୁ ଚଳଚଞ୍ଚଳ ହୋଇପାରିବ। ବିଦ୍ୟାଳୟରେ ପାଠାଗାରକୁ ସକ୍ରିୟ କରିବା ହେଉ, ଶିକ୍ଷଣ ସାମଗ୍ରୀଗୁଡ଼ିକ ଜୀବନ୍ତ କରିବା ଏବଂ ଏହାକୁ ବ୍ୟବହାର କରିବା ହେଉ, ବିଦ୍ୟାଳୟରେ ଶିଶୁକେନ୍ଦ୍ରୀକ ଶିକ୍ଷାଦାନ କାର୍ଯ୍ୟକ୍ରମ ହେଉ, ଯଦି ଏଭଳି କିଛି ଚାଲେ, ନିଶ୍ଚୟ ଆମ ଶିଶୁମାନେ ହସିବେ, ବିଦ୍ୟାଳୟଗୁଡ଼ିକ ମଧ୍ୟ ହସିବ। ବିଦ୍ୟାଳୟ ହସିଲେ ଗାଁ ହସିବ, ପରିବେଶ ହସିବ, ଆଉ ଗାଁ ବିଦ୍ୟାଳୟ ହେଉ କିମ୍ବା ଗାଁହେଉ ଖାଁ ଖାଁ ଲାଗିବ ନାହିଁ! ଏଥିପାଇଁ ଆମର ମନୋବୃତ୍ତିଟିଏ ଦରକାର! ଶିକ୍ଷକଟିଏ ସୃଜନଶୀଳ ହେଲେ ସମାଜର ବିକାଶରେ କେଉଁ ପ୍ରଭାବ ପ୍ରଭାବ ପଡ଼ିଥାଏ, ତାହା ମଧ୍ୟ ଭାବୁଥିଲି!

**ଚତୁର୍ଥ ଗଳି, ରାଣୀଗୁଡ଼ା, ରାୟଗଡ଼ା**
**ମୋ:୯୪୩୮୦୮୧୪୩୦**

# ଦୟାର ଦୟନୀୟ ଅବସ୍ଥା



ଶ୍ରୀବତ୍ସ ନାୟକ

ଯେଉଁ ନଦୀଜଳରେ କପିଳମୁନି ସ୍ନାନକରିବା ସହ ତପସ୍ୟାକରି ମୋକ୍ଷପ୍ରାପ୍ତି ହୋଇଥିଲେ, ଉକ୍ତ ନଦୀରେ ଅବଗାହନକରି ପଞ୍ଚପାଣ୍ଡବ ପାପମୁକ୍ତ ହୋଇଥିଲେ ଏବଂ ଯେଉଁ ନଦୀ ଦିନେ ଦୟାପରବଶ ହୋଇ କଳିଙ୍ଗ ଯୁଦ୍ଧରେ ନିହତ ଲୋକଙ୍କୁ କୋଳେଇନେଇ ନିଜେ ରକ୍ତରଞ୍ଜିତ ହୋଇଥିଲା, ଯେଉଁ ନଦୀ ମଗଧର କ୍ରୂର ରାଜା ଭାବେ ପରିଚିତ 'ଚଣ୍ଡାଶୋକ'ଙ୍କୁ 'ଧର୍ମାଶୋକ'ରେ ପରିଣତ କରିଥିଲା, ତାହା ହେଉଛି ଦୟା ନଦୀ। ଐତିହାସିକ ଓ ପୌରାଣିକ ଦୃଷ୍ଟିକୋଣରୁ ଦେଖିଲେ ଓଡ଼ିଶାର ଦୟାନଦୀ ହେଉଛି ଏକ ପୁରାତନ ଏବଂ ପବିତ୍ର ନଦୀ। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଦୟା ନଦୀର ପବିତ୍ରତା ହ୍ରାସ ପାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦୟା ନଦୀର ଅବସ୍ଥା ଦୟନୀୟ ହୋଇପଡ଼ିଛି।

ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ୨୦୨୩ରେ ପ୍ରକାଶିତ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଓଡ଼ିଶାରେ ୯୪,୦୨୫ଟି ପୋଖରୀ, ୭୮,୦୬୭ଟି ଟାଙ୍କି, ୬୭୯ଟି ହ୍ରଦ/କେନାଲ, ୧୬୦୬ଟି ରିଜରଭୟରରେ ମଧୁରଜଳ ଗଚ୍ଛିତ ରହିଛି। ତା' ସହ ସମୁଦାୟ ୨୪,୮୭୩ କି.ମି. ଦୈର୍ଘ୍ୟ ବ୍ୟାପୀ ନଦୀଗୁଡ଼ିକରେ ମଧୁରଜଳ ପ୍ରବାହିତ ହେଉଛି ଏବଂ ବାର୍ଷିକ ହାରାହାରି ୧୨୦୦ମି.ମି. ବୃଷ୍ଟିପାତ ଯୋଗୁ ଓଡ଼ିଶାକୁ ଏକ ଜଳ ସମୃଦ୍ଧ ରାଜ୍ୟ ଭାବେ ପରିଗଣିତ କରାଯାଉଛି। ଏ ସବୁ ସତ୍ତ୍ୱେ ମଧ୍ୟ ପ୍ରଦୂଷଣ କାରଣରୁ ଗଚ୍ଛିତ ଓ ପ୍ରବାହିତ ଜଳ ଆମର ଉପଯୋଗୀ ହୋଇପାରୁନାହିଁ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ତଥ୍ୟ ଅନୁସାରେ ଭାରତରେ ଯେଉଁ ୩୫୧ଟି ନଦୀ ମାତ୍ରାଧିକ ପ୍ରଦୂଷିତ ତନ୍ମଧ୍ୟରୁ ଦୟା ସମେତ ଓଡ଼ିଶାରେ ୧୯ଟି ନଦୀ ଅନ୍ତର୍ଭୁକ୍ତ।

ଦୟା ନଦୀ କୁଆଖାଇ ନଦୀର ଏକ ଶାଖା ନଦୀ। ଦଧୀଚି ମୁନିଙ୍କ ନାମରୁ ଏହି ନଦୀର ନାମ 'ଦୟା' ହୋଇଛି। ଏହାର ପ୍ରାଚୀନ ନାମ ଦଧିଭଦ୍ରାରୁ ଅପଭ୍ରଷ୍ଟ ହୋଇ 'ଦଧିଆ' ପରେ 'ଦହିଆ' ଓ ତା' ପରେ 'ଦୟା' ନାମ ହୋଇଛି। ଏହା ଭୁବନେଶ୍ୱର ଉପକଣ୍ଠ ସରଦେଇପୁରଠାରୁ ବାହାରି ଧଉଳି, ଡେଲାଙ୍ଗ, ତିରିମଲ, ଘୋରଡ଼ିଆ, ତ୍ରିଲୋଚନପୁର, କଣାସ, ଜଙ୍କିଆ, ବସନ୍ତପୁର, ଗଡ଼ିଶାଗୋଡା ପ୍ରଭୃତି ଅଞ୍ଚଳ ଦେଇ ଦୀର୍ଘ ୪୦ କି.ମି. ଅତିକ୍ରମକରି ଚିଲିକାରେ ମିଶିଛି। ସାରା ଭୁବନେଶ୍ୱର, ଡେଲାଙ୍ଗ ଓ କଣାସ ଅଞ୍ଚଳର ପାଖାପାଖି ୪ଲକ୍ଷ ଲୋକ ଏହି ନଦୀ ଉପରେ ନିର୍ଭରଶୀଳ। ୧୨୦୦ ହେକ୍ଟର ଚାଷଜମି ନିମନ୍ତେ ତଥା ୮୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ପିଇବା ପାଣି ପାଇଁ ଏହି ନଦୀ ଓ ଏହାର ଶାଖା ନଦୀ ଉପରେ ନିର୍ଭର କରିଥାନ୍ତି। ଏହାର ଉପକୂଳରେ ପାଣିଟାଙ୍କି କରି ପାଇପ ଯୋଗେ ଅନେକ ଅଞ୍ଚଳକୁ ମଧ୍ୟ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଦେଖିବାକୁ ଗଲେ ଏହି ନଦୀ ଲୋକମାନଙ୍କର ଜୀବନ ରେଖା ପାଲଟିଯାଇଛି। ଏହା ଭୁବନେଶ୍ୱର ଦେଇ ପ୍ରବାହିତ ହେଉଥିବାରୁ ସାରା ସହରର ଦୂଷିତ ଜଳ ଓ ପଦାର୍ଥ ଗଙ୍ଗୁଆ ନାଳରେ ପିପିଲି ନିକଟବର୍ତ୍ତୀ କଣ୍ଟି କାଜ ଦେଇ ସିଧାସଳଖ ଦୟା ନଦୀକୁ ପ୍ରବେଶକରି ତା'ର ଜଳକୁ ପ୍ରଦୂଷିତ କରୁଛି। ଏକଦା ଦେଶର ୧ ନମ୍ବର ସ୍ମାର୍ଟ ସିଟି ଭାବେ ପରିଗଣିତ ହେଉଥିବା ଭୁବନେଶ୍ୱର ସହରରେ ବର୍ଜ୍ୟଜଳ ବିଶୋଧନ ପ୍ରକଳ୍ପ ନ ଥିବାରୁ ଗତ ୧ ଦଶନ୍ଧି ଧରି ନଦୀଜଳର ପ୍ରଦୂଷଣ ବଢ଼ିବାରେ ଲାଗିଛି। ସହରରେ ଥିବା ଶିଳ୍ପସଂସ୍ଥା, ମଞ୍ଚେଶ୍ୱର ଓ ରସୁଲଗଡ଼ ଶିଳ୍ପାଞ୍ଚଳରୁ ବାହାରୁଥିବା ବିଷାକ୍ତ ଜଳ ତଥା ଡାକ୍ତରଖାନାରୁ ବାହାରୁଥିବା ଅଳିଆ ଆବର୍ଜନା, ଘରୋଇ ଅଳିଆ ଆଦି ନଦୀ ଜଳରେ ମିଶୁଛି। ଫଳରେ ଜଳରେ ଥିବା ଅମ୍ଳଜାନର ପରିମାଣ ହ୍ରାସ ପାଉଛି ଓ ଜଳ ପ୍ରଦୂଷିତ ହେଉଛି। କେବଳ ଏତିକି ନୁହେଁ, ଜଳ ନିଷ୍କାସନ କ୍ଷେତ୍ରରେ ପ୍ରମୁଖ ଭୂମିକା ସାଜିଥିବା ଦୟା ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। କିଛି କିଛି ସ୍ଥାନରେ କେତେଜଣ ନଦୀପଠାକୁ ପୋତି ଘର ଓ ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି, ନିୟମିତ ବ୍ୟବଧାନରେ ନଦୀଜଳକୁ ପରିଷ୍କାର କରାଯାଉ ନ ଥିବାରୁ ତାହା ସମ୍ପୂର୍ଣ୍ଣ କଳିକତି ଓ ଚିଙ୍ଗୁଡ଼ିଆ ଦଳରେ ପରିପୂର୍ଣ୍ଣ ହୋଇରହୁଛି। ଅତ୍ୟଧିକ ଦଳ ଓ ନଦୀର ମୁହାଣ ପୋତିହୋଇଯିବା ଦ୍ୱାରା ଜଳ ନିଷ୍କାସନ ହୋଇପାରୁନାହିଁ। ଚିଲିକାରୁ ଲୁଣିପାଣି ଓଲଟା ଦୟାନଦୀରେ ପ୍ରବେଶ କରୁଥିବାରୁ ମଧୁର ଜଳ ଲବଣାକ୍ତ ହେଉଛି। ଦୟା ନଦୀରେ ଲୁଣିପାଣି ପ୍ରବେଶ କରିବା ଯୋଗୁ ଏହାର ଶେଷ ମୁଣ୍ଡରେ ଥିବା ଗ୍ରାମଗୁଡ଼ିକରେ କୂପ ଓ ପୋଖରୀରୁ ଲୁଣିପାଣି ବାହାରୁଛି ଯାହା ପାନୀୟ ଉପଯୋଗୀ ହୋଇପାରୁନାହିଁ।



ଦୟାନଦୀର ଏହିଭଳି ଅବସ୍ଥାକୁ ନେଇ ଅନେକ ଥର ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସାଧାରଣ ଲୋକମାନେ ଆନ୍ଦୋଳନ କରିଛନ୍ତି। କିନ୍ତୁ ସରକାରଙ୍କର ବେପରୁଆ ମନୋଭାବ ଯୋଗୁ ଅବସ୍ଥାରେ ପରିବର୍ତ୍ତନ ହେଉନାହିଁ। ଅତୀତରେ ନଦୀ ଜଳ ପ୍ରଦୂଷଣ ରୋକିବା ପାଇଁ ରାଜଧାନୀର ୬ଟି ସ୍ଥାନରେ ହେବାକୁ ଥିବା ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏ ଯାଏଁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ବିଡିଏ ଦ୍ୱାରା 'ସେଭ୍ ଦୟା' କମିଟି ଗଠନ କରାଯାଇ ପ୍ରଦୂଷଣକୁ ନିୟମିତ ବ୍ୟବଧାନରେ ମାପିବା ସହ ଏହାକୁ କିଭଳି ରୋକାଯାଇପାରିବ ସେ ଦିଗରେ କାର୍ଯ୍ୟ କରିବା ପାଇଁ ସରକାର ମନସ୍ଥ କରିଥିଲେ। କିନ୍ତୁ ତାହା କାଗଜକଲମରେ ସୀମିତ ହୋଇ ରହିଯାଇଛି। ଜଳ ସମ୍ପଦ ବିଭାଗ ଦ୍ୱାରା ନଦୀ ଜଳର ସୁରକ୍ଷା ତଥା ନଦୀବନ୍ଧ ଉନ୍ନତୀକରଣ ନିମନ୍ତେ ସ୍ୱତନ୍ତ୍ର ବ୍ୟୟ ବରାଦ କରୁଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। କେବଳ ପ୍ରତୀକାତ୍ମକ ନ ହୋଇ ତାହା କିଭଳି ବାସ୍ତବରେ ପରିଣତ ହେବ ସେ ଦିଗରେ ସରକାର ଯତ୍ନବାନ୍ ହେବା ଉଚିତ। କେବଳ ଦୟା କାହିଁକି, ରାଜ୍ୟର ଅଧିକାଂଶ ନଦୀର ଅବସ୍ଥା ଏହିଭଳି। ତେଣୁ ନଦୀର ଅବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ହେଲେ ନଦୀଶଯ୍ୟାକୁ ସଫା କରିବା, ନଦୀର ୨ ପାର୍ଶ୍ୱରେ ବନୀକରଣ କରିବା, ବିକଳ୍ପ ଜଳ ସଂରକ୍ଷଣ ପାଇଁ ଯୋଜନା କରିବା, କିଭଳି ଅବିରତ ଧାରା ଓ ଜୈବ ବିବିଧତା ପୁନର୍ଜୀବିତ ହେବ ତାହା ଉପରେ କାର୍ଯ୍ୟ କରିବା ଦରକାର। ଆମେ ଆହ୍ୱାନ କରିବା ଦୟା ନଦୀ ପ୍ରତି ସମସ୍ତଙ୍କର ଦୟା ଭାବ ଜାଗ୍ରତ ହେଉ ଓ ପ୍ରକୃତି ସୁରକ୍ଷିତ ରହୁ।

**ଅଧ୍ୟାପକ, ବାଣିଜ୍ୟ ବିଭାଗ,**
**ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ**
**ମୋ:୯୪୩୮୦୭୦୮୪୯**

## ଏଇ ଭାରତରେ

ଆଇଏଏସ୍ ଅଧିକାରୀ ସୁଶାନ୍ତ ଗୌରବଙ୍କ ଉଦ୍ୟମରେ ଝାଡ଼ଖଣ୍ଡର ଏକ ଜିଲାରେ ମାଣ୍ଡିଆ ଉତ୍ପାଦନ ୩୦୦ ପ୍ରତିଶତ ବୃଦ୍ଧି ହୋଇପାରିଛି। ଆଇଏଏସ୍ ଅଧିକାରୀ ଗୌରବ ଝାଡ଼ଖଣ୍ଡର ଗୁମଲା ଜିଲାକୁ ସେ ମାଣ୍ଡିଆ ରାଜଧାନୀରେ ପରିଣତ କରିଦେଇଛନ୍ତି। ୨୦୧୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସୁଶାନ୍ତ ଗୁମଲା ଜିଲାର ଡେପୁଟି କମିଶନର ଭାବେ ନିଯୁକ୍ତି ପାଇବା ପରେ ମାଣ୍ଡିଆ ଚାଷକୁ ବ୍ୟାପକ କରିବା ଲାଗି ପଦକ୍ଷେପ ନେଇଥିଲେ। ଏବେ ୨୦ ହଜାର କୃଷକ ୩୦ ହଜାର ଏକରରୁ ଅଧିକ ଜମିରେ ମାଣ୍ଡିଆ ଚାଷ କରୁଛନ୍ତି। ବଡ଼ କଥା ହେଉଛି ଏମାନଙ୍କ ମଧ୍ୟରେ ୫,୦୦୦ରୁ ଅଧିକ ମହିଳାଚାଷୀ ଅଛନ୍ତି। ଜିଲାରେ ମାଣ୍ଡିଆ ଉତ୍ପାଦନ ୩୦୦ପ୍ରତିଶତ ବୃଦ୍ଧି ପାଇବା ଦ୍ୱାରା ଚାଷୀମାନେ ଅଧିକ ଲାଭ ପାଇପାରୁଛନ୍ତି। ଚାଷୀମାନେ ଜୈବିକ ପରିବେଶ ଉପଯୋଗୀ ପଦ୍ଧତିରେ ଚାଷ କରୁଛନ୍ତି। ମହିଳାମାନଙ୍କ ଦ୍ୱାରା ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେଶନ (ଏଫ୍‌ପିଓ) ଚାଲିଛି। ଏହା ମାଧ୍ୟମରେ ମହିଳାମାନେ ମାଣ୍ଡିଆରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଜାନୁଆରୀ ୧୯୭୬

- କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧ ସୁଯୋଗ ଦେବା ଉଦ୍ଦେଶ୍ୟରେ ରାଜ୍ୟର ୬ ଜିଲାରେ ଚକବନ୍ଦୀ କାର୍ଯ୍ୟ ଆରମ୍ଭ।
- କେରଳର ପୂର୍ବତନ ମନ୍ତ୍ରୀ ଟି.କେ. ଦିବାକରନଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ।
- କଲିକତାରେ ନିର୍ମାଣସ୍ତରରେ ଥିବା ଟ୍ୟୁବ୍ ରେଳ ଯୋଜନା ପାଇଁ ରୁଷ୍ ସରକାର ୨୬.୪ ନିୟୁତ ଟଙ୍କାର ଯନ୍ତ୍ରପାତି ଯୋଗାଇଦେବା ନେଇ ଏକ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ଚୂତର ମୁକୁଳ ବାସେ ଆଗମନୀ ଆସିଲା
ଆସିଲା ସେ ପଥେ ଘାଟେ ପବନେ
ପୁଲକାଇ ଉଲସାଇ ଚରାଚର ବିଶ୍ୱ
ଆସିଲା ମୋ ଜରାଗତ ଜୀବନେ!
ଧରଣୀର ଧୂଳିରାଶି ହକିଲା ସହସା
ଶୋଭେ ଦିଶ କୁସୁମିତ ବସନେ।
-(ଜୀବନ-ଦୋଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 9 | | | 8 | | 6 |
| | 6 | | | | 5 | 9 | | |
| 9 | | | | | | 5 | | 1 |
| | | 5 | | 1 | | 7 | 2 | |
| | 4 | | | 3 | | | | |
| 2 | | | | | | 3 | | |
| 6 | | | | 7 | | | | |
| | | 8 | 6 | | | | | |
| | 3 | | 8 | 2 | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 2 | 3 | 9 | 8 | 5 | 6 | 7 |
| 5 | 6 | 8 | 4 | 1 | 7 | 9 | 2 | 3 |
| 7 | 3 | 9 | 5 | 2 | 6 | 4 | 1 | 8 |
| 8 | 9 | 5 | 1 | 4 | 2 | 3 | 7 | 6 |
| 6 | 7 | 1 | 8 | 3 | 9 | 2 | 5 | 4 |
| 4 | 2 | 3 | 7 | 6 | 5 | 1 | 8 | 9 |
| 3 | 1 | 6 | 2 | 7 | 4 | 8 | 9 | 5 |
| 9 | 8 | 4 | 6 | 5 | 1 | 7 | 3 | 2 |
| 2 | 5 | 7 | 9 | 8 | 3 | 6 | 4 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୋଷ ଅଭାବର ନା ଅଭ୍ୟାସର

ମହାଶୟ,

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ଅଶୀ କୋଟି ଲୋକଙ୍କୁ ମୁକ୍ତ ରାଶନ ଯୋଗାଇ ଦିଆଯିବା ସତ୍ତ୍ୱେ ଓଡ଼ିଶାରେ ଖାଦ୍ୟାଭାବଜନିତ ମୃତ୍ୟୁ ବଳବତ୍ତର ରହିଛି। ଅତୀତରେ ଅନାହାର, ଅପପୁଷ୍ଟି, ଦାଦନ ଓ ଦାରିଦ୍ର୍ୟ ପାଇଁ ଓଡ଼ିଶାର ସମ୍ମାନ ଭୂଲୁଣ୍ଠିତ ହୋଇଥିଲା। ପେଟ ଦାୟରେ ପିଲା ବିକ୍ରିର କଳଙ୍କିତ କାହାଣୀ ବି ମନେରହିଛି। ପ୍ରକୃତରେ ସରକାର ଏକ ନିରବଚ୍ଛିନ୍ନ ବ୍ୟବସ୍ଥା। ଜନଜାତିର ବିକାଶ ପାଇଁ ବହୁ ଯୋଜନା ହାତକୁ ନିଆଯାଇଛି। ସେଥି ମଧ୍ୟରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ୟତମ। ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ମାଗଣା ଚାଉଳ ଯୋଗାଇବାର ମହତ୍ ବ୍ୟବସ୍ଥା କରିଛନ୍ତି ସତ, ମାତ୍ର ପରିସ୍ଥିତି ଅପରିବର୍ତ୍ତିତ। ଏ ତ୍ରୁଟି କାହାର ? ଅଖାଦ୍ୟକୁ ଛାଡ଼ି ନ ପାରିବା ମାନସିକତାର ନା ଅଭାବର ? ସରକାର ଏଭଳି ଦୁଃଖଦାୟକ ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଯତ୍ନବାନ୍ ହୁଅନ୍ତୁ।

**-ଦୁଃଶାସନ ବିଶ୍ୱାଳ, କାଜିପୁର, ନିମାପଡ଼ା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁରକ୍ଷା କର୍ମୀ ଗୁଳିରେ ୨ମହିଳା ମାଓବାଦୀ ନିହତ

■ଜଣେ ଯବାନ ଆହତ

■ଏବେବି ଜାରି ରହିଛି ଅପରେଶନ୍- ପୋଲିସ ଡିଜି

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ନୂଆପଡ଼ା,୨୦।୧ (ମକାରୁ ବେମାଲ)

କିଛିଦିନର ବ୍ୟବଧାନ ପରେ ଛତିଶଗଡ- ନୂଆପଡ଼ା ଜିଲା ସୀମାନ୍ତରେ ରବିବାର ରାତିରେ ପୁଣି ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୨ଜଣ ମହିଳା ମାଓବାଦୀ ନିହତ ହୋଇଥିବାବେଳେ ଜଣେ ଯବାନ ଆହତ ହୋଇଛନ୍ତି। ନିହତ ମାଓବାଦୀ ଓ ଆହତ ଯବାନଙ୍କ ପରିଚୟ ମିଳି ନ ଥିବା ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ସୋମବାର ସୂଚନା ଦେଇଛନ୍ତି।

ସୂଚନା ମୁତାବକ ରବିବାର ରାତିରୁ ନୂଆପଡ଼ା ଜିଲା ସୀମାଠାରୁ ୫ କିଲୋମିଟର ଦୂର ଛତିଶଗଡ଼ ମୈନପୁର ଥାନା କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ମାଓବାଦୀ ଲୁଚି ରହିଥିବା ସଂକ୍ରାନ୍ତରେ ଗୋଇନ୍ଦା ସୂଚନା ମିଳିଥିଲା। ସେହି ଅନୁଯାୟୀ ଉଭୟ ରାଜ୍ୟର ସୁରକ୍ଷା ବାହିନୀଙ୍କ ସହ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମିଶି ମିଳିତ ଅଭିଯାନ ଆରମ୍ଭ କରିଥିଲେ। ମଧ୍ୟରାତ୍ରରୁ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଆହତ ଛତିଶଗଡ଼ର ଯବାନ ଜଣଙ୍କୁ ରାୟପୁରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ଏଥିରେ ଗୋଟିଏ ଏସ୍ଏଲ୍ଆର୍, ୩ଟି ଆଇଡି ସହ ଏଲ୍ଇଡି ଓ ଅନ୍ୟାନ୍ୟ ସାମଗ୍ରୀ ରହିଛି। ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ ତଲାସୀ ଅଭିଯାନ ଜୋରଦାର



କରାଯାଇଛି। ମିଳିତ ଅପରେଶନରେ ୩ଟି ଏସ୍ଓଜି ଟିମ୍, ଛତିଶଗଡ଼ ପୋଲିସର ୨ ଇ-୩୦ ଟିମ୍ ଓ ୫ ସିଆର୍ପିଏଫ୍ ଯବାନ ସାମିଲ ଅଛନ୍ତି। ମାଓବାଦୀ ଦମନ ପାଇଁ କୋମ୍ବିଂ ଅପରେଶନକୁ ଆହୁରି ଜୋରଦାର କରାଯିବ ବୋଲି ଏସ୍ପି ରାଘବେନ୍ଦ୍ର କହିଛନ୍ତି। ଏନେଇ ଓଡ଼ିଶା ପୋଲିସ ଡିଜି ୱାଇ. ବି ଖୁରାନିଆ କହିଛନ୍ତି, ଗତ ଦିନରେ ଏହି ବିଷୟରେ ଆମେ ରଣନୀତି ପ୍ରସ୍ତୁତ କରୁଥିଲୁ। ସୀମାକୁ ସୁରକ୍ଷିତ ରଖିବୁ ବୋଲି ଯୋଜନା ଥିଲା। ଦରକାର ପଡ଼ିଲେ ପଡ଼ୋଶୀ ରାଜ୍ୟରେ ସୀମା ଭିତରେ ପଶି ସେମାନଙ୍କ ସହ ଆମେ ଅପରେଶନ୍ କରିବୁ ବୋଲି ରଣନୀତି ଥିଲା। ସେହି ରଣନୀତି ଅନୁଯାୟୀ ଦୁଇଜଣ ମାଓବାଦୀଙ୍କୁ ନିହତ କରିବାରେ ସକ୍ଷମ ହୋଇଛୁ। ସୋମବାର ସକାଳୁ ମଧ୍ୟ ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିବାବେଳେ ପୋଲିସ ପକ୍ଷରୁ ଏହି ଅଭିଯାନ ଏବେ ବି ମଧ୍ୟ ଜାରି ରହିଥିବା ଡିଜି କହିଛନ୍ତି। ସୂଚନାଯୋଗ୍ୟ, ଗତ ନଭେମ୍ବର ମାସରେ ସୀମାନ୍ତ ଜଙ୍ଗଲରୁ ବିପୁଳ ପରିମାଣରେ ଜବତ କରାଯାଇଥିବାବେଳେ ଗତ ଜାନୁଆରୀ ୧ତାରିଖ ନୂଆବର୍ଷରେ ଛତିଶଗଡ- ନୂଆପଡ଼ା ଜିଲା ସୀମାଠାରୁ ୮ କିଲୋମିଟର ଦୂରରେ ମାଓବାଦୀ ଓ ଯବାନଙ୍କ ଗୁଳି ବିନିମୟରେ ଜଣେ ମାଓବାଦୀ ନିହତ ହୋଇଥିଲେ। ଏଥିସହ ବିପୁଳ ପରିମାଣ ମାଓବାଦୀ ଅସ୍ତ୍ରଶସ୍ତ୍ର ଓ ସାମଗ୍ରୀ ଜବତ ହୋଇଥିଲା।

# ଗର୍ଭବତୀ ଖୁଡ଼ୀଙ୍କୁ ସମ୍ପର୍କୀୟ ପୁତୁରାର ବଳାତ୍କାର ଅଭିଯୋଗ

ବାଲିଗୁଡ଼ା,୨୦।୧ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ବୁଡୁରୁକିଆ ପଞ୍ଚାୟତରୁ ଆସିଛି ଏକ ଅଭାବନୀୟ ଘଟଣା। ଘରେ କେହି ନ ଥିବାର ସୁଯୋଗ ନେଇ ୮ମାସର ଗର୍ଭବତୀ ଖୁଡ଼ୀଙ୍କୁ ସମ୍ପର୍କୀୟ ପୁତୁରା ବଳାତ୍କାର କରିଥିବା ଅଭିଯୋଗ ଆଣିଛନ୍ତି ପୀଡ଼ିତାଙ୍କ ସ୍ୱାମୀ। ଏପରିକି ଖୁଡ଼ୀ ଜଣକ ପୁତୁରାଙ୍କୁ ପ୍ରତିବାଦ କରିବାରୁ ଅତି ନିର୍ମମ ଭାବେ ଖୁଡ଼ୀଙ୍କୁ କାଠଫାଳିଆରେ ମାଡ଼ ମାରିଥିଲେ। ଲହୁଲୁହାଣ ଖୁଡ଼ୀଙ୍କୁ ତାଙ୍କ ସ୍ୱାମୀ ଗୁରୁତର ଅବସ୍ଥାରେ ବାଲିଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ମହିଳାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ଏନେଇ କୌଣସି ଲିଖିତ ଅଭିଯୋଗ ବାଲିଗୁଡ଼ା ଥାନାରେ ହୋଇ ନ ଥିବା ଜଣାପଡ଼ିଛି।

# ବେଆଇନ କରତକଳ ଉପରେ ଭିଜିଲାନ୍ସ ଚଢ଼ାଉ

## ୪୧.୭୫ ଲକ୍ଷ ଟଙ୍କାର ସାମଗ୍ରୀ ଜବତ

ଭୁବନେଶ୍ୱର/ବାଲକାଟୀ, ୨୦।୧ (ସତ୍ୟଜିତ୍ ରାଉତ/ମନୋଜ ମଣ୍ଡଳ)

କାଠମାଫିଆମାନେ ବିଭିନ୍ନ ମୂଲ୍ୟବାନ ଗଛକୁ ଜଙ୍ଗଲରୁ ଚୋରାରେ କାଟି ବେଆଇନଭାବେ କାଠ ବିକ୍ରି କରୁଛନ୍ତି। ରାଜଧାନୀ ଉପକଣ୍ଠ ଖୋର୍ଦ୍ଧା ଜିଲା ବାଲିଅନ୍ତା ଓ ବାଲିପାଟଣା ଥାନା ଅଞ୍ଚଳରେ ବହୁଦିନ ଧରି ବେଆଇନ ଭାବେ ୩ଟି କରତକଳ ଚାଲିଥିଲା। ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍‌ର ମିଳିତ ଟିମ୍ ସୋମବାର ବାଲିଅନ୍ତା ଥାନା ଅନ୍ତର୍ଗତ ହୀରାପୁର ଗ୍ରାମ ଓ ବାଲିପାଟଣା ଥାନା ଅନ୍ତର୍ଗତ ଝିଙ୍କିଶାସନ ଅଞ୍ଚଳରେ ଏହି ବେଆଇନ କରତକଳ ଉପରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏସବୁ ସ୍ଥାନରୁ ଫରେଷ୍ଟ ୱିଙ୍ଗ୍‌ର ମିଳିତ ଟିମ୍ କରତକଳରେ ବ୍ୟବହୃତ ମୂଲ୍ୟବାନ ଟିମ୍ବର, ପିକ୍‌ଅପ୍ ଭ୍ୟାନ୍, ବିପୁଳ ପରିମାଣର କାଠ ସମେତ ୪୧ ଲକ୍ଷ ୭୫ ହଜାର ଟଙ୍କାର ସାମଗ୍ରୀ ଜବତ କରିଛି।



ଏହି କରତକଳଗୁଡ଼ିକୁ ଅଭିଯୁକ୍ତମାନେ ଉପଯୁକ୍ତ ଲାଇସେନ୍ସ ବିନା ଚଳାଉଥିଲେ। ଏହାଦ୍ୱାରା ଦ ଓଡ଼ିଶା ସ' ମିଲ୍ ଆଣ୍ଡ ସ' ପିଟ୍ସ (କଣ୍ଟ୍ରୋଲ) ଆକ୍ଟ-୧୯୯୧ ଉଲଘଂନ ହୋଇଥିବା ଭିଜିଲାନ୍ସ ସୂଚନା ଦେଇଛି। ଏନେଇ ବାଲିପାଟଣା ଫରେଷ୍ଟ ରେଞ୍ଜରେ ୫ଟି ମାମଲା ରୁଜୁ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଭିଯୁକ୍ତ ମାଲିକ ଏବଂ କର୍ମଚାରୀମାନଙ୍କୁ ଭିଜିଲାନ୍ସ ଟିମ୍ ଅଧିକ ପଚରାଉଚରା କରୁଥିବା ସୂଚନା ମିଳିଛି। ଏଥିସହ କରତକଳଗୁଡ଼ିକୁ ସିଲ୍ କରାଯାଇଛି। ବନ ବିଭାଗ ଅଧିକାରୀଙ୍କ ସହ ସଲାସୁତ୍ରରେ କାଠବେପାରୀମାନେ ଏହି ବେଆଇନ କାମ କରୁଥିବା ପୂର୍ବରୁ ଅଭିଯୋଗ ରହିଛି। ସୂଚନାଯୋଗ୍ୟ, ୨୦୨୪ରେ ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍ ପକ୍ଷରୁ ୧୦୧ ସ୍ଥାନରେ ଚଢ଼ାଉ କରାଯାଇ ୪.୮୨ କୋଟି ଟଙ୍କାର ସାମଗ୍ରୀ ଜବତ କରାଯାଇଥିଲା। ଏଥିସହ ଏଥିରେ ସମ୍ପୃକ୍ତ ୩୯ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା।

# ରେଳ ଷ୍ଟେଶନରୁ ୨.୧୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ବାଲୁଗାଁ,୨୦।୧ (ସଂଗ୍ରାମ ପାଇକରାୟ)

ବାଲୁଗାଁ ରେଲ୍ୱେ ଷ୍ଟେଶନର ୧ନମ୍ବର ପ୍ଲାଟଫର୍ମରେ ସୋମବାର ରେଲ୍ୱେ ପୋଲିସ ଚଢ଼ାଉ କରି ୨୧କେଜି ୩୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଖଲାରି ସାହିର ଟିଟୁ ପ୍ରଧାନ (୩୬)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ଲକ୍ଷ ୧୩ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁଠାରୁ ବ୍ରହ୍ମପୁର ମଧ୍ୟରେ ବିଭିନ୍ନ ଟ୍ରେନରେ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ହେବା ସହ ରାକେଟ ସକ୍ରିୟ ଥିବା ବେଳେ ଏମାନଙ୍କୁ ଧରିବା ପାଇଁ ରେଲ୍ୱେ ପୋଲିସ ସଜାଗ ରହିଥିଲା। ସୋମବାର ସକାଳ ୭ଟାରେ ବାଲୁଗାଁ ଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ଟିଟୁ ୨ବସ୍ତା ଗଞ୍ଜେଇ ଧରି ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ବେଙ୍ଗାଲୁରୁ ଯିବା ପାଇଁ ଛିଡ଼ା ହୋଇଥିଲେ। ଏହି ସମୟରେ ବାଲୁଗାଁ ରେଳ ସୁରକ୍ଷାବଳ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟ ଏବଂ ଅନ୍ୟ କର୍ମଚାରୀ ସନ୍ଦେହରେ ଉକ୍ତ ବସ୍ତା ତାଲାସିବାରେ ଗଞ୍ଜେଇ ମିଳିଥିଲା। ଉକ୍ତ ୨ବସ୍ତା ଗଞ୍ଜେଇ ଜବତ କରିବା ସହ ଟିଟୁଙ୍କୁ ଗିରଫ କରିଥିଲେ। ଏନେଇ ଏକ ମାମଲା (ନଂ.୫/୨୫) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ସୂଚନାଥାଉ କି, ଗତ ୪ତାରିଖରେ ମଧ୍ୟ ଅନୁରୂପ ଭାବେ ଏହି ଷ୍ଟେଶନ ପରିସରରୁ ରେଲ୍ୱେ ପୋଲିସ ୨.୪୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା।

# ନାବାଳିକାଙ୍କୁ ବଳାତ୍କାର: ସାବତ ବାପା ଗିରଫ

ବନ୍ଧମୁଣ୍ଡା,୨୦।୧(ସୁବ୍ରତ ଦେ)

ସୁନ୍ଦରଗଡ଼ ଜିଲା ବନ୍ଧମୁଣ୍ଡା ଥାନା ଅଧୀନ ବାରଟୋଲି ଗାଁରେ ଜଣେ ୧୬ ବର୍ଷର ନାବାଳିକା ଝିଅକୁ ତା'ର ସାବତ ବାପା ବଳାତ୍କାର କରିଛନ୍ତି। ଏହି ଅଭିଯୋଗରେ ଅଭିଯୁକ୍ତ ବାପାଙ୍କୁ ବନ୍ଧମୁଣ୍ଡା ପୋଲିସ ରବିବାର ଗିରଫ କରିଛି। ଅଭିଯୁକ୍ତ ହେଲେ ରମେଶ ଚନ୍ଦ୍ର ଜେନା(୪୩)। ସୋମବାର ତାଙ୍କୁ ରାଉରକେଲା କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ରମେଶ ପୋଲିସ ନିକଟରେ ନିଜର ଅପରାଧ ସ୍ୱୀକାର କରିଥିବା ଥାନା ଇନ୍ସପେକ୍ଟର ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରମେଶ ଗତ ୧୮ ତାରିଖ ରାତି ୧୧ଟାରେ ସ୍ତ୍ରୀ ଶୋଇଥିବା ଅବସ୍ଥାରେ ଝିଅକୁ ବଳାତ୍କାର କରିଥିଲେ। ପରେ ପୀଡ଼ିତା ଘଟଣା ସମ୍ପର୍କରେ ନିଜ ଭାଇଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ଭାଇ ସ୍ଥାନୀୟ ଅଞ୍ଚଳର କେତେକ ଲୋକଙ୍କ ସାହାଯ୍ୟରେ ପୀଡ଼ିତାଙ୍କୁ ନେଇ ୧୯ ତାରିଖ ସନ୍ଧ୍ୟାରେ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୀଡ଼ିତା ଝିଅକୁ ଡାକ୍ତରୀ ମାଇନା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲା।

# ହାତଗୋଡ଼ ବାନ୍ଧି ଲୁଟିନେଲେ ଟଙ୍କା, ଅଳଙ୍କାର

ହେମଗିର,୨୦।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିରି ଥାନାସ୍ଥିତ ବରପାଲିଠାରେ ଜଣେ ବ୍ୟବସାୟୀଙ୍କ ଘରେ ରବିବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ପରିବାରର ସମସ୍ତ ସଦସ୍ୟଙ୍କ ହାତ ଗୋଡ଼ ବାନ୍ଧି, ବନ୍ଧୁକ ଦେଖାଇ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟ୍ କରିଥିବା ହେମଗିର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ରୁଜୁ କରିଛି। ଘଟଣା ସ୍ଥଳରେ ହେମଗିର ପୋଲିସ ଓ ସୁନ୍ଦରଗଡ଼ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି। ମିଳିଥିବା ସୂଚନାନୁସାରେ, ରବିବାର ରାତି ୧ଟା ସମୟରେ ବରପାଲିସ୍ଥିତ ନିଖିଲ ଅଗ୍ରୱାଲଙ୍କ ଘର ହତା ଭିତରେ ୬ରୁ ୭ଜଣ ମୁଖାପିନ୍ଧା ବ୍ୟକ୍ତି ପଶିଥିଲେ। ଘର ପଛପଟୁ ଏକ ରଶି ସାହାଯ୍ୟରେ ଭିତରକୁ ପଶିଥିଲେ। ଶୋଇଥିବା ଅବସ୍ଥାରେ ପରିବାର ଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ପରିବାରର ସମସ୍ତ ସଦସ୍ୟଙ୍କୁ ରଶିରେ ବାନ୍ଧି ମାରପିଟ କରିଥିଲେ। ଲୁଟେରାମାନେ ହିନ୍ଦୀରେ କଥାବାର୍ତ୍ତା କରୁଥିବାରୁ ସେମାନେ ରାଜ୍ୟ ବାହାରର ହୋଇଥିବା ପୋଲିସ ଅନୁମାନ କରୁଛି। ନଗଦ ଟଙ୍କା ଓ ସୁନା ଗହଣା ମିଶି ଏକ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ନିଖିଲ ଥାନାରେ ଅଭିଯୋଗ କରିଛନ୍ତି।

# ଅଧିକ ଅର୍ଥ ରୋଜଗାର ପ୍ରଲୋଭନ ଦେଖାଇ ୨୧.୮୧ ଲକ୍ଷ ଟଙ୍କା ଠକେଇ

ବାରିପଦା,୨୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶେୟାର ମାର୍କେଟରେ ଟ୍ରେଡିଂ ଜରିଆରେ ଅଧିକ ଅର୍ଥ ରୋଜଗାରର ପ୍ରଲୋଭନ ଦେଖାଇ ୨୧,୮୧,୯୯୫ ଟଙ୍କାର ଠକେଇ ହୋଇଛି। ମୟୂରଭଞ୍ଜ ଜିଲା ୱାଲିଗଞ୍ଜ ଅଞ୍ଚଳର ରୋହିତ କୁମାର ପଟ୍ଟନାୟକ ଠକାମିର ଶିକାର ହୋଇଥିବା ନେଇ ସୋମବାର ପୂର୍ବାହ୍ନରେ ବାରିପଦା ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା (ନଂ.୨/୨୫) ରୁଜୁ କରାଯାଇଛି।

ରୋହିତ ଅଭିଯୋଗ କରିଛନ୍ତି ଯେ, ଗତ ଡିସେମ୍ବର ୫ରେ ଶେୟାର ମାର୍କେଟରେ ଟ୍ରେଡିଂ ଜରିଆରେ ଅର୍ଥ ବିନିଯୋଗ କରିବା ପାଇଁ ତାଙ୍କ ନିକଟକୁ ଏକ ହ୍ୱାଟ୍ସଆପ୍ ମେସେଜ ଓ ଫୋନ୍ କଲ୍ ଆସିଥିଲା। ଶେୟାର ଟ୍ରେଡିଂ ଦ୍ୱାରା ଲକ୍ଷାଧିକ ଟଙ୍କା ଉପାର୍ଜନ କରିପାରିବେ ବୋଲି ମିଥ୍ୟା ପ୍ରଲୋଭନ ତାଙ୍କୁ ଦିଆଯାଇଥିଲା। ଏଥିସହ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟଙ୍କା ପ୍ରଦାନ କରିବାକୁ ତାଙ୍କୁ କୁହାଯାଇଥିଲା। ଏଥିରେ ସେ ପ୍ରଲୋଭିତ ହୋଇ ଗତ ୨୬ ତାରିଖରେ ଏକ ଆକାଉଣ୍ଟ ଖୋଲି ପ୍ରଥମେ ୪୨,୫୦୦ ଟଙ୍କା ପ୍ରଦାନ କରିଥିଲେ। ଏହାର ସପ୍ତାହକ ପରେ ସେ ଆହୁରି ୯,୫୦,୦୦୦ ଟଙ୍କା ଲଗାଇଥିଲେ। ଏହାପରେ ତାଙ୍କୁ ୨୧,୩୫,୨୫୫ ଟଙ୍କାର ବୋନସ ମିଳିଥିବା ନେଇ ଆପ୍ଲିକେଶନରେ ଦେଖାଇଥିଲା। ଏହାକୁ ସେ ଉଠାଇବାକୁ ଚେଷ୍ଟା କରିବାରୁ ତାହା ହୋଇ ନ ଥିଲା। ଏପରିକି ଉକ୍ତ ଟଙ୍କା ଉଠାଇବା ପାଇଁ ଆହୁରି ୧୧,୮୯,୪୯୫ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ କରିବାକୁ କୁହାଯାଇଥିଲା। ଏଣୁ ସେ ପୁଣି ଟଙ୍କା ଡିପୋଜିଟ କରିଥିଲେ। ଏହିପରି ସେ ବିଭିନ୍ନ ପର୍ଯ୍ୟାୟରେ ସମୁଦାୟ ୨୧,୮୧,୯୯୫ ଟଙ୍କା ପ୍ରଦାନ କରିଥିଲେ। ଏହାର କିଛିଦିନ ପରେ ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ ଆଉ ବାହାରି ନ ଥିଲା। ସେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସଂସ୍ଥା ପକ୍ଷରୁ କୌଣସି ଯୋଗାଯୋଗ କରାଯାଇ ନ ଥିଲା। ଅନ୍‌ଲାଇନ ଠକାମିର ସେ ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି।


**କେନ୍ଦ୍ରୀୟ ସରକାରୀ କର୍ମଚାରୀ କଲ୍ୟାଣ ଆବାସ ସଂଗଠନ**

(ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଛତ୍ରଛାୟା ଅଧୀନସ୍ଥ ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ନିକାୟ)
୯ମ ମହଲା, 'ବି' ୱିଙ୍ଗ୍, ଜନପଥ ଭବନ, ଜନପଥ, ନୂଆଦିଲ୍ଲୀ - ୧୧୦୦୦୧ ।
ଫୋନ୍- ୨୩୭୧୭୨୪୯/୨୩୩୫୫୪୦୮/୨୩୩୨୨୧୯୨, ଇ-ମେଲ୍: cgewho@nic.in, ୱେବ୍‌ସାଇଟ୍: www.cgewho.in

**ଭୁବନେଶ୍ୱରଠାରେ ତୁରନ୍ତ ବ୍ୟବହାରଯୋଗ୍ୟ ଆବାସ ପ୍ରକଳ୍ପ ନିମନ୍ତେ ପ୍ରାକ୍-ଯୋଗ୍ୟତା ତଥା ଆଗ୍ରହର ଅଭିବ୍ୟକ୍ତି ନିମନ୍ତେ ଅନୁରୋଧ**

ସିଜିଇଡବ୍ଲ୍ୟୁଏଚ୍‌ଓ ଭୁବନେଶ୍ୱରଠାରେ ୫ରୁ ୬ ଏକରରେ ପାଖାପାଖି ୨୫୦ ଡିୟୁ ପାଇଁ ସମସ୍ତ ଭିତ୍ତିଭୂମି ଏବଂ ସୁବିଧାସୁଯୋଗ ସହିତ ପରିପୂର୍ଣ୍ଣ ଟର୍ନକୀ (ତୁରନ୍ତ ବ୍ୟବହାରଯୋଗ୍ୟ)/ପିପିପି ମଡେଲ୍‌ରେ କମ୍ପୋଜିଟ୍ ଆବାସିକ ପ୍ରକଳ୍ପର ବିକାଶ ନିମନ୍ତେ ନିର୍ମାଣ ଏଜେନ୍ସିଗୁଡ଼ିକଠାରୁ ଅଫର ଆହ୍ୱାନ କରୁଛି । ସିଜିଇଡବ୍ଲ୍ୟୁଏଚ୍‌ଓ ସପକ୍ଷରେ ଜମିର ହସ୍ତାନ୍ତରଣ, ପଞ୍ଜୀକରଣ କରିବା, ଯୋଜନାଗୁଡ଼ିକର ମଞ୍ଜୁରୀ ଆଣିବା ତଥା ସମସ୍ତ ଅତ୍ୟାବଶ୍ୟକ ସେବା ଓ ସୁବିଧା ସହିତ ଉକ୍ତ ଆବାସ ପ୍ରକଳ୍ପର ନିର୍ମାଣ କରିବା ଏଜେନ୍ସିର ଦାୟିତ୍ୱ ହେବ । ଜମିଟି ସିଭି ରମଣ ମହାବିଦ୍ୟାଳୟ, ଭୁବନେଶ୍ୱରରୁ ୧୦ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଅବସ୍ଥିତ ହୋଇଥିବା ଆବଶ୍ୟକ । ନିର୍ମିତ ହେବା ପାଇଁ ପ୍ରସ୍ତାବିତ ଆବାସ ପ୍ରକଳ୍ପରେ ପ୍ରାୟ ୧୦୦-୧୨୦ ବର୍ଗମିଟର (ଅଥବା ଆର୍‌ଇଆର୍‌ଏ ଦ୍ୱାରା ପରିଭାଷିତ) କାର୍ପେଟ କ୍ଷେତ୍ରରେ ଲିଫ୍ଟ ସମେତ ୩ ବିଏଚ୍‌କେ ଓ ୪ ବିଏଚ୍‌କେ ଟାଇପ୍ ବାସଗୃହ ୟୁନିଟ୍ ରହିବା ଆବଶ୍ୟକ । ସୁବିଧାଗୁଡ଼ିକ ମଧ୍ୟରେ ବୈଧାନିକ କର୍ତ୍ତୃପକ୍ଷଙ୍କ ମାନଦଣ୍ଡ ଅନୁଯାୟୀ ଏକ କମ୍ୟୁନିଟି ସେଣ୍ଟର, ସୁଇମିଂ ପୁଲ୍, ବ୍ୟାଡ୍‌ମିଣ୍ଟନ୍ କୋର୍ଟ ଅନ୍ତର୍ଭୁକ୍ତ ହେବ । ପ୍ରସ୍ତାବ ଦେବା ସମୟରେ, ଏଜେନ୍ସି ରାଜ୍ୟର ସ୍ଥାନୀୟ ଉପନିୟମ ତଥା ଆର୍‌ଇଆର୍‌ଏ ଦିଗ୍‌ନିର୍ଦ୍ଦେଶାବଳୀର ବିହିତ ଆବଶ୍ୟକତାଗୁଡ଼ିକର କଡ଼ାକଡ଼ି ଅନୁପାଳନକୁ ସୁନିଶ୍ଚିତ କରିବା ଆବଶ୍ୟକ । ନିର୍ମାଣ ଏଜେନ୍ସି ଏକ କିମ୍ବା ଏକାଧିକ ଉପଯୁକ୍ତ ଜମିକୁ ଚିହ୍ନଟ କରିପାରେ ।

୨. ଜମିର ବିବରଣୀକୁ ସିଜିଇଡବ୍ଲ୍ୟୁଏଚ୍‌ଓ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଥିବା କିମ୍ବା ଟେଣ୍ଡର ଦସ୍ତାବିଜ ସହିତ ଅପ୍‌ଲୋଡ୍ କରାଯାଇଥିବା ''ଜମି ପ୍ରପତ୍ର'' ଅନୁଯାୟୀ ପ୍ରଦାନ କରାଯିବା ଆବଶ୍ୟକ । ସିଜିଇଡବ୍ଲ୍ୟୁଏଚ୍‌ଓ ୨୦୦ ବିନ୍ଦୁର ପ୍ରାକ୍-ପରିଭାଷିତ ''ୱେଟେଜ୍ ଚାର୍ଟ'' ମାପଦଣ୍ଡ ଅନୁଯାୟୀ ଜମିର ଉପଯୁକ୍ତତାକୁ ବିଦ୍ୟାଳୟ, ମହାବିଦ୍ୟାଳୟ, ବଜାର, ଚିକିତ୍ସାଳୟ, ରେଳ ଷ୍ଟେଶନ ସହିତ ସମୀପତା ଆଧାରରେ ମୂଲ୍ୟାୟନ କରିବ । ''ୱେଟେଜ୍ ଚାର୍ଟ''ରେ ୮୦% କିମ୍ବା ତଦୂର୍ଦ୍ଧ୍ୱ ମାର୍କ ହାସଲ କରିଥିବା ଜମିଗୁଡ଼ିକ ପ୍ରାକ୍-ଯୋଗ୍ୟ ବିବେଚିତ ହେବ । ସିଜିଇଡବ୍ଲ୍ୟୁଏଚ୍‌ଓ ନିଜର ମାନକ ପ୍ରାକ୍-ଯୋଗ୍ୟତା ମାନଦଣ୍ଡ ଅନୁସାରେ ଜମିର ଉପଯୁକ୍ତତା ତଥା ଏଜେନ୍ସିଗୁଡ଼ିକର ନିର୍ମାଣ ସାମର୍ଥ୍ୟ ମୂଲ୍ୟାୟନ କରିବା ପରେ ପ୍ରାକ୍-ଯୋଗ୍ୟତାପ୍ରାପ୍ତ ଏଜେନ୍ସିଗୁଡ଼ିକୁ ଡିଜାଇନର ସାଧାରଣ ରୂପରେଖ ତଥା ଚିଠା ଚୁକ୍ତି ରାଜିନାମା ଅଭିପ୍ରେରଣ କରିବ, ଯାହାପରେ ସେମାନେ ସବିସ୍ତୃତ ପ୍ରକଳ୍ପ ରିପୋର୍ଟ/ବୈଷୟିକ ଉପସ୍ଥାପନା ସହିତ ସେମାନଙ୍କର ମୂଲ୍ୟ ବିଡ୍ ଦାଖଲ କରିବେ । ମୂଲ୍ୟ ବିଡ୍ ପ୍ରାକ୍-ପରିଭାଷିତ ବିନିର୍ଦ୍ଦିଷ୍ଟତା, ପରିଶୋଧ ସର୍ତ୍ତ ଏବଂ ଚିଠା ଚୁକ୍ତି ରାଜିନାମା ଓ ଡିଜାଇନ୍‌ର ସାଧାରଣ ରୂପରେଖରେ ପ୍ରଦତ୍ତ ଅନ୍ୟାନ୍ୟ ବିବରଣୀ ଅନୁସାରେ ପ୍ରସ୍ତୁତ କରାଯିବ । ପ୍ରସ୍ତାବିତ ମୂଲ୍ୟ କାର୍ପେଟ୍ ଏରିଆର ପ୍ରତି ବର୍ଗ ଫୁଟର ଏକକାଳୀନ ମୂଲ୍ୟ ହେବା ଆବଶ୍ୟକ (ଆର୍‌ଇଆର୍‌ଏରେ ପରିଭାଷିତ ହୋଇଥିବା ଅନୁଯାୟୀ ତଥା ବାଲ୍‌କୋନୀ ଏରିଆକୁ ଛାଡ଼ି) ଯାହା ମଧ୍ୟରେ ପ୍ରତ୍ୟେକ ବାସଗୃହ ୟୁନିଟ୍ ଲାଗି ଗୋଟିଏ ଆଚ୍ଛାଦିତ କାର୍ ପାର୍କିଂ ଅନ୍ତର୍ଭୁକ୍ତ ହେବ । ଆଗ୍ରହୀ ଏଜେନ୍ସି ନିମ୍ନଲିଖିତ ବିବରଣୀ ଦେଇ ସେମାନଙ୍କର ପ୍ରସ୍ତାବଗୁଡ଼ିକୁ ଅଭିପ୍ରେରଣ କରିପାରିବେ:

୩. ଆବେଦନପତ୍ର ସହିତ ଏହି ଇଓଆଇ ନିମନ୍ତେ ସବିସ୍ତୃତ ସର୍ବନିମ୍ନ ପ୍ରାକ୍-ଯୋଗ୍ୟତା ମାନଦଣ୍ଡ ତା୨୦।୦୧।୨୦୨୫ରିଖ ପରଠାରେ www.tenderwizard.com/CGEWHO କିମ୍ବା www.cgewho.in ଅଥବା ସିପିପି ପୋର୍ଟାଲ୍ (eprocure.gov.in)ରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଇଓଆଇ ଦାଖଲ କରିବାର ଶେଷ ତାରିଖ ହେଉଛି ଏହି ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୩୦ ଦିନ । ପ୍ରାକ୍-ଯୋଗ୍ୟତା ଦସ୍ତାବିଜରେ ଦର୍ଶାଯାଇଥିବା ଅନୁଯାୟୀ ଇଓଆଇ ଦସ୍ତାବିଜ ବାବଦରେ ସିଇଓ, ସିଜିଇଡବ୍ଲ୍ୟୁଏଚ୍‌ଓଙ୍କ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ଟ.୧୦୦୦୦+ଜିଏସ୍‌ଟି @୧୮%ର ଏକ ଅଣ-ଫେରସ୍ତଯୋଗ୍ୟ ଫି' ଭୌତିକ ଭାବେ ମୁଖ୍ୟାଳୟରେ ଦାଖଲ କରାଯିବା ଆବଶ୍ୟକ। **ଅଫ୍‌ଲାଇନ୍‌ରେ ଦାଖଲ କରାଯାଇଥିବା କୌଣସି ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ ଏବଂ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ ।**

୪. ଇଓଆଇ ଦିଗ୍‌ନିର୍ଦ୍ଦେଶାବଳୀ ଅନୁରୂପ ହୋଇ ନ ଥିବା ଯେକୌଣସି ପ୍ରାପ୍ତ ପ୍ରସ୍ତାବକୁ ବୈଷୟିକ ଭାବେ ଅଣ-ଅନୁପାଳନୀୟ ଭାବେ ବିବେଚନା କରାଯିବ ଓ ତାହା ନାକଚ ହେବା ପାଇଁ ଉତ୍ତରଦାୟୀ ରହିବ । ଠିକାଦାରମାନଙ୍କର ଚୟନର ପଦ୍ଧତି ଆବେଦନ ପତ୍ରରେ ଉପଲବ୍ଧ କରାଯିବ ।

୫. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଆବେଦନକୁ ପ୍ରାକ୍-ଯୋଗ୍ୟ କରିବା ଅଥବା ଅଯୋଗ୍ୟ ଘୋଷିତ କରିବାର ଅଧିକାର ସିଜିଇଡବ୍ଲ୍ୟୁଏଚ୍‌ଓ ନିକଟରେ ସଂରକ୍ଷିତ । ଏ ସଂକ୍ରାନ୍ତରେ କୌଣସି ପତ୍ର ଯୋଗାଯୋଗକୁ ପ୍ରଶ୍ରୟ ଦିଆଯିବ ନାହିଁ ।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**
**ସିଜିଇଡବ୍ଲ୍ୟୁଏଚ୍‌ଓ**

CBC 20105/12/0015/2425


# ଯୁବକଙ୍କଠାରୁ ଆକ୍ରମଣ କରି ଲୁଟ, ୨ ଗିରଫ

ଭୁବନେଶ୍ୱର,୨୦।୧ (ସୂର୍ଯ୍ୟକାନ୍ତ ବେହେରା): କଟୁରିରେ ଆକ୍ରମଣ କରି ଯୁବକଙ୍କଠାରୁ ଲୁଟ୍ ମାମଲାରେ ନୟାପଲ୍ଲୀ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ୟୁନିଟ-୬ରେ ରହୁଥିବା ନୟାଗଡ଼ର କାହ୍ନା ସାହୁ(୨୩) ଓ କଟକର ନବୀନ ଶତପଥୀ(୨୩)। ଉଭୟଙ୍କଠାରୁ ୨ଟି ମୋବାଇଲ, ଗୋଟିଏ ଲେଖାଏଁ କଟୁରି, ରଡ ଏବଂ ସ୍କୁଟି ଜବତ ହୋଇଛି। ଏନେଇ ପୋଲିସ ସୁନୀଲ କୁମାର ସାହୁଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତଦ୍ୱୟ ଅଭ୍ୟାସଗତ ଅପରାଧୀ ବୋଲି ଜଣାପଡ଼ିଛି। ଉଭୟଙ୍କ ନାଁରେ ଚନ୍ଦ୍ରଶେଖରପୁର, ଶହୀଦନଗର, କ୍ୟାପିଟାଲ ଓ ଚନ୍ଦକା ଥାନାରେ ପୂର୍ବରୁ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ମିଳିଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


DSPL-334



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ରାସନ କାର୍ଡ଼ଧାରୀ ପରିବାରଙ୍କ ନିମନ୍ତେ**

**ଜରୁରୀ ସୂଚନା**

- ରାଜ୍ୟର ଯୋଗ୍ୟ ରାସନକାର୍ଡ ହିତାଧିକାରୀମାନେ ନିଜର ତଥା ପରିବାରର ସଦସ୍ୟଙ୍କ ଆଧାର ଇ-କେ.ୱାଇ.ସି କରିବା ଜରୁରୀ ।
- ରାଜ୍ୟ ଓ ରାଜ୍ୟ ବାହାରେ ରହୁଥିବା ଯୋଗ୍ୟ ହିତାଧିକାରୀମାନେ ନିକଟସ୍ଥ ଯେକୌଣସି ଖାଉଟି ସୁଲଭ ମୂଲ୍ୟ ଦୋକାନକୁ ଯାଇ ଇ-କେ.ୱାଇ.ସି କରିପାରିବେ ।
- ବିଭିନ୍ନ ରାଜ୍ୟରେ ରହୁଥିବା ହିତାଧିକାରୀଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ଓଡ଼ିଶାର ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନକୁ ଯାଇ ନିଜର ଇ-କେ.ୱାଇ.ସି କରି ସାରିଛନ୍ତି ।
- ବିଭାଗୀୟ ପୋର୍ଟାଲ୍ www.foododisha.inର Know Your e-KYC Status ଲିଙ୍କ୍‌ରେ କ୍ଲିକ୍ କରି ଇ-କେୱାଇସିର ସ୍ଥିତି ଜାଣିପାରିବେ ।
- ଅଧିକ ଜାଣିବା ପାଇଁ ବିଭାଗୀୟ ଟୋଲ୍ ଫ୍ରି ନମ୍ବର ୧୯୬୭ ସହ ଯୋଗାଯୋଗ କରନ୍ତୁ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-07001/13/0018/2425


ଆମେରିକା ଉପରାଷ୍ଟ୍ରପତି ଭାବେ ଜେ.ଡି. ଭାନ୍ସ ଶପଥ ନେବାବେଳେ ପାଖରେ ଅଛନ୍ତି ସ୍ତ୍ରୀ ଉଷା ଭାନ୍ସ।


ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଉତ୍ସବରେ ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍ ଓ ବିଦାୟୀ ଉପରାଷ୍ଟ୍ରପତି କମଳା ହାରିସ୍ ଯୋଗ ଦେଇଛନ୍ତି।

# ସୁବର୍ଣ୍ଣ ଯୁଗ ପାଇଁ ଟ୍ରମ୍ପଙ୍କ ପ୍ରତିଶ୍ରୁତି

ୱାଶିଂଟନ,୨୦।୧

ଡୋନାଲ୍ଡ ଟ୍ରମ୍ପ୍ ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଆମେରିକାରେ ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଥିବା କହିଛନ୍ତି। ଆମେରିକା ପ୍ରତ୍ୟେକ ଦେଶ ପାଇଁ ଇର୍ଷଣୀୟ ହେବାକୁ ଯାଉଛି। ଦେଶର ଅନୁଷ୍ଠାନଗୁଡ଼ିକରେ ବଡ଼ ଧରଣର ପରିବର୍ତ୍ତନ ଆସିବାକୁ ଯାଉଛି ବୋଲି ସେ କହିଛନ୍ତି। ଟ୍ରମ୍ପଙ୍କ ମହତ୍ତ୍ୱାକାଂକ୍ଷୀ ଦୂରଦୃଷ୍ଟି ଭାବେ ଜଣାଶୁଣା 'ଆମେରିକା ଫାଷ୍ଟ'କୁ ସେ ଅଗ୍ରପ୍ରାଧାନ୍ୟ ଦେବେ ବୋଲି କହିଛନ୍ତି। ଏଥିରେ ଆମେରିକାକୁ ପୁନଶ୍ଚ ନିରାପଦ, ଦେଶକୁ ସବୁ ପ୍ରକାର ପରିସ୍ଥିତି ସହ ସୁହାଇଲା ଭଳି ପଦକ୍ଷେପ ନେବା, ଶକ୍ତି କ୍ଷେତ୍ରରେ ପ୍ରଭାବ ବିସ୍ତାର, ଆମେରିକାର ମୂଲ୍ୟବୋଧକୁ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦେଇଛନ୍ତି।



### ଲାଗୁ ହେବ ସୀମା ଏମର୍ଜେନ୍ସି

ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ସୀମା ସୁରକ୍ଷା ଓ ଆମେରିକୀୟ ସମ୍ପ୍ରଦାୟକୁ ନିରାପତ୍ତା ପ୍ରଦାନ ଦିଗରେ ଟ୍ରମ୍ପ୍ ଦୃଢ଼ ପଦକ୍ଷେପ ନେବେ। ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କେତେକ ନୀତିନିଷ୍ପତ୍ତିକୁ ହଟାଇବା ସହ ମେକ୍ସିକୋ ପାଚେରିକୁ ସୁଦୃଢ଼ କରିବା, ବେଆଇନ ସୀମା ଅତିକ୍ରମକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ଓ ଆପରାଧିକ କାର୍ଯ୍ୟକୁ ଦୃଢ଼ ହସ୍ତରେ ଦମନ କରିବା ଆଦି ଟ୍ରମ୍ପଙ୍କ କାର୍ଯ୍ୟଯୋଜନାରେ ଅନ୍ତର୍ଭୁକ୍ତ ଅଛି। ସୀମା ସୁରକ୍ଷାରେ ସଶସ୍ତ୍ର ବଳ ସମେତ ନ୍ୟାଶନାଲ ଗାର୍ଡଙ୍କୁ ନିୟୋଜିତ କରାଯିବ। ଆପରାଧିକ ନିଶାଦ୍ରବ୍ୟ ଚାଲାଣକାରୀଙ୍କୁ ଆତଙ୍କବାଦୀ ଆଖ୍ୟା ଦିଆଯିବା ସହ ବିଦେଶୀ ଆତଙ୍କବାଦୀ ସଂଗଠନଗୁଡ଼ିକୁ ଦୃଢ଼ହସ୍ତରେ ଦମନ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଆଇନ ପ୍ରବର୍ତ୍ତନକାରୀ ଅଧିକାରୀଙ୍କ ସମେତ ଆମେରିକୀୟଙ୍କ ହତ୍ୟାକୁ ଜଘନ୍ୟ ଅପରାଧ ଭାବେ ଗ୍ରହଣ କରାଯାଇ ସେମାନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ ନ୍ୟାୟ ବିଭାଗ ପଦକ୍ଷେପ ନେବ ବୋଲି ହ୍ୱାଇଟ୍ ହାଉସ୍ କହିଛି।

### ଗଲ୍ଫ ଅଫ୍ ମେକ୍ସିକୋ ହେବ ଗଲ୍ଫ ଅଫ୍ ଆମେରିକା

ଗଲ୍ଫ ଅଫ୍ ମେକ୍ସିକୋକୁ ଗଲ୍ଫ ଅଫ୍ ଆମେରିକାରେ ପରିଣତ କରାଯିବ। ଆମେରିକା ମେକ୍ସିକୋ ସୀମାରେ ସେ ଜାତୀୟ ଏମର୍ଜେନ୍ସି ଘୋଷଣା କରିବେ ବୋଲି ଟ୍ରମ୍ପ୍ କହିଛନ୍ତି। ବିନା କାଗଜପତ୍ରରେ ଆମେରିକାରେ ରହିଥିବା ଅସଂଖ୍ୟ ନିୟୁତ ଆପ୍ରବାସୀଙ୍କୁ ସେ ବିଦା କରିବେ ବୋଲି କହିଛନ୍ତି। ଏହା କହିଲା ବେଳେ ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ଥିବା ବ୍ୟକ୍ତିମାନେ ଛିଡ଼ାହୋଇ ତାଙ୍କ କଥାକୁ ସମର୍ଥନ ଜଣାଇଥିଲେ। ସେହିପରି ପାନାମା କେନାଲକୁ ଆମେରିକା ଅକ୍ତିଆର କରିବା ଉପରେ ଟ୍ରମ୍ପ୍ ଗୁରୁତ୍ୱ ଦେଇଛନ୍ତି। ଏବେ ଚାଇନା ପାନାମା କେନାଲକୁ ପରିଚାଳିତ କରିଥିବାରୁ ଟ୍ରମ୍ପ୍ ତାହାକୁ ନିଜ ଆଡ଼କୁ ଆଣିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବେ ବୋଲି କହିଛନ୍ତି। ମହାକାଶ କ୍ଷେତ୍ରରେ ଆଉ ଏକ ପାହାଚ ଚଢ଼ି ମଙ୍ଗଳକୁ ଆମେରିକୀୟ ମହାକାଶଚାରୀଙ୍କୁ ପଠାଇ ଦେଶକୁ ମହାକାଶ କ୍ଷେତ୍ରରେ ଅଧିକ ଶକ୍ତିଶାଳୀ କରିବାକୁ ଲକ୍ଷ୍ୟ ରହିଥିବା ଟ୍ରମ୍ପ୍ କହିଛନ୍ତି। ପ୍ରତ୍ୟେକ ବିଭାଗ ମଧ୍ୟରେ ଦକ୍ଷତା ବୃଦ୍ଧି ଲାଗି ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିକେସି (ସରକାରୀ ଦକ୍ଷତା ବିଭାଗ) ପ୍ରତିଷ୍ଠା କରିବା ଉପରେ ନୂଆ ରାଷ୍ଟ୍ରପତି ପ୍ରାଧାନ୍ୟ ଦେଇଛନ୍ତି।

### କେବଳ ରହିବ ୨ଟି ଲିଙ୍ଗ

ଲିଙ୍ଗଗତ ବିବିଧତାରେ ପୂର୍ଣ୍ଣଚ୍ଛେଦ ଆଣି ଆମେରିକାର ସଂଘୀୟ ସରକାର କେବଳ ଦୁଇଟି ଲିଙ୍ଗ– ପୁରୁଷ ଓ ମହିଳାକୁ ସ୍ୱୀକୃତି ଦେବ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏନେଇ ଖୁବ୍‌ଶୀଘ୍ର ଏକ୍ଜିକ୍ୟୁଟିଭ୍ ଅର୍ଡରେ ସ୍ୱାକ୍ଷର କରିବେ ବୋଲି ଘୋଷଣା କରିଛନ୍ତି। କିଛିବର୍ଷ ହେବ ଆମେରିକାରେ କିନ୍ନରଙ୍କ ଅଧିକାର ଏକ ବିବାଦୀୟ ରାଜନୈତିକ ବିଷୟ ହୋଇ ରହିଥିଲା। ଗତ ନିର୍ବାଚନୀ ପ୍ରଚାର ବେଳେ ଅନେକ ରିପବ୍ଲିକାନ୍ ସମଲିଙ୍ଗୀ ସଂକ୍ରାନ୍ତ ଆଇନକୁ ବଦଳାଇବା ପାଇଁ ଦାବି ଜଣାଇଥିଲେ। ବିବିଧତା, ସମାନତା ଏବଂ ସମାବେଶୀ କାର୍ଯ୍ୟକ୍ରମ ଦିଗରେ ଖୁବ୍‌ଶୀଘ୍ର ଅଧିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଟ୍ରମ୍ପଙ୍କ ଆଗାମୀ ପ୍ରଶାସନର ଅଧିକାରୀ କହିଛନ୍ତି।

## ଯୋଗ ଦେଇଥିଲେ ବହୁ ସେଲିବ୍ରିଟି


କେରୀ ଅଣ୍ଡରଉଡ୍

ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହରେ ବହୁ ଆମେରିକୀୟ ସେଲିବ୍ରିଟି ଯୋଗଦେଇଥିଲେ। ଆମେରିକୀୟ ସିଙ୍ଗର କେରୀ ଅଣ୍ଡରଉଡ୍, ରାପର ସ୍ନୁପ ଡଗ୍, ନେଲ୍ଲୀ ପ୍ରମୁଖ ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହ ପୂର୍ବରୁ ହୋଇଥିବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କେରୀ ପ୍ରସିଦ୍ଧ 'ଆମେରିକା ଦି ବ୍ୟୁଟିଫୁଲ', 'ଆର୍ମଡ ଫୋର୍ସେସ୍ ମେଡ୍‌ଲି' ଆଦି ଗୀତରେ ଉପସ୍ଥିତ ଦର୍ଶକ ତଥା ଅତିଥିଙ୍କୁ ବିମୋହିତ କରି ରଖିଥିଲେ। ଆମେରିକୀୟ କ୍ଲାସିକାଲ ସିଙ୍ଗର କ୍ରିଷ୍ଟୋଫର ମେକଚିଓ 'ଓଃ ଆମେରିକା' ଗୀତ ଗାଇବା ସହ ଦେଶର ଜାତୀୟ ସଙ୍ଗୀତକୁ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମେରିକୀୟ ରାପର ରୋଡ୍ ୱେଭ, କୋଡାଲ ବ୍ଲାକ୍, ଫିଭିଓ ଫରେନ ଆମେରିକୀୟ ସିଙ୍ଗର ବିଲି ରେ ସାଇରସ, ସଙ୍ଗୀତଜ୍ଞ କିଡ୍ ରକ୍ ଏହି ସମାରୋହରେ ଉପସ୍ଥିତ ଥିଲେ।

## ଟ୍ରମ୍ପଙ୍କୁ ମୋଦିଙ୍କ ଅଭିନନ୍ଦନ

ନୂଆଦିଲ୍ଲୀ, ୨୦।୧(ପି.ଟି.)

ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ପାଇଁ ହ୍ୱାଇଟ୍ ହାଉସ୍‌କୁ ଆସିଥିବାରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ନିଜର ପରମ ବନ୍ଧୁ କହି ସାମାଜିକ ଗଣମାଧ୍ୟମ ଜରିଆରେ ଅଭିନନ୍ଦନ ଜଣାଇଛନ୍ତି। ଉଭୟ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଉତ୍ତମ ଭବିଷ୍ୟତ ଆଣିବା ଦିଗରେ ୨ ନେତା ଏକାଠି ହୋଇ କାର୍ଯ୍ୟ କରିବାକୁ ମୋଦି ଆଗ୍ରହ ପ୍ରକାଶ କରିଛନ୍ତି।

## ସ୍ତ୍ରୀଙ୍କୁ ବାନ୍ଧି ଏସିଡ୍ ଢାଳିଲେ ସ୍ୱାମୀ

କୋଟା, ୨୦।୧

ରାଜସ୍ଥାନର କୋଟାସ୍ଥିତ ମହାବୀର ନଗର ଅଞ୍ଚଳରେ ସୁନୀତ ଦୀକ୍ଷିତ(୫୦) ନାମକ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ମମତା ଗୌଡ଼ଙ୍କୁ ରବିବାର ମାଡ଼ ମାରିବା ସହ ତାଙ୍କ ହାତ, ଗୋଡ଼ ବାନ୍ଧି ଦେଇଥିଲେ। ଏହାପରେ ସୁନୀତ ମମତାଙ୍କ ଉପରେ ଏସିଡ୍ ପକାଇ ତାଙ୍କୁ ଘରର ଏକ କୋଠରି ମଧ୍ୟରେ ତାଲା ପକାଇ ଫେରାର ହୋଇଯାଇଥିଲେ। କିଛିଘଣ୍ଟା ପରେ ମମତାଙ୍କ ଶ୍ୱଶୁର ଘରକୁ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଶରୀରର ବହୁ ଅଂଶ ପୋଡ଼ିଯାଇଥିବାରୁ ସେ ମମତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମମତା ସୱାଇ ମାଧୋପୁର ଜିଲା ବାଲୋରର ଅଞ୍ଚଳରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କୁ ସୁନୀତଙ୍କଠାରୁ ଅଲଗା ରହିବାକୁ ପଡୁଥିଲା, ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା।

## ରାହୁଲଙ୍କ ବିରୋଧରେ ମାନହାନି ମାମଲାରେ ସୁପ୍ରିମକୋର୍ଟଙ୍କ ରୋକ୍

ନୂଆଦିଲ୍ଲୀ,୨୦।୧(ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଆପରାଧିକ ମାନହାନି ମାମଲାର ତଳକୋର୍ଟ ବିଚାର ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ ସୋମବାର ସ୍ଥଗିତାଦେଶ ଲଗାଇଛନ୍ତି। ୨୦୧୯ରେ ରାହୁଲ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବାରୁ ଭାଜପା କର୍ମୀ ନବୀନ ଝା ତାଙ୍କ ନାଁରେ ମାନହାନି ମାମଲା ଦାଏର କରିଥିଲେ।

୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଚାଇବାସାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବାବେଳେ ରାହୁଲ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ହତ୍ୟାକାରୀ କହିଥିଲେ। ତାଙ୍କ ଅପିଲ୍ ଉପରେ ଜଷ୍ଟିସ୍ ବିକ୍ରମ ନାଥ


ରାହୁଲ ଗାନ୍ଧୀ

ଏବଂ ସନ୍ଦୀପ୍ ମେହେଟ୍ଟାଙ୍କ ଖଣ୍ଡପୀଠ ଝାଡ଼ଖଣ୍ଡ ସରକାର ଏବଂ ଭାଜପା ନେତାଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମାନହାନି ମାମଲାର ବିଚାର ବନ୍ଦ ରହିବ ବୋଲି ଖଣ୍ଡପୀଠ କହିଛନ୍ତି। ରାହୁଲଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଅଦାଲତଙ୍କୁ କହିଥିଲେ, କେବଳ ଅପମାନିତ ବ୍ୟକ୍ତି ମାନହାନି ମାମଲା ଦାଏର କରିପାରିବେ ବୋଲି ବିଭିନ୍ନ ରାୟରେ କୁହାଯାଇଛି। ଜଣେ ତୃତୀୟ ପକ୍ଷ ଏଭଳି ମାମଲା ଦାଏର କରିପାରିବେ ନାହିଁ। ରାଞ୍ଚିର ମାଜିଷ୍ଟ୍ରେଟ୍ କୋର୍ଟ ମାମଲାର ବିଚାରଯୋଗ୍ୟତାକୁ ଅନୁଭବ କରି ରାହୁଲଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ନୋଟିସ୍ ଦେଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶନାମା ଖାରଜ କରିବା ପାଇଁ ରହୁଲ ଗାନ୍ଧୀ ଝାଡ଼ଖଣ୍ଡ ହାଇକୋର୍ଟରେ ଆବେଦନ କରିଥିଲାବେଳେ ତାହା ଅଗ୍ରାହ୍ୟ ହୋଇଯାଇଥିଲା। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ରାହୁଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଏନ୍‌କାଉଣ୍ଟରବେଳେ ଯବାନ ମୃତ

ଶ୍ରୀନଗର, ୨୦।୧

ଜମ୍ମୁ-କଶ୍ମୀରର ସୋପାରରେ ସୋମବାର ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ଜଣେ ଯବାନଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉଜଣେ ଯବାନ ଆହତ ହୋଇଛନ୍ତି। ମୃତ ଯବାନ ହେଉଛନ୍ତି ପଙ୍ଗାଲା କାର୍ତ୍ତିକ। ସୋପାର ଜିଲାର ଜାଲୁରା ଗୁଜ୍ଜରପତି ଅଞ୍ଚଳରେ କେତେଜଣ ଆତଙ୍କବାଦୀ ଲୁଚିଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ଖବର ମିଳିଥିବାରୁ ସୁରକ୍ଷା ବଳ ପକ୍ଷରୁ ସେଠାରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସମୟରେ ଆତଙ୍କବାଦୀଙ୍କ ପକ୍ଷରୁ ସୁରକ୍ଷା ବଳ ଉପରକୁ ଗୁଳି ବର୍ଷଣ କରାଯାଇଥିଲା।

## ଇରାନରେ ପପ୍ ଗାୟକଙ୍କୁ ମୃତ୍ୟୁଦଣ୍ଡ

ତେହରାନ,୨୦।୧

ପ୍ରଫେଟ୍ ମହମ୍ମଦଙ୍କୁ ନିନ୍ଦା କରିଥିବା ଲୋକପ୍ରିୟ ପପ୍ ଗାୟକ ଅମିର ହୋସେଇନ୍ ମଘସୌଡଲୁ ଓରଫ ଟାଟାଲୁଙ୍କୁ ଇରାନର ଏକ ଅଦାଲତ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ମହମ୍ମଦଙ୍କୁ ନିନ୍ଦା କରିବା ଘଟଣାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ପୂର୍ବରୁ ତଳକୋର୍ଟ ତାଙ୍କୁ ୫ ବର୍ଷ ଜେଲଦଣ୍ଡ ଦେଇଥିବାବେଳେ ଏହା ବିରୋଧରେ ସରକାରୀ ଓକିଲ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଗ୍ରହଣ କରିଥିଲେ। ମାମଲାର ପୁନର୍ବାର ବିଚାର କରାଯାଇ ଟାଟାଲୁଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଛି। ତେବେ ଅଭିଯୁକ୍ତ ରାୟ ବିରୋଧରେ ଅପିଲ କରିପାରିବେ ବୋଲି ରିପୋର୍ଟରେ କୁହାଯାଇଛି। ୩୭ ବର୍ଷୀୟ


ହୋସେଇନ୍ ମଘସୌଡଲୁ

ପପ୍ ଗାୟକ ୨୦୧୮ରୁ ଇସ୍ତାନବୁଲ୍‌ରେ ରହୁଥିଲେ। ୨୦୨୩ ଡିସେମ୍ବରରେ ତୁର୍କୀ ପୋଲିସ ତାଙ୍କୁ ଇରାନକୁ ହସ୍ତାନ୍ତର କରିଥିଲା। ସେବେଠାରୁ ସେ ଇରାନରେ ଅଟକ ରହିଥିଲେ। ବେଶ୍ୟାବୃତ୍ତିକୁ ପ୍ରୋତ୍ସାହିତ କରିବା ଓ ଅନ୍ୟାନ୍ୟ ମାମଲାରେ ମଧ୍ୟ ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା।

## ଆମେରିକାରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

ୱାଶିଂଟନ, ୨୦।୧

ଆମେରିକାର ୱାଶିଂଟନ ଡିସିରେ ସୋମବାର ଭାରତୀୟ ଛାତ୍ର କୋୟଦା ରବି ତେଜା(୨୬)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ତାଙ୍କ ଘର ହାଇଦ୍ରାବାଦର ଗ୍ରୀନ୍ ହିଲ୍ସ କଲୋନିରେ ହୋଇଥିବା ଜଣାପଡ଼ିଛି। ଏହି ଗୁଳିକାଣ୍ଡକୁ ନେଇ ୱାଶିଂଟନ ଡିସି ପୋଲିସ ତଦନ୍ତ ଜାରି ରଖିବା ସହ ଅଭିଯୁକ୍ତ ଆତତାୟୀଙ୍କୁ ଧରିବାକୁ ପ୍ରୟାସ କରୁଛି।

## ୟୁସିସି ନିୟମକୁ ଉତ୍ତରାଖଣ୍ଡର ମଞ୍ଜୁରୀ

ଡେରାଡୁନ୍,୨୦।୧(ପି.ଟି.)

ସମାନ ନାଗରିକ ସଂହିତା (ୟୁସିସି)ର ନିୟମାବଳୀଗୁଡ଼ିକୁ ଉତ୍ତରାଖଣ୍ଡ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଖୁବ୍‌ଶୀଘ୍ର ୟୁସିସି କାର୍ଯ୍ୟକାରୀ ହେବା ନେଇ ତାରିଖ ଘୋଷଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସୋମବାର କହିଛନ୍ତି। ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି ପ୍ରାୟତଃ ଶେଷ ହୋଇଛି। ତାଲିମ ପ୍ରକ୍ରିୟା ମଧ୍ୟ ଶେଷ ହୋଇଥିବାରୁ ଯଥାଶୀଘ୍ର ସମ୍ଭବ ରାଜ୍ୟରେ ୟୁସିସି ଲାଗୁ ହେବ ବୋଲି ଧାମି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଜାନୁଆରୀରେ ୟୁସିସି ଲାଗୁ ହେବ ବୋଲି ମାସକ ପୂର୍ବରୁ ଧାମି ଘୋଷଣା କରିଥିଲେ। ଜାନୁଆରୀ ୨୩ରେ ସେଠାରେ ପୌର ନିର୍ବାଚନ ଥିବାରୁ ସରକାର ସାଧାରଣତନ୍ତ୍ର ଦିବସରେ ୟୁସିସି କାର୍ଯ୍ୟକାରିତା ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହା କାର୍ଯ୍ୟକାରୀ ହେଲେ ରାଜ୍ୟରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉତ୍ତରାଖଣ୍ଡରେ ୟୁସିସି ଲାଗୁ ହେବା ନେଇ ୨୦୨୨ ନିର୍ବାଚନ ପୂର୍ବରୁ ଭାଜପା ପ୍ରତିଶ୍ରୁତି ଦେଇଥିଲା। ବିଶେଷଜ୍ଞ କମିଟି ଗଠିତ ନିୟମାବଳୀ ପ୍ରସ୍ତୁତ କରିବା ପରେ ବିଧାନସଭାରେ ବିଲ୍ ଗୃହୀତ ହୋଇଥିଲା। ରାଜ୍ୟପାଳ ଏବଂ ରାଷ୍ଟ୍ରପତି ବିଲ୍‌କୁ ଅନୁମୋଦନ କରିସାରିଥିବାରୁ ଏହା ଆଇନରେ ପରିଣତ ହୋଇଛି। ସମସ୍ତଙ୍କ ପାଇଁ ସମାନ ନାଗରିକ ସଂହିତା ଲାଗୁ କରିବାରେ ଉତ୍ତରାଖଣ୍ଡ ପ୍ରଥମ ରାଜ୍ୟ ହେବାକୁ ଯାଉଛି।

## ବଲିଉଡ୍‌ରେ ଅଭିନେତ୍ରୀଙ୍କୁ ମିଳେ ଅପ୍ରାସଙ୍ଗିକ ଚରିତ୍ର

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାୱତ ସୋମବାର ଏକ ସାକ୍ଷାତ୍‌କାରରେ କହିଛନ୍ତି, ୨୦୧୮ରେ ରିଲିଜ୍ ହୋଇଥିବା 'ପଦ୍ମାବତ' ଫିଲ୍ମରେ ରାଣୀ ପଦ୍ମାବତୀଙ୍କ ଭୂମିକାରେ ଅଭିନୟ କରିବା ପାଇଁ ତାଙ୍କୁ ଫିଲ୍ମ ନିର୍ମାତା ସଞ୍ଜୟ ଲୀଲା ଭଁସାଲୀ ଅଫର ଦେଇଥିଲେ। ତେବେ ଏହି ଅଫରକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ଫିଲ୍ମରେ ରାଣୀ ପଦ୍ମାବତୀଙ୍କ ଭୂମିକାରେ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଅଭିନୟ କରିଥିଲେ।

ଏହି ସାକ୍ଷାତ୍‌କାରରେ କଙ୍ଗନା ହିନ୍ଦୀ ସିନେମାର ନାମୀ ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକଙ୍କୁ ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବଲିଉଡ୍ ଇଣ୍ଡଷ୍ଟ୍ରିର ନାମୀ ନିର୍ଦ୍ଦେଶକ ଓ ଫିଲ୍ମ ନିର୍ମାତାମାନେ ତାଙ୍କ ଫିଲ୍ମରେ ମହିଳା କଳାକାରମାନଙ୍କୁ ଯେପରି ଉପସ୍ଥାପନ କରନ୍ତି, ତାହା ତାଙ୍କୁ ପସନ୍ଦ ଆସେ ନାହିଁ ବୋଲି କଙ୍ଗନା କହିଛନ୍ତି। ସେ ଆହୁରି କହିଛନ୍ତି, ଜଣେ ମହିଳା କଳାକାର ଭାବେ ସେ ଏପରି ଫିଲ୍ମରେ କାମ କରିବାକୁ ଚାହାନ୍ତି, ଯେଉଁଥିରେ ଅଭିନେତ୍ରୀ ଭାବେ ତାଙ୍କ ଚରିତ୍ର ଗୁରୁତ୍ୱ ବହନ କରୁଥିବ। ବଡ଼ ବଡ଼ ନିର୍ଦ୍ଦେଶକଙ୍କ ଫିଲ୍ମରେ ମଧ୍ୟ ଲିଡ୍ ଫିମେଲ ଆକ୍ଟରଙ୍କର ଅଭିନୟ ଅତି ବେଶିରେ ୧୦ରୁ ୧୫ ମିନିଟ ରହିଥାଏ। ଉକ୍ତ ଫିଲ୍ମଗୁଡ଼ିକ ପୂରାପୂରି ଭାବେ ମୁଖ୍ୟ ଅଭିନେତାଙ୍କୁ କେନ୍ଦ୍ର କରି ହୋଇଥାଏ। ଏହି ମାନସିକତା ଠିକ୍ ନୁହେଁ ବୋଲି କଙ୍ଗନା କହିଛନ୍ତି। 'ପଦ୍ମାବତ' ଫିଲ୍ମରେ ଦୀପିକାଙ୍କ ଚରିତ୍ରର ବିଶେଷ ଭୂମିକା ନ ଥିଲା। ଦୀପିକା ପୂରା ଫିଲ୍ମରେ ରାଣୀ ପଦ୍ମାବତୀଙ୍କ ଚରିତ୍ରରେ କେବଳ ନିଜକୁ ସଜେଇ ହେଉଥିଲେ ବୋଲି କହି କଙ୍ଗନା କଟାକ୍ଷ କରିଛନ୍ତି।


କଙ୍ଗନା ରାଣାୱତ

# ଉଠାଦୋକାନୀଙ୍କୁ ମିଳିବ ଭେଣ୍ଡିଂ ସାର୍ଟିଫିକେଟ୍

## ଜାତୀୟ ଉଠାଦୋକାନୀ ଦିବସରେ ଭୁବନେଶ୍ୱରରେ ସମାବେଶ

ଭୁବନେଶ୍ୱର, ୨୦।୧ (ବନ୍ଦନା ସେଠୀ)

ଉଠାଦୋକାନୀମାନଙ୍କ ଅଧିକାରକୁ କେହି ଛଡ଼ାଇ ନେଇପାରିବେ ନାହିଁ। ସେମାନଙ୍କୁ ଠିକ୍ ଭାବରେ ଥଇଥାନ କରାଯିବ ଓ ପରିଚୟ ପତ୍ର, ଭେଣ୍ଡିଂ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି। ସୋମବାର ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଓ ଏନେଇ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ, ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ୟୁନିଟ୍-୧ ଫଳ ଭେଣ୍ଡିଂଜୋନ୍‌ଠାରେ ଜାତୀୟ ଉଠାଦୋକାନୀ ଦିବସ ପାଳିତ ହୋଇଥିଲା। ମହାସଂଘ ସଭାପତି ପ୍ରତାପ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମେୟର ଦାସ ଯୋଗଦେଇ ଉଠାଦୋକାନୀଙ୍କ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ସିଏମ୍‌ସି ମେୟର ସୁବାସ ସିଂ କହିଲେ, ଉଠାଦୋକାନୀମାନେ ରାସ୍ତାକଡ଼ରେ ବସି ବ୍ୟବସାୟ କରିବାର ଅଧିକାର ରହିଛି। ସେମାନଙ୍କୁ କେହି ଉଚ୍ଛେଦ କରିପାରିବେ ନାହିଁ। ସେମାନଙ୍କୁ ଥଇଥାନ କରିବା ହେଉଛି ସରକାରଙ୍କ କାମ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଉଠାଦୋକାନୀଙ୍କୁ ଉଚ୍ଛେଦ ନ କରି ଥଇଥାନ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ମତ ଦେଇଥିଲେ। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କହିଲେ, ଏହି ଭେଣ୍ଡିଂଜୋନ୍ ମୋର ଜୀବନ। ବିଶ୍ୱକପ୍ ହକି ଓ ପ୍ରବାସୀ ଭାରତୀୟ ସମ୍ମିଳନୀ ସମୟରେ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନଙ୍କୁ ଥଇଥାନ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ, ତାଙ୍କ ନିର୍ବାଚନମଣ୍ଡଳୀରେ ଯେତେ ଉଠାଦୋକାନୀ ଅଛନ୍ତି, ସମସ୍ତଙ୍କ ଥଇଥାନ ଦାୟିତ୍ୱ ବିଧାୟକଙ୍କର ବୋଲି ମତ ରଖିଥିଲେ। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶୋଭାଯାତ୍ରା ରାଜମହଲ ଛକରୁ ବାହାରି କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିବା ପରେ ସଭା ଆରମ୍ଭ ହୋଇଥିଲା। ଉଠାଦୋକାନୀ ଆଇନ ଅନୁଯାୟୀ ଫୁଟ୍‌ପାଥର ଏକ ତୃତୀୟାଂଶ ଜାଗାରେ ଉଠାଦୋକାନୀମାନଙ୍କୁ ଥଇଥାନ କରିବା, ପୂର୍ବତନ ବିଏମ୍‌ସି କମିଶନର ଅପରାଜିତା ଷଡ଼ଙ୍ଗୀ ଓ ପୂର୍ବତନ ମେୟର ଅନନ୍ତ ନାରାୟଣଙ୍କ ସମୟରେ ଉଠାଦୋକାନୀମାନଙ୍କୁ ଥଇଥାନ କରାଯିବା ଭଳି ସମସ୍ତଙ୍କୁ ଥଇଥାନ କରିବା, ଉଠାଦୋକାନୀ ଆଇନ ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା, ପ୍ରତ୍ୟେକ ଉଠାଦୋକାନୀ ସଂଘ ବା ଭେଣ୍ଡିଂଜୋନଗୁଡ଼ିକରେ ଶୌଚାଳୟ, ପାନୀୟ ଜଳ, ବିଜୁଳି ଓ ପାର୍କିଂର ବ୍ୟବସ୍ଥା କରିବା ଆଦି ୭ଦଫା ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ, ବିପିନ ଜେନା, ସୂର୍ଯ୍ୟମଣି ସାହୁ, ନିରଞ୍ଜନ ପାଣ୍ଡେ, ଲଲାଟ ଓଝା, ଶୁଭଲକ୍ଷ୍ମୀ ମହାନ୍ତି, ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ରାଜଭବନ ଛକରୁ ୟୁନିଟ୍-୧ ଅଭିମୁଖେ ଉଠାଦୋକାନୀଙ୍କ ଶୋଭାଯାତ୍ରା ଯାଉଛି।

## ଅଧିକ ସନ୍ତାନ ଥିବାରୁ ୪ ୱାର୍ଡ ସଭ୍ୟାସଭ୍ୟଙ୍କ ପଦ ରଦ୍ଦ

ଟାଙ୍ଗୀ, ୨୦।୧ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ବାଲିପାଟପୁର ପଞ୍ଚାୟତର ୪ଜଣ ୱାର୍ଡସଭ୍ୟଙ୍କ ଅଧିକ ସନ୍ତାନ ଥିବାରୁ ସେମାନଙ୍କର ସଭ୍ୟ ପଦ ରଦ୍ଦ ହୋଇଛି। ଏହି ପଞ୍ଚାୟତର ୱାର୍ଡସଭ୍ୟ ପ୍ରମୋଦ ବେହେରା, ବାସୁଦେବ ବେହେରା, ସଭ୍ୟା ତୁଳସୀ ବେହେରା ଏବଂ ମାନସୀ ବେହେରାଙ୍କ ଦୁଇରୁ ଅଧିକ ସନ୍ତାନ ଥିବା ନେଇ ବାଲିପାଟପୁର ଗ୍ରାମର ହୁଲାସ ବେହେରା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ଏକ ମାମଲା ନଂ.୨/୨୩ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଜିଲା ପଞ୍ଚାୟତ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ତା.୧୩।୭।୨୩ ଚିଠି ନଂ.୩୬୧ରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏବଂ ତା.୨୧।୨।୨୩ ଚିଠି ନଂ.୧୩୪ରେ ଟାଙ୍ଗୀ ସିଡିପିଓ ରିପୋର୍ଟ ପ୍ରଦାନ କରିଥିଲେ। ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ସେକ୍ସନ ୨୫ (୧)୫ ଅନୁଯାୟୀ ୧୯୯୪ ମସିହାରେ କାର୍ଯ୍ୟକାରୀ ଘୋଷଣା କରାଯାଇଥିଲା। ତା.୨୧।୪।୧୯୯୫ ପରେ ଯାହାର ତୃତୀୟ ସନ୍ତାନ ହୋଇଥିବ ସେମାନେ ପଞ୍ଚାୟତ ନିର୍ବାଚନରେ ଭାଗ ନେଇପାରିବେ ନାହିଁ। ସମସ୍ତ ତଥ୍ୟକୁ ଆଧାର କରି ସାକ୍ଷ୍ୟ ପ୍ରମାଣ ସହ ତା.୧୮।୧।୨୫ରେ ଜିଲାପାଳଙ୍କ କୋର୍ଟ ସମ୍ପୃକ୍ତ ୪ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ସଭ୍ୟପଦ ରଦ୍ଦ କରିଛନ୍ତି। ସୂଚନାଥାଉ କି, ପ୍ରମୋଦ ବେହେରା, ତୁଳସୀ ବେହେରା, ମାନସୀ ବେହେରାଙ୍କ ୩ଟି ଲେଖାଏ ସନ୍ତାନ ଏବଂ ବାସୁଦେବ ବେହେରାଙ୍କ ୫ଟି ସନ୍ତାନ ଥିବା ଜଣାପଡିଛି।

## ସାନପଦର ପାସେଞ୍ଜର ହଲ୍ଟ ଉଦ୍‌ଘାଟିତ



ସାନପଦର ପାସେଞ୍ଜର ହଲ୍ଟରେ ଏମ୍‌ପି ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ ପତାକା ଦେଖାଇ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରୁଛନ୍ତି।

ବୋଲଗଡ଼/ଭୁବନେଶ୍ୱର, ୨୦।୧ (ଦେବବ୍ରତ ହୋତା/ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍‌ର ବୋଲଗଡ଼ ବ୍ଲକ ସାନପଦରଠାରେ ସୋମବାର ନୂତନ ପାସେଞ୍ଜର ହଲ୍ଟ(ପିଏଚ୍)ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା, ରବୀନ୍ଦ୍ର ସୁବୁଦ୍ଧି, ପ୍ରକାଶ ସାହୁ, ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ସମିତିସଭ୍ୟ ଦିଲୀପ ମହାପାତ୍ର, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ ପ୍ରମୁଖ ଯୋଗଦେଇ ସବୁଜ ପତାକା ଦେଖାଇ ଦଶପଲ୍ଲା-ଭୁବନେଶ୍ୱର ଟ୍ରେନ୍ ରହଣି ପୂର୍ବକ ଏହି ପାସେଞ୍ଜର ହଲ୍ଟର ଉଦ୍‌ଘାଟନ କରିଥିଲେ। ଏହି ପାସେଞ୍ଜର ହଲ୍ଟ ଦ୍ୱାରା ଅଞ୍ଚଳର ବର୍ଦ୍ଧିତ ପରିବହନ ଆବଶ୍ୟକତା ପୂରଣ ହେବା ସହ ସ୍ଥାନୀୟ ଯାତ୍ରୀଙ୍କ ପାଇଁ ସୁଗମ ଉନ୍ନତ ହୋଇପାରିବ ବୋଲି ଅତିଥିମାନେ କହିଥିଲେ।

ପ୍ରକାଶ ଯେ, ଦୁଇବର୍ଷ ପୂର୍ବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନୟାଗଡ଼ ଜିଲା ଦଶପଲ୍ଲା ଗସ୍ତ ସମୟରେ ସାଧାରଣ ଲୋକ ଏବଂ କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ଅନୁରୋଧକ୍ରମେ ଏହି ପାସେଞ୍ଜର ହଲ୍ଟ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୫୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପାସେଞ୍ଜର ହଲ୍ଟର ପ୍ଲାଟ୍‌ଫର୍ମ ୪୫୦ ମିଟର ରହିଥିବାବେଳେ ୬ଟି ଛୋଟ ଯାତ୍ରୀ ଆଶ୍ରୟସ୍ଥଳ ରହିଛି। ପ୍ଲାଟ୍‌ଫର୍ମରେ ୩୦ଜଣ ଏବଂ ଅପେକ୍ଷା କକ୍ଷରେ ୧୩ ଜଣ ଯାତ୍ରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ରାତିରେ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୨୨ଟି ଲାଇଟ ପୋଷ୍ଟ, ୧ଟି ହାତ ନଳକୂପ, ୧ଟି ବୁକିଂ କାଉଣ୍ଟର, ଅପେକ୍ଷା କକ୍ଷରେ ପୁରୁଷ ଏବଂ ମହିଳାଙ୍କ ପାଇଁ ପୃଥକ ଶୌଚାଳୟ ରହିଛି। ଇତିମଧ୍ୟରେ ସ୍ଥାନୀୟ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଗୋଟିଏ ଏକ୍ସପ୍ରେସ ଟ୍ରେନ ସମେତ ୪ ଯୋଡ଼ା ଟ୍ରେନ ସାନପଦରଠାରେ ରହଣି ଆରମ୍ଭ କରିଛି। ଏସବୁ ଟ୍ରେନ୍ ହେଲା ୧୮୪୨୩/୧୮୪୨୪ ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ଏକ୍ସପ୍ରେସ ଓ ୩ଟି ଲୋକାଲ ମେମୁ ମଧ୍ୟରେ ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ, ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ ଓ ପୁରୀ-ଦଶପଲ୍ଲା-ପୁରୀ ମେମୁ ରହିଛି। ସାନପଦର ହଲ୍ଟ ବ୍ୟତୀତ ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ଏକ୍ସପ୍ରେସ ବୋଲଗଡ଼ ଟାଉନ୍ ପାସେଞ୍ଜର ହଲ୍ଟରେ ରହଣି କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଚିଲିକାରେ ଡଲ୍‌ଫିନ ଗଣନା ଆରମ୍ଭ

ବାଲୁଗାଁ/ବ୍ରହ୍ମଗିରି, ୨୦।୧ (ସଂଗ୍ରାମ ପାଇକରାୟ/ସ୍ୱାଧୀନ ଚମ୍ପତିରାୟ)

ଚିଲିକାରେ ଇରାୱାଡି ଏବଂ ବୋଟଲନୋଜ୍ ପ୍ରଜାତିର ଡଲ୍‌ଫିନ ଗଣନା ସୋମବାର ଭୋରୁ ଆରମ୍ଭ ହୋଇଛି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଏବଂ ସିଡିଏର ମିଳିତ ଆନୁକୂଲ୍ୟରେ ଏହି ଗଣନା ହେଉଛି। ମୋଟ୍ ୧୮ଟି ଟିମ୍‌ରେ ୧୪୫ଜଣ ପ୍ରଶିକ୍ଷଣକାରୀ ଏହି ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଚିଲିକାକୁ ୪ଟି ସେକ୍ଟରରେ ବିଭକ୍ତ କରାଯାଇଛି। ମଧ୍ୟ ଚିଲିକା ଏବଂ ଦକ୍ଷିଣ ଚିଲିକା ଅଞ୍ଚଳରେ ୧୦ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହୋଇଥିବା ବେଳେ ଉତ୍ତର ଏବଂ ବାହ୍ୟ ଚିଲିକାରେ ୮ଟି ଟିମ୍ ନିୟୋଜିତ ହୋଇଛନ୍ତି।


ପ୍ରଶିକ୍ଷଣକାରୀ ଟିମ୍ ଚିଲିକାରେ ଡଲ୍‌ଫିନ ଗଣନା କରୁଛନ୍ତି।

ଏହି ଗଣନା ତିନି ଦିନ ଧରି ଜାରି ରହିବ। ଗଣନା ସରିବା ପର୍ଯ୍ୟନ୍ତ ଚିଲିକାରେ ମାଛ ଧରା ଏବଂ ପର୍ଯ୍ୟଟକଙ୍କ ଡଙ୍ଗା ଚଳାଚଳକୁ ବିଭାଗ ପକ୍ଷରୁ ବାରଣ କରାଯାଇଛି। ଚୂଡ଼ାନ୍ତ ରିପୋର୍ଟ ଭୁବନେଶ୍ୱରସ୍ଥିତ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଳାନ ନାୟକ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସଞ୍ଜୟ


@ ଗଙ୍ଗାଧର


@ ଶ୍ରୀକାନ୍ତ


@ ମନମୋହନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜିଠାରୁ ୬ ଗ୍ରହଙ୍କ ବିରଳ ମହାଜାଗତିକ ଦୃଶ୍ୟ

ଭୁବନେଶ୍ୱର, ୨୦।୧ (ସୁଚିସ୍ମିତା ସାହୁ)

ଆକାଶରେ ମଙ୍ଗଳବାରଠାରୁ ଦେଖିବାକୁ ମିଳିବ ୬ଟି ଗ୍ରହଙ୍କ ବିରଳ ମହାଜାଗତିକ ଦୃଶ୍ୟ। ସୌରଜଗତର ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି, ନେପ୍‌ଚୁନ୍ ଓ ୟୁରେନ୍‌ସ ୩୧ ତାରିଖ ପର୍ଯ୍ୟନ୍ତ ଏକ ସରଳ ରେଖାରେ ଦୃଶ୍ୟମାନ ହେବେ। ମଙ୍ଗଳ, ଶୁକ୍ର, ବୃହସ୍ପତି ଓ ଶନିକୁ ଲୋକେ ଖାଲିଆଖିରେ ଦେଖିପାରିବେ। ସେହିପରି ଦୂରବୀକ୍ଷଣ ଏବଂ ଟେଲିସ୍କୋପ ମାଧ୍ୟମରେ ନେପଚୁନ ଓ ୟୁରେନସ ଦୃଶ୍ୟମାନ ହେବେ। ସାଧାରଣ ଲୋକେ ଯେପରି ଏହି ବିରଳ ଦୃଶ୍ୟକୁ ଦେଖିପାରିବେ ସେଥିପାଇଁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସୋମବାର ବ୍ୟତୀତ ଅନ୍ୟ ସବୁଦିନ ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଏଭଳି ବିରଳ ଦୃଶ୍ୟ ଦେଖିପାରିବେ ବୋଲି ରାଜ୍ୟ ବିଜ୍ଞାନ ଓ କାରିଗରି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଡ୍ରିମ୍‌ସରେ ୬ ଦିନିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଭୁବନେଶ୍ୱର, ୨୦।୧ (ଅଭୟ ଦାଶ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ପକ୍ଷରୁ ଏକ ୬ ଦିନିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ମାଇକ୍ରୋ ଗ୍ରୀଡ୍ କ୍ଷେତ୍ରରେ ସଦ୍ୟତମ ଅଗ୍ରଗତି' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଭିତ୍ତିକ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ସମେତ ରାଜ୍ୟର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ ଗବେଷକମାନେ ଅଂଶଗ୍ରହଣ କରିଛନ୍ତି। ପଦ୍ମିନୀ ଅଡିଟୋରିୟମ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ସେ କହିଲେ, ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଧାରିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୈଷୟିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହ ଶକ୍ତି ଉତ୍ପାଦନ ଓ ବ୍ୟବହାର କ୍ଷେତ୍ରରେ ଦେଖାଦେଇଥିବା ସମସ୍ୟା ଦୂର କରିବାରେ ମାର୍ଗଦର୍ଶନ କରିବ। ଏହି ଅବସରରେ ସେ ନିମନ୍ତ୍ରିତ ଅତିଥି ଓ ବକ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଶକ୍ତି ଉତ୍ପାଦନ କ୍ଷେତ୍ରରେ ଦେଖାଦେଇଥିବା ସଙ୍କଟ ଓ ମାଇକ୍ରୋ ଗ୍ରୀଡ୍‌ର ଉପଯୋଗିତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ଆଇଆଇଟି ପାଟନାର ପ୍ରଫେସର ଡ. ରଞ୍ଜନ କୁମାର ବେହେରା ଯୋଗଦେଇ ଉକ୍ତ ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଦକ୍ଷତାର ଠିକ୍ ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଗ୍ରୀଡ୍ ଟେକ୍ନୋଲୋଜିର ପ୍ରାଧାନ୍ୟ ଉପରେ ଡ. ପ୍ରକାଶ କୁମାର ରାୟ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଡିନ୍ ଡ. ନୟନ ରଞ୍ଜନ ସାମଲ, ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ଆଇକ୍ୟୁଏସିର ନିର୍ଦ୍ଦେଶକ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ଏକାଡେମୀ ଡାଇରେକ୍ଟର ଡ଼. ପ୍ରିୟଦର୍ଶୀ କାନୁନ୍‌ଗୋ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଯୋଜକ ପ୍ରାଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲାବେଳେ ପ୍ରାଧ୍ୟାପିକା ଡ. ଦେବଯାନୀ ମିଶ୍ର ଏହାକୁ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ଜଗନ୍ନାଥ ସଂସ୍କୃତିର ବାହକ ଥିଲେ ଚାଖି ଖୁଣ୍ଟିଆ

ଭୁବନେଶ୍ୱର, ୨୦।୧ (ସୌମ୍ୟରଞ୍ଜନ ରାଉତ)

ଚାଖି ଖୁଣ୍ଟିଆଙ୍କ ସାହିତ୍ୟ ରଚନା ସୁନ୍ଦର ଓ ସରଳ ଥିଲା। ଏକାଧାରରେ ସେ ଜଣେ ମହାନ୍ ବିପ୍ଳବୀ, ଯୋଦ୍ଧା, ଦେଶଭକ୍ତ, ସେବକ, ସମାଜ ସଂସ୍କାରକ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଥିଲେ। ଏଭଳି ମହାପୁରୁଷ ଆମ ଦେବଭୂମିରେ ବାରମ୍ବାର ଜନ୍ମ ନିଅନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତି ପକ୍ଷରୁ ସୋମବାର ସୂଚନା ଭବନଠାରେ ମହାନ୍ ବିପ୍ଳବୀ ଚନ୍ଦନ ହଜୁରୀ(ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଯୋଗଦେଇ ଚାଖି ଖୁଣ୍ଟିଆ ପ୍ରଚଣ୍ଡ ପ୍ରତିଭାଧାରୀ ଏବଂ ଜଗନ୍ନାଥ ସଂସ୍କୃତିର ବାହକ ଭାବେ ସମଗ୍ର ଭାରତ ଭୂଖଣ୍ଡରେ ତାଙ୍କ କୀର୍ତ୍ତି ଗଢି ଯାଇଛନ୍ତି ବୋଲି ସେ କହିଛନ୍ତି। ଶିକ୍ଷାବିତ୍ ଓ ସାହିତ୍ୟିକ ଡ. ନଟବର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଚାଖି ଖୁଣ୍ଟିଆ ୧୮୫୭ ମସିହାର ସିପାହୀ ବିଦ୍ରୋହକୁ ଶକ୍ତିଶାଳୀ କରି ଇଂରେଜଙ୍କ ବିରୋଧରେ ସଂଗ୍ରାମ କରି ଓଡ଼ିଶା ବୀରତ୍ୱ ଇତିହାସରେ ଏକ ଅବିସ୍ମରଣୀୟ ଛାପ ଛାଡ଼ିଯାଇଛନ୍ତି। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଲେ, ଚନ୍ଦନ ହଜୁରୀଙ୍କ ବୈପ୍ଳବିକ ଚିନ୍ତାଧାରା ଅନନ୍ୟ ଥିଲା। ଆମ ଉତ୍ତରପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ ବୋଲି ସେ କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ କହିଲେ, ଚାଖି ଖୁଣ୍ଟିଆ ଜାତୀୟସ୍ତରରେ ଓଡ଼ିଶାର ଗର୍ବଗୌରବକୁ ମହିମାମଣ୍ଡିତ କରିଥିଲେ। ଏହି ଅବସରରେ ଅତିଥିମାନେ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପଞ୍ଚମ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଭକ୍ତି ସଙ୍ଗୀତ, ଦେବଦାସୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସକାଳେ ବିଭାଗ ତରଫରୁ କଳ୍ପନାଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଚାଖି ଖୁଣ୍ଟିଆ ସ୍ମୃତି ସମିତି ଅଧ୍ୟକ୍ଷ ଡା. ବସନ୍ତ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ।



ବିପ୍ଳବୀ ଚାଖି ଖୁଣ୍ଟିଆଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟ ଅତିଥି।

**ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ**

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ)-କୁଶଭଦ୍ରା ନଦୀର ଦିଘାଲୋ, ଧୂରପୁର ନଦୀପଠାରୁ ବେଆଇନ ଭାବେ ବାଲି ଉଠାଣ ଅଭିଯୋଗରେ ସ୍ଥାନୀୟ ଥାନା ପୋଲିସ ନିମାପଡ଼ା ଥାନା ଅଧୀନ ଦିଘାଲୋ ଛକ ନିକଟରୁ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ଏଥିସହ ଚାଳକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ସର୍ବାପଡ଼ା ଗ୍ରାମର ରତିକାନ୍ତ ଭୋଇ। ପୋଲିସ ଏ ସମ୍ପର୍କରେ ଟ୍ରାକ୍ଟର ମାଲିକ ଓ ଚାଳକଙ୍କ ବିରୋଧରେ ୨୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବିନା କାଗଜ ପତ୍ରରେ ନିମାପଡ଼ା ରୁଟ୍‌ରେ ଟ୍ରକ୍, ହାଇୱା, ଟାକ୍ଟର ଯୋଗେ ବେଆଇନ ଭାବେ ବାଲି, ଗୋଡ଼ି, ପଥର, ମେଷ୍ଟାଲ ଆଦି ପରିବହନ କରୁଥିବା ଗାଡ଼ି ଓ ଚାଳକଙ୍କ ବିରୋଧରେ ପୋଲିସ ପକ୍ଷରୁ କଡ଼ା କଟକଣା ଜାରି କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଦେଖାଯାଉଛି।




୨୦।୧।୨୦୨୫

| | |
|---|---|
| ୫,୩୪,୮୩୯ ଟଙ୍କା | |
| ସୁନା | ୪.୭୦୦ ଗ୍ରାମ୍ |
| ରୁପା | ୧୨୨.୧୦୦ ଗ୍ରାମ୍ |

# କଣାସରେ ଥମୁନି ଝାଡ଼ାବାନ୍ତି: ୪ ମୃତ, ଶତାଧିକ ଆକ୍ରାନ୍ତ

କଣାସ,୨୦।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତ ନୂଆଗାଁ ଗ୍ରାମରେ ଝାଡ଼ାବାନ୍ତିରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। ଶନିବାର ନଈକୂଳପାଟଣା ଗ୍ରାମରେ ଝାଡ଼ାବାନ୍ତିରେ କେତେଜଣ ଆକ୍ରାନ୍ତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ଜିଲା ପ୍ରଶାସନର ଅଧିକାରୀ ଓ ଚିକିତ୍ସକ ଦଳ ୬ଦିନ ହେଲା ସେଠାରେ ରହି ବିଭିନ୍ନ ପ୍ରକାର ପଦକ୍ଷେପ ନେଉଥିଲେ ମଧ୍ୟ ଝାଡ଼ାବାନ୍ତି ଗାଁରୁ ଗାଁ ବ୍ୟାପି ଚାଲିଛି। ସୋମବାର ନୂଆଗାଁ, ନଈକୂଳପାଟଣା, ଜାଗୁଲେଇପଦର, କଳାପଦର, ଗୋପୀନାଥପୁର, ହରିପୁର, ଗଡ଼ିଶାଗୋଦା, ଯାମଳଗୋଦା, ପାଣ୍ଡିଆକେରା ପଞ୍ଚାୟତର ଶିମିଳିପାଟଣା, ବଡ଼ାସ ପଞ୍ଚାୟତ ବାଲିପାଟଣା ଗ୍ରାମର କେତେଜଣ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଦୟାନଦୀ ଜଳ ପ୍ରଦୂଷିତ ଯୋଗୁ ଝାଡ଼ାବାନ୍ତି ବ୍ୟାପୁଥିବା ପୁରୀ ମୁଖ୍ୟ ଚିକିତ୍ସା ଅଧିକାରୀ ରୂପଭାନୁ ମିଶ୍ର, ଉପଜିଲାପାଳ ରାଜକିଶୋର ଦାସ ସୂଚନା ଦେବାସହ ଆଖପାଖ ଗ୍ରାମବାସୀଙ୍କୁ ସଚେତନ କରାଉଛନ୍ତି।

## ରୋଗୀଙ୍କୁ ଭେଟିଲେ ଏମ୍‌ପି, ବିଧାୟକ



ପୁରୀ ଏମ୍‌ପି ସମ୍ବିତ ପାତ୍ର ଓ ସତ୍ୟବାଦୀ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର ସୋମବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ୭ଜଣ ରୋଗୀଙ୍କୁ ଭେଟିଛନ୍ତି। ଜଣ ଜଣ କରି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ପଚାରି ବୁଝିବା ସହିତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପରେ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏମ୍‌ପି, ବିଧାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ଉପଜିଲାପାଳ ରାଜକିଶୋର ଦାସ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ବିଡିଓ ନାରାୟଣ ସାହୁ, ତହସିଲଦାର ହିମାଂଶୁ ଶେଖର ଗିରି, କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଜୁଝାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ସମସ୍ତେ ଝାଡ଼ାବାନ୍ତି ବ୍ୟାପିଥିବା ନୂଆଗାଁ, ନଈକୂଳପାଟଣା, ଗଡ଼ିଶାଗୋଦା, ଜାଗୁଲେଇପଦର, କଳାପଦର, ଗୋପୀନାଥପୁର ଗ୍ରାମ ପରିଦର୍ଶନ କରିବା ସହିତ କୌଣସି ବ୍ୟକ୍ତି ନଦୀଜଳ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ।

## ଜିଲାପାଳଙ୍କ ବିରୋଧରେ କଣାସ ଥାନାରେ ଅଭିଯୋଗ



କଣାସ ଥାନାରେ ସୋମବାର ଦୟା ସୁରକ୍ଷା ଅଭିଯାନର କର୍ମୀ ସଚ୍ଚିକାନ୍ତ ପ୍ରଧାନ, କିଶାନ ପଟ୍ଟନାୟକ, କସ୍ତୁରୀଚରଣ ବଳିୟାରସିଂହ, ଅଭିମନ୍ୟୁ ଭୋଇ, ଉମାକାନ୍ତ ସ୍ୱାଇଁ, ସୁଦର୍ଶନ ଦାସ, ପ୍ରଶନ୍ନ ବିଷୋୟୀ ଜିଲାପାଳଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାପାଇଁ ଅଭିଯୋଗ କରିଥିବା ଜଣାପଡ଼ିଛି। ରାଜ୍ୟ ସରକାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦୟାନଦୀ ପାଣି ବ୍ୟବହାର ଉପଯୋଗୀ ନୁହେଁ ବୋଲି ଘୋଷଣା କରିଛନ୍ତି। କଣାସ ଥାନା ଅଞ୍ଚଳର ଭୂତଳ ଜଳ ଖାଦ୍ୟ ଉପଯୋଗୀ ନୁହେଁ, ରୋଷେଇ, ପିଇବା, ବାସନମଜା, ଲୁଗାସଫା ପାଇଁ ମଧ୍ୟ ଭୂତଳଜଳ ଉପଯୋଗୀ ନୁହେଁ। କିଛି ବିକଳ୍ପ ନ ଥିବାରୁ ପିପିଲି, ଡେଲାଙ୍ଗ, କଣାସ ବ୍ଲକ ଅଞ୍ଚଳର ଲୋକେ ପୂର୍ବପରି ଦୟାନଦୀ ପାଣି ବ୍ୟବହାର କରୁଛନ୍ତି।

ଏ ସମ୍ପର୍କରେ ଗ୍ରାମ୍ୟଜଳ ଯୋଗାଣ ବରିଷ୍ଠ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ନେଉନାହାନ୍ତି। ଚାଷୀମାନେ ପରିବା ଫସଲରେ ଏହି ଜଳକୁ ବ୍ୟବହାର କରୁଛନ୍ତି। ଜିଲାପାଳ ଭାବେ ଯେଉଁ ଦାୟିତ୍ୱ କରିବାର କଥା ତାହା କରିନାହାନ୍ତି, ବିଷାକ୍ତ ପାଣି ବ୍ୟବହାର କରି ଲୋକେ ମରିବାପରେ ଏଡିଏମ୍, ସବ୍‌କଲେକ୍ଟର, ସିଡିଏମ୍‌ଓ ପିକ୍‌ନିକ୍ ସ୍ପଟ୍‌ରେ ଥାଇ ଦୁଃଖ ଲାଗୁନାହିଁ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।


କଣାସ ଅଞ୍ଚଳର ଲୋକେ ଝାଡ଼ାବାନ୍ତିର ପ୍ରତିକାର ପାଇଁ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ।

## ପାନୀୟଜଳ ପାଇଁ ଲମ୍ବାଧାଡ଼ି



ନୂଆଗାଁ, ନଈକୂଳପାଟଣା, ଗଡ଼ିଶାଗୋଦା, ଗୋପୀନାଥପୁର, କଳାପଦର, ଜାଗୁଲେଇପଦରର ୧୦ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ବର୍ଷତମାମ ନଦୀଜଳ ଉପରେ ନିର୍ଭର କରନ୍ତି। ଭୁବନେଶ୍ୱର ଗଙ୍ଗୁଆନାଳର ବିଷାକ୍ତ ଜଳ ମିଶ୍ରଣ ହେବାଠାରୁ ଉକ୍ତ ଗ୍ରାମର ଅନେକ ବ୍ୟକ୍ତି ଚର୍ମରୋଗ, ପେଟରୋଗରେ ଆକ୍ରାନ୍ତ ହେଉଥିବା ବେଳେ ବର୍ଷ ସାରା ଝାଡ଼ାବାନ୍ତି ଲାଗିରହୁଛି। ଦୀର୍ଘ ୧୮ ଦିନ ହେଲା ଝାଡ଼ାବାନ୍ତି ଲାଗିବା ପରେ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ଜଳ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଟ୍ୟାଙ୍କର ଯୋଗେ ଜଳଯୋଗାଣ କାର୍ଯ୍ୟ ଚାଲୁରହିଛି। ଯେଉଁଜଳ ଯୋଗାଣ ଚାଲିଛି ତାହା ସମୁଦ୍ରକୁ ଶଙ୍ଖେ ବୋଲି ନୂଆଗାଁ ଏବଂ ଜାଗୁଲେଇପଦର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପିଇବା ପାଇଁ ପାଣି ଯୋଗାଇଥିବା ବେଳେ ନିତ୍ୟ ବ୍ୟବହାର ପାଇଁ ପାଣି ଦିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗରା, ବାଲ୍‌ଟି, ଡେକ୍‌ଚି ଧରି ମହିଳାମାନେ ଗାଁଦାଣ୍ଡରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହୁଛନ୍ତି। ପାଣି ନ ମିଳିବାରୁ କେତେଜଣ ବ୍ୟକ୍ତି ମଧ୍ୟ ନଦୀର ଜଳକୁ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି ।

## ନଦୀଘାଟରେ ଦିଆଗଲା ବାଉଁଶ ବାଡ଼

ଦୟାନଦୀର ଜଳରେ ଡାଇରିଆ ଭୂତାଣୁ ଥିବା ଜିଲା ଚିକିତ୍ସାଧିକାରୀ ରୂପଭାନୁ ମିଶ୍ର ପରୀକ୍ଷାରୁ ଜାଣିବା ପରେ ନଦୀଜଳ ବ୍ୟବହାର ନ କରିବାକୁ ବାରଣ କରିବା ସହିତ ୬ଟି ଘାଟରେ ଶୁକ୍ରବାର ବାଉଁଶ ବାଡ଼ ଦେଇଥିବା ଦେଖିବାକୁ ମିଳିଛି।

## 'ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି'

ପୁରୀ,(ଅଜିତ୍ କୁମାର ମହାନ୍ତି)

କଣାସ ଅଞ୍ଚଳରେ ଝାଡ଼ାବାନ୍ତି ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପଠାଯାଇ ଆକ୍ରାନ୍ତଙ୍କୁ ଚିକିତ୍ସା କରାଯାଉଛି। ରବିବାର ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ବରିଷ୍ଠ ଅଧିକାରୀମାନେ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସିଡିଏମ୍‌ଓ ଡାକ୍ତର ରୂପଭାନୁ ମିଶ୍ର ସୋମବାର କହିଛନ୍ତି, କଣାସ ଯାଇ ସ୍ଥିତି ଅନୁଧ୍ୟାନ କରିଛି। ଅଧିକ ଟ୍ୟାଙ୍କରରେ ପାନୀୟଜଳ ଯୋଗାଣ କରାଯାଉଛି। ଦୟା ନଦୀର ଜଳ ପ୍ରଦୂଷିତ ହୋଇଥିବା ଜଳ ପରୀକ୍ଷଣରୁ ଜଣାପଡ଼ିଛି। ଏଣୁ ଦୟା ନଦୀର ଜଳ ବ୍ୟବହାର କରିବାକୁ ଲୋକଙ୍କୁ ବାରଣ କରାଯାଇଛି। ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀମାନେ ଘରେ ଘରେ ଯାଇ ଡାଇରିଆ ଆକ୍ରାନ୍ତଙ୍କ ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି। ଗାଁରେ ବ୍ଲିଚିଙ୍ଗ ପକାଯାଉଛି। ନଦୀର ଦୁଇ ପାର୍ଶ୍ୱରେ ଦୁଇଟି ସ୍ୱାସ୍ଥ୍ୟ ଶିବିର କରାଯାଇଛି। ଭୁବନେଶ୍ୱର ଏମ୍ସରେ ୨, ଜଣେ ହାଇଟେକ୍ ଓ ଜଣେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କେଣାସରେ ୭ ଜଣ ଏବେ ଚିକିତ୍ସାଧୀନ ଅଛନ୍ତି।

**ସଂକ୍ଷେପରେ**

### ଖୋଲିଲା ନୀଳକଣ୍ଠେଶ୍ୱର ଧାନମଣ୍ଡି

ଗୋପ,୨୦।୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅନ୍ତର୍ଗତ ପୟରା ପଞ୍ଚାୟତ ଅଫିସ ନିକଟରେ ସୋମବାର ନୀଳକଣ୍ଠେଶ୍ୱର ଧାନମଣ୍ଡି ଖୋଲାଯାଇଛି। ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ପୟରା ସରପଞ୍ଚ ସୁମନ୍ତ କୁମାର ନାୟକ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ନୀଳକଣ୍ଠେଶ୍ୱର ଧାନମଣ୍ଡି ପକ୍ଷରୁ ପୂଜାର୍ଚ୍ଚନା କରାଯିବା ପରେ ଉପସ୍ଥିତ ଚାଷୀମାନେ ଧାନ ଦେଇଥିଲେ। ଗୋପ ବ୍ଲକ ଅଧୀନସ୍ଥ ପୟରାଠାରେ ଥିବା ରୀତିକା ମିଲ୍ ପକ୍ଷରୁ ବ୍ଲକ ଅଧୀନରେ ରହିଥିବା ୨୩ ଗୋଟି ମଣ୍ଡି ମଧ୍ୟରୁ ୧୬ଟି ଧାନମଣ୍ଡିରୁ ସରକାରୀ ନିୟମ ଅନୁସାରେ ଧାନ କ୍ରୟ କରୁଥିବା ସମୟରେ ଚାଷୀଙ୍କ ଲାଗି ସମସ୍ତ ବ୍ୟବସ୍ଥା ମଧ୍ୟ ଯୋଗାଇ ଦେଇଥିବାରୁ ଚାଷୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ଏହି ଧାନମଣ୍ଡି ଖୋଲାଯିବା ସମୟରେ ମିଲର୍ ସୂର୍ଯ୍ୟ ନାରାୟଣ ସେନାପତି, ବିକ୍ରମ ନାୟକ, ବିଜୟ କୁମାର ନାୟକ, ବିଭୂତି ଭୂଷଣ ନାୟକ, ଅନ୍ନଦା କୁମାର ଦାଶ, କିଶୋର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଥମ ପର୍ଯ୍ୟାୟରେ ୮୧୭ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ

ସାକ୍ଷୀଗୋପାଳ,୨୦।୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସୋମବାର ଅପରାହ୍ଣରେ ବର୍ଦ୍ଧିତ ଭତ୍ତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜୟପୁର ସମିତିସଭ୍ୟ ଦୀପକ ଶତପଥୀ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଲିପ୍ସା ରାୟ ପ୍ରମୁଖ ଯୋଗଦେଇଥିଲେ। ସତ୍ୟବାଦୀ ବ୍ଲକର ପ୍ରାରମ୍ଭିକ ପର୍ଯ୍ୟାୟରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ୬୪୬ ହିତାଧିକାରୀଙ୍କୁ ନଗଦ ଟଙ୍କା ଦିଆଯାଇଥିବା ବେଳେ ୧୧୧୨ ଜଣଙ୍କୁ ଆକାଉଣ୍ଟ ମାଧ୍ୟମରେ ଦିଆଯିବ। ସେହିଭଳି ୮୦ ପ୍ରତିଶତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମଧ୍ୟରୁ ୧୭୧ ଜଣଙ୍କୁ ନଗଦ ଟଙ୍କା ଦିଆଯାଇଥିବା ବେଳେ ୫୩ ଜଣ ହିତାଧିକାରୀଙ୍କୁ ସେମାନଙ୍କ ଆକାଉଣ୍ଟକୁ ପଠାଯିବ। ଆୟୋଜିତ ଶିବିରରେ ୮୧୭ ଜଣ ଉଭୟ ବର୍ଗର ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ଉପସ୍ଥିତ ଅତିଥିମାନେ ବଣ୍ଟନ କରିଥିଲେ। ସତ୍ୟବାଦୀ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ମୋନିକା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ଷତିଗ୍ରସ୍ତ ଚାଷୀଙ୍କ ହକ୍ ପାଇଁ ବିଜେଡିର ବିକ୍ଷୋଭ ସମାବେଶ

ବ୍ରହ୍ମଗିରି,୨୦।୧(ସ୍ୱାଧୀନ ଚମ୍ପତିରାୟ)

ଅଦିନିଆ ବର୍ଷାରେ ବ୍ରହ୍ମଗିରି ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତି ପାଇଁ ଚାଷୀଙ୍କ ସହ ସାମିଲ ହୋଇ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା ସୋମବାର ବ୍ରହ୍ମଗିରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏଥିସହ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ରହ୍ମଗିରି ତହସିଲଦାରଙ୍କୁ ପ୍ରଦାନ କରାଯାଇଛି।

ପ୍ରକାଶଥାଉକି, ୨୦୨୪ ଡିସେମ୍ବରରେ ଏକ ସପ୍ତାହ ଧରି ହୋଇଥିବା ଲଗାଣ ବର୍ଷାରେ ବ୍ରହ୍ମଗିରି ବ୍ଲକର ୨୫ ପଞ୍ଚାୟତ ଓ କୃଷ୍ଣପ୍ରସାଦ ବ୍ଲକର ୨୧ ପଞ୍ଚାୟତର ଚାଷୀଙ୍କ ଫସଲ କ୍ଷତି ହୋଇଥିଲା। ହଜାର ହଜାର ଚାଷଜମି ଜଳମଗ୍ନ ହେବା ଫଳରେ ଖରିଫ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏପରି କ୍ଷତି ଯୋଗୁ ବ୍ରହ୍ମଗିରି ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଛି। କିନ୍ତୁ ବିପର୍ଯ୍ୟୟ ତାଲିକାରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ତାଲିକା ନ ଥିବାରୁ ଚାଷୀକୁଳ ହତାଶ ହୋଇ ଯାଇଛନ୍ତି। ଏଣୁ ବିଜେଡି ପକ୍ଷରୁ ବର୍ମାଙ୍କ ନେତୃତ୍ୱରେ ଏକ ଗଣଧାରଣା ଦିଆଯାଇଥିଲା। ଏଥିରେ ବର୍ମା କହିଛନ୍ତି, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ଚାଷୀଙ୍କୁ ବିପର୍ଯ୍ୟୟ ତାଲିକାରେ ସାମିଲ ନ କଲେ ଆଗାମୀ ଦିନରେ ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


ତହସିଲଦାରଙ୍କୁ ସଞ୍ଜୟ କୁମାର ଦାସବର୍ମା ଦାବିପତ୍ର ପ୍ରଦାନ କରୁଛନ୍ତି ।

## ଅସ୍ତରଙ୍ଗରେ ଡଲଫିନ୍ ଗଣନା

ଅସ୍ତରଙ୍ଗ,୨୦।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳରେ ସୋମବାର ସକାଳ ୬ଟାରୁ ଅପରାହ୍ଣ ୨ଘଟିକା ପର୍ଯ୍ୟନ୍ତ ଡଲଫିନ ଗଣନା ହୋଇଥିଲା। ଗଙ୍ଗାଦେବୀ ଠାରୁ ଜାହାନିଆରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର ଓ ବନରକ୍ଷୀ ମିଳନ କୁମାର ମୁଦୁଲି, ଦେବୀ ମୁହାଣରୁ ଗଙ୍ଗାଦେବୀ ବନପାଳ ମାନସ ରଞ୍ଜନ ବେହେରା ଓ ବନରକ୍ଷୀ, ଜାହାନିଆରୁ ଡାଲୁଅକଣି ବନପାଳ ବବୁଲ ମଲ୍ଲିକ, ବନରକ୍ଷୀ ନିର୍ମଳ କୁମାର ଚାଟାର୍ଜି, ଡାଲୁଅକଣିରୁ କେଲୁଣୀ ମୁହାଣ ବନରକ୍ଷୀ ଶୁଭାଶିଷ ବିଶ୍ୱାଳ ଓ ବନରକ୍ଷୀ ଦିଲୀପ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼: ସ୍ଥାୟୀ ଆର୍ଥିକ ବ୍ୟବସ୍ଥା ଦାବି

କୋଣାର୍କ,୨୦।୧(ଜ୍ୟୋତିରାଜ ମହାନ୍ତି)

ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ ନିମନ୍ତେ ଉତ୍ତରପ୍ରଦେଶର ପ୍ରସିଦ୍ଧ କୁମ୍ଭମେଳା ଏବଂ ଓଡ଼ିଶାର ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ଭଳି ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ସ୍ଥାୟୀ ଆର୍ଥିକ ସହାୟତା ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ପୁରୀ ଜିଲା ପେଶାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଗବେଷକ ସଞ୍ଜୟ କୁମାର ବରାଳ, ଐତିହ୍ୟ ବିଶାରଦ ଓ ସଂସ୍କୃତି ଗବେଷକ ସୁରେନ୍ଦ୍ର କୁମାର ମିଶ୍ର, ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ଦାଶ ଓ ରାମକୃଷ୍ଣ ମହାନ୍ତିଙ୍କ ସମେତ କୋଣାର୍କ ଅଞ୍ଚଳବାସୀ ଏହି ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ, କୋଣାର୍କ ଠାରୁ ୩କିମି ଦୂର ଚନ୍ଦ୍ରଭାଗା ତୀର୍ଥରେ ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ବୁଡ଼ ପାଇଁ ଲକ୍ଷାଧିକ ଲୋକ, ସାଧୁସନ୍ଥଙ୍କ ସମାଗମ ହୋଇଥାଏ। ପୁରାଣ ଓ କିମ୍ବଦନ୍ତୀ ଅନୁଯାୟୀ, ଗଙ୍ଗାରେ ସାତଥର ସ୍ନାନ କରି ଶ୍ରଦ୍ଧାଳୁ ଯେତିକି ପୁଣ୍ୟ ଅର୍ଜନ କରିଥାନ୍ତି, ପୁଣ୍ୟତୋୟା ଚନ୍ଦ୍ରଭାଗାରେ ଥରେ ସ୍ନାନ କଲେ ସେହି ପୁଣ୍ୟ ପ୍ରାପ୍ତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ଉତ୍ତରପ୍ରଦେଶର ପ୍ରସିଦ୍ଧ କୁମ୍ଭମେଳା ଏବଂ ଓଡ଼ିଶାର ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ଉଭୟ ରାଜ୍ୟର ସରକାର ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରୁଛନ୍ତି। ମାତ୍ର ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ର ପ୍ରଚାର, ପ୍ରସାର ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ କୌଣସି ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରାଯାଇନାହିଁ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

## ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା: ନିମାପଡ଼ାକୁ ୧୧ ସ୍ୱର୍ଣ୍ଣ ପଦକ

ନିମାପଡ଼ା,୨୦।୧(ବିଚିତ୍ରାନନ୍ଦ ସାହୁ)

କୋଲକାତାର ନ୍ୟୁ ଅଲିପୁରଠାରେ ଆୟୋଜିତ ୨ ଦିନିଆ ସପ୍ତମ ଓପନ୍ ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଓଡ଼ିଶା ରୟାଲ ଟାଏକୋଣ୍ଡୋ ସଂଘ ନିମାପଡ଼ାର ୧୧ ଜଣ ଖେଳାଳି ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି। ପ୍ରତିଯୋଗିତାରେ ନିମାପଡ଼ା ଅମିତ ଟାଏକୋଣ୍ଡୋ ଆସୋସିଏଶନ ମୁଖ୍ୟ ପ୍ରଶିକ୍ଷକ ଅମିତ୍ କୁମାର ରାଉତଙ୍କ ନେତୃତ୍ୱରେ ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ୧୫ ପଦକ ଆଣିଛନ୍ତି। ସେମାନେ ୧୧ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ, ୨ଟି କାଂସ୍ୟ ପଦକ ଅର୍ଜନ କରିଛନ୍ତି। ସ୍ୱର୍ଣ୍ଣ ପଦକ ବିଜୟୀ ଖେଳାଳିମାନେ ହେଲେ ସାଗର ଦାସ, ସ୍ନେହାଶ୍ରୀ ସ୍ୱାଇଁ, ଆକାଶ ଦାସ, ତାନିଷ୍ଠା ଦାସ, ସୌମ୍ୟଶ୍ରୀ ବାରିକ୍, ଏ. ପ୍ରିୟଦର୍ଶିନୀ, ଅତିଶ କୁମାର ମହାପାତ୍ର, ଶ୍ରୀୟା ସୌମୃଦ୍ଧି, ସୌମ୍ୟରଞ୍ଜନ ପଲତା, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ସୂର୍ଯ୍ୟ ସୌରଭ ଦାସ ଓ ରୌପ୍ୟ ଓ କାଂସ୍ୟ ବିଜୟୀ ଖେଳାଳିମାନେ ହେଲେ ଶିବାନୀ ରାୟ ମହାନ୍ତି। ସଂଘ ସଭାପତି ସୁରେଶ ଚନ୍ଦ୍ର ଦାସ, ମିମାଂଶୁ ଖେଖର ପ୍ରଧାନ, ବିବେକାନନ୍ଦ ପାତ୍ର, ପାର୍ଥ ସାରଥି ରାଉତ, ନିର୍ମଳ ମିଶ୍ର, ମୃତ୍ୟୁଞ୍ଜୟ ଦାଶ, ରଘୁନାଥ ସ୍ୱାଇଁ, କୈଳାସ ପଣ୍ଡା ପ୍ରମୁଖ କୃତୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଟିଓ ଓ ଓଟିଏବି ଦ୍ୱାରା ୧୮ ଓ ୧୯ ତାରିଖରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ଛତିଶଗଡ଼ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

କୋଣାର୍କ,୨୦।୧(ଜ୍ୟୋତିରାଜ ମହାନ୍ତି)

ଛତିଶଗଡ଼ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମ ବିହାରୀ ଜୈସୱାଲ ସୋମବାର ଅପରାହ୍ଣରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। କଡ଼ା ସୁରକ୍ଷା ବଳୟରେ ଏଠାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ସ୍ୱୀକୃତିପ୍ରାପ୍ତ ଗାଇଡ୍ ପ୍ରଦୀପ ମଲ୍ଲ ସୂର୍ଯ୍ୟମନ୍ଦିରର ଐତିହାସିକ କାହାଣୀ ସମ୍ପର୍କରେ ବୁଝାଇଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଭାବବିହ୍ୱଳ ହୋଇଥିଲେ। ଏହି ଗସ୍ତ ସମୟରେ କୋଣାର୍କ ଥାନା ଆଇଆଇସି



ପୂର୍ଣ୍ଣଚନ୍ଦ୍ର ସେଠୀ, କେନ୍ଦ୍ର ଖଣି ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀ ପଞ୍ଜୀକରଣକୁ ନେଇ ଅନିୟମିତତା

କାକଟପୁର/ଅସ୍ତରଙ୍ଗ,୨୦।୧ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

**ଖୋଲିଲା ଧାନ ମଣ୍ଡି, ସରପଞ୍ଚ ଆଣିଲେ ସାଙ୍ଘାତିକ ଅଭିଯୋଗ**

କାକଟପୁର ବ୍ଲକ ବାଙ୍ଗୁରିଗାଁ ସେବା ସମବାୟ ସମିତିରେ ସୋମବାର ଧାନମଣ୍ଡି ଖୋଲିଛି। ଖରିଫ୍ ଧାନ କ୍ରୟକୁ ନେଇ ଚାଷୀଙ୍କ ପଞ୍ଜୀକରଣରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ବାଙ୍ଗୁରିଗାଁ ସରପଞ୍ଚ ପାର୍ଥ ବେହେରା ଅଭିଯୋଗ ଆଣିଛନ୍ତି।

ସୂଚନାଯୋଗ୍ୟ, ପୁରୀ ଜିଲା ସମ୍ମିଳିତ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ କାକଟପୁର ଶାଖା ଅଧୀନ ବାଙ୍ଗୁରିଗାଁ ସେବା ସମିତି ପକ୍ଷରୁ ସୋମବାର ଧାନମଣ୍ଡିରେ ଚାଷୀଙ୍କ ଠାରୁ ଖରିଫ ଧାନ କ୍ରୟର ଶୁଭାରମ୍ଭ ହୋଇଛି। ସମିତିର ସଭାପତି ବିଜୟ ଖଟୋଇଙ୍କ ଦ୍ୱାରା ପୂଜା ପାଠ ପରେ ନୋଡାଲ୍ ଅଧିକାରିଣୀ ଜସ୍ମିନ ଦାସ, ସ୍ଥାନୀୟ ସରପଞ୍ଚ ପାର୍ଥ ବେହେରା, ବାଙ୍ଗୁରିଗାଁ ସେବା ସମବାୟ ସମ୍ପାଦକ ସୁନାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ବାଙ୍ଗୁରିଗାଁ ସେବା ସମବାୟ ସମିତିରେ ୨୩୦ ଚାଷୀ ପଞ୍ଜୀକରଣ କରିଛନ୍ତି। କିନ୍ତୁ ମଣ୍ଡିରେ ଚାଷୀ ପଞ୍ଜୀକରଣରେ ଅନିୟମିତତା ନେଇ ସରପଞ୍ଚ ପାର୍ଥ ବେହେରା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ବାଙ୍ଗୁରିଗାଁ ସେବା ସମବାୟ ସମିତିରେ ୨୪-୨୫ ଖରିଫ୍ ଧାନ କ୍ରୟକୁ ନେଇ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। ସେବା ସମବାୟ ସମିତି ସଭାପତି ଓ ସମ୍ପାଦକଙ୍କ ମିଳିତ ଉଦ୍ୟମରେ ପ୍ରକୃତ ଚାଷୀଙ୍କୁ ଅଣଦେଖା କରାଯାଇ ଚତୁରତାର ସହିତ ନିଜ ସମ୍ପର୍କୀୟଙ୍କ ନାମରେ ଏକାଧିକ ଖାତା ଖୋଲାଯାଇଛି। ଗୋଟିଏ ଲେଖାଏ ଚକଜମିରେ ବିଭିନ୍ନ ଚାଷୀଙ୍କ ନାମରେ ଏପଟସେପଟ କରି ଅସାଧୁ ଉପାୟରେ ସେମାନଙ୍କ ନାମରେ କୁଇଣ୍ଟାଲ କୁଇଣ୍ଟାଲ ଟାର୍ଗେଟ କରି ସେମାନଙ୍କ ଟଙ୍କାକୁ ବାଟମାରଣା କରିବା ପାଇଁ ମସୁଧା ଚଳାଇଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ସରପଞ୍ଚ ପ୍ରକାଶ କରିଛନ୍ତି। ଏନେଇ ସଭାପତି ବିଜୟ ଖଟୋଇ ଓ ସମ୍ପାଦକ ସୁନାକର ରାଉତ ଘଟଣା ସମ୍ପର୍କରେ କହିଛନ୍ତି, ଚାଷୀଙ୍କର କୌଣସି ସମସ୍ୟା ନାହିଁ। ଯଦି ସରକାରୀସ୍ତରରେ ତଦନ୍ତ ହେବ ସମ୍ପୂର୍ଣ୍ଣ ସହଯୋଗ କରିବୁ।

## ନେତାଜୀଙ୍କ ପୁରୀ ବାସଭବନ ଅନ୍ତର୍ଜାତୀୟ ଗବେଷଣା କେନ୍ଦ୍ର ହେଉ

ପୁରୀ,୨୦।୧(ଅଜିତ୍ କୁମାର ମହାନ୍ତି)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପୁରୀସ୍ଥିତ ପୈତୃକ ବାସଭବନକୁ କେବଳ ସଂଗ୍ରହାଳୟ କରିବା ପରିବର୍ତ୍ତେ ଶହେ କୋଟି ଟଙ୍କାର ଅନୁଦାନ ଦେଇ ଅନ୍ତର୍ଜାତୀୟ ଗବେଷଣା କେନ୍ଦ୍ର କରିବାକୁ ଉତ୍କଳ ବିକାଶ ଯୁବ ପରିଷଦ ସରକାରଙ୍କୁ ଅନୁରୋଧ କରିଛି। ରବିବାର ଅବିନାଶ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ନେତାଜୀ ସୁଭାଷ ଉତ୍ସବରେ ନେତାଜୀଙ୍କ ନାତି ଅଭିଜିତ ରାୟ ମୁଖ୍ୟ ଅତିଥି, ଦେବୀ ପ୍ରସାଦ ପୃଷ୍ଟି ମୁଖ୍ୟ ବକ୍ତା, ଶହୀଦ ଆସଫ ଉଲ୍ ଖାନ୍‌ଙ୍କ ନାତି ଅସଫକ ଉଲ୍ଲା ଏବଂ ବିପ୍ଳବୀ ପୁଲିନ ବିହାରୀ ଦାସଙ୍କ ନାତି ବିଶ୍ୱରଞ୍ଜନ ଦାସ ସମ୍ମାନିତ




ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଭିଆଇପି ରୋଡସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜୟହିନ୍ଦ ଧ୍ୱନି ଦେଇ ଯୁବତୀ ଯୁବକ ଓ ଛାତ୍ରମାନେ ପ୍ରତିମୂର୍ତ୍ତି ପ୍ରଦକ୍ଷିଣ କରିବା ପରେ ଗୋପାଳ ବଲ୍ଲଭ ରୋଡସ୍ଥିତ ନେତାଜୀ ସଂଗ୍ରହାଳୟକୁ ଯାଇଥିଲେ। ସେଠାରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନେତାଜୀଙ୍କ ଦାୟାଦ ଏଭଳି ଉତ୍ସବରେ ଉପସ୍ଥିତ ରହିବା ହିଁ ଯୁବସମାଜକୁ ପ୍ରେରଣା ଦେବ ବୋଲି ପରିଷଦ ଉପଦେଷ୍ଟା ଦେବୀପ୍ରସାଦ ପୃଷ୍ଟି କହିଛନ୍ତି। ଇତିହାସ ପୃଷ୍ଠାରେ ନେତାଜୀ ସୁଭାଷ ଓ ରାସବିହାରୀ ବୋଷଙ୍କ ସମେତ ଆଜାଦ୍ ହିନ୍ଦ୍ ଫୌଜକୁ ଉପଯୁକ୍ତ ସ୍ଥାନ ମିଳିନାହିଁ ବୋଲି କହି ମୁଖ୍ୟବକ୍ତା ଅଭିଜିତ ବୋଷ ରାୟ କ୍ଷୋଭ ପ୍ରକାଶ କରିଥିଲେ। ଭାରତ ଏବେ ନେତାଜୀଙ୍କ ସମାନତା ଓ ଆର୍ଥିକ ବିକାଶ ନୀତିରୁ ଦୂରେଇଯିବା ଦୁର୍ଭାଗ୍ୟର ବିଷୟ। ସେହିପରି ଓଡ଼ିଶାକୁ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ସିଙ୍ଗାପୁରରେ ଆଜାଦ୍ ହିନ୍ଦ୍ ସରକାର ପ୍ରତିଷ୍ଠା ବିଷୟରେ ଆଲୋଚନ ନ ହେବା ଦୁଃଖଦାୟକ ବୋଲି ରାୟ କହିଥିଲେ। ନେତାଜୀଙ୍କ ଜନ୍ମମାଟି ଓଡ଼ିଶାକୁ ଆସି ଗର୍ବିତ ବୋଲି ଅସଫକ୍ ଉଲ୍ଲା ଓ ବିଶ୍ୱରଞ୍ଜନ ଦାସ କହିଥିଲେ। ପରିଷଦ ସଭାପତି ସୂର୍ଯ୍ୟକାନ୍ତ ସେଠୀ ସ୍ୱାଗତ ଭାଷଣ ଓ ହରପ୍ରସାଦ ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୨ ମୋରମ ବୋଝେଇ ହାଇୱା ଜବତ

ବାରଙ୍ଗ,୨୦।୧(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ବେଆଇନ ଭାବେ ଚୋରାରେ ଚାଲାଣ ହେଉଥିବା ୨ଟି ମୋରମ ବୋଝେଇ ହାଇୱାକୁ ଜବତ କରିଛି। ଏହି ୨ଟି ଗାଡ଼ି(ଓଡି ୦୫ ୱାଇ ୭୦୮୯ ଓ ଓଡି ୦୫ ଜେଡ୍ ୬୩୦୪) ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ମୋରମ ଉଠାଇ ଚାଲାଣ କରୁଥିଲା। ବାରଙ୍ଗ ଥାନା ଓ ଗୋଡ଼ିସାହି ଫାଣ୍ଡି ପୋଲିସ ସୋମବାର ବିଳମ୍ବିତ ରାତିରେ ବ୍ଲକିଂ କରିଥିବାବେଳେ ଦ୍ରୁତଗତିରେ ଆସୁଥିବା ଏହି ୨ ହାଇୱାକୁ ଅଟକାଇବାରୁ ସେମାନେ ମୋରମ ପରିବହନ କରିବାର ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ବାରଙ୍ଗ ଥାନା ପୋଲିସ ଗାଡ଼ି ୨ଟିକୁ ଜବତ କରି ଖଣି ବିଭାଗକୁ ସୂଚନା ଦେଇଥିବା ଜଣାପଡ଼ିଛି।

### ଦିନକ ପରେ ପୁଣି ୩ ସ୍ଥାନରୁ ଚୋରି, ପୋଲିସ ହାତ ଖାଲି

ତ୍ରିଶୂଳିଆ,୨୦।୧(ତୁଷାରକାନ୍ତ ବେହେରା): ଗତ ଶନିବାର ୪ଟି ସ୍ଥାନରୁ ଚୋରି ହୋଇ ଥିବାବେଳେ ରବିବାର ରାତିରେ ପୁନଶ୍ଚ ଷଣ୍ଢପୁର ଅଞ୍ଚଳର ୩ଟି ଦୋକାନରୁ ଚୋରି ହୋଇଛି। ଏଭଳି ଚୋରି ଦେଖି ଅଞ୍ଚଳର ଦୋକାନୀ ଭୟରେ ରହୁଛନ୍ତି। ରାତ୍ରିକାଳୀନ ପାଟ୍ରୋଲିଂ ଠିକ୍ ଭାବେ ନ ହେବାରୁ ଏପରି ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ବାରଙ୍ଗ ପୋଲିସ ସିସିଟିଭିକୁ ଆଧାର କରି ଲୁଟେରାଙ୍କୁ ଧରିବାକୁ ପ୍ରୟାସ ଚଳାଇଥିବା ଥାନା ଅଧିକାରୀ ଦେବେନ୍ଦ୍ର ନାଥ ବିଶ୍ୱାଳ କହିଛନ୍ତି। ସୂଚନାଥାଉ କି, ୨୦୨୪ ଡିସେମ୍ବରରେ ବାରଙ୍ଗ ଅଞ୍ଚଳରୁ ଏପରି ଅନେକ ଚୋରି ହୋଇଥିଲେ ସୁଦ୍ଧା ବାରଙ୍ଗ ପୋଲିସ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସନ୍ଧାନ ପାଇ ପାରିନାହିଁ। ଏପରି ବାରମ୍ବାର ଚୋରି ବାରଙ୍ଗ ପୋଲିସ ପାଇଁ ଚାଲେଞ୍ଜ ପାଲଟିଛି।

# ଧଉଳିରୁ ତମାଣ୍ଡୋ ଟାଉନ୍ ପ୍ଲାନିଂରେ ସାମିଲ ହେବ

**ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ସ୍ୱଚ୍ଛ ଭାରତ ମିଶନ ଅର୍ବାନ ନିର୍ଦ୍ଦେଶକ**

**ଚାଲୁ ରହିଥିବା ପ୍ରକଳ୍ପ ତୁରନ୍ତ ସାରିବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର, ୨୦।୧(ବନ୍ଦନା ସେଠୀ)



ବୈଠକରେ ସ୍ୱଚ୍ଛ ଭାରତ ମିଶନ ଅର୍ବାନର ଯୁଗ୍ମ ସଚିବ ରୂପା ମିଶ୍ର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଧଉଳିଠାରୁ ତମାଣ୍ଡୋ ପର୍ଯ୍ୟନ୍ତ ଅଞ୍ଚଳକୁ ଟାଉନ୍ ପ୍ଲାନିଂ ସ୍କିମ୍‌ରେ ସାମିଲ୍ କରାଯିବ। ଏନେଇ ଆସନ୍ତା ୨୨ ତାରିଖରେ ଟେଣ୍ଡର ଡକାଯିବ। ସୋମବାର ବିଡିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହି ସୂଚନା ଦିଆଯାଇଛି।

ବୈଠକରେ ସ୍ୱଚ୍ଛ ଭାରତ ମିଶନ ଅର୍ବାନର ଯୁଗ୍ମ ସଚିବ ତଥା ମିଶନ ନିର୍ଦ୍ଦେଶକ ରୂପା ମିଶ୍ର ଭୁବନେଶ୍ୱରରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଓ ପ୍ରକଳ୍ପର ସମୀକ୍ଷା କରିଥିଲେ। ବିଡିଏ ଓ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଆଦି ପକ୍ଷରୁ ସହରରେ କେଉଁଠି କ'ଣ କାମ ଚାଲିଛି ସେ ନେଇ ରିପୋର୍ଟ ମାଗିଥିଲେ। ସହରରେ ବିଏସ୍‌ସିଏଲ୍ ପକ୍ଷରୁ ବିଭିନ୍ନ ପ୍ରକଳ୍ପ କରାଯାଇଥିଲେ ହେଁ ସେଗୁଡିକ ଏବେ ନଷ୍ଟ ହେବାକୁ ବସିଲାଣି। ସେହିପରି ଲେକ୍ ଜୋନ୍ ଭଳି ଅନେକ ପ୍ରକଳ୍ପ ଏ ଯାଏ ସରିପାରି ନାହିଁ। ତେଣୁ ଚାଲୁ ରହିଥିବା ପ୍ରକଳ୍ପକୁ ତୁରନ୍ତ ସାରିବା ସହ ପୂର୍ବ ପ୍ରକଳ୍ପଗୁଡିକର ରକ୍ଷଣାବେକ୍ଷଣ କରିବାକୁ ଯୁଗ୍ମ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଆବଶ୍ୟକ ପଡିଲେ ଏନେଇ ବଜେଟ୍‌ର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ସେହିପରି ସିଓର ୟୁଏଲ୍‌ବି (ଯେଉଁଠାରେ ସ୍ୱେରେଜ ସିଷ୍ଟମ ଅଛି) ଓ ନନ୍-ସିଓର ୟୁଏଲ୍‌ବିରେ ବର୍ଜ୍ୟଜଳ ନିଷ୍କାସନ ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱରରେ ପ୍ରାୟତଃ ସ୍ୱେରେଜ ବ୍ୟବସ୍ଥା ଥିବାବେଳେ ଏହାର ଆଖପାଖ ଅଞ୍ଚଳ ବା ଛୋଟଛୋଟ ୟୁଏଲ୍‌ବିଗୁଡିକରେ ଏହି ବ୍ୟବସ୍ଥା ନାହିଁ। ଫଳରେ ସେଠାରେ ଲୋକଙ୍କ ଘରୁ ବାହାରୁଥିବା ଆବର୍ଜନା ଜଳ ଅନେକ ସମୟରେ ସମସ୍ୟା ସୃଷ୍ଟି କରୁଛି। ତେଣୁ ଏହାକୁ ପ୍ରତିହତ କରିବା ପାଇଁ କ'ଣ ବ୍ୟବସ୍ଥା ହୋଇ ପାରିବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ସେହିପରି ସହରରୁ ବାହାରୁଥିବା ବିଭିନ୍ନ ବର୍ଜ୍ୟର ପ୍ରକ୍ରିୟାକରଣ, ଟାଉନ୍ ପ୍ଲାନିଂ ସ୍କିମ୍, ସ୍ୱଚ୍ଛ ଭାରତ ମିଶନ୍, ସ୍ୱନିଧି ଯୋଜନା ଆଦି ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। ଅପରପକ୍ଷେ ରବିବାର ମିଶନ୍ ନିର୍ଦ୍ଦେଶକ ମିଶ୍ର, ବିଡିଏ ଉପାଧ୍ୟକ୍ଷ ଏନ୍. ତିରୁମାଲା ନାୟକ, ଭୁବନେଶ୍ୱର ସବ୍‌କଲେକ୍ଟର ଡ. ମନୋରଞ୍ଜନ ସାହୁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଭୁଆସୁଣୀ ଡମ୍ପିୟାର୍ଡ ପରିଦର୍ଶନ କରିଥିଲେ। ବାୟୋମାଇନିଂ ସ୍ଥାପନ ସମୀକ୍ଷା କରିବା ସହିତ ଯଥାଶୀଘ୍ର ଏହାକୁ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।


ଅଭିନୟ ଜାଗୃତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଥିଏଟରର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ସୋମବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ୧୩ତମ ଅଜିତ ନାଟ୍ୟ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ପରିବେଷିତ ନାଟକ 'ତଟ ନିରଞ୍ଜନା'ର ଏକ ଦୃଶ୍ୟ। (ଫଟୋ- ବିକାଶ ନାୟକ)

### ୩ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର,୨୦।୧ (ସୂର୍ଯ୍ୟକାନ୍ତ ବେହେରା)

ବ୍ୟବସାୟ ଉଦ୍ଦେଶ୍ୟରେ ୩ ଲକ୍ଷ ଟଙ୍କା ନେଲେ। ଫେରସ୍ତ କରାଇ ଦେବାକୁ କହି ଆଉ ଫେରାଇ ନ ଥିଲେ। ବାରମ୍ବାର ଟଙ୍କା ମାଗିବାରୁ ଓଲଟା ଧମକ୍ ଦେଲେ। ଏନେଇ ଟଙ୍କା ଦେଇଥିବା ବ୍ୟକ୍ତି ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଜଣେ ବୟସ୍କ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବସନ୍ତ କୁମାର ବେହେରା(୬୩)। ତାଙ୍କଠାରୁ ଟଙ୍କା ଫେରାଇଦେବା ପାଇଁ ଅଭିଯୋଗକାରୀ ରଶ୍ମୀ ରଞ୍ଜନ ମହାନ୍ତିଙ୍କ ସହ ହୋଇଥିବା ଏକ ଚୁକ୍ତିନାମା ପେପର ଜବତ ହୋଇଛି ।

### ହାତୀ ଆକ୍ରମଣରେ ଦିବ୍ୟାଙ୍ଗ ପୁଅ ମୃତ, ମା' ଗୁରୁତର

ଖୋର୍ଦ୍ଧା,୨୦।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବନାଞ୍ଚଳ ସଦର ଥାନା ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତର ମହତପଲ୍ଲା ଅଞ୍ଚଳରେ ସୋମବାର ହାତୀ ଆକ୍ରମଣରେ ଦିବ୍ୟାଙ୍ଗ ପୁଅର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା' ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସତ୍ୟରଞ୍ଜନ ମାର୍ଥା (୧୮)। ଗୁରୁତର ଅବସ୍ଥାରେ ମା' ସୁଲୋଚନା ମାର୍ଥାଙ୍କୁ ଉଦ୍ଧାର ପରେ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହାତୀ ଆକ୍ରମଣରେ ଜୀବନ ଯାଉଥିବା ବେଳେ ବନ ବିଭାଗ ନିରବଦ୍ରଷ୍ଟା ସାଜିଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଖବରପାଇ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂ, ବନ ବିଭାଗ ଅଧିକାରୀ ଜୟକୃଷ୍ଣ ପଣ୍ଡା ପ୍ରମୁଖ ମେଡିକାଲରେ ପହଞ୍ଚି ଆହତଙ୍କ ସ୍ଥିତି ଅନୁଧ୍ୟାନ କରିଥିଲେ।

### ଦୁର୍ଘଟଣା: ବାପା ଆଗରେ ଚାଲିଗଲା ପୁଅ ଜୀବନ

ଭୁବନେଶ୍ୱର/ ତ୍ରିଶୂଳିଆ,୨୦।୧ (ସୂର୍ଯ୍ୟକାନ୍ତ ବେହେରା/ ତୁଷାରକାନ୍ତ ବେହେରା)

ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଅଞ୍ଚଳରେ ସୋମବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ବାପା-ପୁଅ ବାଇକରେ ଯାଉଥିବା ସମୟରେ ପଛପଟୁ ଏକ ବୋଲେରୋ ଧକ୍କା ଦେଇଥିଲା। ଫଳରେ ପୁଅ ଆଗରେ ବାପାଙ୍କ ଜୀବନ ଚାଲିଯାଇଛି। ମୃତକ ହେଲେ ବିକାଶ ମହାନ୍ତି। ପୋଲିସ ବୋଲେରୋଟିକୁ ଜବତ ସହ ଚାଳକଙ୍କୁ ଅଟକ ରଖି ତଦନ୍ତ କରୁଛି। ବିକାଶ ନିଜ ପୁଅକୁ ବାଇକରେ ବସାଇ ଯାଉଥିବା ସମୟରେ ଉକ୍ତ ବୋଲେରୋଟି ପଛରୁ ଧକ୍କା ଦେଇଥିଲା। ଏହାପରେ ବୋଲେରୋ ଚାଳକ ଆହତ ବାପା-ପୁଅଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ବିକାଶଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲ ଫାଣ୍ଡିରୁ ସୂଚନା ପାଇ ମୈତ୍ରୀ ବିହାର ପୋଲିସ ବୋଲେରୋ ଚାଳକଙ୍କୁ ଧରି ନନ୍ଦନକାନନ ପୋଲିସ ଜିମା ଦେଇଥିଲା।

### ବିଓବିର ମହିଳା ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୦।୧ (ଅଭୟ ଦାଶ)

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ମହିଳା ଶାଖା ନିକଟରେ ଭୁବନେଶ୍ୱରର ନୀଳାଦ୍ରି ବିହାରଠାରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୀଣା ୱାହିଦ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓବିର ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ, ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ ଶିବପଦ ନାୟକ ଏବଂ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଭିଏମ୍‌ଏନ୍‌ଏସ୍ ସାଇବାବୁ ପ୍ରମୁଖ ଉପସ୍ଥିତ ଥିଲେ।

### ନହରକଣ୍ଟାରେ ସରସ୍ୱତୀ ପ୍ଲେ ସ୍କୁଲ ଉଦ୍‌ଘାଟିତ




ବାଲିଅନ୍ତା,୨୦।୧(ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡର ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ଶିକ୍ଷାନୁଷ୍ଠାନ ପରିସରରେ ସୋମବାର ଏକ ନୂତନ ସରସ୍ୱତୀ ପ୍ଲେ ସ୍କୁଲର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଏହି ସ୍କୁଲକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଧାୟକ ରାଉତ ତାଙ୍କ ଅଭିଭାଷଣରେ କହିଛନ୍ତି, ନହରକଣ୍ଟା ଅଞ୍ଚଳରେ ସରସ୍ୱତୀ ଶିକ୍ଷା ମନ୍ଦିର ଦୀର୍ଘ ୨୩ ବର୍ଷ ଧରି ଶିକ୍ଷାଦାନ କ୍ଷେତ୍ରରେ ଆଗକୁ ବଢ଼ି ଚାଲିଛି। ଏଠାରେ ଶିକ୍ଷା, ସଂସ୍କାର ଓ ପରମ୍ପରାକୁ ଗୁରୁତ୍ୱ ଦିଆଯାଉଥିବାରୁ ଦିନକୁ ଦିନ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଛୋଟ ପିଲାଙ୍କ ପାଇଁ ଏହିଭଳି ସୁନ୍ଦର ପରିବେଶ ଓ ସଂସ୍କାରର ଆବଶ୍ୟକତା ରହିଛି ବୋଲି ରାଉତ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ସାମାଜିକ କର୍ମୀ ଅକ୍ଷୟ ଲେଙ୍କା, ସରସ୍ୱତୀ ଶିକ୍ଷା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର ଓ ବରିଷ୍ଠ ସଭ୍ୟ ଡମ୍ବରୁଧର ଜେନା ପ୍ରମୁଖ ଯୋଗଦେଇଥିଲେ। ସଭାକୁ ଗୁରୁଜୀ ହେମନ୍ତ କୁମାର ନାୟକ ପରିଚାଳନା କରିଥିଲେ। ଏଥିରେ ସରସ୍ୱତୀ ଶିକ୍ଷା ମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ଓ ସ୍ଥାନୀୟ ଅଭିଭାବକ ଯୋଗଦେଇଥିଲେ। ଏହି ସ୍କୁଲରେ ପ୍ଲେ ଗ୍ରୁପ ଓ ନର୍ସରି (ଶିଶୁ ପ୍ରବେଶ) ରହିଛି।

# କାର୍ ଚାଳକଙ୍କ ବାତିଲ ହେବ ଲାଇସେନ୍ସ

**ରାଜଭବନ ଛକରେ ଦୁର୍ଘଟଣା ମାମଲା**

ଭୁବନେଶ୍ୱର,୨୦।୧(ସୂର୍ଯ୍ୟକାନ୍ତ ବେହେରା)

ରାଜଭବନ ଛକରେ ଶନିବାର ଅପରାହ୍ନରେ କାର୍ ଚାଳକ ଲଲାଟେନ୍ଦୁ ବାରିକଙ୍କ ଗାଡ଼ି ଧକ୍କାରେ ଅକାଳରେ ଦୁଇଟି ଜୀବନ ଚାଲିଯାଇଥିଲା। ପୋଲିସ ଏହି ଘଟଣାରେ କାର ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ସେ ବାତରୋଗୀ ହୋଇଥିବାରୁ ତାଙ୍କୁ ଜାମିନ ମିଳି ଯାଇଥିଲା। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେବେ ଉକ୍ତ କାର୍ ଚାଳକଙ୍କ ବିରୋଧରେ କମିଶନରେଟ ପୋଲିସ ପକ୍ଷରୁ ଆଉ ଏକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଲଲାଟେନ୍ଦୁ ବାତରୋଗୀ ହୋଇଥିବାରୁ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯିବ। ଏନେଇ କମିଶନରେଟ ପୋଲିସ ପକ୍ଷରୁ ଆର୍‌ଟିଓଙ୍କୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏହାସହ ଲଲାଟେନ୍ଦୁଙ୍କୁ ଗାଡ଼ି ନ ଦେବାକୁ ତାଙ୍କ ସ୍ତ୍ରୀଙ୍କୁ ନିବେଦନ କରାଯିବ ବୋଲି ଅଧିକାରୀ ଜଣଙ୍କ କହିଛନ୍ତି। ଫଳରେ ଆଗାମୀ ଦିନରେ ସେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟର ଜୀବନ ସୁରକ୍ଷିତ ରହିପାରିବ। ଉକ୍ତ ଚାଳକଙ୍କ ବିରୋଧରେ ଚିଠି ପାଇଲା ପରେ ତୁରନ୍ତ ଲାଇସେନ୍ସ ବାତିଲ କରାଯିବ ବୋଲି ଆର୍‌ଟିଓ ପକ୍ଷରୁ କୁହାଯାଇଛି।

ସୂଚନାନୁସାରେ, ଶନିବାର ରାଜଭବନ ଗୋଲେଇ ଛକରେ ଲଲାଟେନ୍ଦୁଙ୍କ କାର୍ ୨ଟି ବାଇକ୍‌କୁ ଧକ୍କା ଦେଇଥିଲା। ଏହି ଧକ୍କାରେ ଅବସରପ୍ରାପ୍ତ ପୋଲିସ ଅଫିସର ଗଜପତି ମୋହନାର ଗୌରଚନ୍ଦ୍ର ନାୟକ ଓ ତାଙ୍କ ଭାଇ ରବିଚନ୍ଦ୍ର ନାୟକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିଲେ।

### ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ଜାତୀୟ ଉଠାଦୋକାନୀ ଦିବସ

ଭୁବନେଶ୍ୱର, ୨୦।୧ (ବନ୍ଦନା ସେଠୀ)

ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ଜାତୀୟ ଉଠାଦୋକାନୀ ଦିବସ ସୋମବାର ଇଞ୍ଜିନିୟରିଂ ଆସୋସିଏଶନଠାରେ ପାଳିତ ହୋଇଯାଇଛି। ଅତିଥି ଭାବେ ମେୟର ସୁଲୋଚନା ଦାସ, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଜୟ ଓଡ଼ିଶା ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ, ପ୍ରଫେସର ଡି. ଭି. ରମଣା ପ୍ରମୁଖ ଯୋଗଦେଇ ଉଠାଦୋକାନୀଙ୍କ ସମସ୍ୟା ଓ ସେମାନଙ୍କର ଅଧିକାର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବାର୍ଷିକ ପତ୍ରିକା 'ବଞ୍ଚିବାର ଆଶା'ର ନୂତନ ସଂସ୍କରଣ ଓ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ଏଥିସହ ମାଟ୍ରିକରେ ଭଲ ନମ୍ବର ରଖିଥିବା ୨ଜଣ ଉଠା ବ୍ୟବସାୟୀଙ୍କ ସନ୍ତାନଙ୍କୁ ପୁରସ୍କୃତ କରାଯାଇଥିଲା। ମହାସଂଘ ସଭାପତି ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ମନୋଜ ସ୍ୱାଇଁ, ଉପସଭାପତି ମାନସ ମିଶ୍ର ଓ ଧୀରେନ୍ଦ୍ର ଉପସ୍ଥିତ ଥିଲେ।

### ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ ଇଲେକ୍ଟ୍ରୋ ହୋମିଓପାଥିକ ଚିକିତ୍ସା ପଦ୍ଧତି

ଭୁବନେଶ୍ୱର, ୨୦।୧ (ବନ୍ଦନା ସେଠୀ)

ଇଲେକ୍ଟ୍ରୋ ହୋମିଓପାଥିକ ଚିକିତ୍ସା ପଦ୍ଧତିର ଜନକ କାଉଣ୍ଟ ସିଜର ମେଟ୍ଟିଙ୍କ ୨୧୬ତମ ଜୟନ୍ତୀ ଉତ୍ସବ ସୋମବାର ଓୟୁଏଟି ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଇଲେକ୍ଟ୍ରୋ ହୋମିଓପାଥିକ୍ ଚିକିତ୍ସକ ସଂଘ (ଏସ୍‌ଇପିଏ) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପ୍ରାକୃତିକ ସ୍ୱାସ୍ଥ୍ୟ ରକ୍ଷାରେ ଇଲେକ୍ଟ୍ରୋ ହୋମିଓପାଥିକ୍ ଚିକିତ୍ସା ବିଜ୍ଞାନ ଓ ଚିକିତ୍ସକ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଇଲେକ୍ଟ୍ରୋ ହୋମିଓପାଥିକ୍ ଶାସ୍ତ୍ର ଅନୁସାରେ ସମଗ୍ର ଶରୀର ଏକ ପ୍ରାକୃତିକ ଜୈବ ବୈଦ୍ୟୁତିକ କ୍ଷେତ୍ର। ଏହି ଚିକିତ୍ସା ପଦ୍ଧତିରେ ବ୍ୟବହୃତ ହେଉଥିବା ଔଷଧ କେବଳ ବୃକ୍ଷଲତାର ନିର୍ଯାସରୁ ପ୍ରସ୍ତୁତ ହୋଇଥାଏ। ତେଣୁ ଏହା ଶରୀରର ପ୍ରତିଟି ଅଙ୍ଗର ସୁସ୍ଥତା ରକ୍ଷା କରିବା ଲାଗି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଯାଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଡା. ବିମଳ କୁମାର ଚୌଧୁରୀ ସାଇଣ୍ଟିଫିକ୍ ସେସନ୍‌ରେ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଡା. ସୁଶାନ୍ତ ପ୍ରଧାନ, ଡା. ମନୋରଞ୍ଜନ ଦାଶ, ଡା. ରମେଶ ମହାନ୍ତି ପ୍ରମୁଖ 'ହିଲିଂ ପ୍ରିନ୍ସିପଲ୍ସ ଇନ୍ ଇଲେକ୍ଟ୍ରୋପାଥି' ଉପରେ ଆଲୋକପାତ କରିଥିଲେ। ଡା. କମଳାକାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ପରବର୍ତ୍ତୀ ଅଧିବେଶନରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ଡିନ୍ ପ୍ରଫେସର ସୁଶେନ କୁମାର ପଣ୍ଡା, ପ୍ରଫେସର କୌତୁକ ସର୍ଦ୍ଦାର, ରାଜସ୍ଥାନ ଇଲେକ୍ଟ୍ରୋପାଥି ଚିକିତ୍ସକ ବୋର୍ଡର ସଭାପତି ଡା. ହେମନ୍ତ ସେଥିଆ, ଏସ୍‌ଇପିଏ ସଭାପତି ଡା. ରରୋଜ କୁମାର ସାହୁ ଉପସ୍ଥିତ ଥିଲେ।

### ଓଲଟିଲା କ୍ଷୀର ବୋଝେଇ ଗାଡ଼ି

ବାରଙ୍ଗ/ତ୍ରିଶୂଳିଆ,୨୦।୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା): ଭୁବନେଶ୍ୱରରୁ ବାରଙ୍ଗ ଫେରୁଥିବା ଏକ ଓମ୍‌ଫେଡ୍ କ୍ଷୀର ବୋଝେଇ ଗାଡ଼ି ସୋମବାର ଅପରାହ୍ନରେ ନନ୍ଦନକାନନ ଛକ ମୁଖ୍ୟରାସ୍ତା କଡ଼ରେ ଥିବା ଏକ ଉଠା ଦୋକାନ ଓ କ୍ୟାବିନକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଏହାପୂର୍ବରୁ ଏକ ବାଇକ ଓ ଲୁନାକୁ ଧକ୍କା ଦେଇଥିଲା। ଏଥିରେ କ୍ଷୀର ଗାଡି ଚାଳକଙ୍କ ସହ କ୍ୟାବିନ୍‌ରେ ଥିବା ଜଣେ ମହିଳା ଆହତ ହୋଇଛନ୍ତି। ଚାଳକ ଅବସ୍ଥାରେ ଗାଡ଼ି ଚଳାଉଥିବାରୁ ଏପରି ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ନନ୍ଦନକାନନ ଥାନା ପୋଲିସ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

### ତେଜରାତି ଦୋକାନରୁ ଚୋରି

ବାରଙ୍ଗ,୨୧।୧(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାର ଷଣ୍ଢପୁର ବଜାର ଉପରେ ରବିବାର ବିଳମ୍ବିତ ରାତିରେ ସଞ୍ଜୟ ଦାସଙ୍କ ତେଜରାତି ଦୋକାନରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଆଜବେଷ୍ଟସ ଭାଙ୍ଗି ବାକ୍ସରୁ ୪୦ରୁ ୫୦ ହଜାର ଟଙ୍କା ନେଇଯାଇଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ କରୁଛି।

### 'ପରିକଳ୍ପନା' ପୁସ୍ତକ ଦେଶ ବିକାଶରେ ସହାୟକ ହେବ

ଭୁବନେଶ୍ୱର,୨୦।୧ (ସୌମ୍ୟରଞ୍ଜନ ରାଉତ)

ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ 'ପରିକଳ୍ପନା' ପୁସ୍ତକର ଲୋକାର୍ପଣ ଉତ୍ସବ ସୋମବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧି ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ଯୋଗଦେଇ ପୁସ୍ତକଟି ସଂସ୍କାର ଧର୍ମୀ ଓ ଯୁଗୋପଯୋଗୀ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଆଦୃତା ଶିଶୁ ସଦନର ପ୍ରତିଷ୍ଠାତା ଆଦିତ୍ୟ କୁମାର ମହାନ୍ତି ଯୋଗଦେଇ କହିଲେ, ପୁସ୍ତକରେ ଥିବା ପ୍ରସ୍ତାବ ଓ ନୀତିଗୁଡ଼ିକୁ ସରକାର କାର୍ଯ୍ୟକାରୀ କଲେ ଦେଶର ବିକାଶରେ ଯଥେଷ୍ଟ ସହାୟକ ହେବ। ସେହିପରି ଆମ ଦେଶ ଓ ରାଜ୍ୟକୁ ନେତୃତ୍ୱ ପ୍ରଦାନ କରୁଥିବା ବ୍ୟକ୍ତି ବିଶେଷ, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ପାଠାଗାରକୁ 'ପରିକଳ୍ପନା' ପୁସ୍ତକ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଲେଖକ କହିଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ହିମାଂଶୁ ଶେଖର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ପୁସ୍ତକ 'ପରିକଳ୍ପନା'କୁ ଉନ୍ମୋଚନ କରୁଛନ୍ତି।

# 'ଶାରୀରିକ ପରୀକ୍ଷା ତାରିଖ ଧାର୍ଯ୍ୟ ନ ହେଲେ ଦାଦନ ଯିବୁ'

**ବିଳମ୍ବକୁ ନେଇ ପରୀକ୍ଷାର୍ଥୀଙ୍କ ଅସନ୍ତୋଷ ତେଜୁଛି**

ଭୁବନେଶ୍ୱର,୨୦।୧(ସୁଚିସ୍ମିତା ସାହୁ)



ଆଶାୟୀମାନେ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଉଛନ୍ତି।

ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଶାରୀରିକ ପରୀକ୍ଷା ତାରିଖ ବାରମ୍ବାର ଘୁଞ୍ଚାଯିବା ପରେ ଏବେ ଅଯଥା ବିଳମ୍ବ କରାଯାଉଛି। ଏହାକୁ ନେଇ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ଲାଇଭ୍ ଷ୍ଟକ ଇନ୍ସପେକ୍ଟର ଚାକିରି ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଲିଖିତ ପରୀକ୍ଷା ଫଳ ବାହାରିବାର ୪ ମାସରୁ ଅଧିକ ହୋଇଥିଲେ ସୁଦ୍ଧା ଏଯାବତ ଶାରୀରିକ ପରୀକ୍ଷା ପାଇଁ ତାରିଖ ଧାର୍ଯ୍ୟ ହୋଇପାରୁନାହିଁ। ଆଶାୟୀମାନେ ବାରମ୍ବାର ସରକାରଙ୍କୁ ଦାବି ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଫଳରେ ଆଶାୟୀମାନେ ଶାରୀରିକ, ମାନସିକ ତଥା ପାରିବାରିକ ଚାପରେ ରହୁଛନ୍ତି। ଜାନୁଆରୀ ୨୭ ମଧ୍ୟରେ ପରୀକ୍ଷା ନ ହେଲେ ୨୮ ତାରିଖରେ ଆଶାୟୀମାନେ ଦାଦନ ଯିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ପୃକ୍ତ ଚାକିରି ଆଶାୟୀମାନେ କହିଛନ୍ତି, ଓଏସଏସଏସସି ପକ୍ଷରୁ ୨୦୨୩ ସେପ୍ଟେମ୍ବର ୨୦ରେ ୩୧୬ ଫରେଷ୍ଟର, ୧୬୭୭ ଫରେଷ୍ଟ ଗାର୍ଡ ଏବଂ ୭୧୯ ଲାଇଭ୍‌ଷ୍ଟକ ଇନ୍ସପେକ୍ଟର ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶିତ ହୋଇଥିଲା। ସେହି ଅନୁସାରେ ଆଶାୟୀମାନେ ଏପ୍ରିଲ ୨୪ରୁ ମେ ୭ ପର୍ଯ୍ୟନ୍ତ ବିଭିନ୍ନ କେନ୍ଦ୍ରରେ ଲିଖିତ ପରୀକ୍ଷା ଦେଇଥିଲେ। ଗତ ସେପ୍ଟେମ୍ବରରେ ପାରମ୍ଭିକ ମେଧା ତାଲିକା ପ୍ରକାଶିତ ହୋଇଥିଲା। ଶାରୀରିକ ପରୀକ୍ଷା ପାଇଁ ପ୍ରଥମେ ଜୁଲାଇ ଧାର୍ଯ୍ୟ କରାଯାଇଥିଲା। ଏହାପରେ ପରୀକ୍ଷା ତାରିଖ ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବରକୁ ଘୁଞ୍ଚାଇ ଦିଆଯାଇଥିଲା। ଶେଷରେ ନଭେମ୍ବର ପରୀକ୍ଷାକୁ ବାତିଲ କରିଦିଆଯାଇଥିଲା। ଇତିମଧ୍ୟରେ ଜାନୁଆରୀ ଶେଷ ହେବାକୁ ବସିଥିଲେ ମଧ୍ୟ ଶାରୀରିକ ପରୀକ୍ଷା ହେଉ ନ ଥିବାରୁ ଚାକିରି ପାଇବାକୁ ଚାହିଁ ଚାହିଁ ଆଶାୟୀମାନେ ଭାଙ୍ଗିପଡିଲେଣି। ଶାରୀରିକ ପରୀକ୍ଷା ପାଇଁ ବାଳକ ବର୍ଗରେ ୨୫ କି.ମି. ଓ ବାଳିକା ବର୍ଗରେ ୧୬ କି.ମି. ମାତ୍ର ୪ ଘଣ୍ଟାରେ ଶେଷ କରିବାକୁ ବିଜ୍ଞାପନରେ ଉଲ୍ଲେଖ ଥିଲା। ଏଥିପାଇଁ କଠିନ ପରିଶ୍ରମ ଓ ପ୍ରତ୍ୟେକ ଦିନ ଅଭ୍ୟାସ କରିବାକୁ ପଡୁଛି। ଆଶାୟୀ ପ୍ରାର୍ଥୀମାନେ ଦୈନିକ ୧୦ରୁ ୧୫ କିଲୋମିଟର ଚାଲିବା ଦ୍ୱାରା ସେମାନଙ୍କ ଶାରୀରିକ ସମସ୍ୟା ଦେଖାଦେଉଛି। ଏ ସମ୍ପର୍କରେ ମେଧାବୀ ଆଶାୟୀ ପରୀକ୍ଷାର୍ଥୀମାନେ ଓଏସ୍‌ଏସ୍‌ଏସ୍‌ସି କମିଶନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ଭେଟି ଶାରୀରିକ ପରୀକ୍ଷା ତାରିଖ ଧାର୍ଯ୍ୟ ନିମିତ୍ତ ଅନୁରୋଧ କରିବା ସହିତ ଏକ ଦାବିପତ୍ର ଦେଇଥିଲେ। ହେଲେ ଏଯାଏ କୌଣସି ସୁଫଳ ନ ମିଳିବାରୁ ଆଶାୟୀମାନେ ଅଭିନବ ଭାବେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି।

**ଦିବ୍ୟାଙ୍ଗ ଶିଶୁ ଅଭିଭାବକଙ୍କ ତାଲିମ ଶିବିର**

ବାଣପୁର,(ଦିଲୀପ କୁମାର ସ୍ୱାଇଁ): ବାଣପୁର ମଣ୍ଡଳସ୍ତରୀୟ ଦିବ୍ୟାଙ୍ଗ ଶିଶୁଙ୍କ ଅଭିଭାବକମାନଙ୍କ ଏକଦିବସୀୟ ତାଲିମ ଶିବିର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସିଏଚ୍ ବିଜୟଲକ୍ଷ୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୫୦ରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା ହେବା ସହ ସେମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ସୁବିଧା ସମ୍ପର୍କରେ ଶିକ୍ଷା ଅଧିକାରୀ ସୂଚନା ଦେଇଥିଲେ। ଗୋଷ୍ଠୀ ସାଧନ ସଂଯୋଜକ ପ୍ରଭାତ ସେଠୀ, ବିଭୂତି ଭୂଷଣ ଦାସ, ପ୍ରଦୀପ ଦାସ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଯତ୍ନରେ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

**ସଂକ୍ଷେପରେ**

## ଜାତୀୟ ଉଠା ଦୋକାନୀ ଦିବସ

ଖୋର୍ଦ୍ଧା,୨୦।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଟିଏଲ୍‌ସି ରୋଡରେ ନବନିର୍ମିତ ପଞ୍ଚ ପାଇକ ବଜାରରେ ବ୍ୟବସାୟୀଙ୍କ ପକ୍ଷରୁ ଜାତୀୟ ଉଠା ଦୋକାନୀ ଦିବସ ପାଳିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ରିଜୱାନା କଅକବ, କନିଷ୍ଠ ଯନ୍ତ୍ରୀ ରଶ୍ମିତା ପରିଡା, ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏଠାରେ ବ୍ୟବସାୟୀମାନଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଯିବ। ପର୍ଯ୍ୟାୟକ୍ରମେ ବ୍ୟବସାୟୀଙ୍କ ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ। ପଞ୍ଚପାଇକ ବଜାରର ବ୍ୟବସାୟୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟବସାୟୀମାନେ ବିଭିନ୍ନ ପନିପରିବା ଏକାଠି କରି ବୁଢ଼ିବଗିଚା ଏବଂ ଗୁରୁଜଙ୍ଗ ସ୍ଥିତ ଅଭିଳାଷ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ପନିପରିବା ପ୍ରଦାନ କରିଥିଲେ। ବ୍ୟବସାୟୀଙ୍କ ଏହି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଭେଣ୍ଡିଂଜୋନ୍ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଓସ୍ତପୁର ଲୋକ ଉତ୍ସବ ୨୫ରେ

ବେଗୁନିଆ,୨୦।୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଓସ୍ତପୁର ଗ୍ରାମରେ ଚତୁର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଲୋକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲା ସଂସ୍କୃତି ବିଭାଗ ଏବଂ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ବିଭିନ୍ନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତା ୨୫ ଏବଂ ୨୬ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି ଲୋକ ଉତ୍ସବ କମିଟିର ସଭାପତି ସତ୍ୟବ୍ରତ ପଣ୍ଡା, ସମ୍ପାଦକ ସ୍ମୃତି ରଞ୍ଜନ ପଣ୍ଡା ଏବଂ କୋଷାଧ୍ୟକ୍ଷ ସୌଭାଗ୍ୟ ରଞ୍ଜନ ଦାସ କହିଛନ୍ତି।

## ମହିଳା ସଶକ୍ତୀକରଣ ପାଇଁ ପ୍ରସ୍ତୁତି ବୈଠକ

ବେଗୁନିଆ,୨୦।୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ଆଦିବାସୀ ସାହିରେ ମହିଳାମାନଙ୍କ ସଶକ୍ତୀକରଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାନସୀ ଦାସଙ୍କ ଅଧ୍ୟକ୍ଷତାରେ କଳ୍ପତରୁ ପଣ୍ଡା ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ବଜାରରେ ଖାଉଟି ସାମଗ୍ରୀ ବୃଦ୍ଧି ହେତୁ ମହିଳାମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେଥିପ୍ରତି ମହିଳା ସଶକ୍ତୀକରଣ ଆବଶ୍ୟକ ରହିଛି ବୋଲି ମତପ୍ରକାଶ କରିଥିଲେ। ଶେଷରେ ଗାୟକ ବସନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ଆତ୍ମରକ୍ଷା କୌଶଳ ଶିଖିଲେ ଛାତ୍ରୀ

ଖୋର୍ଦ୍ଧା,୨୦।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ୮ଦିନ ବ୍ୟାପୀ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ ହେବାକୁ ପରାମର୍ଶ ଦେଇଥିଲେ। ମାଷ୍ଟର ଟ୍ରେନରଭାବେ ଆସମା ବେଗମ, ଲିପିକା ବରାଡ଼, ରଶ୍ମିତା ବେହେରା, କଳ୍ପନା ବିଧାର ପ୍ରମୁଖ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଇଥିଲେ। ଅଧ୍ୟାପିକା ଅମ୍ବିକା ପ୍ରିୟଦର୍ଶିନୀ ପରିଚାଳନା କରିଥିବା ବେଳେ ରୋଜାଲିନ ଦାଶ ସହଯୋଗ କରିଥିଲେ।

## ପୂର୍ବତନ ସୈନିକ ସଂଘ ସାଙ୍ଗଠନିକ ବୈଠକ

ଖୋର୍ଦ୍ଧା,୨୦।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପୂର୍ବତନ ସୈନିକ ସଂଘର ସାଙ୍ଗଠନିକ ବୈଠକ ନିତ୍ୟାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୬ତାରିଖରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଜିଲାର ବିଭିନ୍ନ ବ୍ଲକ୍‌ସ୍ତରରେ ସୈନିକ କଲ୍ୟାଣକାରୀ ଯୋଜନା ଗୁଡିକ ପହଞ୍ଚାଇବା ପାଇଁ ପ୍ରତି ବ୍ଲକରେ କମିଟି ଗଠନ କରାଯିବ। ସ୍କୁଲ ଏବଂ କଲେଜରେ ପଢୁଥିବା ଯୁବକଙ୍କୁ ଦେଶର ରକ୍ଷାକ୍ଷେତ୍ରରେ ଯୋଗଦାନ ପାଇଁ ଶାରୀରିକ ଓ ଏକାଡେମୀ ପ୍ରଶିକ୍ଷଣ ଦେବା ନେଇ ନିଷ୍ପତ୍ତି ନିଆଯାଇଛି। ସଭାରେ ସଂଘର ସମ୍ପାଦକ ରତ୍ନାକର ଗୁମାନସିଂ, ପଞ୍ଚାନନ ସୁବୁଦ୍ଧି, ମଧୁସୂଦନ ଦାସ, ମହେଶ୍ୱର ସାହୁ, ପ୍ରଫୁଲ୍ଲ ଦାସ, ବିପିନ ବିହାରୀ ସାହୁ, ଗଙ୍ଗାଧର ବରାଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ମହମ୍ମଦ ସଲିମ ଧନ୍ୟବାଦ ଦେଇଥିଲେ।

# ହାତୀ ଆକ୍ରମଣରେ ଦିବ୍ୟାଙ୍ଗ ପୁଅ ମୃତ, ମା' ଗୁରୁତର

ଖୋର୍ଦ୍ଧା,୨୦।୧ (ପ୍ରଭାତ ପାଣିଗ୍ରାହୀ)


ସତ୍ୟରଞ୍ଜନ ମାର୍ଥା

ଖୋର୍ଦ୍ଧା ବନାଞ୍ଚଳ ସଦର ଥାନା ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତର ମହତପଲ୍ଲା ଅଞ୍ଚଳରେ ସୋମବାର ହାତୀ ଆକ୍ରମଣରେ ଦିବ୍ୟାଙ୍ଗ ପୁଅର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା' ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସତ୍ୟରଞ୍ଜନ ମାର୍ଥା (୧୮)। ଗୁରୁତର ଅବସ୍ଥାରେ ମା' ସୁଲୋଚନା ମାର୍ଥାଙ୍କୁ ଉଦ୍ଧାର ପରେ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହାତୀ ଆକ୍ରମଣରେ ଜୀବନ ଯାଉଥିବା ବେଳେ ବନ ବିଭାଗ ନିରବଦ୍ରଷ୍ଟା ସାଜିଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଖବରପାଇ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂ, ବନ ବିଭାଗ ଅଧିକାରୀ ଜୟକୃଷ୍ଣ ପଣ୍ଡା ପ୍ରମୁଖ ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ।

ସୂଚନା ମୁତାବକ, ଏହି ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ହାତୀପଲଙ୍କ ଉପଦ୍ରବ ଲାଗିରହିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେବା ସହ ବ୍ୟାପକ କ୍ଷତି କରୁଛନ୍ତି। ରବିବାର ବିଳମ୍ବିତ ରାତିରେ ହାତୀପଲ ମହତପଲ୍ଲା ଗହୀରରେ ରହିଥିଲେ। ସୋମବାର ଭୋରୁ ସତ୍ୟରଞ୍ଜନ ଏବଂ ତାଙ୍କ ମା'କୌଣସି କାରଣ ପାଇଁ ଘର ବାରିପଟକୁ ଯାଇଥିଲେ। ଏହି ସମୟରେ ହାତୀପଲ ଜଙ୍ଗଲ ଅଭିମୁଖେ ଯାଉଥିବା ବେଳେ ମା'ପୁଅ ହାବୁଡ଼ରେ ପଡିଯାଇଥିଲେ। ଏକ ହାତୀ ପ୍ରଥମେ ସତ୍ୟରଞ୍ଜନଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ପୁଅକୁ ବଞ୍ଚାଇବାକୁ ଯାଇ ମା' ଆକ୍ରମଣର ଶିକାର ହୋଇଥିଲେ। ଖବରପାଇ ପରିବାର ଏବଂ ଗ୍ରାମବାସୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସତ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସୁଲୋଚନାଙ୍କୁ ଭୁବନେଶ୍ୱର ଏମ୍‌ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ବନ ବିଭାଗର ଅବହେଳାରୁ ଲୋକଙ୍କ ଜୀବନ ଯାଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ବନ ବିଭାଗ ଅଧିକାରୀ ଜୟକୃଷ୍ଣ ପଣ୍ଡା କହିଛନ୍ତି, ପରିଛଳ ପଟେ ୧୪ ଏବଂ ରାମଚଣ୍ଡୀ ପଟେ ୨୧ ଟିକିଆ ହାତୀପଲକୁ ଦୁଇଟି ଟିମ୍ ଜଗି ରହିଛନ୍ତି। ରବିବାର ଗୋଟିଏ ଟିମ୍ ପରିଛଳ ଏବଂ ଅନ୍ୟ ଟିମ୍ ରାମଚଣ୍ଡୀ ପଟେ ହାତୀର ଗତିବିଧି ଉପରେ ନଜର ରଖିଥିଲେ। ଭୋରୁ ହାତୀ ଜଙ୍ଗଲ ଅଭିମୁଖେ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ହାତୀ ଉପଦ୍ରବ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଲୋକଙ୍କୁ ମୋବାଇଲରେ ମେସେଜ୍, ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି। ମୃତକ ଏବଂ ଆହତଙ୍କୁ ବିଭାଗ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି।

# ସରିଲା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା

- ୧୨ଚାଷୀ, ୩ ସରକାରୀ ଷ୍ଟଲ୍ ସମ୍ବର୍ଦ୍ଧିତ
- ୪ ଚାଷୀ ପାଇଲେ ଯନ୍ତ୍ରପାତି ସମ୍ମାନ, ୪ଜଣଙ୍କୁ କାର୍ଯ୍ୟାଦେଶ

ଖୋର୍ଦ୍ଧା,୨୦।୧ (ପ୍ରଭାତ ପାଣିଗ୍ରାହୀ)


ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ସ୍ଥାନୀୟ ହାବେଳି ପଡିଆରେ ଚାଲିଥିବା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି ଅଧ୍ୟକ୍ଷତା କରିଥିଲେ। ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଦିଗମ୍ବର ବିଶ୍ୱାଳ, ଖୋର୍ଦ୍ଧା ଜିଲା କୃଷି ଅଧିକାରୀ ମନୋରଞ୍ଜନ ରାଉଳ, ଭୁବନେଶ୍ୱରର ମନୋରଞ୍ଜନ ମିଶ୍ର, ଟାଙ୍ଗୀର ପ୍ରଦୀପ୍ତ କୁମାର ପଣ୍ଡା, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସ୍ମିତା ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର ଦ୍ୱାରା ଶ୍ରମ ଲାଘବ ସହ କମ୍ ଜମିରେ ଅଧିକ ଅମଳକ୍ଷମ ହୋଇପାରିବ। ଯୁବବର୍ଗ ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର କରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ, ସଫଳ ଚାଷୀ ହେବାକୁ ପରାମର୍ଶ ଦେଇଥିଲେ। କୃଷି ଓ କୃଷକଙ୍କ ବିକାଶ ପ୍ରତି ସରକାର ବହୁବିଧ ଯୋଜନା କରିଛନ୍ତି। ଚାଷୀଙ୍କ ସହଯୋଗ ପାଇଁ ବିଭାଗୀୟ ଅଧିକାରୀମାନେ ସର୍ବଦା ତତ୍ପର ରହିଛନ୍ତି। ଏହାର ସୁଯୋଗ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

ଉଦ୍‌ଯାପନୀ ଦିବସରେ ଟାଙ୍ଗୀ ଏବଂ ଚିଲିକା ବ୍ଲକ୍‌ରୁ ୫ଶହ ଚାଷୀ ଯୋଗଦେଇଥିଲେ। ଶହେ ଜଣେ ଚାଷୀ କୃଷି ପାଠଶାଳାରେ ଚାଷ କାର୍ଯ୍ୟର ବିଭିନ୍ନ ଜ୍ଞାନକୌଶଳ ପ୍ରଶିକ୍ଷଣ ନେଇଥିଲେ। ଏହି ଦୁଇ ବ୍ଲକର ୧୨ଜଣ ସଫଳ ଚାଷୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ଯୋଜନାରେ ବେଗୁନିଆ, ଖୋର୍ଦ୍ଧା, ଟାଙ୍ଗୀ ଏବଂ ଚିଲିକା ବ୍ଲକର ୪ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୪ଜଣ ଚାଷୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଏହି ମେଳାରେ ଅଂଶଗ୍ରହଣ କରିଥିବା ଷ୍ଟଲମାନଙ୍କ ମଧ୍ୟରୁ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ୩ ସରକାରୀ ବିଭାଗୀୟ ଷ୍ଟଲ ଏବଂ ଅନ୍ୟ ୩ କୃଷି ଯନ୍ତ୍ରପାତି ଉତ୍ପାଦକ ଓ ବିତରକ ଷ୍ଟଲଙ୍କୁ ସମ୍ମାନିତ କରାଯାଇଛି। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ମେଳା ସରିଲା, ଆସିଲେନି ମନ୍ତ୍ରୀ

ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାକୁ ରାଜ୍ୟ ସରକାରଙ୍କ କୌଣସି ମନ୍ତ୍ରୀ ଆସିଲେ ନାହିଁ। ଫଳରେ ଚାଷୀଙ୍କ ମହଲରେ ଏକପ୍ରକାର ନିରାଶ ଭାବ ରହିଥିଲା। ପ୍ରଥମ ଦିନରେ ସ୍ଥାନୀୟ ବିଧାୟକଙ୍କୁ ନେଇ ମେଳା ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଅତିଥି ରହିଥିବା ବେଳେ କେହି ଆସିନଥିଲେ। ଅତିଥିମାନଙ୍କୁ ପ୍ରାୟ ଦେଢ ଘଣ୍ଟା ଅପେକ୍ଷା କରିବା ପରେ ସାଢେ ୪ଟାରେ ମେଳା ଉଦ୍‌ଯାପନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଅତିରିକ୍ତ ଜିଲା ଦୌରାଜଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଖୋର୍ଦ୍ଧା,୨୦।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜଲାରେ ନୂତନ ଭାବେ ଯୋଗଦେଇଥିବା ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ(ଏଡିଜେ-୧) ରଞ୍ଜୁଲତା ଲେଙ୍କାଙ୍କୁ ବାଣପୁର କୋର୍ଟରେ ସ୍ୱାଗତ କରାଯାଇଛି । ବାଣପୁର ସର୍କିଟ କୋର୍ଟ ପରିସର ବିଚାରପତିଙ୍କ କାର୍ଯ୍ୟାଳୟରେ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ୱାତକୀ ଦାସ ନୂତନ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହାପରେ ଓକିଲ ସଂଘ ସଭାପତି ବୃନ୍ଦାବନ ପ୍ରଧାନ, ସମ୍ପାଦକ ରଞ୍ଜନ କୁମାର ବେଦମଓାଙ୍କ ସମେତ ଏକାଧିକ ଓକିଲମାନେ ନୂତନ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ନୂତନ ବିଚାରପତି ନିକଟରେ ଖୋର୍ଦ୍ଧା ଜିଲାରେ ଯୋଗଦାନ କରିଥିବା ବେଳେ ସୋମବାର ବାଣପୁର ସର୍କିଟ କୋର୍ଟରେ ତାଙ୍କର ପ୍ରଥମ କାର୍ଯ୍ୟଦିବସ ଥିଲା। ଏହି ଅବସରରେ ବାଣପୁର ବେଞ୍ଚ ଏବଂ ବାର୍ ପକ୍ଷରୁ ନୂତନ ପ୍ରଥମ ଅତିରିକ୍ତ ଜିଲା ଦୌରାଜଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

# ୧୨୮ ଅଭିଯୋଗ ଶୁଣିଲେ ଜିଲାପାଳ

ଖୋର୍ଦ୍ଧା,୨୦।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଏବଂ ସଚେତନତା ଶିବିର ଖୋର୍ଦ୍ଧା ବ୍ଲକ ବ୍ରଜମୋହନପୁର ପଞ୍ଚାୟତରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ ୧୨୮ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ୧୧୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଏହି ଅବସରରେ ଓରବରସିଂ ଏବଂ ବ୍ରଜମୋହନପୁର ଗ୍ରାମର କେତେଜଣଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ସିଡିଏମ୍‌ଓ ଡା. ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଏସ୍‌ପି ଅନାଦି ଚନ୍ଦ୍ର ସେଠୀ, ବିଡିଓ କ୍ଷୀରାବ୍ଧିତନୟା ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗ୍ରାମୀଣ ଘର, ଶୌଚାଳୟ ଏବଂ କମ୍ପୋଷ୍ଟ ଖତ ପରିଚାଳନା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଷ୍ଟଲ୍ ଜିଲାପାଳ ଏବଂ ଅନ୍ୟମାନେ ବୁଲି ଦେଖିଥିଲେ।

# ଜଙ୍କିଆ ସବ୍‌ଡିଭିଜନ ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

ବେଗୁନିଆ,୨୦।୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଟିପିସିଓଡିଏଲ୍ ପକ୍ଷରୁ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଟିପିସିଓଡିଏଲ ସବ୍‌ଡିଭିଜନ ଅଧିକାରୀ ଇଂ.ଗୌରାଙ୍ଗ ଚନ୍ଦ୍ର ମଣ୍ଡଳଙ୍କ ନେତୃତ୍ୱରେ ୬ଟି ଟିମ୍ ଖୋର୍ଦ୍ଧା, ବେଗୁନିଆ, ବାଙ୍କୀ, ଜଙ୍କିଆ, ଜଟଣୀ ସବଡିଭିଜନ ଏବଂ ଖୋର୍ଦ୍ଧା ଡିଭିଜନ ମଧ୍ୟରେ ୫ଓଭର ବିଶିଷ୍ଟ ମ୍ୟାଚ ହୋଇଥିଲା। ଖୋର୍ଦ୍ଧା ଡିଭିଜନର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ପବିତ୍ର କୁମାର ଜେନା ମୁଖ୍ୟ ଅତିଥିଏବଂ ଭୁବନେଶ୍ୱର-୨ ସର୍କଲର ବାଣିଜ୍ୟ ବିଭାଗର ମୁଖ୍ୟ ଦେବେନ୍ଦ୍ର ଶର୍ମା ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍ ଜଙ୍କିଆ ସବ୍‌ଡିଭିଜନ ଏବଂ ଖୋର୍ଦ୍ଧା ସବ୍‌ଡିଭିଜନ ମଧ୍ୟରେ ହୋଇଥିଲା। ଜଙ୍କିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ୫ଓଭରରେ ୪୦ରନ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା ଟିମ୍ ନିର୍ଦ୍ଧାରିତ ଓଭରରେ ୩୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଜଙ୍କିଆ ସବ୍‌ଡିଭିଜନ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା।

# କୃଷକଙ୍କ କଲ୍ୟାଣ, ଗୋ ସୁରକ୍ଷା ପାଇଁ ଦାବିପତ୍ର

ବାଣପୁର,୨୦।୧ (ଦିଲୀପ କୁମାର ସ୍ୱାଇଁ)



ଖୋର୍ଦ୍ଧା ଜିଲା ଭାରତୀୟ କିଶାନ ସଂଘ, ଓଡ଼ିଶା ବାଣପୁର ମଣ୍ଡଳ ଶାଖା ପକ୍ଷରୁ କୃଷକଙ୍କ କଲ୍ୟାଣ ଏବଂ ଗୋ-ସୁରକ୍ଷା ପାଇଁ ୧୧ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଣପୁର ତହସିଲଦାର ଟି. ପଦ୍ମନାଭ ଦୋରାଙ୍କୁ ପ୍ରଦାନ କରାଯାଇଛି। ସଂଘର ଜିଲା ସଭାପତି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଉପସଭାପତି ସତେନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ ଅକ୍ଷୟ କୁମାର ଦାସଙ୍କ ସମେତ ବହୁ ସଦସ୍ୟ ମା' ଭଗବତୀଙ୍କ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଗୋ-ସୁରକ୍ଷା, କାଞ୍ଜିଆହୁଦା ପ୍ରତିଷ୍ଠା, ମଣ୍ଡିରେ କଟ୍‌ନୀଛଟ୍‌ନୀ ବନ୍ଦ କରିବା, ଉଦ୍ୟାନ କୃଷି କାର୍ଯ୍ୟାଳୟ ସ୍ଥାନାନ୍ତର, ଗୋଶାଳା ନିର୍ମାଣ, ଜୈବିକ କୃଷି ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା, କୃଷକ ଭବନ ନିର୍ମାଣ ଆଦି ୧୧ଦଫା ଦାବି ସମ୍ବଳିତ ଦାବିପତ୍ର ତହସିଲଦାର ଦୋରାଙ୍କୁ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ନାୟକ, ରବୀନ୍ଦ୍ରନାଥ ସାମନ୍ତରାୟ, ସୁକାନ୍ତ କୁମାର ଜେନା, ବବ୍ରୁବାହନ ଲେଙ୍କା, ଡ. ଚିନ୍ତାମଣି ମିଶ୍ରଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

### ଓରମୀ ଧାନମଣ୍ଡି ଉଦ୍‌ଘାଟିତ

ନିରାକାରପୁର, ୨୦।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଓରବରସିଂହ ପଞ୍ଚାୟତ ଅଧୀନ ଓରମୀ ସେବା ସମବାୟ ସମିତିରେ ସୋମବାର ଚାଷୀ କମିଟି ସଭାପତି ନରେନ୍ଦ୍ର କୁମାର ମଙ୍ଗରାଜଙ୍କ ପୌରୋହିତ୍ୟରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବଦରେ ୧୫ଜଣ ଚାଷୀ ୨୫୦ କୁଇଣ୍ଟାଲ ଧାନ ଦେଇଥିଲେ। ଅନୁଷ୍ଠାନର ସଭାପତି ପ୍ରମୋଦ କୁମାର ବଳିୟାରସିଂହ, ସମ୍ପାଦକ ମଧୁସ୍ମିତା ପାଟଶାଣୀ ଏବଂ ଖୋର୍ଦ୍ଧା କେନ୍ଦ୍ର ସମବାୟ ସମିତିର ଫିଲ୍ଡ ଅଫିସରଙ୍କ ସମେତ ମିଲର ମନୋଜ ସାହୁ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଚଳିତବର୍ଷ ୧୩୬ଜଣ ପଞ୍ଜୀକୃତ କରିଥିବା ଚାଷୀଙ୍କଠାରୁ ୩ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ଦେବେ ବୋଲି ସଭାପତି ବଳିୟାରସିଂହ କହିଛନ୍ତି।

# ଚିଲିକାରେ ବିପଜ୍ଜନକ ଯାତ୍ରା



କୃଷ୍ଣପ୍ରସାଦ,୨୦।୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ଚିଲିକାରେ ଆରମ୍ଭ ହୋଇଛି ଡଲ୍‌ଫିନ ଗଣନା। ଗଣତି ବେଳେ ଚିଲିକାରେ ଲଞ୍ଚ, ବୋଟ୍ ଏବଂ ଅନ୍ୟ ଯାନବାହନ ଯାତାୟାତ ଉପରେ କଟକଣା ଲଗାଯାଇଛି। ତେବେ କେତେକ ଯାନବାହନ ଯାତାୟାତ କରୁଥିବା ବେଳେ ବିପଜ୍ଜନକ ଭାବେ ଯାତ୍ରୀମାନେ ଯାତାୟାତ କରୁଥିବା ସୋମବାର ଦେଖିବାକୁ ମିଳିଛି। ଗୋଟିଏ ଡଙ୍ଗାରେ ୭୦ରୁ ୮୦ଜଣ ଯାତ୍ରୀଙ୍କ ସହ ୨୦ଟି ବାଇକ୍ ଯାତାୟାତ କରୁଥିବା ଜଣାପଡ଼ିଛି। ଲାଇଫ୍ ଜ୍ୟାକେଟ ମଧ୍ୟ ପିନ୍ଧିନାହାନ୍ତି। କୌଣସି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ସେମିରେ ରମ୍ଭାବିଲ କ୍ରିକେଟ କ୍ଲବ୍

ବୋଲଗଡ଼,୨୦।୧ (ଦେବବ୍ରତ ହୋତା)

ଖଙ୍ଗୁରିଆ ଗ୍ରାମ ବଡ଼ତୋଟା ଖେଳପଡ଼ିଆରେ ଚାଲିଥିବା ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସୋମବାର ବୋଲଗଡ଼ କ୍ଲବ ଏବଂ ରମ୍ଭାବିଲ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ରମ୍ଭାବିଲ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୮ ଉଇକେଟ ବିନିମୟରେ ୯୦ ରନ ସଂଗ୍ରହ କରିଥିଲା। ଜବାବରେ ବୋଲଗଡ଼ କ୍ଲବ୍ ୧୨.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରମ୍ଭାବିଲ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ବ୍ରହ୍ମାନନ୍ଦ ଏବଂ ବବୁଲ କୁମାର ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ପୂର୍ବତନ ସମିତିସଭ୍ୟ ରମେଶ ରଞ୍ଜନ ସାହୁ, ନିରଞ୍ଜନ ନାୟକ, ସଞ୍ଜୀବ ସେଠୀ, ନିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚନ୍ଦନ, ଭାସ୍କର, ରାଜୁ, ସନ୍ତୋଷ, ପ୍ରଭଞ୍ଜନ ପ୍ରମୁଖ ସହଯୋଗ କରିଥିଲେ।

# ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବରିଷ୍ଠ ନାଗରିକ ମଞ୍ଚର ନୂତନ ଭବନ ପ୍ରତିଷ୍ଠା, ବାର୍ଷିକୋତ୍ସବ**

ଖୋର୍ଦ୍ଧା,୨୦।୧ (ପ୍ରଭାତ ପାଣିଗ୍ରାହୀ)


କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ନୂତନ ବାସଭବନ ପ୍ରତିଷ୍ଠା ଏବଂ ବାର୍ଷିକୋତ୍ସବ ମଙ୍ଗଳାନଗର ସ୍ଥିତ ନୂତନ ବାସଭବନ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଦେବ ପ୍ରସାଦ ମଜୁମଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି, ବିଧାୟକ ପ୍ରଶାନ୍ତ ଜଗଦେବ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶୃଙ୍ଖଳିତ ପରିବାର ଓ ସମାଜ ଗଠନରେ ବରିଷ୍ଠ ନାଗରିକ ମାନଙ୍କ ପ୍ରମୁଖ ଭୂମିକା ରହିଛି। ସେମାନଙ୍କ ମାର୍ଗଦର୍ଶନ, ପ୍ରେରଣା ପରିବାରରେ ଆନନ୍ଦ ଭରିଥାଏ। ବରିଷ୍ଠ ନାଗରିକଙ୍କୁ ଯଥୋଚିତ ସମ୍ମାନ ଦେବା ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ମତପ୍ରକାଶ ପାଇଥିଲା। ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ଦିଗରେ ବରିଷ୍ଠ ନାଗରିକମାନେ ସେମାନଙ୍କ ଅଭିଜ୍ଞତାକୁ ଆଧାର କରି ପ୍ରସ୍ତାବ ଓ ପରାମର୍ଶ ଦେବାକୁ ଆହ୍ୱାନ କରିଥିଲେ।

ଏହି ଅବସରରେ ରବୀନ୍ଦ୍ରନାଥ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଆଦର୍ଶ ପରିବାର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ହାଜି ନସିମୁଦ୍ଦିନ୍ ଖାନ୍‌ଙ୍କ ସହିତ ବାଣପୁର, ନିରାକାରପୁର, ଜଟଣୀ, ପିତୁକୁଳି ଅଞ୍ଚଳରେ କାର୍ଯ୍ୟରତ ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣ ସହ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ଦାସ, ଭୀମସେନ୍ ପ୍ରଧାନ, ସତ୍ୟବାଦୀ ବଳିୟାରସିଂହ, ବିଧାନ ଚନ୍ଦ୍ର ମହାନ୍ତି, ଅଖିଳ ଚନ୍ଦ୍ର ପ୍ରଧାନ, ବିପ୍ରଚରଣ ବେହୁରା, ପ୍ରତାପ ଚନ୍ଦ୍ର ମହାପାତ୍ର, ବସନ୍ତ କୁମାର ଦାଶ, ସତ୍ୟବ୍ରତ ଦାସ, କୃଷ୍ଣ ହରିଚନ୍ଦନ, ରବୀନ୍ଦ୍ର କୁମାର ସାହୁ, ନବକିଶୋର ମହାପାତ୍ର, କ୍ଷେତ୍ରବାସୀ ସାହୁ, ନବିନ ସାମନ୍ତସିଂହାର, ସୌଦାମିନୀ ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

**ଲକ୍ଷପତି ଦିଦି ତାଲିମ ଶିବିର**

**ତିଗିରିଆ (ଜାଫର ଖାଁ):** ରାଜ୍ୟ ସରକାରଙ୍କ ଜୀବିକା ମିଶନ ବିଭାଗ ପକ୍ଷରୁ ତିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ପଞ୍ଚାୟତରେ ଶନିବାର ଦୁଇ ଦିବସୀୟ ଲକ୍ଷପତି ଦିଦି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିପିଏମ୍ ପ୍ରଦୀପ କୁମାର ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥିଭାବେ ତିଗିରିଆ ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ୍ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତସ୍ତରୀୟ ମହାସଂଘ ସଭାନେତ୍ରୀ ରଶ୍ମିତା ରାଉତ, ସଂପାଦିକା ରିତା ରାଉତ, ସୁଜାତା ଜେନା, ଲିନାପ୍ରଭା ସାହୁଙ୍କ ସମେତ ପଞ୍ଚାୟତର ବ୍ୟାଙ୍କ ମିତ୍ର, ସିଆର୍‌ପି, ନଥିପତ୍ର ଲେଖିକା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏସ୍‌ଏଚ୍ ନଂ. ୧୨ରେ ଲାଗିଲା ସିସି ଟିଭି କ୍ୟାମେରା

**କଟକ ସଦର,୨୦।୧(ସୁଶାନ୍ତ କୁମାର ଜେନା):** କଟକ-ପାରାଦୀପ ୧୨ ନଂ. ରାଜ୍ୟ ରାଜପଥରେ ଯାନବାହନ ନିୟନ୍ତ୍ରଣ, ଦୁର୍ଘଟଣା ଓ ଲୁଟ୍ ରୋକିବାକୁ କଟକ ସଦର ବ୍ଲକ ଅଞ୍ଚଳର ଫକୀରପଡ଼ା ଓ ରାମକୁମାରପୁର ନିକଟରେ ସିସି ଟିଭି କ୍ୟାମେରା ଲଗାଯାଇଛି। ସରକାରୀ-ଘରୋଇ ସହଭାଗିତାରେ ଏହି କ୍ୟାମେରା ଲଗାଯାଇଥିବା ଜଣାପଡ଼ିଛି। ରାସ୍ତାର ପ୍ରତି ୫କି.ମି. ଦୂରରେ ଏହି କ୍ୟାମେରା ପାରାଦୀପ ପର୍ଯ୍ୟନ୍ତ ଲାଗିବ। ଫଳରେ କୌଣସି ଅଘଟଣ ଘଟିଲେ ପୋଲିସ ଓ ସାଧାରଣ ପ୍ରଶାସନକୁ ଏହି କ୍ୟାମେରା ଫୁଟେଜ ତଦନ୍ତରେ ସାହାଯ୍ୟ କରିବ।

### ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ,୨୦।୧(କାର୍ତ୍ତିକ ସାହୁ):** କଟକ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗଦେଇ ମୋଟ ୬୧ଟି ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରେ ୪୭ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ଅଭିଯୋଗ ରହିଥିଲା। ୧୧ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହ ପାନୀୟଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଅତିରିକ୍ତ ଉପଆୟୁକ୍ତ ପୋଲିସ କମିଶନରେଟ ଦେବଦତ୍ତ କର, ଅତିରିକ୍ତ ଜିଲାପାଳ ଶିବ ଟପୋ, ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ନିର୍ବାହୀ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଚୌଦ୍ୱାର,୨୦।୧(ଆଶୁତୋଷ ଦାସ):** ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ପୌର ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସମସ୍ତ ପାରିଷଦ, ଏମ୍.ଇ. ପତିତପାବନ ପଟ୍ଟନାୟକ, ଜେଇ ସଞ୍ଜୟ ସାମଲ, ଶୁଭଶ୍ରୀ ବେହେରା, ଶୁଭଶ୍ରୀ ସନ୍ଦିପ୍ତା ନାୟକ, ବରିଷ୍ଠ କିରାଣି ସନ୍ତୋଷ ହୋତାଙ୍କ ସମେତ ସମସ୍ତ କର୍ମଚାରୀ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ରାଉତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ରାଉତଙ୍କୁ ବାରିପଦା ପୌରାଞ୍ଚଳର ନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ତେବେ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଅସ୍ଥାୟୀ ଭାବେ ଚୌଦ୍ୱାରର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଥିବା ଜଣାପଡ଼ିଛି।

### ସତ୍ୟସାଇ ବାବାଙ୍କ ପାଦୁକା ପୂଜା

**ଚୌଦ୍ୱାର,୨୦।୧(ଆଶୁତୋଷ ଦାସ):** ଚୌଦ୍ୱାର ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇ ବାବାଙ୍କ ପାଦୁକା ଯାତ୍ରା ସୋମବାର ଧୁମ୍‌ଧାମରେ ପାଳିତ ହୋଇଯାଇଛି। ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ ଅବସରରେ ଏହି ଦିବସ ପାଦୁକା ଯାତ୍ରା ପରିକ୍ରମାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ପୁଟପର୍ତ୍ତି ପ୍ରଶାନ୍ତି ନୀଳୟମକୁ ଯାଇ ଭକ୍ତ ଦର୍ଶନ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନ ଥିବା ହେତୁ ଗତ ୧୪ ତାରିଖରେ ପରିକ୍ରମା ରଥ ବାହାରି ପହଞ୍ଚିଥିଲା। ଚୌଦ୍ୱାର ଗ୍ରାମର ବିଭିନ୍ନ ସାହି ବସ୍ତି ପରିକ୍ରମା କରିବା ପରେ ଚୌଦ୍ୱାର ପୌରପାଳିକା ଓ ବିଭିନ୍ନ ପଞ୍ଚାୟତଗୁଡ଼ିକରେ ବାବାଙ୍କ ପାଦୁକା ରଥ ପରିକ୍ରମା କରିଥିଲା। ଚୌଦ୍ୱାର ଶ୍ରୀ ସତ୍ୟସାଇ ସେବା ସମିତି ଆବାହକ ରଞ୍ଜିତ ପ୍ରଧାନଙ୍କ ନେତୃତ୍ୱରେ କଟକ ଜିଲା ଦାୟିତ୍ୱରେ ଥିବା ହେମନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହିନ୍ଦ୍ ସେବକ ସଂଘ ସଭାପତି ଦାମୋଦର ସାହୁ, ସୁକ ଦେଇ, ମୀନାକ୍ଷୀ ପ୍ରଧାନ, ଦମୟନ୍ତୀ ଦାସ, ମମତା ରାୟ, କ୍ରିଡ଼ିସ୍ମିତା ମହାନ୍ତି, ସୁବାସ ଚନ୍ଦ୍ର ପ୍ରଧାନ, ଲୋକନାଥ ରାଉତ, ନବୀନ ରାଓ, ସହଦେବ ବରାଳ, ଶାଶ୍ୱତ ରଞ୍ଜନ ପଣ୍ଡା ପ୍ରମୁଖ ଏହି ଯାତ୍ରାରେ ସହଯୋଗ କରିଥିଲେ। ଚୌଦ୍ୱାରର ବିଭିନ୍ନ ଭକ୍ତଙ୍କ ବାସଭବନରେ ପାଦୁକାକୁ ସମ୍ବର୍ଦ୍ଧନା ସହିତ ପୂଜାର୍ଚ୍ଚନା କରାଯାଇଥିଲା।

# ଏସ୍‌ସିବିରେ ଡାକ୍ତର- ରୋଗୀ ଧସ୍ତାଧସ୍ତି

**ଉପଯୁକ୍ତ ଚିକିତ୍ସା ମିଳି ନ ଥିବା ଅଭିଯୋଗ**
- ମଙ୍ଗଳାବାଗ ଥାନାରେ ମାମଲା ରୁଜୁ
- ଡାକ୍ତରଙ୍କ ସୁରକ୍ଷା ନେଇ ବସିଲା ବୈଠକ

**କଟକ,୨୦।୧(ଶିଳ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି)ର କାଜୁଆଲ୍‌ଟିରେ ଡାକ୍ତର ନ ରହିବା ଓ କୁକୁର କାମୁଡ଼ାରେ ଗୁରୁତର ବ୍ୟକ୍ତିଙ୍କୁ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ନ ମିଳିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏପରିକି ଗୁରୁତର ବ୍ୟକ୍ତି ଓ ଡାକ୍ତରଙ୍କ ମଧ୍ୟରେ ବଚସା ହେବା ସହ ଧସ୍ତାଧସ୍ତି ହୋଇଛି। ସୋମବାର ଭୋର ପ୍ରାୟ ୪ଟା ୩୦ରେ ମେଡିକାଲ କାଜୁଆଲ୍‌ଟିରେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଅଡ଼ଶପୁର ଅଞ୍ଚଳର ଜୟଦେବ ମହାପାତ୍ର (୫୫) ଓ ତାଙ୍କ ପୁଅ ସ୍ନେହାଶିଷ ମହାପାତ୍ର (୨୫) ଘରେ ପାଳିଥିବା କୁକୁର କାମୁଡ଼ାରେ ଗୁରୁତର ହୋଇଥିଲେ। ଉଭୟଙ୍କୁ ଜଣେ ସମ୍ପର୍କୀୟ ଏସ୍‌ସିବିକୁ ଚିକିତ୍ସା ପାଇଁ ଆଣିଥିଲେ। ତେବେ ସେତେବେଳେ କାଜୁଆଲଟିରେ ଡାକ୍ତର ନ ଥିଲେ ଓ ଚିକିତ୍ସା ହୋଇପାରି ନ ଥିଲା। ଡାକ୍ତରଙ୍କ ଆସିବା ସମ୍ପର୍କରେ ମେଡିକାଲ କର୍ମଚାରୀଙ୍କୁ ସେମାନେ ପଚାରିଥିଲେ। ଏହାର କିଛି ସମୟ ପରେ ଡାକ୍ତର ଆସି ଚିକିତ୍ସା କରିଥିଲେ। କିନ୍ତୁ ତାହା ଯନ୍ତ୍ରଣା ଉପଶମ ମୁତାବକ ଉପଯୋଗୀ ଚିକିତ୍ସା ହୋଇ ନ ଥିବା ମନେକରି ବାପ, ପୁଅ ସମ୍ପୃକ୍ତ ଡାକ୍ତରଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ ବାପ, ପୁଅ ଓ ସମ୍ପୃକ୍ତ ଡାକ୍ତରଙ୍କ ମଧ୍ୟରେ ବଚସା ହୋଇ ଧସ୍ତାଧସ୍ତି ଘଟିଥିଲା। ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ କାଜୁଆଲଟିରେ ଡ୍ୟୁଟିରେ ଥିବା ଡାକ୍ତର ସ୍ଥାନୀୟ ଫାଣ୍ଡିକୁ ଏ ନେଇ ଜଣାଇଥିଲେ। ପୋଲିସ ପହଞ୍ଚି ବାପ, ପୁଅ ଓ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଅଟକ ରଖିଥିଲା। ଡାକ୍ତର ଜଣକ ମଙ୍ଗଳାବାଗ ଥାନାରେ ଏତଲା ଦେବା ପରେ ଏକ କେସ୍ (ନଂ-୨୨/୨୫) ରୁଜୁ କରାଯାଇଛି।

ଅନ୍ୟପଟେ ଏହି ଘଟଣା ନେଇ ମେଡିକାଲ କଲେଜ ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସଙ୍କ ଅଧ୍ୟକ୍ଷତାରେ ସୋମବାର କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଏକ ଜରୁରିକାଳୀନ ବୈଠକ ବସିଥିଲା। ବୈଠକରେ କୁଳସଚିବ ଡ. ଅବିନାଶ ରାଉତ, ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା, ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ, ଫାଣ୍ଡି ଅଧିକାରୀ ମଣେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ। ମେଡିକାଲରେ କାର୍ଯ୍ୟରତ ଡାକ୍ତର ସୁରକ୍ଷିତ ଭାବେ ଯେପରି ଡ୍ୟୁଟି କରିବେ ଏବଂ ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ମେଡିକାଲର ସୁରକ୍ଷାକର୍ମୀଙ୍କୁ ଅଧିକ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହ ସୁରକ୍ଷା ନେଇ ପୋଲିସ ପ୍ରଶାସନର ସହାୟତା ଲୋଡିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ତେବେ ଏ ନେଇ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପଟେ ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ କହିଛନ୍ତି, ଘଟଣାକୁ ନେଇ ମାମଲା ରୁଜୁ କରାଯାଇଛି। ବାପ, ପୁଅ ଗୁରୁତର ଆହତ ହୋଇଥିବାରୁ ପ୍ରଥମେ ଉଭୟଙ୍କ ଚିକିତ୍ସା କରାଯିବ। ପରେ ଘଟଣା ସମ୍ପର୍କରେ ସେମାନଙ୍କୁ ପଚରାଉଚରା କରାଯିବ। ସେହିପରି ସମ୍ପୃକ୍ତ ସ୍ଥାନର ସିସିଟିଭି ଯାଞ୍ଚ ସହ ତଦନ୍ତ କରାଯିବ ବୋଲି ସାହୁ କହିଛନ୍ତି।

# ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ସେବାର ମୂର୍ତ୍ତିମନ୍ତ ପ୍ରତୀକ



ଏମ୍‌ପି ଭର୍ତ୍ତୃହରି ମହତାବ ଏବଂ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ଚୌଦ୍ୱାର,୨୦।୧(ଆଶୁତୋଷ ଦାସ)**

ସର୍ବଭାରତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘ ଓଡ଼ିଶା ଶାଖାର ପ୍ରତିଷ୍ଠାତା ସେବକ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ୬୨ତମ ଶ୍ରାଦ୍ଧୋତ୍ସବ ତଥା ଶିଶୁ ସଦନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ଶିଶୁ ସଦନସ୍ଥିତ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କୁ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଅବିହିତ କରିଥିଲେ। କଟକ ମହାନଗର ନିଗମ ମେୟର ସୁବାସ ସିଂ ଓ ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁ ସଦନର ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା 'ସ୍ୱର୍ଣ୍ଣ ଶଙ୍ଖ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁ ଓ ଶିଶୁରୋଗ ବିଶେଷଜ୍ଞ ଡା. ଏସ୍.ଏନ୍. ପରିଡ଼ା ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। ଆୟୋଜିତ ଆନ୍ତଃ ବିଦ୍ୟାଳୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ସଙ୍ଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଦସ୍ୟ ରମାକାନ୍ତ ଲେଙ୍କା ଧନ୍ୟବାଦ ଦେଇଥିଲେ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା ଅତିଥି ଭାବେ ଯୋଗଦେଇ ପ୍ରଭାତରେ ଆୟୋଜିତ ଶିଶୁ ସମାରୋହ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ସାହିତ୍ୟିକା ପ୍ରଫେସର ସୁଲୋଚନା ଦାସ, ଲକ୍ଷ୍ମୀନାରାୟଣ ସ୍ମୃତି କମିଟି ସଭାପତି ବିଜୟାନନ୍ଦ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଦେଇଥିଲେ। ଶିଶୁ ସଦନ ପିଲାମାନେ ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରିଚାଳକ ସୀମନ୍ତ ନାୟକ ଏଥିରେ ତତ୍ତ୍ୱାବଧାନ କରିଥିଲେ।

# 'ଛାତ୍ରସମାଜକୁ ଅନୁପ୍ରାଣିତ କରିଥିଲେ ବିଚ୍ଛନ୍ଦ'



ଉତ୍ସବରେ ସାହିତ୍ୟିକ ଦାଶ ବେନହୁର ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**କଟକ,୨୦।୧(କାର୍ତ୍ତିକ ସାହୁ)**

**କଳିଙ୍ଗ ଭାରତୀ ତ୍ରିଦିବସୀୟ ସାରସ୍ୱତ ମହୋତ୍ସବ ଉଦ୍‌ଯାପିତ**

ଗୁରୁ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଜଣେ ମଣିଷ ନୁହନ୍ତି, ଏକ ଅନୁଷ୍ଠାନ। ସେ ୧୯୪୪ ମସିହାରେ କଳିଙ୍ଗ ଭାରତୀ ଗଠନ କରି ଓଡ଼ିଆ ପ୍ରାଚୀନ ସାହିତ୍ୟ ଓ ସାଂସ୍କୃତିକ ଜାଗରଣ ସୃଷ୍ଟି କରି ଛାତ୍ର ସମାଜକୁ ଅନୁପ୍ରାଣିତ କରିଥିଲେ। ଓଡ଼ିଆ ପ୍ରାଚୀନ ଓ ରୀତିଯୁଗୀୟ ସାହିତ୍ୟକୁ ପ୍ରଚାର ଓ ପ୍ରସାର କରି ହୃତ ବୈଭବକୁ ବିଚ୍ଛନ୍ଦ ପୁନରୁଦ୍ଧାର କରିଥିଲେ ବୋଲି କଟକ ମିଶନ ରୋଡସ୍ଥିତ ଭଞ୍ଜ ମଣ୍ଡପଠାରେ କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ମିଳିତ ଭାବେ ଆୟୋଜିତ ତ୍ରିଦିବସୀୟ ସାରସ୍ୱତ ମହୋତ୍ସବର ଉଦ୍‌ଯାପନ ଉତ୍ସବ ଓ ଗୁରୁ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ୧୨୫ତମ ଜୟନ୍ତୀ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଡ. ଶୈଳେଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ସାହିତ୍ୟିକ ଦାଶ ବେନହୁର ଉଦଘାଟନ କରି ବିଚ୍ଛନ୍ଦ ଚରଣଙ୍କ ପ୍ରୟାସକୁ ଆଗେଇ ନେବାକୁ ହେଲେ ଅନ୍ୟ ସବୁ ଭାଷାର ପ୍ରଫେସରମାନଙ୍କୁ ନେଇ ଏକ ଅନୁବାଦ ଅନୁଷ୍ଠାନ ପ୍ରତିଷ୍ଠା କରିବାକୁ ପଡ଼ିବ ବୋଲି କହିଥିଲେ। ଉପଦେଷ୍ଟା ଚନ୍ଦ୍ର ଶେଖର ନନ୍ଦ, ଗବେଷକ ହରିଶ୍ଚନ୍ଦ୍ର ବେହେରା ଗୁରୁଜୀଙ୍କ ସାରସ୍ୱତ ସାଧନାକୁ ବର୍ଣ୍ଣନା କରିବା ସହିତ ମଧୁବାବୁଙ୍କ ସହାୟତାରେ ଏହି ସ୍ୱତନ୍ତ୍ର ସାହିତ୍ୟ ସାଧନାର ପ୍ରସାର ପ୍ରଚାର କରିଥିଲେ। ଗୁରୁ ବିଚ୍ଛନ୍ଦଙ୍କ କନ୍ୟା ରାଜଲକ୍ଷ୍ମୀ ମହାନ୍ତି, ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ଡ. ଅଂଶୁମାନ କର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉପସଭାପତି ରଂଜିତ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଗବେଷକ ପ୍ରଭାତ କୁମାର ନନ୍ଦ ଗୁରୁ ବିଚ୍ଛନ୍ଦ ଚରଣଙ୍କ ସୃଷ୍ଟି କାଳଜୟୀ ଭାବେ ବ୍ୟାଖ୍ୟା କରିଥିଲେ। କଳାବିକାଶ କେନ୍ଦ୍ରର ଶାସ୍ତ୍ରୀୟ ସଙ୍ଗୀତ ବିଭାଗର ଛାତ୍ରଛାତ୍ରୀମାନେ ସମବେତ ବିଚ୍ଛନ୍ଦ ସଙ୍ଗୀତ ପରିବେଷଣ କରିଥିଲେ। ଜୟନ୍ତୀ ମଞ୍ଜରୀ ରଥ, ସ୍ନେହଲତା ମିଶ୍ର, ଡ. ଅନୁପ ମାର୍ଥା, ଡା. ଶୁଭସୁଧା ପ୍ରିୟଦର୍ଶିନୀ, ସତ୍ୟ ଗୋପାଳ ପରିଜା, ସୁବାସ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟବ୍ରତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ବିଚ୍ଛନ୍ଦ ସଙ୍ଗୀତ ଗାନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ରବୀନ୍ଦ୍ରନାଥ ପୁନର୍ବାର କୃଷି ସୂଚନା ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ନିର୍ବାଚିତ

**ଆଠଗଡ ୨୦।୧( ସତ୍ୟ ପ୍ରସାଦ ରଥ)**

ଆଠଗଡ଼ କୃଷି ଓ କୃଷକର ଉନ୍ନତ ପରାମର୍ଶ ପାଇଁ କୃଷି ବିଭାଗ, ଉଦ୍ୟାନ ବିଭାଗ, ପ୍ରାଣୀସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ, ପଞ୍ଚାୟତସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ଉତ୍ପାଦନ କମ୍ପାନୀ, ଯୁବଗୋଷ୍ଠୀ କେନ୍ଦ୍ର, ରସାୟନିକ କୀଟନାଶକ ବିକ୍ରେତା ଆଦି ୨୫ ଜଣଙ୍କୁ ନେଇ ଓ ବିଭିନ୍ନ ବିଭାଗରୁ ମନୋନୀତ ହୋଇଥିବା ଚାଷୀଙ୍କୁ ନେଇ ବ୍ଲକ କୃଷି କାର୍ଯ୍ୟାଳୟରେ ବ୍ଲକ କୃଷି ଅଧିକାରୀ ପ୍ରିୟନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ନୂତନ ଅଧ୍ୟକ୍ଷ ଚୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ସଭ୍ୟ ସୁବାସଚନ୍ଦ୍ର ପାଳଙ୍କ ପ୍ରସ୍ତାବ ଅନୁସାରେ ସର୍ବସମ୍ମତିକ୍ରମେ ଅଧ୍ୟକ୍ଷ ରବୀନ୍ଦ୍ରନାଥ ରାଉତଙ୍କୁ ପୁନଃ ଅଧ୍ୟକ୍ଷଭାବେ ମନୋନୀତ କରାଯାଇଛି। ବୈଠକରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଅନ୍ତର୍ଯାମୀ ବାରିକ, ସହକାରୀ ଉଦ୍ୟାନ ଅଧିକାରୀ, ଧନଞ୍ଜୟ ରାଉତ, ବ୍ଲକ ମତ୍ସ୍ୟ ଅଧିକାରିଣୀ ଦୀପାଞ୍ଜଳି ଭୋଇ ଉପସ୍ଥିତ ରହି ବିଭିନ୍ନ ବିଭାଗ ତରଫରୁ ନୂତନ ଜ୍ଞାନକୌଶଳ ଉପଯୋଗ କରି କୃଷି କାର୍ଯ୍ୟକୁ ଆଗେଇନେବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲା କମିଟି ପାଇଁ ଭୋଟିଂ ଜରିଆରେ ସୁବାସଚନ୍ଦ୍ର ପାଳ ନିର୍ବାଚିତ ହୋଇଥିଲେ।



ସ୍ୱାଧୀନତା ସଂଗ୍ରାମୀ ଶହୀଦ ଚାଖି ଖୁଣ୍ଟିଆଙ୍କ ୧୯୮ତମ ଜୟନ୍ତୀ ଅବସରରେ ସୋମବାର କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ମାଛୁଆ ବଜାର ଶହୀଦ ପାର୍କରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଜମିଜମାକୁ କେନ୍ଦ୍ରକରି ଗଣ୍ଡଗୋଳ

**ସାଲେପୁର,୨୦।୧(ଅରବିନ୍ଦ ଭୂୟାଁ)**

ସେଲୁନ୍ ଓ ଏକ ଆଜ୍‌ବେଷ୍ଟସ୍ ଘରକୁ ବଳପୂର୍ବକ ଭଙ୍ଗାଯିବା ନେଇ ଜପକୁଦ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ସାଲେପୁର ଥାନାରେ ୨ଟି ପୃଥକ୍ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଜପକୁଦ ନିକଟରେ ଅମରେନ୍ଦ୍ର ବାରିକଙ୍କ ଏକ ସେଲୁନ୍ ରହିଛି। ଏହାକୁ ଲାଗି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଏକ ଆଜ୍‌ବେଷ୍ଟସ ଘର ରହିଛି। ଏହି ସେଲୁନ୍ ଓ ଆଜ୍‌ବେଷ୍ଟସ ଘରକୁ କେତେଜଣ ଭାଙ୍ଗିଦେଇଥିବା ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅପରପକ୍ଷେ ନେତ୍ରାନନ୍ଦ ଭୋଇ, ପୁଷ୍ପା ଭୋଇ ସାଲେପୁର ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଅମରେନ୍ଦ୍ର ଏକ ସେଲୁନ୍ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ସେହିପରି ପୂର୍ଣ୍ଣଚନ୍ଦ୍ର ଏକ ଆଜ୍‌ବେଷ୍ଟସ୍ ଘର ସ୍ଥାପନ କରି ସେଠାରେ ମା'କାଳୀଙ୍କ ପ୍ରତିମୂର୍ତ୍ତି ରଖି ପୂଜାର୍ଚ୍ଚନା କରୁଥିଲେ। ପୂର୍ଣ୍ଣଚନ୍ଦ୍ର ଓ ଅମରେନ୍ଦ୍ର ଉକ୍ତ ଜାଗାକୁ ସରକାରୀ ଜାଗା ବୋଲି ଦର୍ଶାଉଥିବାବେଳେ ନେତ୍ରାନନ୍ଦ ଉକ୍ତ ଜାଗାକୁ ୨୦୨୩ରେ କ୍ରୟ କରିଥିବା ଦାବି କରିଛନ୍ତି। ତାଙ୍କ ପାଖରେ ତାହାର ପଟ୍ଟା ରହିଥିବା ଦାବି କରିଛନ୍ତି। ପଟ୍ଟାକୁ ଆଧାର କରି ନେତ୍ରାନନ୍ଦ ଓ ପୁଷ୍ପା ଉକ୍ତ ସ୍ଥାନରୁ ଅଳିଆ ଆବର୍ଜନା ସଫା କରୁଥିବାବେଳେ ପୂର୍ଣ୍ଣଚନ୍ଦ୍ର ଓ ଅମରେନ୍ଦ୍ର ତାଙ୍କୁ ଗାଳିଗୁଲଜ କରିବା ସହ ମାରଧର କରିବାକୁ ଉଦ୍ୟମ କରିଥିବା ନେଇ ପୁଷ୍ପା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଉଭୟ ପକ୍ଷର ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଜାରି ରହିଥିବାବେଳେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଆଇଆଇସି. ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ରାଜସ୍ୱ ଅମଲା ସଂଘ ସମ୍ମିଳନୀ, ଉପନିର୍ବାଚନ

**ବାଙ୍କୀ,୨୦।୧ (ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

କଟକ ଜିଲା ରାଜସ୍ୱ ଅମଲା ସଂଘ ବାର୍ଷିକ ସମ୍ମିଳନୀ ଓ ଉପନିର୍ବାଚନ ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଭଗିପୁର ପଞ୍ଚାୟତସ୍ଥିତ ଦେବୀଦ୍ୱାର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କଟକ ଜିଲା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାଳୟର ଶତାଧିକ ରାଜସ୍ୱ ଅମଲା ଯୋଗଦେଇଥିଲେ। ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଅମଲା ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ରାଜ୍ୟ ଉପସଭାପତି ଅସିତ୍ ମହାକୁଡ଼, ସଙ୍ଗଠନ ସମ୍ପାଦକ ରମାକାନ୍ତ ସାହୁ, ଖୋର୍ଦ୍ଧା ଜିଲା ସଭାପତି ମୃତ୍ୟୁଞ୍ଜୟ ସେନାପତି, ଢେଙ୍କାନାଳ ଜିଲା ସଭାପତି ବିଭୁପ୍ରସାଦ ପଟ୍ଟନାୟକ, ଜଗତ୍‌ସିଂହପୁର ଜିଲା ସଭାପତି ନୀହାର ରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ ଜେନା ସଭାପତିତ୍ୱ କରିଥିଲେ। ଏହାପରେ ରାଜସ୍ୱ ଅମଲା ସଂଘ କଟକ ଜିଲାର ଉପନିର୍ବାଚନ ହୋଇଥିଲା। ସଭାପତି ଭାବେ ସୁଧାଂଶୁ ଭୂଷଣ ମହାପାତ୍ର, ଉପସଭାପତି ଶୁଭଶ୍ରୀ ସୁଚିସ୍ମିତା ନନ୍ଦ, ସଙ୍ଗଠନ ସମ୍ପାଦକ ଆଲୋକ ନାୟକ, ଉପସଭାପତି (ସଦର) ଅଜୟ ମୁଦୁଲି, ଉପସଭାପତି ଆଠଗଡ଼ ଦିନେଶ ବେହେରା, କଲ୍ୟାଣ ପାଣ୍ଠି ସଦସ୍ୟ ଜ୍ଞାନଦେବ ରାୟ ପଟ୍ଟନାୟକ ଓ ଚିନ୍ମୟ ଚୌଧୁରୀ ନିର୍ବାଚିତ ହୋଇଥିଲେ।

## ଯୁବ ଆଇନଜୀବୀ ସମ୍ବର୍ଦ୍ଧିତ

**କଟକ ସଦର,୨୦।୧(ସୁଶାନ୍ତ କୁମାର ଜେନା):** କଟକଠାରେ ଜାତୀୟ ଯୁବ ଆଇନଜୀବୀ ଦିବସ ପାଳନ ଅବସରରେ କଟକ ସଦର ବୋଧପୁର ଗ୍ରାମର ଯୁବ ଆଇନଜୀବୀ ପ୍ରବୀଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ହାଇକୋର୍ଟ ବିଚାରପତି ଭି.ନରସିଂହ, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ତାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ଦାସ ବୋଧପୁର ଗ୍ରାମର ନିମାଇଁ ଦାସଙ୍କ ନାତି ଓ ପ୍ରଭଞ୍ଜନ ଦାସଙ୍କ ସୁପୁତ୍ର।

# ମନ୍ଦିର କାର୍ଯ୍ୟର ତଦନ୍ତ ଦାବି

**ଆଠଗଡ,୨୦।୧(ସତ୍ୟ ପ୍ରସାଦ ରଥ)**

ଆଠଗଡ଼ ବ୍ଲକ ସମସରପୁର ଗ୍ରାମରେ ବିଜେ ଶ୍ରୀ ଶ୍ରୀ ଚୈତନ୍ୟ ନିତ୍ୟାନନ୍ଦ ଦେବଙ୍କ ପକ୍କା ମନ୍ଦିର ନିର୍ମାଣରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ କରି ଗ୍ରାମବାସୀଙ୍କ ପକ୍ଷରୁ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବା ସହ ଏହାର ତଦନ୍ତ ଦାବି କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ମନ୍ଦିର ନିର୍ମାଣ ପାଇଁ ବିଧାୟକଙ୍କ ହାତପାଣ୍ଠିରୁ ୭ଲକ୍ଷ ୯୮ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ମାତ୍ର କାମ ନେଇଥିବା ଠିକାଦାର ନିମ୍ନମାନର ନିର୍ମାଣ ହେତୁ ୧୫ ଦିନ ନ ଯାଉଣୁ ଏଥିରୁ ଛେଲା ଖସିପଡ଼ିଥିଲା। ଏ ସଂକ୍ରାନ୍ତରେ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ହେବା ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ଏବଂ କଂକ୍ରିଟର ମାନ ନିର୍ଦ୍ଧାରଣ ପାଇଁ ଗବେଷଣାଗାରକୁ ପଠାଇବେ ବୋଲି ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଥିଲେ। ମାତ୍ର ୫ଦିନ ବିତିଯାଇଥିଲେ ମଧ୍ୟ ଏହା ନ ହେବାରୁ ଗ୍ରାମବାସୀ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କୁ ଭେଟି ତଦନ୍ତ ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଶରତ ଚନ୍ଦ୍ର ମନ୍ତ୍ରୀ, ସୁଧାକର ପ୍ରଧାନ, ଗଦାଧର ପ୍ରଧାନ, ବ୍ରଜବନ୍ଧୁ ଗଣ୍ଡିଆ, ରବି ଘଣ୍ଟିଆଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଉପଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।


ଉପଜିଲାପାଳଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

# 'ଭେଣ୍ଡିଂ ଜୋନ୍ ନ ଦେଲେ କଟକ ଅଚଳ ହେବ'




**କଟକ,୨୦।୧(କାର୍ତ୍ତିକ ସାହୁ)**

**କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ପ୍ରତିବାଦ ସଭା, ଶୋଭାଯାତ୍ରା**

ଉଚ୍ଛେଦ ନୁହେଁ, ଥଇଥାନ ଓ ସ୍ୱାଭିମାନର ସହ ବ୍ୟବସାୟ କରିବା ଆମର ଦାବି। ଏଭଳି ସ୍ଲୋଗାନ ଦେଇ ସୋମବାର କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ପ୍ରତିବାଦ କରାଯାଇଛି। ମହାସଂଘ ଆହ୍ୱାନ କ୍ରମେ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ପୁରୀଘାଟ ଗାନ୍ଧୀଛକଠାରୁ ବାହାରି କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ମହାସଂଘ ସଭାପତି ଆଡ୍‌ଭୋକେଟ ଅମରେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବାଦାମବାଡ଼ି, ଦୋଳମୁଣ୍ଡାଇ, ରାଣୀହାଟ, ମଙ୍ଗଳାବାଗ, ମଧୁପାଟଣା, ବଜ୍ରକବାଟି, ମହତାବ ରୋଡ୍ ଏବଂ ସିଡିଏ ଆଦି ଅଞ୍ଚଳର ରାସ୍ତାପାର୍ଶ୍ୱ ଉଠାଦୋକାନୀମାନେ ସାମିଲ ହୋଇଥିଲେ। ବାମପନ୍ଥୀ ନେତା ଆଡ୍‌ଭୋକେଟ ଡ. ପ୍ରଶାନ୍ତ ମିଶ୍ର ଓ ବାମଗଣତାନ୍ତ୍ରିକ ମୋର୍ଚ୍ଚା ନେତା ତପନ ମିଶ୍ର ସମାବେଶରେ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ର ସରକାର ୨୦୧୪ ମସିହାରୁ ରାସ୍ତାପାର୍ଶ୍ୱ ଉଠାଦୋକାନୀ ଆଇନ ପାର୍ଲାମେଣ୍ଟରେ ପାସ୍ କରିଥିଲେ ବି ଦୀର୍ଘଦିନ ପରେ ଓଡ଼ିଶା ସରକାର ତାହାକୁ କାର୍ଯ୍ୟକାରୀ ନ କରିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ ବୋଲି ବକ୍ତାମାନେ କହିଥିଲେ। ଭେଣ୍ଡିଂ ଜୋନ ନ ଦେଇ ପ୍ରଶାସନ ବିକାଶର ଦ୍ୱାହିରେ ଉଠାଦୋକାନୀମାନଙ୍କୁ ବାରମ୍ବାର ନିର୍ଯାତନା ଦେଇ ଇଚ୍ଛାକୃତ ଭାବେ ଆଇନ୍‌ର ଉଲ୍ଲଂଘନ କରୁଛନ୍ତି। ଏହାର ମୁକାବିଲା କରିବା ପାଇଁ ବିଦ୍ୟାପ୍ରସନ୍ନ ମହାପାତ୍ର, ନିରଞ୍ଜନ ସାହୁ, ରବୀନ୍ଦ୍ର ସାହୁ, ନିତ୍ୟାନନ୍ଦ ନାଏକ, ଶିବ ବେହେରା, ସନ୍ତୋଷ ସାହୁ, ରମେଶ ନାୟକ, ନୈନା ଦେହୁରୀ ଓ ନୀଳିମା ଦେବୀ ପ୍ରମୁଖ ଉଠାଦୋକାନୀଙ୍କୁ ଆହ୍ୱାନ ଦେଇଥିଲେ। ଉଠାଦୋକାନୀମାନଙ୍କୁ ଭେଣ୍ଡିଂ ଜୋନ୍ ଦିଆ ନ ଗଲେ କଟକ ସହରକୁ ଅଚଳ କରିଦିଆଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ସିଏମ୍‌ସିର ଅତିରିକ୍ତ କମିଶନର କଳ୍ପତରୁ ବେହେରା ବିକ୍ଷୋଭସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ଏଥିସହ ଆଲୋଚନା କରିବା ପାଇଁ ଏକ ପାଞ୍ଚଜଣିଆ ପ୍ରତିନିଧି ଦଳଙ୍କୁ ବେହେରା ଆମନ୍ତ୍ରଣ କରିଥିଲେ।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୪୫୪(୪୫୪.୧୧) ପଏଣ୍ଟ ବଢି ୭୭,୦୭୩ (୭୭,୦୭୩.୪୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ ୧୪୨ (୧୪୧.୫୫) ପଏଣ୍ଟ ବୃଦ୍ଧି ଘଟି ୨୩,୩୪୫ (୨୩,୩୪୪.୭୫) ଅଙ୍କରେ କାରବାର ଶେଷ କରିଥିଲା।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିଷି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ ଅଲ୍ ନ୍ୟୁ ହ୍ୟୁଣ୍ଡାଇ କ୍ରେଟା ଇଲେକ୍ଟ୍ରିକ୍

ଭୁବନେଶ୍ୱର,୨୦।୧ (ଅଭୟ ଦାଶ)

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଆଇଏଲ) ର ବହୁ ପ୍ରତୀକ୍ଷିତ ମଡେଲ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଇଲେକଟ୍ରିକ ଭେହିକଲ (ଇଭି) 'ଇ-କ୍ରେଟା'ର ଅନାବରଣ ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ-୨୦୨୫ରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଚ୍‌ଏମ୍‌ଆଇଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ଉତ୍କଳ ହ୍ୟୁଣ୍ଡାଇ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର (ବିଏମ୍‌ସି) ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନ୍ୟୁ ହ୍ୟୁଣ୍ଡାଇ କ୍ରେଟା ଇଲେକ୍ଟ୍ରିକ୍‌ର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସ୍‌ସି କର୍ପୋରେଟର ସୁକୁମାର ସାହୁ ଏବଂ ଉତ୍କଳ ହ୍ୟୁଣ୍ଡାଇର ସିଇଓ ଭୂଷଣ ଗିରି, ବିଡିଏମ ୱାସିମ ଖାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ହ୍ୟୁଣ୍ଡାଇ କ୍ରେଟା ଇଲେକ୍ଟ୍ରିକ୍‌ରେ ୭୫ରୁ ଅଧିକ ଅତ୍ୟାଧୁନିକ ସୁରକ୍ଷା ଫିଚର ସାଙ୍ଗକୁ ୫୨ଟି ସୁରକ୍ଷା ବୈଶିଷ୍ଟ୍ୟ ମଧ ସାମିଲ ରହିଛି। ଏପରିକି ନିରାପତ୍ତା ଓ ଜ୍ଞାନକୌଶଳ ଦୃଷ୍ଟିରୁ ଏଥିରେ ଏୟାର ବ୍ୟାଗ ଏବଂ ଏଡିଏଏସ (ଆଡଭାନ୍ସଡ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ) ସୁବିଧା ସାମିଲ ରହିଛି।

ସେହିପରି ଆକର୍ଷଣୀୟ ଡିଜାଇନ ଓ କଲରରେ ଏହି ମଡେଲ ଉପଲବ୍ଧ ହେଉଥିଲାବେଳେ ଏହାର ବଜାର ମୂଲ୍ୟ ୧୭.୯୯ ଲକ୍ଷ ଟଙ୍କା ରହିଛି।



ଅଲ୍ ନ୍ୟୁ ହ୍ୟୁଣ୍ଡାଇ କ୍ରେଟା ଇଲେକ୍ଟ୍ରିକ୍‌ର ଅନାବରଣ ଉତ୍ସବରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ବିଶ୍ୱସ୍ତରୀୟ ଇଭି ଉତ୍କର୍ଷ କେନ୍ଦ୍ର ହେବ ଭାରତ

ନୂଆଦିଲ୍ଲୀ,୨୦।୧

ବର୍ତ୍ତମାନର ପରିବେଶ ଓ ବଜାର ଚାହିଦାକୁ ଆଖିଆଗରେ ରଖି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍(ଏମ୍‌ଏସ୍‌ଆଇଏଲ) ମଧ ଇଲେକ୍ଟ୍ରିକ୍ ଭେଇକଲ ବା ଇଭି ଉତ୍ପାଦନରେ ମନୋନିବେଶ କରିଛି। ଏପରିକି ଭାରତକୁ ଇଭି ଉତ୍ପାଦନର ଏକ ବିଶ୍ୱସ୍ତରୀୟ ହବ୍ ବା ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବା ପାଇଁ ବ୍ରାଣ୍ଡ ପ୍ରୟାସ ଆରମ୍ଭ କରିଛି ବୋଲି ଏମ୍‌ଏସ୍‌ଆଇଏଲର ଏସ୍‌ଇଓ (ବିକ୍ରି ଏବଂ ବିପଣନ) ପାର୍ଥୋ ବାନାର୍ଜୀ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଏମ୍‌ଏସ୍‌ଆଇଏଲର ପ୍ରଥମ ବ୍ୟାଟେରି ଇଲେକ୍ଟ୍ରିକ୍ ଭେଇକଲ ବା ବି-ଇଭି ଏସ୍‌ୟୁଭି 'ଇ ଭିଟାରା'ର ଅନାବରଣ ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ-୨୦୨୫ରେ ହୋଇଯାଇଛି। ଏଥିରେ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ବ୍ୟାପକ ପ୍ରିମିୟମ ସୁବିଧା ଏବଂ 'ଇ ଫର୍ ମି' ଇକୋ ସଲ୍ୟୁଶନ୍ସର ଫିଚର ଏହି ଯାନର ଚାହିଦା ଓ ଡିଜାଇନ୍‌କୁ ଆକର୍ଷିତ କରାଇଛି। ସେହିଭଳି ଅଲ ନ୍ୟୁ ହାର୍ଟେଟେକ୍ଟ-ଇ ପ୍ଲାଟ୍‌ଫର୍ମରେ ନିର୍ମିତ ଏହି ମଡେଲ (ଇ ଭିଟାରା)କୁ ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ଉତ୍କୃଷ୍ଟ ପରିସୀମା ପ୍ରଦାନ କରିଥାଏ, ଯେଉଁଥିରେ ଅତୁଳନୀୟ ଆରାମ ଏବଂ ସୁରକ୍ଷା ସୁବିଧା ଅନ୍ତର୍ଭୁକ୍ତ ରହିଛି। ଏପରିକି ନିରାପତ୍ତା ଓ ଜ୍ଞାନକୌଶଳ ଦୃଷ୍ଟିରୁ ଏଥିରେ ୭ଟି ଏୟାର ବ୍ୟାଗ୍ ଏବଂ ୨ସ୍ତରୀୟ ଏଡିଏଏସ୍ (ଆଡ୍‌ଭାନ୍ସଡ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ) ସାମିଲ ରହିଛି। ସେହିପରି ଦେଶବ୍ୟାପୀ ନେକ୍ସା ଡିଲରଶିପ୍ ମାଧ୍ୟମରେ ଏହି ମଡେଲକୁ ପର୍ଯ୍ୟାୟକ୍ରମେ ରୋଲ୍‌ଆଉଟ ସହ ପ୍ରଦର୍ଶିତ କରାଯିବ। ଏପରିକି ବ୍ରାଣ୍ଡର ସମର୍ପଣ ଭାବକୁ ଦୋହରାଇ ଇ ଭିଟାରା ଜାପାନ ଏବଂ ୟୁରୋପ ଭଳି ବଜାର ସମେତ ୧୦୦ରୁ ଅଧିକ ଦେଶକୁ ମଧ ରପ୍ତାନି କରାଯିବ ବୋଲି ବାନାର୍ଜୀ ପ୍ରକାଶ କରିଛନ୍ତି।


ପାର୍ଥୋ ବାନାର୍ଜୀ


## ପ୍ରଥମ ଜନ୍ମବାର୍ଷିକ ଉତ୍ସବ




ରୁଦ୍ରାଂଶ (ରିଶି)

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ- ଶ୍ରୀମତୀ ଗୌରୀ ସାହୁ, ଶ୍ରୀଯୁକ୍ତ ରାମଚନ୍ଦ୍ର ସାହୁ, ଦୀଲିପ, ମୋନାଲିସା, କାହ୍ନା, ଦିଶା, ଜଗଦିସ, ଇଶୁ ଓ ସାହୁ ପରିବାରବର୍ଗ।

ଧ-୭୬୪୭


# ଅଂଶୀଦାରମାନଙ୍କ ସହ ଆଲୋଚନା କଲେ କିଶନ ରେଡ୍ଡୀ

ଭୁବନେଶ୍ୱର,୨୦।୧

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ ବା ନାଲ୍‌କୋ ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ କରାଯାଇଥିଲା। ଏପରିକି ଭୁବନେଶ୍ୱରସ୍ଥିତ ନାଲ୍‌କୋ ଭବନଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖଣି ଏବଂ କୋଇଲା ଶିଳ୍ପ ସହିତ ଜଡ଼ିତ ବିଭିନ୍ନ ସରକାରୀ ଓ ଘରୋଇ କ୍ଷେତ୍ର ଏବଂ ଶିଳ୍ପ ସଂଘର ଅଂଶୀଦାରମାନଙ୍କ ସହିତ ଏକ ପାରସ୍ପରିକ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଖଣି ମନ୍ତ୍ରଣାଳୟର ସଚିବ ଭି.ଏଲ.କାନ୍ଥା ରାଓଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ନାଲ୍‌କୋ ଓ ଅଂଶୀଦାରମାନଙ୍କର ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସିଛନ୍ତି।


କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କୁ ନାଲ୍‌କୋ ସିଏମ୍‌ଡି ବିଜେନ୍ଦ୍ର ପ୍ରତାପ ସିଂ ପୁଷ୍ପଗୁଚ୍ଛ ଦେଇ ବୈଠକକୁ ସ୍ୱାଗତ କରୁଛନ୍ତି। ଏହି ଅବସରରେ ଖଣି ମନ୍ତ୍ରଣାଳୟର ସଚିବ ଭି.ଏଲ.କାନ୍ଥା ରାଓ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୨୨ରୁ ଫୁଲ୍ ପଇସା ଅସୁଲ ସେଲ୍

ମୁମ୍ବାଇ,୨୦।୧

ସ୍ମାର୍ଟ ବଜାରର ବହୁ ପ୍ରତୀକ୍ଷିତ ଅଫର 'ଫୁଲ୍ ପଇସା ଅସୁଲ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବର୍ତ୍ତମାନର ଏହି ଦରଦାମ ବୃଦ୍ଧି (ମେହେଙ୍ଗାଇକା ମିଟର) ସମୟରେ ଗ୍ରାହକଙ୍କୁ କିଛି ପରିମାଣର ରିହାତି ମିଳିବା ସହିତ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟକୁ ଏହି ଅଫର ବିଶେଷ ଭାବେ ସୁଲଭ କରିଥାଏ। ଏହି ଅଫର ୨୦୨୫ ଜାନୁୟାରୀ ୨୨ରୁ ୨୬ ପର୍ଯ୍ୟନ୍ତ ସମସ୍ତ ସ୍ମାର୍ଟ ବଜାରରେ ଉପଲବ୍ଧ ରହିଛି। ଏହି ୫ ଦିନିଆ ସେଲରେ ଗ୍ରାହକ ଆକର୍ଷଣୀୟ ରିହାତି ପାଇପାରିବେ। ରିଲାଏନ୍ସ ସ୍ମାର୍ଟ ବଜାରର ସମସ୍ତ ଷ୍ଟୋରରେ ଗ୍ରାହକ ୫କେଜି ଚାଉଳ ଏବଂ ୩ ଲିଟର ଖାଇବା ତେଲ ମାତ୍ର ୭୯୯ ଟଙ୍କାରେ କ୍ରୟ କରିପାରିବେ। ଏପରିକି ୩ଟି ଥଣ୍ଡାଜାତୀୟ ଉତ୍ପାଦ (କୋଲ୍ଡ୍ରିଙ୍କ୍ସ) କିଣିଲେ ଆଉ ଗୋଟିଏ ଥଣ୍ଡା ସମ୍ପୂର୍ଣ୍ଣ ମାଗଣା (ବାଏ ୩ ଗେଟ ୧ ଫ୍ରି) ପାଇପାରୁଥିଲାବେଳେ ୨ଟି ବିସ୍କୁଟ କିଣିଲେ ଗୋଟିଏ ବିସ୍କୁଟ ସମ୍ପୂର୍ଣ୍ଣ ମାଗଣା (ବାଏ ୨ ଗେଟ ୧ ଫ୍ରି) ଏବଂ ଡିଟରଜେଣ୍ଟ ଉପରେ ୩୩%ର ଆକର୍ଷଣୀୟ ରିହାତି ସମ୍ପୃକ୍ତ ଷ୍ଟୋର ପକ୍ଷରୁ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି।





# Classified Everyday

0674-2580101, 9692975378




REAL ESTATE

SALE

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011. D-2641

ଭୁବନେଶ୍ୱର ହଂସପାଳ Sudananda Engg. College Frontରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-76231

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990. D-2640




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

LOST

Lost sale deed I Sanjit Lala, S/o- Gopal Chandra Lala and Satyajit Lala, Son of Gopal Chandra Lala, both are of At/ P.O.-Mukundaprasad. P.S./Dist.-Khordha, Odisha do hereby declared by this affidavit No.- 73AA706351 dated on 13.01.2025 we lost our Original sale deed bearing I.D. No.-1131810387 dtd 21.12.2018 under Mouza-Nuagaon, Khata No.-276/1157, Plot No.- 760/1980, Area sold A0.100 decs. purchased from Dr. Manmohan Mohanty. We could not trace it out. This affidavit are all TRUE to the best our knowledge and belief. D-73578

Lost sale deed I Sangita Lala, W/o- Sanjit Lala & Sasmita Lala, W/o- Satyajit Lala both are of At/ P.O.-Mukundaprasad, P.S./Dist.- Khordha, Odisha, do here by declare by this affidavit No.- 73AA706352 dated on 13.01.2025 we lost our Original sale deeds bearing I.D. No.-1131810013 dtd.10.12.2018 under Mouza-Nuagaon, Khata No.-276/1466, Plot No.- 760/1070, area sold A0.200 decs. we could not trace it out. This affidavit are all TRUE the best of our knowledge and belief. D-73579

ଡକ୍ୟୁମେଣ୍ଟ ହଜିଛି- ଓଡ଼ିଶା, ଖୋର୍ଦ୍ଧା ମୌଜାରେ ଖାତା ନଂ.- ୨୩୮/୯୮୦, ପ୍ଲଟ୍ ନଂ.- ୧୦/୨୦୦୭, ଏରିଆ- ୦.୦୭୨ ଡେସିମିଲ ଏକର ଟୁନିମଣୀ ଖଣ୍ଡାୟତରାୟ, ସ୍ୱାମୀ- ବୈଦ୍ୟନାଥ ବରାଳଙ୍କ ନାମରେ ଥିବା ସମ୍ପତ୍ତି ଯାହାର ସେଲ୍‌ଡିଡ୍ ନଂ.- ୭୧୯/୦୨, ତାରିଖ ୨.୪.୨୦୦୨ କାଗଜପତ୍ର ଶ୍ରୀମତୀ ଟୁନିମଣୀ ଖଣ୍ଡାୟତରାୟ, ସ୍ୱାମୀ- ବୈଦ୍ୟନାଥ ବରାଳଙ୍କ ଭୁବନେଶ୍ୱର ନୟାପଲ୍ଲୀ ଆଇସିଆଇସିଆଇ ବ୍ୟାଙ୍କ ରାସ୍ତାରେ କେଉଁଠି ହଜିଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଏକ ଲିଖିତ ଅଭିଯୋଗ ଷ୍ଟେସନ ଡାଏରୀ ଜେନେରାଲ ଡାଏରୀ ନଂ.-୦୧୯, ତାରିଖ ୦୪।୧୨।୨୦୨୪ରେ ହୋଇଅଛି। ଯଦି କାହାକୁ ଏହି କାଗଜପତ୍ର ମିଳେ ତେବେ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ ଜଟଣୀ ଶାଖା, କୋଡ୍- ୧୨୦୨୮ରେ ହସ୍ତାନ୍ତର କରିବାକୁ ମୁଁ ଶ୍ରୀମତୀ ଟୁନିମଣୀ ଖଣ୍ଡାୟତରାୟ ଅନୁରୋଧ କରୁଛି। କାରଣ ଉପରୋକ୍ତ ବ୍ୟାଙ୍କରୁ ମୁଁ ଗୋଟିଏ ହାଉସିଂ ଋଣ ନେବାକୁ ଯାଉଛି। ମୋବାଇଲ ନଂ.- ୭୮୪୮୮୦୪୦୨୦. ଧ-୭୩୪୮୦

AFFIDAVIT

I, Prashant Kumar Jena, S/o- Late Surendra Nath Jena, resident of HIG- C/5, Baramunda Housing Board Colony, Bhubaneswar, Dist.- Khordha, PIN- 751003, Odisha declare by this affidavit on dated 17.01.2025, that now onwards I shall be known as Prasant Kumar Jena for all puposes. D-2636

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, of C.F. No- 21, on dtd.- 18 Jan. 25, that I Dillip Maharana of village- Bhatasahi, Badasahi, P.O.- Bhatasahi, P.S.-Nayagarh, Dist.-Nayagarh, Pin- 752070, declare that I have changed my son's name from Ayush Maharana to Ayush Kumar Maharana. Henceforth, he shall be known as Ayush Kumar Maharana for all purposes.
DILLIP MAHARANA D-2637

By virtue of an affidavit (No.07, dt.16.01.25) sworn before the Executive Magistrate, Loisingha, I Saroj Bag, R/o: Village- Bhaliamunda, P.O.- Agalapali, P.S.- Loisingha, Dist.- Balangir, Odisha, declare that I have changed my son's name from Simran Bag to Deepak Bag. Henceforth, he shall be known as Deepak Bag for all purposes.
Saroj Bag D-2639

By virtue of an affidavit, I RASMIPRABHA SWAIN, D/o- Golekh Bihari Swain, W/o- Siba Prasad Mohanty, resident of M.I.G.-II, Housing Board Colony, Phase-1, Chandrasekharpur, P.O./ P.S.- Chandrasekharpur, Bhubaneswar, Dist.- Khordha, Orissa, PIN- 751016, declare by this affidavit No.-26, dated- 19.01.2025, that now onwards I shall be known as RASHMIPRABHA SWAIN for all future purposes. D-2644

By virtue of an affidavit sworn before Notary, Bhubaneswar, dated- 16.01.2025, vide affidavit No.- 73AA389370, I Ritanajali Kahanr, Address: At.- Dhungiamunda, P.O.- Chhatrang, P.S.- Harabhanga, Dist.- Boudh, PIN- 762020, declare that I have changed my daughter's name from JOSHMIN KAHANR to GUNJAN KAHANR. Henceforth, she shall be known as GUNJAN KAHANR for all purposes.
ରୀତାଞ୍ଜଳି କହଁର D-2648

I, Jangneswar Satpathy, S/o- Satyabadi Satapathy, resident of Ward No.- 10, Khamar Sahi, P.O./ P.S.- Dhenkanal Town, Dist.- Dhenkanal, PIN- 759001, Odisha declare by this affidavit No.-282, dtd. 13.01.2025 that now onwards I shall be known as JAGNESWAR SATAPATHY for all future purposes. D-75481

By virtue of an affidavit sworn before Executive Magistrate, Bhubaneswar, dated 18. 01. 2025, I Samaira Begum, lately called Kalpana Sahoo, W/o- SK Sahid, D/o- Bhaskar Sahoo, Address, Vill- Phulapalpatana, P.O.- Binayakpur, Panchayat- Mukundashpur, P.S.- Balipatana, Dist.- Khordha, Odisha, PIN- 752104 declare that I have changed my name from Kalpana Sahoo to Samaira Begum. Henceforth I shall be known as Samaira Begum for all purposes. D-2646

By virtue of an affidavit I Sarojini Nath declares that Sarojini Nath and Lituna Pal relate to the same and one person and there is no difference in it. D-2647

By virtue of an affidavit sworn before Executive Magistrate, Bhadrak, I Kuni Pradhan (39 yrs), W/o- Mayasu Pradhan, Vill- Mantira, P.O.- Dasamania, P.S.- Jakhpura, Dist.- Jajpur, PIN- 755026 declare that I have changed my name in my LIC Policy bearing No.- 587370169 from Yosoda Das to Kuni Pradhan. Both name are same and one person. D-2645

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କନକ ବିହାରୀ ମହାନ୍ତି
ସୁଜଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ: ତା୨୮।୧୦।୧୯୩୪
ତିରୋଧାନ: ତା୧୧।୦୧।୨୦୨୫

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, ଆଦର୍ଶ ଓ ଆଶୀର୍ବାଦ ଆମ୍ଭମାନଙ୍କ ପାଇଁ ଚିର ପାଥେୟ ହେଉ। ତୁମ ଅନୁପସ୍ଥିତିରେ ପରିବାରରେ ଶୂନ୍ୟସ୍ଥାନ ଅପୂରଣୀୟ ରହିଛି। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନୟ ପ୍ରାର୍ଥନା।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାରବର୍ଗ।

ଧ-୭୬୪୩

ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ବିଷାକ୍ତ ଫଳ ଖାଇ ୮ ଛାତ୍ରୀଛାତ୍ର ଅସୁସ୍ଥ**

ରାୟଗଡ଼ା,(ଆଶିଷ ରଞ୍ଜନ ପଣ୍ଡା): ବିଷାକ୍ତ ଫଳ ଖାଇ ରାୟଗଡ଼ା ଜିଲା କୋଲନରା ବ୍ଲକ୍ ବୋରିଗୁଡ଼ା ପ୍ରାଥମିକ ବିଦ୍ୟାଳୟର ୮ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ସୋମବାର ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ବୟସ ପ୍ରାୟ ୬ରୁ ୮ ବର୍ଷ ହେବ। ବୋରିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ଛୁଟି ହେବା ପରେ ସମସ୍ତ ଛାତ୍ରୀଛାତ୍ର ମିଶି ଘରକୁ ଫେରୁଥିବାବେଳେ ରାସ୍ତାକଡ଼ରେ ଥିବା ଏକ ବୁଦା ଗଛରୁ ଟମାଟୋ ଭଳି ଦିଶୁଥିବା ଏକ ଫଳ ଖାଇଥିଲେ। ସେମାନେ ଘରକୁ ଆସି ବାନ୍ତି କରିବା ସହ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାରବର୍ଗ ସେମାନଙ୍କୁ ଥେରୁବାଲି ମେଡିକାଲକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



# ରାଜପଥ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

## ୫୫ ନଂ. ଜାତୀୟ ରାଜପଥ ଉନ୍ନତୀକରଣରେ ବିଳମ୍ବର ପ୍ରତିବାଦ

ଢେଙ୍କାନାଳ,୨୦।୧(ରତନ ନାୟାର)

ଢେଙ୍କାନାଳ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଉନ୍ନତୀକରଣରେ ଅହେତୁକ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ କଟକ ଜିଲା ଚୌଦ୍ୱାର ଜାଗରଣ ମଞ୍ଚ ଓ ଢେଙ୍କାନାଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ସୋମବାରଠାରୁ ଢେଙ୍କାନାଳସ୍ଥିତ ଦକ୍ଷିଣକାଳୀ ରୋଡ୍‌ରେ ଥିବା ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଛି। ବାରମ୍ବାର ଆନ୍ଦୋଳନ ଓ ଦାବି ସତ୍ତ୍ୱେ ରାଜପଥ କର୍ତ୍ତୃପକ୍ଷ ଉଦାସୀନ ମନୋଭାବ ଦେଖାଉଥିବା ବେଳେ ରାଜପଥ ନିର୍ମାଣ ଶେଷ ନ ହେବାରୁ ଏହି ଧାରଣା ଦିଆଯାଇଛି। ୨୦୨୪ ଡିସେମ୍ବର ସୁଦ୍ଧା ଜାତୀୟ ରାଜପଥ ଉନ୍ନତୀକରଣ କାର୍ଯ୍ୟ ସରିବ ବୋଲି ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ପୂର୍ବରୁ ଲିଖିତ ଭାବରେ ଜଣାଇବା ଦିଆଯାଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କାମ ସରିଲା ନାହିଁ। ଫଳରେ ପ୍ରତ୍ୟେକ ଦିନ ରାଜପଥରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ଅଭିଯୋଗରେ ଦର୍ଶାଯାଇଛି। ବିଶେଷକରି କଟକ ଜିଲା ଚୌଦ୍ୱାର ଅଞ୍ଚଳରେ ରାଜପଥର କାର୍ଯ୍ୟ ଅଧୁରା ରହିଛି ବୋଲି ଜାଗରଣ ମଞ୍ଚର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚୌଦ୍ୱାର ଜାଗରଣ ମଞ୍ଚର ସଦସ୍ୟ ବ୍ରହ୍ମାନନ୍ଦ ସାହୁ ଓ ଢେଙ୍କାନାଳ ସୂଚନା ଅଧିକାର କର୍ମୀ ପ୍ରୀୟବ୍ରତ ଗଡ଼ନାୟକ ଚେତାବନୀ ଦେଇଛନ୍ତି।




ଜାତୀୟ ରାଜପଥ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଛି।

# ରାଶନ ତାଲିକାରୁ ନାଁ କାଟିବା ପାଇଁ ବ୍ଲକ ଅଫିସ୍‌ରେ ଭିଡ଼

## ସରକାରୀ ଚାକିରିଆ ରାଶନ କାର୍ଡ ହାତେଇବା ଘଟଣା

କାଳିପଦା,୨୦।୧
(ରାଜଶ୍ରୀ ପାଣିଗ୍ରାହୀ)

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡଧାରୀଙ୍କୁ ମାସକୁ ୫ କେଜି ଚାଉଳ କିମ୍ବା ଗହମ ମିଳିବା ସହିତ ଅନ୍ୟ ସୁବିଧା ମଧ୍ୟ ମିଳୁଛି। ମାତ୍ର ରାଜ୍ୟରେ ପୂର୍ବ ସରକାରଙ୍କ ଉଦାସୀନତା ଏବଂ ଖାଦ୍ୟ ଯୋଗାଣ ବିଭାଗର ଖାମଖିଆଲି ନୀତି ଯୋଗୁ ତୃଣମୂଳସ୍ତରରେ ଏହି ଯୋଜନାର ସୁଫଳ ପ୍ରକୃତ ଯୋଗ୍ୟ ହିତାଧିକାରୀ ପାଇପାରିନାହାନ୍ତି। କାରଣ ବହୁ ଶିକ୍ଷକ, ନର୍ସ, ପୋଲିସ, ଜିଏସ୍‌ଟି ଅଧିକାରୀ, ଅଧ୍ୟାପକ, ପିଅନ, ଇଞ୍ଜିନିୟର, ପିଇଓ, ଡାଟା ଏଣ୍ଟ୍ରି ଅପରେଟରଙ୍କ ଭଳି ଅନେକ ବିଭାଗରେ ସରକାରୀ ନିଯୁକ୍ତି ପାଇଥିବା ବାଲିଆପାଳ ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତର ୧୬୫ ପରିବାର ରାଶନ କାର୍ଡ ହାତେଇଥିବା ରାଜ୍ୟ ଖାଉଟି ବିଭାଗ ସଚିବଙ୍କ ପତ୍ର ସଂଖ୍ୟା ୧୦୫୪ରୁ ଜଣାପଡ଼ିଛି। ଫଳରେ ବହୁ ଅସହାୟ, ଦିବ୍ୟାଙ୍ଗ ଏବଂ ଗରିବ ପରିବାର ଏହି ରାଶନ କାର୍ଡ ସୁବିଧାରୁ ବଞ୍ଚିତ ଅଛନ୍ତି। ରାଜ୍ୟ ସରକାର ଏହି ବିଭାଗରେ ଧୀରେ ଧୀରେ ସ୍ୱଚ୍ଛତା ଆଣିବାକୁ ଚେଷ୍ଟା କରୁଛନ୍ତି। ଏନେଇ ବାଲିଆପାଳ ବ୍ଲକ ପରିସରରେ ଖାଦ୍ୟ ଯୋଗାଣ ବିଭାଗର ତାଲିକାରୁ ନାମ ହଟାଇବାକୁ ସରକାରୀ ଚାକିରିଆଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି।

୧୬୫ଟି ରାଶନ କାର୍ଡର ତାଲିକା ଆସିଛି, ଯେଉଁ କାର୍ଡଗୁଡ଼ିକରେ ସମୁଦାୟ ୬୯୮ ଜଣ ହିତାଧିକାରୀଙ୍କ ନାମରେ ରାଶନ ଉଠାଯାଉଛି। ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରି କରୁଥିବା ସତ୍ତ୍ୱେ ପରିବାର ସଦସ୍ୟଙ୍କ ନାମରେ ଏମାନେ ରାଶନ ଉଠାଉଛନ୍ତି। ରାଶନ କାର୍ଡର ଯାଞ୍ଚ ଏବଂ କାର୍ଯ୍ୟାନୁଷ୍ଠାନ ଖବର ଶୁଣି ବର୍ତ୍ତମାନ ତାଲିକାରେ ଥିବା ସରକାରୀ ଚାକିରିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ତେବେ ଆସନ୍ତା ୩୦ ତାରିଖ ଭିତରେ ଅଯୋଗ୍ୟ ହିତାଧିକାରୀ ସେମାନଙ୍କ ରାଶନକାର୍ଡ ନ ଫେରାଇଲେ ସେମାନଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ ହେବା ସହ ସେମାନେ ନେଇଥିବା ଖାଦ୍ୟସାମଗ୍ରୀର ଖୋଲାବଜାର ଦର ପ୍ରତି କିଗ୍ରା ୪୩ ଟଙ୍କା ସହିତ ୧୦% ସୁଧ ମିଶାଇ ଆଦାୟ କରାଯିବ। ସମ୍ପୃକ୍ତ ଅଯୋଗ୍ୟ ହିତାଧିକାରୀ ଚାକିରି କରିଥିବା ବିଭାଗକୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯିବାକୁ ରାଜ୍ୟ ଖାଉଟି ଓ ଯୋଗାଣ ସଚିବଙ୍କ ନିର୍ଦ୍ଦେଶ ଥିବା କଥା ବାଲିଆପାଳ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ସୂଚନା ଦେଇଛନ୍ତି।

# ପାରଦ ଉପରମୁହାଁ, ୩ ଦିନ ଘନ କୁହୁଡ଼ି

## ନୂଆପଡ଼ାରେ ୩୨.୪, ଫୁଲବାଣୀରେ ୭.୦ ଡିଗ୍ରୀ ସେଲସିୟସ୍

ଭୁବନେଶ୍ୱର,୨୦।୧
(ଅନୁରାଧା ମହାରଣା)

ରାଜ୍ୟରେ ପାଗ ପ୍ରାୟତଃ ଶୁଷ୍କ ରହୁଥିବାବେଳେ ଦିନରେ ଗରମ ରାତିରେ ଶୀତ ଅନୁଭୂତ ହେଉଛି। ଆଭ୍ୟନ୍ତରୀଣ ଓଡ଼ିଶା ଓ ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାରେ ରାତି ତାପମାତ୍ରା କିଛି ମାତ୍ରାରେ ହ୍ରାସ ପାଇଥିବାବେଳେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ଉପରମୁହାଁ ହୋଇଛି। ସୋମବାର ନୂଆପଡ଼ାରେ ସର୍ବାଧିକ ତାପମାତ୍ରା ୩୨.୪ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭.୦ ଡିଗ୍ରୀ ରହିଥିଲା। ତେବେ ଆସନ୍ତା ୨ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ହେଲେ ମଧ୍ୟ ପରବର୍ତ୍ତୀ ୪ଦିନରେ ତାପମାତ୍ରା ୨ରୁ ୪ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କୁହୁଡ଼ି ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ରବିବାର ରାତିରେ କନ୍ଧମାଳ ଓ ଜଗତ୍‌ସିଂହପୁରରେ ଘନକୁହୁଡ଼ି ଦେଖିବାକୁ ମିଳିଥିଲା। ସେହିପରି କଳାହାଣ୍ଡି, ଭଦ୍ରକ ଓ ଝାରସୁଗୁଡ଼ାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହୋଇଥିଲା। ଆସନ୍ତା ୩ ଦିନ ବିଭିନ୍ନ ଜିଲାରେ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲା ମଧ୍ୟରେ ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, କନ୍ଧମାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ରହିଛି।


**OFFICE OF THE PANCHAYAT SAMITI JEYPORE, DISTRICT-KORAPUT**

Letter No.212/2025 Dated. 16.01.2025

**E-TENDER CALL NOTICE**

**No.i-431:** Sealed tenders are invited from Registered Contractor from State PWD/ M.I./ Irrigation/ Rural works for execution of Building etc. The details information of which are made available in the (www.tendersorissa.gov.in) website and also in Koraput Dist. Website i.e. http//www.koraput.nic.in.
The date and time of apply & receive of Tender Paper is from date. 20.01.2025 to 28.01.2025 upto 17.30 Hrs. through in the www.tendersorissa.gov.in website only.
Tender will be opened on 29.01.2025 at 11.00 Hrs onwards in the Office of the Panchayat Samiti, Jeypore, Dist- Koraput.

OIPR-19065/11/0003/2425 Sd./- Block Development Officer, Jeypore

**Government of Odisha General Administration & Public Grievance Department**

**QUOTATION CALL NOTICE**

**No.T-119:** Sealed quotations in letter pad are invited from the intending Registered Firms/ Suppliers located at Bhubaneswar having valid GSTIN under OGST Act-2017 and Income Tax Clearance Certificate for supply of Stationery articles for official use of G.A. & P.G. Department. Last date for submission of quotation is 01.02.2025 by 2.00 PM. For details please visit state Government website at https://ga.odisha.gov.in/tenders-advertisement.

Sd./-Under Secretary to Government
OIPR-09014/11/0052/2425

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OHPC
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**
AT/PO- BARINIPUT, DIST-KORAPUT - 764006,
PHONE:(06854)242001, FAX:(06854) 242038. E-mail:sgmel.ukhep@gmail.com
No.OHPC:SGM:UKHEP:Tech/319 / Dated, Bariniput the 17.1.2025

**NOTICE INVITING TENDER No.30/24-25, Date 17.01.25**

**No.CAD-2213:** Sealed tenders in duplicate are invited from the Registered Travel Agencies/Vehicle Owners for the work mentioned below.

| Sl. No. | Description of Materials | Cost of Tender Paper (Non- re-fundable) | EMD in Rs. (Refund-able) |
|---|---|---|---|
| 1 | **Hiring of One No. of Mahindra Bolero Maxx Pick up/Bolero Camper/ Tata Youdha 1500 pick-up/ Mahindra Imperio or equivalent vehicle for Four (04) years under UKHEP, Bariniput** | Rs.7080/- (Rs.6000/-+ 18% GST) | Rs.25,000/- |

Sale of tender paper : From **24.01.25 to 11.00 Hrs. of 11.02.2025**
Last date of submission of tender : Upto **12.00 Hrs. of 11.02.2025**
Date & Time of opening of tender : At **12.30 Hrs. of 11.02.2025**
For details of the tender documents, terms and conditions please visit our website www.ohpcltd.com

OIPR-04002/11/0051/2425 Sd./- C & P Head, UKHEP, Bariniput

**OFFICE OF THE SUPERINTENDENT, CHC, SINAPALI**
At - Ps - Sinapali, Dist. - Nuapada
Telefax : 06671 - 236160, E-mail : bpmsusinapali@gmail.com
BLOCK PROGRAMME MANAGEMENT SUPPORTING UNIT
Letter No. : 51/NHM Date : 20.01.2025

**TENDER CALL NOTICE**

**No.E-694** : Sealed quotations are invited in the prescribe from Travel agencies/ Private Organization/individual for hiring vehicle (SCORPIO / BOLERO PLUS/ INNOVA / TAVERA etc) withA/c on monthly rental basis for engagement / empanelment of vehicle for **BPMU** CHC, Sinapali. Interested travel agencies/ Private Organization/Individual may apply in Prescribe format. The details term, condition and formats will be available at district website **www.nuapada.nic.in** from the Date - **21.01.2025 to 04.02.2025** till **05.00 P.M.** The complete quotations should reach at O/o the Medical officer I/c CHC, Sinapali on or before 04.02.2025 by 05.00 PM through **Speed Post/Regd. Post /office drop box** only.The sealed quotation will be opened on **07.02.2025 at 11.00 A.M.** in the office Meeting Hall of the undersigned. The Quotation should be super scribed as "Tender for hiring of vehicle under **BPMU** CHC, Sinapali for engagement in CHC, Sinapali.
The undersigned reserve the right to reject any or all the quotations without assigning any reason thereof.

Sd./- Medical Officer Incharge
OIPR-10162/11/0001/2425 CHC, Sinapali

**DISTRICT PROJECT OFFICE SAMAGRA SHIKSHA {S. S.}**
MALKANGIRI-764048
(06861)-230481 (Off)
E-mail : dpcmalkanssa.opepa@nic.in, stc.malkangiri@gmail.com
Letter No.388/Civil/2025 Date : 18.01.2025

**TENDER CALL NOTICE**

**No.n-190** : Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with Detailed Tender Call Notice are invited by the District Project Coordinator, Samagra Shiksha, Malkangiri, on behalf of Government of Odisha for tenders for construction of Building works as mentioned below from eligible Contractors registered with the State Government and contractor of equivalent grade/class registered with Central Government/MES/ Railways, having registration for Civil works on production of definite proof from the appropriate authority. The detailed of the works are available in the Website **https://malkangiri.odisha.gov.in** and Office Notice Board.

| | | |
|---|---|---|
| Name of Work | : | Construction of Additional Class Room Building & Dining Hall in different area of Malkangiri District under SETU 2023-24 |
| No. Of Works | : | 12 Nos (Twelve) Nos |
| Estimated Cost | : | As laid down in the DTCN |
| Amount put to Tender | : | As laid down in the DTCN |
| Tender Paper cost | : | As laid down in the DTCN |
| E.M.D Amount Required | : | 1% of the Amount put to tender (As laid down in the DTCN) |
| Period of completion | : | As laid down in the DTCN for each work |
| Date of sale of Tender papers | : | The Bid documents can be downloaded from the Govt. Web site https://malkangiri.odisha.gov.in only from **22.01.2025 to 04.02.2025** |
| Date of receipt of Tender paper | : | From **22.01.2025 to 04.02.2025 up to 5.00 P.M.** (in working days) through Registered Post/Speed Post only. No tender paper will receive by hand or Courier services |
| Date of opening of Tender papers | : | **At 11.00 A.M. on 05.02.2025** in the Office Chamber of Collector, Malkangiri in presence of Tender finalisation Committee member, tenderer or their authorised representatives. |

**N.B - if the last date of sale/receipt of tender paper turns out be a holiday, it will automatically be extended to next working day**. The amendment in safe of corrigendum / addendum will be notified on website https://malkangiri.odisha.gov.in only & the prospective bidders are request to take cognizance of such notification while submitting their tender proposal.

By order of Collector
Sd./- District Project Coordinator
OIPR-27064/11/0003/2425 Samagra Shiksha, Malkangiri

**OFFICE OF THE BALASORE MUNICIPALITY, BALASORE**
**Notification No-326/Dt.20.01.2025**
No.C-1508: The details can be download from official website of Balasore District, http://baleswar.nic.in.

Sd./- Executive Officer
OIPR-13154/11/0025/2425 Balasore Municipality

**OFFICE OF THE NOTIFIED AREA COUNCIL, ODAGAON**
At/Po-Odagaon, Dist.-Nayagarh, Pin-752081
Phone:06753-260062, Email:nacodagaon@gmail.com
Letter No.69/ Date: 20.01.2025

**Expression of Interest**

**No.C-1510:** Odagaon NAC invites Expression of Interest in Double cover system (Technical & Financial) in the prescribed format from interested individuals / firms / entrepreneurs for **"Out Sourcing of Boating Facility at Sagar Pokhari, Odagaon".** The EOI may be obtained from Office of the Notified Area Council, Odagaon, Dist. Nayagarh on any working days from 21.01.2025 to 03.02.2025 during Official hour on payment of cost of bid document of Rs. 2000.00 and EMD of Rs. 3600.00 in shape of Cash Deposit Receipt of Odagaon NAC / Bank Draft / Pay Order, drawn on any Nationalized Bank, in favour of Executive Officer, N.A.C., Odagaon, payable at Odagaon. All bid documents are to be received in the office of the undersigned during office hour on or before 04.02.2025 up to 01.00P.M. through **Registered Post / Speed Post/ by hand** and will be opened by the undersigned or authorized officials on date **04.02.2025 at 03.00 P.M.** in presence of the Bidders or their authorized representative who wishes to remain present at that time. Other terms and conditions can be seen in the EOI documents.
The authority reserves the right to reject any or all the bid documents/ EOI without assigning any reason thereof.

Sd./- Executive Officer,
OIPR-13142/11/0010/2425 N.A.C., Odagaon

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, GANJAM**
CENTRAL STORE, BRAHAMAPUR
Letter No.1303 /CS/2025 Brahmapur Dated : 20.01.2025

**TENDER NOTICE**

**No.E-693** : Sealed tenders in prescribed format are invited from the Manufacturers/ Firms/ Companies/ Authorized Distributors/ Agents for supply of Medicines, Medical Consumables, Surgical Sutures, Laboratory Reagents, Laboratory Consumables, Instrument's, Equipment's, Furniture & Fixtures for Ganjam District out of 10% Fund, District Mineral Foundation Fund (DMF), NHM Fund, State Budget Fund, MP-LADS Fund, MLA-LADS Fund, XV-FC, AMA Hospital & Other Funds.
The Bidders should submit in two separate sealed packets i.e. one for Technical Bid and another for Financial Bid to be superscripted on the cover of the packets separately for Ganjam District. The list of all the items with detail specification, eligibility criteria and Tender Terms and Conditions may be downloaded from District website www.ganjam.nic.in.
The sealed tender will be received through Speed Post/ Reg. Post only on or before 20.02.2025 till 5:00 P.M. by CDM&PHO, Ganjam, Brahmapur and the said tender will be opened on 21.02.2025 at 11.00 A.M. in presence of bidders or their Authorized Representatives in the office of CDM&PHO, Ganjam and absence of any of them will not be bar to open the quotation. Tenders received incomplete or after the scheduled date & time shall be rejected.
Rate should be quoted for each item in F.O.R destination including all incidental charges, GST.
The undersigned has reserve right to reject any or all tenders without assigning any reason thereof. All legal disputes if any relating to the quotations are subject to Jurisdiction in the Court of Law situated at Brahmapur, Ganjam, Odisha only.

Sd./- Chief District Medical & Public Health Officer
OIPR-10041/11/0010/2425 Ganjam, Brahmapur

**GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR**
At - Chandikhole, PO - Sunguda, Dist. Jajpur - 754296,
E-mail id : serwkpd@yahoo.com

**Repair and Maintenance of Rural Roads Under PMGSY**
**e-Procurement Notice**
Lr No.62 Dtd.16.01.2025

**No.O-1298** : The Chief Construction Engineer, R. W. Circle, KENDRAPARA - JAJPUR on behalf of Odisha State Rural Road Agency invites **percentage rate** bids in electronic tendering system for **Repair/Maintenance of the Rural roads Constructed under Pradhan Mantri Gram Sadak Yojana** in the districts of **KENDRAPARA-JAJPUR for 2 (Two)** number of packages with estimated cost totaling to **Rs 3.14** Cr including maintenance for five year from the eligible contractors registered with **State PWD/CPWD/ MES/Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of Invitation for Bids through e-procurement dtd. 27.01.2025 (dd/mm/yyyy)
**Availability of Bid Documents and mode of submission :** The bid document is available online and should be submitted online in http://www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **C.C.E., R. W. Circle, KENDRAPARA-JAJPUR**, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.
**Last Date/Time for receipt of bids through e-procurement** : 10.02.2025 (dd/mm/yyyy) up to 5.00 PM (time)
For further details please log on to http://www.pmgsytenders.gov.in.

Sd./-
Chief Construction Engineer
OIPR-25129/11/0025/2425 R.W. Circle, Kendrapara-Jajpur

**OFFICE OF THE MUNICIPAL COUNCIL, UMERKOTE**
**E-Procurement Notice**
**Bid Identification No:06/UKT-MUN/2024-25**
Letter No.108 Date. 18.01.2025

**No.C-1505** : Name of the work for which e-Tender invited – Supply of Sanitation worker, Vehicles, machineries & equipments for Sanitation Works including collection of solid waste from Door to Door, Road sweeping, Night Sweeping, Drain Cleaning, Bush Cutting, Bed level de-silting & Water Logging from Ward No. 1 to 14 of Umerkote Municipality area for the F.Y. 2024-25.

1. Estimated cost of work (Annually) – **Rs. 2,71,36,827/-**
2. Eligible Intending Registered & Financially Sound Sanitation Service Provider Agencies/Firms/Trusts/ N.G.Os having similar nature of work experience of at least Three years and fulfilling the other criteria as given in the D.T.C.N.
3. The Bid documents will be available in the web-site i.e. http://www.tendersodisha.gov.in from **11.00 A.M. of 19.01.2025 to 5.00 P.M. of 26.01.2025** for online bidding.
4. Bid identification No.**03/UKT-MUN/2024-25**.
5. Last date & time of receipt of Bid through online : **26.01.2025 of 5.00 P.M.**
6. Deposit original Technical/Financial documents online : **11.00 A.M. of 19.01.2025 up to 26.01.2025 of 5.00 P.M.**
7. Opening of Bid on **27.01.2025 at 11:00 Hrs** at Umerkote Municipality.
8. The bidder has to participate in online bidding only.
9. For further detail information any one can visit the-procurement portal of the Govt. of Odisha i.e. http://www.tendersodisha.gov.in.

Sd./- Executive Officer
OIPR-13180/11/0007/2425 Umerkote Municipality

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, GAJAPATI & GUNUPUR**
ଓଡ଼ିଶା ସରକାର
AT : ELECTRICAL COLONY, SIRIGUDA, PO: J.S.CO(SF), RAYAGADA - 765002 E-mail Id-deigajapati-od@gov.in
No. : 54/ Dated : 18.01.2025

**Tender Call Notice for hiring of Vehicle**

**No.AA-33** : Sealed tenders are invited from interested reputed Travel Agencies having valid GST Registration for providing 1 no. of BS-VI emission compliant A.C. vehicle-TUV300/Bolero/ Ertiga etc. (Diesel/Petrol) driven vehicle having sitting capacity not more than 10 seater including driver on monthly hiring basis for official use in office of the Superintending Engineer-Cum-Deputy Electrical Inspector, Gajapati & Gunupur on monthly rent basis.
The details of the Tender Call Notice, Proforma and its terms and conditions are available with the office of the Superintending Engineer-Cum- Deputy Electrical Inspector, Gajapati&Gunupur, At - Electrical Colony, Siriguda, Dist. - Rayagada. All future addendum/corrigendum, if any shall be hoisted on the notice board of the undersigned only.
Last date of receipt of tender is 03:00 P.M. of Dt. 04.02.2025.

Sd./- S.E.-cum-Dy. Electrical Inspector,
OIPR-04084/11/0001/2425 Gajapati & Gunupur

**GOVERNMENT OF ODISHA OFFICE OF THE PANCHAYAT SAMITI BANGRIPOSI, MAYURBHANJ**
Email- ori-bangriposi@nic.in
**Bid Identification No.:-02/2024-25/BANGRIPOSI BLOCK**

**No.i-426:** The **OFFICE OF THE PANCHAYAT SAMITI BANGRIPOSI, MAYURBHANJ,** Odisha on behalf of Governor of Odisha invites **Percentage Rate Bids** through in **Single Bid System** from eligible Class of Contractors for execution of Civil Works as per NIT and DTCN on **Percentage Rate Bids**. Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of Terms and Conditions of contract and other necessary documents can be seen in **Panchayat Samiti, Bangriposi**. The bid should be submitted Off-line only in **Panchayat Samiti, Bangriposi** the by eligible class of contractors.

| | | |
|---|---|---|
| 1 | Name of the Works: - | Construction of Additional Classroom at- Elementary & Secondary School, Block Resource Centre, GPLF Building |
| 2 | No. of Works: - | 12 |
| 3 | Estimated Cost (in Rs.): - | 15.47 Lakhs to 40.00 Lakhs |
| 4 | Period Of Completion: - | 90 Days |
| 5 | Date and Time of availability of Bid Documents in the Panchayat Samiti Bangriposi | 20.01.2025 From 10 AM to 31.01.2025 Upto 5 PM |
| 6 | Last Date/Time of receipt of Bids in the Panchayat Samiti, Bangriposi | 01.02.2025 Upto 5 PM |
| 7 | Date of Opening of Bids: - | 03.02.2025 11 AM Onwards |
| 8 | Name and Address of the OIT: - | OFFICE OF THE PANCHAYAT SAMITI, BANGRIPOSI |

Sd./- BLOCK DEVELOPMENT OFFICER,
OIPR-19078/11/0003/2425 BANGRIPOSI

**GOVT. OF ODISHA** No.i-425:
**DEPARTMENT OF PANCHAYATI RAJ & DRINKING WATER**
**OFFICE OF THE PANCHAYAT SAMITI, RAJGANGPUR**
DISTRICT- SUNDARGARH
Phone:06624-220312, E-mail:ori-rajgangpur@gramsat.nic.in
**Notice No.04/ Date:- 18.01.2025**

| Sl. No. | Name of the Work | Tender Cost | Class of Contractor | Period of Completion |
|---|---|---|---|---|
| 01 | Construction of New Office Building & Godown of 50 MT at Rajgangpur | 2272535 | "B&C" Class Contractor | Six (06) Calendar Months |
| 02 | Construction of New Office Building & Godown of 50 MT at Laing, Laing GP | 2205441 | "B&C" Class Contractor | Six (06) Calendar Months |

Date and Time of availability of bid documents in the portal- **20.01.2025 to 05.02.2025**
Last Date/Time for receipt of bids at the block office- **05.02.2025 (05.30 PM)**
Date and Time of opening of Bid - **06.02.2025 (11.00 AM)**
Name and address of the Officer Inviting Bid - **Block Development Officer, Rajgangpur, Sundargarh, PIN 770017**
The detailed terms and conditions can be downloaded from the District website **www.sundargarh.odisha.gov.in.**

OIPR-19332/11/0003/2425 Sd./- Block Development Officer, Rajgangpur

**GOVERNMENT OF ODISHA,**
**OFFICE OF THE PANCHAYAT SAMITI, GANJAM**
Letter No : 171 Dated : 17.01.2025

**Invitation of Tender Call Notice - No.01/2024-25**

**No.i-424** : Sealed tenders (Percentage rate) in conformity with DTCN are invited from the "B" / "C" class contractors registered with the State Govt. for execution of Civil works under Panchayat Samiti, Ganjam. The detailed Notification is available at official website **(http://www.ganjam.nic.in)** from **20.1.2025** & the bidders can also download the tender documents from the respective website on 20.1.2025 or available in the Office of the Panchyat Samiti, Ganjam. The last date & time for receiving bid is **5.2.2025** upto **5.00 P.M.** through Registered / Speed post only. The detailed tender work as follows :

| Sl. No. | Name of work | Value of work (In Rs.) (Excluding GST 18%) | Bid Security @1% (In Rs.) | Cost of Tender Paper (In Rs.) | Class of Bidder | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of GPLF Building with Market Complex at poirasi under Poirasi G.P. | 23,74,487 | 23745 | 6000/- | Class - 'B' & 'C' | 6 (Six) Calendar Months |
| 2 | Construction of GPLF Building with Market Complex at Mallada under Mallada G.P. | 24,01,318 | 24013 | 6000/- | Class - 'B' & 'C' | 6 (Six) Calendar Months |
| 3 | Construction of GPLF Building with Market Complex at Palanga under Palanga G.P. | 23,84,863 | 23849 | 6000/- | Class - 'B' & 'C' | 6 (Six) Calendar Months |
| 4 | Construction of GPLF Building with Market Complex at Khandadeuli under Khandadeuli G.P. | 23,80,877 | 23809 | 6000/- | Class - 'B' & 'C' | 6 (Six) Calendar Months |

Sd./- Block Development Officer,
OIPR-19102/11/0004/2425 Ganjam


See Career Appointment on every Wednesday & Saturday

# ଶୀତରେ ସଜାନ୍ତୁ

ଶୀତଦିନେ ଘର ଭିତରର ତାପମାତ୍ରା ବାହାର ତୁଳନାରେ ଅଧିକ ରଖିବା ପାଇଁ ଜାଣିରଖନ୍ତୁ କିଛି ସହଜ ଉପାୟ...



**ଫର୍ଣ୍ଣିଚର ସ୍ଥାନ ବଦଳାନ୍ତୁ:** ଏହି ଦିନେ ଘରକୁ ଅଣ୍ଡାରୁ ରକ୍ଷା କରିବା ପାଇଁ ଘରେ ଥିବା ଆସବାବପତ୍ରକୁ ଠିକ୍ ଢଙ୍ଗରେ ରଖନ୍ତୁ। ଘରେ ଥିବା ବିଭିନ୍ନ ଆସବାବପତ୍ରସବୁକୁ ଝରକା ଓ କବାଟ ପାଖରେ ରଖିଦିଅନ୍ତୁ। ଫଳରେ ବାହାରର ତାପମାତ୍ରା ଘର ଭିତରକୁ ବେଶି ଆସିବ ନାହିଁ। ତେଣୁ ଘରର ତାପମାତ୍ରା ଉଷ୍ମ ରହିବ।

**ଥର୍ମାଲ ପରଦା ଲଗାନ୍ତୁ:** ଶୀତଦିନେ ଝରକାରେ ପରଦା ନିଶ୍ଚୟ ଲଗାନ୍ତୁ। ତେବେ ଏହି ଦିନେ ଭେଲଭେଟ୍ ଓ ପଲିଷ୍ଟର ଆଦି ବିଭିନ୍ନ ଫାବ୍ରିକର ଥର୍ମାଲ ପରଦା ଲଗାନ୍ତୁ। ଥର୍ମାଲ ପରଦାସବୁକୁ ମୋଟା ଏବଂ ଅଧିକ ପରସ୍ତ କରି ତିଆରି କରାଯାଇଥାଏ। ତେଣୁ ଏହା ମାଧ୍ୟମରେ ସହଜରେ ବାହାରର ଥଣ୍ଡା ଭିତରକୁ ଆସିବ ନାହିଁ।

**କୁସନ:** ସୋଫା ଓ ଦିବାନରେ ବ୍ୟବହାର ହେଉଥିବା କୁସନକୁ ବଦଳାଇ ଅଧିକ ଗଦିଭଳି ଥିବା କୁସନ ବ୍ୟବହାର କରନ୍ତୁ। ମଖମଲ କୁସନ ମଧ୍ୟ ଏହି ଋତୁରେ ବହୁତ ଭଲ ଲାଗିବ। ସାର୍ଟ ଉପରେ ଜ୍ୟାକେଟ୍ ପିନ୍ଧିବା ଭଳି ସୋଫାରେ ଲେୟରିଂ ଲୁକ୍ ମଧ୍ୟ ବହୁତ ଭଲ ଲାଗିବ।

**ମହମବତୀ:** ଶୀତଦିନେ ଘରକୁ ଉଷ୍ମ ରଖିବା ପାଇଁ ମହମବତୀ ଲଗାନ୍ତୁ। ରାତିରେ ଘର ସୁନ୍ଦର ଦେଖିଯିବା ସହିତ ଘର ଭିତରର ତାପମାତ୍ରା ମଧ୍ୟ ବାହାର ତୁଳନାରେ ଅଧିକ ରହିବ। ଘରକୁ ଅଧିକ ସୁନ୍ଦର କରିବା ପାଇଁ ଏବେ ବିଭିନ୍ନ ଡିଜାଇନ୍ ଓ ଭିନ୍ନ ଭିନ୍ନ ରଙ୍ଗର ମହମବତୀ ମିଳୁଛି। ଏସବୁକୁ ବ୍ୟବହାର କରି ଘରକୁ ସୁନ୍ଦର କରିପାରିବେ।

# ପିଲାଙ୍କୁ ରଖନ୍ତୁ ଆକ୍ଟିଭ



ଶୀତଦିନେ ପିଲାଙ୍କର ଖେଳାବୁଲା ଓ ଫିଜିକାଲ୍ ଆକ୍ଟିଭିଟି କମ୍ ହୋଇଥାଏ। ବାହାରକୁ ଗଲେ ଥଣ୍ଡା ହେବାର ଆଶଙ୍କା ରହିଥାଏ ଆଉ ଘରେ ରହିଲେ ସେମାନେ ଅଳସୁଆ ହୋଇଯାନ୍ତି। ଏଭଳି ସ୍ଥିତିରେ ପିଲାଙ୍କୁ ଆକ୍ଟିଭ ରଖିବା ପାଇଁ ଜାଣନ୍ତୁ କିଛି କଥା।

- ଘରେ ରହିଲେ ପିଲାମାନେ ଅଧିକାଂଶ ସମୟ ଟିଭି କିମ୍ବା ଫୋନ୍ ଦେଖନ୍ତି। ତେଣୁ ଏଭଳି ସ୍ଥିତିରେ ଟିଭିରେ କିଛି ଗୀତ ଲଗାଇ ଦିଅନ୍ତୁ। ଆଉ ପିଲାଙ୍କୁ ସେହି ଗୀତ ଅନୁସାରେ ନାଚ କରିବାକୁ କୁହନ୍ତୁ। ଏହା ଫଳରେ ପିଲାମାନେ ଖୁସି ହେବା ସହିତ କିଛି ଫିଜିକାଲ୍ ଏକ୍ସରସାଇଜ୍ ମଧ୍ୟ କରିପାରିବେ।
- ଥଣ୍ଡା ଦିନେ ପିଲାଙ୍କୁ ଘରେ ରହି ଦଉଡି ଡିଆଁ କିମ୍ବା କିଛି ଏକ୍ସରସାଇଜ୍ କରିବା ପାଇଁ କୁହନ୍ତୁ। ଏହା ଫଳରେ ପିଲାଙ୍କର ଶାରୀରିକ ପରିଶ୍ରମ ହୋଇଯିବ। ପିଲାଙ୍କ ରୁଟିନ୍‌ରେ ଏରୋବିକ୍ସ ଏକ୍ସରସାଇଜ୍‌କୁ ସାମିଲ କରନ୍ତୁ। ସେମାନେ ନିଶ୍ଚୟ ଏନ୍‌ଜୟ କରିବେ। ଏହା ବ୍ୟତୀତ ପିଲାଙ୍କୁ କିଛି ଘରକାମ କରିବା ପାଇଁ ଦିଅନ୍ତୁ। ସେମାନେ ଆକ୍ଟିଭ ରହିବା ସହିତ ଦାୟିତ୍ୱବାନ୍ ହେବେ।
- ନାଚ କରିବା, ଜଗିଂ ଓ ଦୌଡିବା ଭଳି ଏକ୍ସରସାଇଜ୍ ପିଲାଙ୍କ ପାଇଁ ନିହାତି ଦରକାର। ଏହା ଫଳରେ ପିଲାଙ୍କର ଶାରିରିକ ଓ ମାନସିକ ବିକାଶ ହୋଇଥାଏ। ଘରେ ରହିଲେ ବି ପିଲାଙ୍କ ଗତିବିଧି ଉପରେ ନଜର ରଖି ସେମାନଙ୍କୁ ଆକ୍ଟିଭ କରିବା ଅଭିଭାବକଙ୍କ ଦାୟିତ୍ୱ।

# ନୀରବ ରହୁଥିଲେ...

ବେଳେବେଳେ ଚୁପ୍ ରହିଲେ ହିଁ ଅନେକ ସମସ୍ୟାର ସମାଧାନ ହୋଇଥାଏ। ହେଲେ ଦାମ୍ପତ୍ୟରେ ଏହି ପରିସ୍ଥିତି ସମ୍ପର୍କରେ ଦୂରତା ସୃଷ୍ଟି କରେ। ତେଣୁ ସ୍ୱାମୀ ଯଦି ଆବଶ୍ୟକତା ଠାରୁ ଅଧିକ ନୀରବ ରହୁଥାନ୍ତି ତେବେ ତାଙ୍କ ସହ କିପରି ବ୍ୟବହାର କରିବାକୁ ହେବ ଜାଣନ୍ତୁ...





**ଜୀ**ବନର ସବୁ ଅକୁହା କଥା ଯାହା ଆଗରେ ଖୋଲି କହିହେବ, ଆଉ ସବୁ ସମସ୍ୟାକୁ ଯାହା ସହିତ ନିସଙ୍କୋଚରେ ବାଣ୍ଟିହେବ ସେଭଳି ଏକ ସମ୍ପର୍କ ହେଉଛି ଦାମ୍ପତ୍ୟ। କିନ୍ତୁ କେତେକ କ୍ଷେତ୍ରରେ ପୁରୁଷମାନେ ସବୁକଥା ଖୋଲି କହିପାରନ୍ତି ନାହିଁ। ଏଥିପାଇଁ ଧିରେଧିରେ କମ୍ୟୁନିକେସନ୍ ଗ୍ୟାପ୍ ହୋଇ ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହୁଏ। ଏଥିରୁ ମୁକୁଳିବାକୁ ହେଲେ ଗୃହିଣୀଙ୍କୁ ହିଁ ଭାବିଚିନ୍ତି ବ୍ୟବହାର କରିବାକୁ ହେବ।

ସମ୍ପର୍କ ଦୃଢ କରିବାକୁ ହେଲେ ପରସ୍ପର ମଧ୍ୟରେ କମ୍ୟୁନିକେସନ୍ ରହିବା ନିହାତି ଜରୁରୀ। ଆଉ ପତିପତ୍ନୀଙ୍କ କ୍ଷେତ୍ରରେ ପରସ୍ପର ସହିତ ସବୁକିଛି ଶେୟାର କରିବା ଦରକର। ନଚେତ୍ କେତେବେଳେ ଭୁଲ ବୁଝାମଣା, ସନ୍ଦେହ ଭଳି ବିଭିନ୍ନ ପରିସ୍ଥିତି ସବୁ ଧିରେ ଧିରେ ସମ୍ପର୍କ ବିଗାଡି ଦେବ। ତେଣୁ ଉଭୟ ପରସ୍ପର ସହିତ ସବୁକଥା ମନଖୋଲି କଥାହେବା ଦରକାର। ହେଲେ ଅନେକ କ୍ଷେତ୍ରରେ ସ୍ୱାମୀ ତାଙ୍କର ସବୁ କଥା ପତ୍ନୀଙ୍କ ସହ ଶେୟାର କରିପାରନ୍ତି ନାହିଁ। ଏମିତିକି କୌଣସି ବିଷୟରେ ପ୍ରଶ୍ନ କରିବା ବେଳେ କିଛି ପ୍ରତ୍ୟୁତ୍ତର ଦେବାରେ ବି ତାଙ୍କୁ ଅସୁବିଧା ହୁଏ। ଏଭଳି କ୍ଷେତ୍ରରେ ପତ୍ନୀ ତାଙ୍କ ସହ କିଭଳି ବ୍ୟବହାର କରିବେ ଜାଣିବା ଦରକାର।

**ପ୍ରଥମେ ଚିହ୍ନନ୍ତୁ:** ସାଇଲେଣ୍ଟ ହଜବ୍ୟାଣ୍ଡ ଭାବପ୍ରବଣତାକୁ ପ୍ରକାଶ କରିପାରନ୍ତି ନାହିଁ। ତେଣୁ ସେମାନେ ଖୁବ୍ କମ୍ କଥାବାର୍ତ୍ତା କରନ୍ତି। ନିଜ ଇମୋସନ୍ ଜାହିର କରିପାରନ୍ତି ନାହିଁ। ବେଳେବେଳେ ପତ୍ନୀଙ୍କ କଥାର ମଧ୍ୟ ଉତ୍ତର ଦେବାକୁ ସଙ୍କୋଚ ମନେକରନ୍ତି। ଫଳରେ ସମ୍ପର୍କ ଏକତରଫା ହୋଇଯାଏ। କଥାବାର୍ତ୍ତା ନ ହେଲେ ତାଙ୍କର ଭାବନାକୁ ଠିକ୍ ଭାବେ ବୁଝିହୁଏ ନାହିଁ। ଖାଲି ସେତିକି ନୁହେଁ ସେମାନଙ୍କ ସମସ୍ୟା କିମ୍ବା ତାଙ୍କ ଜୀବନରେ କଣ ସବୁ ଘଟୁଛି କିଛି ଜାଣି ହେବ ନାହିଁ। ଫଳରେ ସମ୍ପର୍କରେ ଦୂରତା ବଢିଯିବ। ତେଣୁ ସ୍ୱାମୀଙ୍କର ଏଭଳି ଗୁଣ ଥିଲେ ପ୍ରଥମେ ସେମାନଙ୍କୁ ବୁଝିବାକୁ ଚେଷ୍ଟା କରନ୍ତୁ। କିନ୍ତୁ ଅଭିମାନ କରନ୍ତୁ ନାହିଁ।





**ନୀରବତା କାରଣ:** ଯେଉଁମାନେ ପତ୍ନୀଙ୍କ ସହ ବେଶି କଥା ହୋଇ ପାରନ୍ତି ନାହିଁ, ସେମାନେ ଘରେ ଅନ୍ୟ କାହା ଆଗରେ ମଧ୍ୟ ସବୁ କଥା କହିପାରନ୍ତି ନାହିଁ। ତେଣୁ ଘରେ କୌଣସି ଝଗଡା ହେଲେ ସେମାନେ କାହାକୁ କିଛି ନ କହି ଚୁପ୍ ହୋଇଯାନ୍ତି। ବିଶେଷକରି ଶାଶୁ ବୋହୂ ଝଗଡା କଲେ ସେମାନେ ନିଜକୁ ଦୂରେଇ ରଖନ୍ତି। ଧିରେ ଧିରେ ସବୁ ଠିକ୍ ହୋଇଯିବ ବୋଲି ସେମାନେ ଭାବନ୍ତି। କିନ୍ତୁ ପରେ ଏହି ପରିସ୍ଥିତି ପତିପତ୍ନୀଙ୍କ ମଧ୍ୟରେ ଦୂରତା ବଢାଇ ଦେଇଥାଏ।

**ସାମାଜିକ ପ୍ରଭାବ:** ସାଧାରଣତଃ କୁହାଯାଏ କି ପୁରୁଷମାନେ ଅଧିକ ଷ୍ଟ୍ରଙ୍ଗ୍। ତେଣୁ ସେମାନେ କୌଣସି ପରିସ୍ଥିତିରେ କାନ୍ଦିବା କଥା ନୁହେଁ। ସେମାନଙ୍କୁ ବେଶି କଷ୍ଟ ହୁଏନି ଏମିତି ବିଭିନ୍ନ କଥା ପାଇଁ ପୁରୁଷମାନେ ନିଜ ଭାବପ୍ରବଣତାକୁ ଲୁଚାଇବାକୁ ବାଧ୍ୟ ହୁଅନ୍ତି। କୌଣସି ସମୟରେ କାନ୍ଦିଲେ କିମ୍ବା ନିଜର କଷ୍ଟ କହିଲେ ସେମାନେ ଦୁର୍ବଳ ବୋଲି ପ୍ରମାଣିତ ହେବେ ଭାବି ଅନେକେ ସବୁ କଥା ଲୁଚାଇ ରଖିବାକୁ ପସନ୍ଦ କରନ୍ତି।

**ନିବିଡତା:** ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଏକତରଫା ଭଳି ରହିଲେ ସେମାନଙ୍କ ସମ୍ପର୍କରେ ଦୂରତା ବଢିଯାଏ। ଫଳରେ କେହି କାହାକୁ ନିଜ ଭାବ ପ୍ରକାଶ କରିପାରନ୍ତି ନାହିଁ। ତେଣୁ ସମ୍ପର୍କରେ ଭୁଲ ବୁଝାମଣା ସୃଷ୍ଟି ହୁଏ। ଏମିତିକି ବୈବାହିକ ସମ୍ପର୍କରେ ମଧ୍ୟ ନିବିଡତା କମିଯାଏ, ଯାହାଫଳରେ ସମ୍ପର୍କ ଭାଙ୍ଗିବାକୁ ବେଶି ସମୟ ଲାଗେନି।

## ଏମାନେ କ'ଣ କରନ୍ତି...



**ଅସୁବିଧା ହୁଏନି:** ସିଏ ଖୁବ୍ କମ୍ ଗପନ୍ତି ସତ କିନ୍ତୁ ଥରେ କଥାବାର୍ତ୍ତା ଆରମ୍ଭ କଲେ ସେ ସବୁକଥା କହି ଦିଅନ୍ତି। ସେଥିପାଇଁ ତ ମୁଁ ତାଙ୍କ ସହିତ ତାଙ୍କ ମୁଡ୍ ଦେଖି ଆଗୁଆ କଥା ହୁଏ। ତାଙ୍କର ସମସ୍ୟା ହେଉଛି ସେ ସମସ୍ତଙ୍କ ଆଗରେ ସବୁ କଥା କହିପାରନ୍ତି ନାହିଁ। ବହୁ ସମୟ ମିଶିବା ପରେ ହିଁ ସେ ମନଖୋଲା କଥା ହୁଅନ୍ତି। କୌଣସି ସମସ୍ୟା ହୋଇଥିଲେ ତାଙ୍କୁ ଆଗୁଆ ଜଣାଇଦିଏ। ସେ ମଧ୍ୟ ତାଙ୍କର ସମସ୍ୟା ଜଣାନ୍ତି। ପରସ୍ପର ମିଳିମିଶି ସବୁକିଛି ସାମ୍ନା କରୁ। ବୁଝାମଣା ରହିଲେ କୌଣସି ସମସ୍ୟା ହେବନାହିଁ। ସିଏ କମ୍ କଥା ହୁଅନ୍ତି ବୋଲି ଜାଣିଥିବାରୁ କେତେକ କ୍ଷେତ୍ରରେ ମୁଁ ବି ଅଧିକ ଆଶା କରି ନ ଥାଏ।

*– ସ୍ନେହଲତା ନାୟକ, ଗୃହିଣୀ, ନଖରା, କଟକ*



**ବେଶି ଗପେ:** ମୁଁ ଜାଣିଛି ସିଏ ଅଧିକ କଥାବାର୍ତ୍ତା ହୋଇପାରନ୍ତି ନାହିଁ। ସେଥିପାଇଁ ମୁଁ ତାଙ୍କ ସହିତ ବେଶି ଗପେ। ଏତେଦିନ ମିଶିବା ପରେ ଏବେ ତାଙ୍କୁ ବୁଝିପାରିଛି। ତାଙ୍କର ମୁଡ୍ ଖରାପ ଥିଲେ ଜାଣିପାରେ ଓ ତାଙ୍କ ସହିତ ବେଶି ସମୟ ରହି ଏଣୁତେଣୁ ଗପେ। ତାଙ୍କର ଇଛା ଅନୁସାରେ ଖାଇବା ପିଇବା ଆଦି ଦେଇଥାଏ। ତାପରେ ବାଧ୍ୟ ହୋଇ ସେ ମଧ୍ୟ ଗପିବା ଆରମ୍ଭ କରନ୍ତି। ତେଣୁ ଉଭୟ କଥାବାର୍ତ୍ତା ହୋଇ ସବୁ ସମସ୍ୟା ସମାଧାନ କରିବା ପାଇଁ ଉପାୟ ଚିନ୍ତା କରୁ। ଏତେଦିନ ରହିବା ପରେ ତାଙ୍କ ସହିତ କିଭଳି କଥାବାର୍ତ୍ତା ହେବାକୁ ପଡିବ ଜାଣି ଗଲିଣି। ତେଣୁ କୌଣସି ଅସୁବିଧା ହୁଏନାହିଁ।

*–ସ୍ମିତା ପଟ୍ଟନାୟକ, କର୍ମଜୀବୀ, ନୟାପଲ୍ଲୀ, ଭୁବନେଶ୍ୱର*





## ସୌନ୍ଦର୍ଯ୍ୟ

# ରହିବନି ରୁପି ସମସ୍ୟା

ଶୀତଦିନେ କେଶ ଝଡିବା ସମସ୍ୟା ଅଧିକ ହୋଇଥାଏ। ଏହାର ମୁଖ୍ୟ କାରଣ ହେଉଛି ରୁପି। ବାୟୁମଣ୍ଡଳରେ ଥଣ୍ଡାର ପ୍ରଭାବ ଯୋଗୁଁ କେଶମୂଳ ଅଧିକ ଶୁଷ୍କ ହୋଇ ଏପରି ହୋଇଥାଏ। ତେଣୁ ରୁପି ଦୂର କରିବା ପାଇ ଜାଣି ରଖନ୍ତୁ କିଛି ଘରୋଇ ଉପାୟ...





- ଦହି ସହିତ ମହୁ ମିଶାଇ କେଶ ମୂଳରେ ଭଲଭାବେ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଦହିରେ ଥିବା ପ୍ରୋବାୟୋଟିକ୍ କେଶକୁ ମୂଳରୁ ମଜବୁତ କରିବା ସହିତ ମହୁ କେଶକୁ ମଶ୍ଚରାଇଜ୍ କରିବ।
- ରୁପି ଦୂର କରିବାରେ ମେଥି ବେଶ୍ ଫଳପ୍ରଦ ହୋଇଥାଏ। ଏଥିପାଇଁ ମେଥିକୁ ରାତିରୁ ଭିଜାଇ ରଖନ୍ତୁ। ସକାଳୁ ଏହାକୁ ଛାଣି ଏଥିରେ ନିମ୍ବପତ୍ର ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏଥିରେ ଲେମ୍ବୁ ରସ ମିଶାଇ କେଶ ମୂଳରେ ଲଗାନ୍ତୁ। ଅଧଘଣ୍ଟା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହାକୁ ଲଗାଇଲେ କିଛି ଦିନ ପରେ ରୁପି ସମସ୍ୟା ଦୂର ହୋଇଯିବ।
- ରୁପି ସମସ୍ୟା ଦୂର କରିବା ପାଇଁ ହେଲେ ଲେମ୍ବୁ ଓ ଟ୍ରି ଟ୍ରି ଅଏଲ୍ ମାସ୍କ ବହୁତ ଭଲ। ଲେମ୍ବୁ ରସକୁ ନଡିଆ ତେଲରେ ମିଶାଇ ଲଗାଇ ପାରିବେ। ଲେମ୍ବୁ କେଶ ମୂଳରେ ଥିବା ପିଏଚ୍ ଲେବଲ ବାଲାନ୍ସ ହୋଇ ରହିଥାଏ। ତେଣୁ ରୁପି ସମସ୍ୟା ଦୂର ହୋଇଥାଏ।
- ନିମ୍ବ ଓ ଅଁଳା ଗୁଣ୍ଡ ସହିତ ଏଲୋବେରା ଜେଲ ମିଶାଇ କେଶରେ ଲଗାନ୍ତୁ। ଏହି ହେୟାର ପ୍ୟାକ୍‌କୁ ଲଗାଇ ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ। ରୁପି ଦୂର ହେବା ସହିତ କେଶ ମଜବୁତ ହେବ।

## ଖାଦ୍ୟରୁଚି // ଗାର୍ଲିକ ପରାଠା

**ଆବଶ୍ୟକ ସାମଗ୍ରୀ:** କଞ୍ଚା ଲଙ୍କା– ୪ଟି, ରସୁଣ– ୮ କୋଳା, ଅଟା– ୨ କପ୍, ଘିଅ– ୨ ଚାମଚ, ସ୍ୱାଦ ଅନୁସାରେ ଲୁଣ ଓ ରିଫାଇନ୍ ତେଲ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଟାରେ ଘିଅ ଓ ଲୁଣ ପକାଇ ଏହାକୁ ଭଲଭାବରେ ମିଶାନ୍ତୁ। ଅଟାରେ ପାଣି ଦେଇ ନରମ କରି ଚକଟି ଦିଅନ୍ତୁ। ଅଟା ଚକଟା ସରିଲେ ଏହାକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଘୋଡାଇ ରଖି ଦିଅନ୍ତୁ। କଞ୍ଚାଲଙ୍କା ଓ ରସୁଣକୁ ଗ୍ରେଟରରେ ସରୁ ସରୁ କରି କୋରି ଦିଅନ୍ତୁ। ଏହାପରେ ଅଟାକୁ ଛୋଟ ଛୋଟ ଗୁଳା କରନ୍ତୁ। ଅଟଗୁଳାକୁ ପ୍ରଥମେ ଛୋଟ କରି ପୁରି ଭଳି ବେଲନ୍ତୁ। ଏବେ ସେଥିରେ କିଛି ତେଲ ବା ଘିଅ ଦେଇ ଚାରିଆଡକୁ ଲଗାଇ ଦିଅନ୍ତୁ। ଏହାପରେ ସେଥିରେ କୋରା ହୋଇଥିବା କଞ୍ଚାଲଙ୍କା ଓ ରସୁଣ ପକାଇ ଗୋଲ ଆକାରରେ ବନ୍ଦ କରି ଦିଅନ୍ତୁ। ଏବେ ପୁଣି ଥରେ ଏହାକୁ ବଡ କରି ଧିରେ ଧିରେ ବେଲନ୍ତୁ ଏବଂ ତାୱା ଗରମ କରି ସେକି ଦିଅନ୍ତୁ। ପରଟା ଫୁଲି ଆସିଲେ ସେଥିରେ ଦୁଇପଟରେ ତେଲ ଲଗାଇ ଦିଅନ୍ତୁ। ତେଲ ବଦଳରେ ଆପଣ ଘିଅ କିମ୍ବା ବଟର ଲଗାଇ ମଧ୍ୟ ସେକି ପାରିବେ। ଏବେ ଗରମ ଗରମ ପରଟାକୁ ଚଟଣୀ ସହିତ ଖାଆନ୍ତୁ।



# ଏମ୍‌ପି ପ୍ରିୟା ସରୋଜଙ୍କୁ ବିବାହ କରିବେ କ୍ରିକେଟର ରିଙ୍କୁ ସିଂ

**ନୂଆଦିଲ୍ଲୀ, ୨୦।୧:** ଭାରତୀୟ କ୍ରିକେଟର ରିଙ୍କୁ ସିଂ ସମାଜବାଦୀ ପାର୍ଟି (ଏସ୍‌ପି) ଏମ୍‌ପି ତଥା ଆଇନଜୀବୀ ପ୍ରିୟା ସରୋଜଙ୍କୁ ବିବାହ କରିବେ। ତେବେ ଏପର୍ଯ୍ୟନ୍ତ ସେମାନଙ୍କ ରିଙ୍ଗ୍ ସେରିମନି କିମ୍ବା ପ୍ରି-ୱେଡ଼ିଂ ପ୍ରୋଗ୍ରାମ ହୋଇନାହିଁ। ଦୁହେଁ ବର୍ଷେ ହେଲା ପରସ୍ପରକୁ ପସନ୍ଦ କରୁଥିବା ବେଳେ ଉଭୟ ପରିବାର ବିବାହ ପାଇଁ ରାଜି ହୋଇଛନ୍ତି। ପାର୍ଲାମେଣ୍ଟ ଅଧିବେଶନ ପରେ ସମ୍ଭବତଃ ବିବାହ ତାରିଖ ସ୍ଥିର କରାଯିବ। ପ୍ରିୟା ସରୋଜଙ୍କ ପିତା ତୁଫାନୀ ସରୋଜ ୩ଥର ଏମ୍‌ପି। ବର୍ତ୍ତମାନ ସେ ସମାଜବାଦୀ ପାର୍ଟିରୁ କରୋକଟ ନିର୍ବାଚନ ମଣ୍ଡଳୀର ବିଧାୟକ ଅଛନ୍ତି। ପ୍ରିୟା ସରୋଜ ବାରଣାସୀର କାର୍ଖିୟନ ଗ୍ରାମର ବାସିନ୍ଦା। ସେ ବହୁବର୍ଷ ହେଲା ସମାଜବାଦୀ ପାର୍ଟି ସହିତ ସମ୍ପୃକ୍ତ। ଗତବର୍ଷ ମାତ୍ର ୨୫ ବର୍ଷ ବୟସରେ ସେ ଜୁଆନପୁର ଜିଲାର ମାଛଲିଶାର ଲୋକସଭା ଆସନରୁ ନିର୍ବାଚିତ ହୋଇଛନ୍ତି।



ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସରେ ସୋମବାର ରିଟର୍ନ ଶଟ୍ ଖେଳୁଛନ୍ତି ଏଲିନା ସ୍ୱିତୋଲିନା।

# ସ୍ୱିତୋଲିନା କ୍ୱାର୍ଟରରେ

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ, ୨୦।୧ (ଏପି)

ଏଲିନା ସ୍ୱିତୋଲିନା ତୃତୀୟ ଥର ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ସେ ଭେରୋନିକା କୁଦରମେତୋଭାଙ୍କୁ ୬-୪, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ୟୁକ୍ରେନର ଏହି ୩୦ ବର୍ଷୀୟା ଖେଳାଳି ଏଥରକୁ ମିଶାଇ ମୋଟ ଉପରେ ୧୨ଥର ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ସେ ବିଶ୍ୱର ୧୯ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ମାଡିସନ କିଜ୍‌ଙ୍କୁ ଭେଟିବେ, ଯେଉଁ ଖେଳାଳି ୨୦୨୨ ୱିମ୍ବେଲଡନ ଚାମ୍ପିୟନ ତଥା ୨୦୨୩ ଅଷ୍ଟ୍ରେଲିଆ ଓପନ ରନରଅପ୍‌ଙ୍କୁ ୬-୩, ୧-୬, ୬-୩ରେ ହରାଇ ଦେଇଛନ୍ତି। କିଜ୍ ଅଷ୍ଟ୍ରେଲିଆରେ ଦୁଇ ଥର ୨୦୧୫ ଓ ୨୦୨୨ ସେମିଫାଇନାଲରେ ପ୍ରବେଶ କରିଥିଲେ। ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମରେ ଖେଳିବା ପୂର୍ବରୁ ସେ ଚଳିତମାସ ପ୍ରାରମ୍ଭରେ ଆଡିଲେଡ୍‌ଠାରେ ଟାଇଟଲ ବିଜୟୀ ହୋଇଥିଲେ। ସ୍ୱିତୋଲିନା ୨୦୧୯ ପରେ ପ୍ରଥମ ଥର ଅଷ୍ଟ୍ରେଲିଆରେ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇପାରିଛନ୍ତି। ସେ ୨୦୨୧ରେ ଫ୍ରେଞ୍ଚ ଖେଳାଳି ଗେଲ୍ ମନଫିଲ୍ସଙ୍କୁ ବିବାହ କରିଥିଲେ। ଏହି ଯୋଡ଼ିଙ୍କର ୨୦୨୨ରେ ଏକ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କରିଥିଲା, ଯାହାର ନାମ 'ସ୍କାଇ' ରଖାଯାଇଛି। ପୁରୁଷ ସିଙ୍ଗଲ୍ସରେ ନମ୍ବର ୱାନ ଖେଳାଳି ଜାନିକ ସିନର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରଡ୍ ଲାଭର ଆରେନଠାରେ ଖେଳାଯାଇଥିବା ମ୍ୟାଚରେ ସେ ୧୩ ତମ ସିଡ୍ ଡେନମାର୍କର ୨୧ ବର୍ଷୀୟ ହୋଲ୍‌ଗର ରୁନ୍‌ଙ୍କୁ ୬-୩, ୩-୬, ୬-୨ରେ ହରାଇ ଦେଇଛନ୍ତି। ଇଟାଲୀର ସିନର ବର୍ତ୍ତମାନ ୮ନମ୍ବର ମାନ୍ୟତାପ୍ରାପ୍ତ ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନାଉର କିମ୍ବା ଅଣ ସିଡ୍ ଆମେରିକାର ଆଲେକ୍ସ ମିଚେଲସେନଙ୍କୁ ଭେଟିବେ। ଇଟାଲୀର ଅନ୍ୟ ଜଣେ ଖେଳାଳି ୫୫ତମ ର୍‌ୟାଙ୍କିଙ୍ଗପ୍ରାପ୍ତ ଲୋରେଞ୍ଜୋ ସୋନେଗୋ ଆମେରିକାନ କ୍ୱାଲିଫାୟର ଲର୍ନର ଟିନ୍‌ଙ୍କୁ ୬-୨, ୬-୩, ୩-୬, ୬-୧ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋନେଗୋ ବର୍ତ୍ତମାନ ୨୧ ନମ୍ବର ଖେଳାଳି ଆମେରିକାର ବେନ୍ ଶେଲଟନ କିମ୍ବା ଫ୍ରାନ୍ସର ଗେଲ୍ ମନଫିଲ୍ସଙ୍କୁ ଭେଟିବେ। ମଙ୍ଗଳବାର ପୁରୁଷ କ୍ୱାର୍ଟରଫାଇନାଲ ଖେଳାଯିବ। ଏଥିରେ ନୋଭାକ୍ ଜୋକୋଭିଚ୍ ବନାମ କାର୍ଲୋସ ଅଲ୍‌କାରାଜ ଏବଂ ଆଲେକ୍‌ଜାଣ୍ଡର ଜେଭେରେଭ ବନାମ ଟମ୍ମି ପଲ୍‌ଙ୍କ ମଧ୍ୟରେ ମ୍ୟାଚ ଖେଳାଯିବ। ସୋମବାର ଖେଳାଯାଇଥିବା ଏକ ମହିଳା ଚତୁର୍ଥ ରାଉଣ୍ଡ ମ୍ୟାଚରେ ୨୦୧୭ ୟୁଏସ ରନରଅପ୍ ମାଡିସନ କିଜ୍ ୨୦୨୨ ୱିମ୍ବେଲଡନ ଚାମ୍ପିୟନ ଏଲିନା ରିବାକିନାଙ୍କୁ ୬-୩, ୧-୬, ୬-୩ରେ ହରାଇ ଦେଇଛନ୍ତି।

# ମେଘାଳୟ ମୁକାବିଲା ପାଇଁ ଓଡ଼ିଶା ପ୍ରସ୍ତୁତ

**ରଣଜୀ ଟ୍ରଫି**



ଅଧିନାୟକ ସନ୍ଦୀପ ପଟ୍ଟନାୟକ।

ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)

ଦୀର୍ଘ ୨ ମାସର ବ୍ରେକ୍ ପରେ ପୁଣି ଆରମ୍ଭ ହେବାକୁ ଯାଉଛି ୨୦୨୪-୨୫ ରଣଜୀ ଟ୍ରଫି ସିଜନର ଅବଶିଷ୍ଟ ମ୍ୟାଚ। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଶିଲଂର ଏମ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ମେଘାଳୟ ବିପକ୍ଷରେ ୨୩ରୁ ୨୬ ପର୍ଯ୍ୟନ୍ତ ଖେଳିବ। ୨୦୨୪ ନଭେମ୍ବରରେ ସିଜନ ବ୍ରେକ୍ ହେବା ବେଳକୁ ଓଡ଼ିଶା ୫ ମ୍ୟାଚ ଖେଳି ୧ ବିଜୟ, ୨ ପରାଜୟ, ୧ ଡ୍ର ଓ ୧ ଫଳାଫଳ ବିହୀନ ମ୍ୟାଚରୁ ମୋଟ ୧୦ ପଏଣ୍ଟ ପାଇ ୮ ଦଳ ବିଶିଷ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି।

ଅକ୍ଟୋବର ୧୧ରୁ ୧୪ ପର୍ଯ୍ୟନ୍ତ ଅଗରତାଲାରେ ଓଡ଼ିଶାର ତ୍ରିପୁରା ବିପକ୍ଷ ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବାବେଳେ ବାରବାଟୀରେ ୧୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ଡ୍ର ମ୍ୟାଚରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଥିଲା। ଏହାପରେ ଭଦୋଦରାରେ ବରୋଦା (ଅକ୍ଟୋବର ୨୬ରୁ ୨୮) ଏବଂ ମୁମ୍ବାଇରେ ମୁମ୍ବାଇ (ନଭେମ୍ବର ୬ରୁ ୯) ନିକଟରୁ ଇନିଂସ ପରାଜୟ ଲଭି ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଓଡ଼ିଶା ଏହାର ଶେଷ ମ୍ୟାଚ ନଭେମ୍ବର ୧୩ରୁ ୧୫ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ମହାରାଷ୍ଟ୍ର ବିପକ୍ଷରେ ଖେଳି ୩ ଉଇକେଟରେ ବିଜୟ ହାସଲ କରିଥିଲା। ଏହାଥିଲା ସିଜନରେ ଓଡ଼ିଶାର ପ୍ରଥମ ବିଜୟ। ମେଘାଳୟ ବିପକ୍ଷ ମ୍ୟାଚ ପରେ ଓଡ଼ିଶା ଚଳିତ ମାସ ୩୦ରୁ ସର୍ଭିସେସ ବିପକ୍ଷରେ ସିଜନର ଅନ୍ତିମ ମ୍ୟାଚ ଖେଳିବ।

ଚଳିତ ସିଜନରେ ଓଡ଼ିଶା ପକ୍ଷରୁ ଏପର୍ଯ୍ୟନ୍ତ ସନ୍ଦୀପ ପଟ୍ଟନାୟକ ୪ ମ୍ୟାଚରୁ ସର୍ବାଧିକ ୩୩୭ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ। ଗୋବିନ୍ଦ ପୋଦ୍ଦାର ୪ ମ୍ୟାଚରୁ ଗୋଟିଏ ଶତକ ସହ ୨୦୮, ଆଶୀର୍ବାଦ ସ୍ୱାଇଁ ୪ ମ୍ୟାଚରୁ ଗୋଟିଏ ଅର୍ଦ୍ଧଶତକ ସହିତ ୨୦୩ ରନ ସଂଗ୍ରହ କରିଛନ୍ତି। ଶତକ ହାସଲ କରିଥିବା ଅନ୍ୟତମ ଓଡ଼ିଶା ବ୍ୟାଟର ହେଲେ ସ୍ୱସ୍ତିକ ସାମଲ। ସେ ୨ଟି ମ୍ୟାଚରେ ଖେଳିବାର ସୁଯୋଗ ପାଇ ୧୨୮ ରନ ସଂଗ୍ରହ କରିଛନ୍ତି। ବୋଲରଙ୍କ ତାଲିକାରେ ଆଗରେ ରହିଛନ୍ତି ସୁମିତ ଶର୍ମା। ସେ ୪ ମ୍ୟାଚରୁ ୨ ଥର ୫ ଉଇକେଟ ସଫଳତା ସହ ସର୍ବାଧିକ ୧୬ଟି ଉଇକେଟ ନେଇଛନ୍ତି। ପାର୍ଟ ଟାଇମ୍ ବୋଲର ଗୋବିନ୍ଦ ପୋଦ୍ଦାର ଥରେ ୫ ଉଇକେଟ ନେବା ସହିତ ଦ୍ୱିତୀୟ ସର୍ବାଧିକ ୧୧ଟି ଉଇକେଟ ନେଇଥିବାବେଳେ ଅନ୍ୟ କେହି ଦୁଇଅଙ୍କ ସ୍ପର୍ଶକରି ନାହାନ୍ତି। ସୂର୍ଯ୍ୟକାନ୍ତ ପ୍ରଧାନ ୭ଟି, ତରନୀ ସା ୪ଟି ଓ କାର୍ତ୍ତିକ ବିଶ୍ୱାଳ ୩ଟି ଉଇକେଟ ନେଇ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ମୋଟାମୋଟି ଦେଖିବାକୁ ଗଲେ ଓଡ଼ିଶାର ପ୍ରଦର୍ଶନ ଏପର୍ଯ୍ୟନ୍ତ ଆଶାନୁରୂପ ହୋଇପାରିନାହିଁ।

**ମେଘାଳୟ ବିପକ୍ଷ ମ୍ୟାଚ ପାଇଁ ଓଡ଼ିଶା ଦଳ:** ସନ୍ଦୀପ ପଟ୍ଟନାୟକ (ଅଧିନାୟକ), ସ୍ୱସ୍ତିକ ସାମଲ, ଶାନ୍ତନୁ ମିଶ୍ର, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, କାର୍ତ୍ତିକ ବିଶ୍ୱାଳ, ଅନିଲ ପରିଡ଼ା, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା, ତାପସ ଦାସ, ସୁମିତ ଶର୍ମା, ଜାମଲା ଭଞ୍ଜନ ମହାପାତ୍ର, ସତ୍ୟକାମ ଭରଦ୍ୱାଜ। ମୁଖ୍ୟ କୋଚ୍: ସୁରେନ୍ଦ୍ର ଭାବେ, ସହକାରୀ କୋଚ୍: ଅବକାଶ ଖଟୁଆ, ମ୍ୟାନେଜର: ବିଜୟ କୁମାର ଦାସ।

# କ୍ୱାର୍ଟର ଫାଇନାଲରେ ଓଡ଼ିଶା ରୋଲ୍ ବଲ୍ ଦଳ

ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)




ମ୍ୟାଚ ଅବସରରେ ଓଡ଼ିଶା ଦଳର ଖେଳାଳିମାନେ।

ଗୁଆହାଟୀଠାରେ ଚାଲିଥିବା ଜାତୀୟ ୧୧ ବର୍ଷରୁ କମ୍ ରୋଲ୍ ବଲ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ଓଡ଼ିଶା ବାଳିକା ଓ ବାଳକ ଦଳ ପ୍ରବେଶ କରିଛି। ବାଳିକା ବର୍ଗରେ ଓଡ଼ିଶା ଆର୍‌ଏସ୍‌ଏସ୍‌ଏ (ରୋଲର ସ୍ପୋର୍ଟ୍ସ ଆଣ୍ଡ ସୋସିଆଲ ଏକାଡେମୀ-ପୁଣେ)କୁ ୩-୦ରେ ହରାଇ ଥିବାବେଳେ କର୍ଣ୍ଣାଟକ ସହିତ ୧-୧ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ପରେ ବିହାରକୁ ୨-୦ ଓ ତେଲଙ୍ଗାନାକୁ ୭- ଗୋଲରେ ହରାଇଥିଲା। ବାଳିକା ବର୍ଗରେ ଓଡ଼ିଶା ୪-୨ ଗୋଲରେ କର୍ଣ୍ଣାଟକକୁ, ୪-୦ରେ ଚଣ୍ଡିଗଡ଼, ୪-୨ରେ ଆର୍‌ଏସ୍‌ଏସ୍‌ଏ, ୩-୨ ଗୋଲରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଥିଲା। ସମ୍ମାନଜନକ ପ୍ରତିଯୋଗିତାରେ ୨୪ଟି ରାଜ୍ୟ ଦଳ ଅଂଶଗ୍ରହଣ କରିଛନ୍ତି।

# ଜାତୀୟ କ୍ୟାଡେଟ୍ ଜୁଡ଼ୋ ଲାଗି ଓଡ଼ିଶା ଦଳ

ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)

ମହାରାଷ୍ଟ୍ର ଜୁଡ଼ୋ ସଂଘ ଆନୁକୂଲ୍ୟରେ ପୁଣେରେ ଚଳିତ ମାସ ୨୨ରୁ ୨୫ ପର୍ଯ୍ୟନ୍ତ ଜାତୀୟ କ୍ୟାଡେଟ୍ ଜୁଡ଼ୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ଓଡ଼ିଶା ଦଳ ସୋମବାର ପୁଣେ ଯାତ୍ରା କରିଛି। ୧୩ ଜଣିଆ ଦଳରେ ୭ ଜଣ କିସ୍ ଖେଳାଳି ରହିଛନ୍ତି। ଭୁବନେଶ୍ୱର, ପୁରୀରୁ ୨ ଜଣ ଲେଖାଏଁ ଏବଂ ସମ୍ବଲପୁର, ଜଗତସିଂହପୁରରୁ ଜଣେ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ପୁଣେ ଯାତ୍ରା ପୂର୍ବରୁ ଖେଳାଳିମାନଙ୍କୁ ଓଡ଼ିଶା ରାଜ୍ୟ ଜୁଡ଼ୋ ସଂଘ ସଭାପତି ଅସିତ ପ୍ରଧାନ, ଉପସଭାପତି ପି.ସି. ମିଶ୍ର, ସାଧାରଣ ସମ୍ପାଦିକା ଗୀତାଞ୍ଜଳି ପଣ୍ଡା, ଟେକ୍ନିକାଲ୍ କମିଟି ଚେୟାରମ୍ୟାନ୍ କନ୍ଦନ ମୁର୍ମୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା କ୍ୟାଡେଟ୍ ଜୁଡ଼ୋ ଦଳ:** ସୋନିଆ ଗମାଙ୍ଗୋ, ଦ୍ରୌପଦୀ ସୋରେନ୍, ସୋନାଲି ମାର୍ଣ୍ଡି, ସରିତା ମଲ୍ଲିକ, ଉର୍ମିଳା ଭୋଇ, ଉର୍ଜ୍ଜା ଦାଶ, କିଞ୍ଜଲ ଅଗ୍ରୱାଲ, ସ୍ମୃତି ପ୍ରଜ୍ଞା ନାୟକ, ଏସ୍ କିରଣ ରେଡ୍ଡୀ, ଗଣେଶ ମୁଣ୍ଡାରି, ରତ୍ନାକର ମହାକୁଡ଼, ସୁନିଲ ମୁସ୍କା, ମାତୃ ପ୍ରସାଦ ମହାପାତ୍ର। ପ୍ରଶିକ୍ଷକ: ପ୍ରଭାସିନୀ ବରାଡ଼, ମ୍ୟାନେଜର: ରାଜେଶ କୁମାର ନାୟକ।




ଜାତୀୟ କ୍ୟାଡେଟ୍ ଜୁଡୋ ପାଇଁ ମନୋନିତ ଓଡ଼ିଶା ଦଳ।

# ସୁରମା ବିଜୟୀ

**ଭୁବନେଶ୍ୱର, ୨୦।୧ (ବିଜୟ ରଣା):** ରାଉରକେଲାସ୍ଥିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଏକ ମ୍ୟାଚରେ ସୁରମା ହକି କ୍ଲବ ୨-୧ ଗୋଲ୍‌ରେ ରର୍ ବେଙ୍ଗଲ ଟାଇଗର୍ସକୁ ହରାଇ ଦେଇଛି। ଏହି ବିଜୟ ଦ୍ୱାରା ସୁରମା ୩ ମୂଲ୍ୟବାନ ପଏଣ୍ଟ ଅର୍ଜନ କରିପାରିଛି। ଏହା ସତ୍ତ୍ୱେ ଦଳ ପୂର୍ବଭଳି ୭ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ରର୍ ବେଙ୍ଗଲ ଟାଇଗର୍ସ ଆଉଏକ ପରାଜୟ ବରଣ କରିଛି। ସିଜନରେ ଦଳ ଭଲ ଆରମ୍ଭ କରିଥିଲେ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିବାରେ ବିଫଳ ହୋଇଛି। ଦଳର ଏହା ହେଉଛି ୪ର୍ଥ ପରାଜୟ। ଦଳ ସମାନ ସଂଖ୍ୟକ ମ୍ୟାଚରେ ବିଜୟ ଲାଭ କରିଛି ମଧ୍ୟ। ସର୍‌ମା ଦଳ ପ୍ରଥମାର୍ଦ୍ଧରେ ଆକ୍ରମଣାତ୍ମକ ଖେଳି ଦୁଇଟି ଗୋଲ ସ୍କୋର କରିବାରେ ସଫଳ ରହିଥିଲା। ପ୍ରଭଜୋତ (୨୧ତମ ମିନିଟ) ଓ ମନିନ୍ଦର ସିଂ (୨୮ତମ) ଗୋଲ୍ ଦୁଇଟିକୁ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଦଳ ରକ୍ଷଣାତ୍ମକ ରଣନୀତି ଆପଣେଇଥିଲା। ତେବେ ରର୍ ବେଙ୍ଗଲ ଟାଇଗର୍ସ ତରଫରୁ ଯୁଗରାଜ ସିଂ (୩୯ତମ) ଏକ ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ ହ୍ରାସ କରିଥିଲେ।

# ଇଷ୍ଟ ବେଙ୍ଗଲଠୁ ହାରିଲା ନୀତା ଏକାଡେମୀ

ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)

ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଆରେନାରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୧-୪ ଗୋଲରେ ଇଷ୍ଟ ବେଙ୍ଗଲ ନିକଟରୁ ହାରି ଯାଇଛି। ଇଷ୍ଟ ବେଙ୍ଗଲ ପକ୍ଷରୁ ଅନୁଜ ତମାଙ୍ଗ ୩୦, ସୌମ୍ୟା ଗୁଗୁଲୋଥ ୪୮, ରେଷ୍ଟି ନାନ୍‌ଜିରି ୫୦ ଓ ସନ୍ଧ୍ୟା ରଙ୍ଗନାଥନ ୬୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗିଫ୍ଟି ଆଚେମପଙ୍ଗ ୬୧ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

# ନାଇଜେରିଆର ଐତିହାସିକ ବିଜୟ

**୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍**

କୁଆଲାଲମ୍ପୁର, ୨୦।୧ (ପି.ଟି.)

ଚଳିତ ଆଇସିସି ୧୯ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍‌ର ଖେଳାଯାଇଥିବା ଏକ ମ୍ୟାଚରେ ନବାଗତ ନାଇଜେରିଆ ୨ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛି। ସୋମବାର ଖେଳାଯାଇଥିବା ଏହି ମ୍ୟାଚରେ ବର୍ଷା ବାଧା ଦେବାରୁ ମ୍ୟାଚକୁ ୧୩ ଓଭର ବିଶିଷ୍ଟ କରାଯାଇଥିଲା। ଏହି ଲୋ ସ୍କୋରିଂ ମ୍ୟାଚରେ ଉଭୟ ଦଳର ସ୍କୋର ୭୦ଭିତରେ ରହିଥିଲା। ନାଇଜେରିଆ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ବିନିମୟରେ ୬୫ ରନ କରିଥିଲା। ଜବାବରେ ଏକଦା ଗୋଟିଏ ଓଭର ବାକି ଥାଇ ନ୍ୟୁଜିଲାଣ୍ଡ ୫ ଉଇକେଟ ବିନିମୟରେ ୫୭ ରନ କରିଥିଲା। ମ୍ୟାଚ ଜିତିବା ପାଇଁ ଦଳକୁ ଅନ୍ତିମ ଓଭରରେ ୯ରନ ଆବଶ୍ୟକ ପଡୁଥିଲା। ତେବେ ନ୍ୟୁଜିଲାଣ୍ଡ ୨ରନ ପଛରେ ରହି ମ୍ୟାଚରେ ହାରିଯାଇଥିଲା। ନାଇଜେରିଆ ପକ୍ଷରୁ କେବଳ ଉଦେହ(୧୯) ଓ ଅଧିନାୟିକା ଲୁସି ପିଟି(୧୮) ଦୁଇ ଅଙ୍କ ବିଶିଷ୍ଟ ସ୍କୋର କରିଥିଲେ। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡର ଟପ୍ ସ୍କୋରର ଅନିକା ଟଡ୍ ୧୯ ରନ କରିପାରିଥିଲେ। ଦକ୍ଷିଣ ଆଫ୍ରିକା ମହାଦେଶରେ ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକାରେ ବହୁ କ୍ରିକେଟପ୍ରେମୀ ରହିଛନ୍ତି। ସେ ତୁଳନା ନାଇଜେରିଆରେ କ୍ରିକେଟ ସମର୍ଥକଙ୍କ ସଂଖ୍ୟା ଖୁବ୍ କମ୍। ଏହି ଦେଶରେ ଫୁଟ୍‌ବଲ ଓ ଆଥ୍‌ଲେଟିକ୍ସ ବେଶ୍ ଲୋକପ୍ରିୟ। ପଶ୍ଚିମ ଆଫ୍ରିକାର ପ୍ରଥମ ଦେଶ ଭାବେ ନାଇଜେରିଆ ମହିଳା ଦଳ ଏକ ଗେଲାବାଲ ଟୁର୍ନାମେଣ୍ଟ ପାଇଁ କ୍ୱାଲିଫାଏ କରିପାରିଛି। ଶନିବାର ବର୍ଷା ଯୋଗୁ ନାଇଜେରିଆର ସାମୋଆ ବିପକ୍ଷ ମ୍ୟାଚ ବାତିଲ କରାଯାଇଥିଲା। ଦଳ ଏକ ସୁଯୋଗକୁ ଅପେକ୍ଷା କରିଛି। ସୋମବାର ଖେଳାଯାଇଥିବା ଗ୍ରୁପ୍ 'ଡି'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୨ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ସେହିପରି ଗ୍ରୁପ୍'ବି'ରେ ଆମେରିକା ଜୋହୋରଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଆୟର୍ଲାଣ୍ଡ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛି।

# 'ଭାରତକୁ ଗର୍ବିତ କଲେ ଓଡ଼ିଶା ଖେଳାଳି'



କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଓଡ଼ିଶାର ୩ ଖୋ ଖୋ ଖେଳାଳି।

**ଖୋ ଖୋ ବିଶ୍ୱକପ୍**

ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)

ସ୍ୱଦେଶୀ କ୍ରୀଡ଼ା ଖୋ ଖୋକୁ ନେଇ ଏବେ ଖେଳଜଗତରେ ବିଶେଷ ଚର୍ଚ୍ଚା। ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଭାରତୀୟ ମହିଳା ଓ ପୁରୁଷ ଦଳ ଚାମ୍ପିୟନ ହୋଇ ଇତିହାସ ରଚିଛନ୍ତି। ଭାରତୀୟ ଦଳରେ ସାମିଲ ହୋଇ ଓଡ଼ିଶାର ୩ ଖେଳାଳି ଅବିସ୍ମରଣୀୟ ସ୍ମୃତି ସାଉଁଟିଛନ୍ତି। ସେମାନେ ହେଲେ ବାଲେଶ୍ୱର ନୀଳଗିରି ଅଞ୍ଚଳର ଶୁଭଶ୍ରୀ ସିଂ, ରାୟଗଡ଼ା କାସନଦରର ମାଗାଇ ମାଝି ଓ ଗଜପତି ଜିଲାର ପାବନି ଶବର। ଏହି ୩ ଖେଳାଳି କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ମାଗାଇ ୨୦୧୩ରୁ ଖୋ ଖୋ ଖେଳିବା ଆରମ୍ଭ କରିଥିବାବେଳେ ପାବନି ପାଠ ପଢ଼ିବା ସହ ଖୋ ଖୋରେ ରୁଚି ରଖିଥିଲେ। କିସ୍ ଛାତ୍ରୀଛାତ୍ରଙ୍କ ଏହି ସଫଳତା ଖବର ପାଇବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦିଲ୍ଲୀ ଯାଇ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ୩ ଖେଳାଳି କେବଳ କିସ୍ ନୁହେଁ, ଓଡ଼ିଶା, ଭାରତ ଏବଂ ସମଗ୍ର ଜନଜାତିଙ୍କ ପାଇଁ ଗର୍ବ ଓ ଗୌରବ ବୋଲି ଅଚ୍ୟୁତ ପ୍ରକାଶ କରିଥିଲେ। ଭାରତୀୟ ଦଳର ଏହି ଐତିହାସିକ ସଫଳତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇ ଥିବାରୁ ଅଚ୍ୟୁତ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଖେଳାଳିମାନେ ମଧ୍ୟ ନିଜର ସଫଳତା ପାଇଁ କିସ୍ ଏବଂ ଅଚ୍ୟୁତଙ୍କୁ ଶ୍ରେୟ ଦେଇଛନ୍ତି।

# ଦିବ୍ୟଲେଖା ଷ୍ଟ୍ରଙ୍ଗ୍ ଓମେନ, ସମୀର ଷ୍ଟ୍ରଙ୍ଗମ୍ୟାନ୍

- ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ
- ୫୫ ପଦକ ସହ ଖୋର୍ଦ୍ଧା ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଖୋର୍ଦ୍ଧାର ଦିବ୍ୟଲେଖା ମିଶ୍ର ୪୧୨.୫ କେଜି ଉତ୍ତୋଳନ କରି ଷ୍ଟ୍ରଙ୍ଗ୍ ଓମେନ ବିବେଚିତ ହୋଇଛନ୍ତି। ସେହିପରି ସମୀର କୁମାର ବିଶ୍ୱାଳ ୭୩୮.୫ କେଜି ଉତ୍ତୋଳନ ସହ ଷ୍ଟ୍ରଙ୍ଗମ୍ୟାନ ଆଖ୍ୟା ଅର୍ଜନ କରିଛନ୍ତି। ପ୍ରତିଯୋଗିତାରେ ୨୯ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୧୩ ବ୍ରୋଞ୍ଜ ସହ ମୋଟ ୫୫ ପଦକ ଜିତି ଖୋର୍ଦ୍ଧା ଦଳଗତ ଚାମ୍ପିୟନ ହୋଇଛି। କୋରାପୁଟ ୧୫ (୯ସ୍ୱର୍ଣ୍ଣ, ୫ରୌପ୍ୟ, ୧ ବ୍ରୋଞ୍ଜ) ପଦକ ସହ ପ୍ରଥମ ରନରଅପ୍ ଏବଂ କଟକ ୧୬ (୫ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ ବ୍ରୋଞ୍ଜ) ପଦକ ସହିତ ଦ୍ୱିତୀୟ ରନରଅପ୍ ହୋଇଛି। ସୁନ୍ଦରଗଡ଼ ଓ ଅନୁଗୋଳ ଦଳ ୪ ସ୍ୱର୍ଣ୍ଣ ସହ ୮ଟି ଲେଖାଏ, ମୟୂରଭଞ୍ଜ ୪ ସ୍ୱର୍ଣ୍ଣ ସହିତ ୬ଟି, ରାୟଗଡ଼ା ୨ ସ୍ୱର୍ଣ୍ଣ ସହ ୯ଟି, ଢେଙ୍କାନାଳ ୧ ସ୍ୱର୍ଣ୍ଣ ସହିତ ୩ଟି ଓ ଝାରସୁଗୁଡ଼ା ୧ ସ୍ୱର୍ଣ୍ଣ ସହ ୪ଟି ପଦକ ପାଇ ପଛକୁ ପଛ ରହିଛନ୍ତି। ନବରଙ୍ଗପୁରକୁ ୨ଟି ଏବଂ ନୟାଗଡ଼, ଯାଜପୁର, ସୋନପୁର, ବାଲେଶ୍ୱର ଓ ଗଞ୍ଜାମକୁ ଗୋଟିଏ ଲେଖାଏ ପଦକ ମିଳିଛି। ଆସନ୍ତା ଫେବୃଆରୀ ୧୯ରୁ ୨୩ ପର୍ଯ୍ୟନ୍ତ ପଞ୍ଜାବର ଫଗଓ୍ୱାରାଠାରେ ହେବାକୁଥିବା ସିନିୟର ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର କୃତୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଭାଜପା ନେତା ଜଗନ୍ନାଥ ପ୍ରଧାନ ଓ ପ୍ରିୟଦର୍ଶୀ ମିଶ୍ର ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ରିଷଭ ପନ୍ତ ସୁପର ଜାଏଣ୍ଟ୍ସ ଅଧିନାୟକ




ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମେଣ୍ଟର ଜାହିର ଖାଁ, ମାଲିକ ସଞ୍ଜୀବ ଗୋଏଙ୍କାଙ୍କ ସହ ରିଷଭ ପନ୍ତ।

**କୋଲକାତା, ୨୦।୧ (ପି.ଟି.)**

ଡାଇନାମିକ୍ କିପର-ବ୍ୟାଟର ରିଷଭ ପନ୍ତଙ୍କୁ ସୋମବାର ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଅଧିନାୟକ ମୋନୀତ କରାଯାଇଛି। ସଞ୍ଜୀବ ଗୋଏଙ୍କାଙ୍କ ମାଲିକାନାରେ ରହିଥିବା ଫ୍ରାଞ୍ଚାଇଜ୍ ମେଗା ଆଇପିଏଲ୍‌ର ମେଗା ନିଲାମିରେ ୨୭ କୋଟି ଟଙ୍କାରେ କ୍ରୟ କରିଛି। ପନ୍ତ ଦ୍ୱିତୀୟ ଥର ଆଇପିଏଲ୍‌ରେ ଅଧିନାୟକତ୍ୱ କରିବାକୁ ଯାଉଛନ୍ତି। ପୂର୍ବରୁ ସେ ତାଙ୍କ ପୂର୍ବ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକତ୍ୱ କରିଥିଲେ। ନିଲାମିରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦.୭୫ କୋଟି ଟଙ୍କାରେ ନେବାକୁ ଲାଗି ଆଗ୍ରହୀ ଥିଲା। ମାତ୍ର ଦିଲ୍ଲୀ କ୍ୟାପିଟାଲ୍ସର ରାଇଟ୍-ଟୁ- ମ୍ୟାଚ କାର୍ଡକୁ ପଛରେ ପକାଇ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପନ୍ଥଙ୍କୁ ୨୭ କୋଟି ଟଙ୍କାରେ ନେଇଥିଲା। ପନ୍ଥ୍ ୨୦୧୬ରୁ ଦିଲ୍ଲୀ କ୍ୟାପିଟାଲ୍ସରେ ରହିଆସିଛନ୍ତି। ୨୦୨୧ରେ ତାଙ୍କୁ ୨୦୨୩ ପର୍ଯ୍ୟନ୍ତ ଅଥଧିନାୟକ ମନୋନୀତ କରାଯାଇଥିଲା। ତେବେ ୨୦୨୨ଡିସେମ୍ବରରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇଥିଲେ।

# ତୃତୀୟ ବିଜୟ ସହ ଶୀର୍ଷରେ ସୁର୍‌ମା

**ମହିଳା ହକି ଇଣ୍ଡିଆ ଲିଗ୍**

**ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)**




ସୁର୍‌ମା ହକି କ୍ଲବ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ରେ ସୋମବାର ଜେଏସ୍‌ଡବ୍ଲ୍ୟୁ ସୁର୍‌ମା ହକି କ୍ଲବ ୫-୧ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସଙ୍କୁ ହରାଇ ଶୀର୍ଷକୁ ପ୍ରତ୍ୟାବର୍ତ୍ତନ କରିଛି। ସୁର୍‌ମା ଏବେ ୪ ମ୍ୟାଚରୁ ୩ ବିଜୟ ଓ ୧ ପରାଜୟ ସହିତ ୯ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ଏସ୍‌ଜି ପାଇପର୍ସ ୪ ମ୍ୟାଚରୁ ୩ୟ ପରାଜୟ ସହ ୩ ପଏଣ୍ଟରେ ସ୍ଥିର ରହିଛି। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରି ଖେଳିଥିବା ସୁର୍‌ମା ପକ୍ଷରୁ ସୋନମ ମ୍ୟାଚର ୯ ଓ ୧୦ମ ମିନିଟରେ ୨ଟି ଗୋଲ ଦେଇ ଥିବାବେଳେ ଚାର୍ଲୋଟି ଇନ୍‌ଗ୍ଲେବର୍ଟ ୬ଷ୍ଠ, ଚାର୍ଲୋଟି ଷ୍ଟାପେନହର୍ଷ୍ଟ ୩୬ତମ ଏବଂ ପେନି ସ୍କୁଇବ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦିଲ୍ଲୀ ଦଳ ପକ୍ଷରୁ ସଙ୍ଗିତା କୁମାରୀ ୩୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ରବିବାର ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସଙ୍କୁ ୪-୧ ଗୋଲରେ ହରାଇଥିଲା ଓଡ଼ିଶା ୱାରିୟର୍ସ। ୱାରିୟର୍ସ ପକ୍ଷରୁ ୟିବି ଜାନସେନ ୧୮ ଓ ୪୭ତମ ମିନିଟରେ ୨ଟି ଏବଂ ଫିଲେଟ ମିଚେଲି ୧୬ ଓ ନେହା ଗୋୟଲ ୫୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବେଙ୍ଗଲ ଟାଇଗର୍ସ ଦଳର ଉଦିତା ୩୦ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୪ ମ୍ୟାଚରୁ ୨ ବିଜୟ, ୧ ଶୁଟ୍ ଆଉଟ ବିଜୟ ଓ ୧ ପରାଜୟ ସହ ଓଡ଼ିଶା ୱାରିୟର୍ସ ୮ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ବେଙ୍ଗଲ ଟାଇଗର୍ସ ସମାନ ମ୍ୟାଚରୁ ୧ ବିଜୟ, ୨ ପରାଜୟ ଓ ୧ ଶୁଟ୍‌ଆଉଟ ପରାଜୟ ସହିତ ୪ ପଏଣ୍ଟରେ ସ୍ଥିର ରହିଛି।




